


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 50 | ଭାଗ ୩୪ | ସଂଖ୍ୟା ୫୦ | Bhubaneswar | Tuesday 13 May 2025 | Page 8 Rs. 4.00 | ● ଭୁବନେଶ୍ୱର ମଙ୍ଗଳବାର ୧୩ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ସାନ ସିନା... ଦୁଇଜଣଙ୍କୁ ଜୀବଦାନ ଦେଲା ସ୍ୱଶ୍ରୀୟାନ୍

**ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ):** ବୟସ ମାତ୍ର ଛ' ବର୍ଷ। କିନ୍ତୁ ତା'ର ଦାନ ଅଙ୍ଗଦାନ କରି ସେ ଆଉ ଦୁଇ ଜଣଙ୍କୁ ଜୀବନ ଦେବାରେ ସକ୍ଷମ ହେଲା। ସ୍ୱଶ୍ରିୟାନ୍ ପାତ୍ର। ଗତ ୬ ତାରିଖରେ ଉକ୍ତ ଶିଶୁଟିର ମୁଣ୍ଡରେ ପାଖାପାଖି ୩ ତାକୁ ଚିକିତ୍ସା ପାଇଁ ପ୍ରଥମେ ବାଲେଶ୍ୱର ହସ୍ପିଟାଲ୍ ଓ ପରେ ସମ୍ ଅଲ୍ଟିମେଟ ହୋଇଥିବା ନେଇ ଘୋଷଣା କରିବା ପରେ ପିତା-ମାତା ଅଙ୍ଗଦାନ ଜୀବନ ବଞ୍ଚାଇପାରିଛି। ହସ୍ପିଟାଲ୍‌ର ଡାକ୍ତରମାନେ ଉକ୍ତ ଶିଶୁଟିର ଦୁଇଟି ଘରୋଇ ହସ୍ପିଟାଲ୍‌କୁ ପଠାଇଛନ୍ତି। ଏନେଇ ସମ୍ମ୍‌ର କ୍ରିଟିକାଲ୍ କେୟାର ଦେଇଛନ୍ତି। ସ୍ୱଶ୍ରୀୟାନ୍‌ର ଚିକିତ୍ସା ନ୍ୟୁରୋସର୍ଜରୀ ବିଭାଗର ସିନିୟର ଥର ଆପ୍ନିଆ ଟେଷ୍ଟ କରାଇବା ପରେ ବ୍ରେନ୍‌ଡେଡ ହୋଇଥିବା ଘୋଷଣା ପୁଅର ଅଙ୍ଗଦାନ କରି ଅନ୍ୟ ଦୁଇ ଜଣଙ୍କୁ ଜୀବଦାନ କରିବା ସକାଶେ ଏହା ଚଳିତ ବର୍ଷର ଚତୁର୍ଥ ଅଙ୍ଗଦାନ ହୋଇଥିବା ବେଳେ ସମୁଦାୟ ୧୩ଟି



ସହ ବୋଧହୁଏ କେହି ସମକକ୍ଷ ହେବେ ନାହିଁ। କାରଣ ଅଳ୍ପ ବୟସରେ ସିନା ଚାଲିଗଲା, କିନ୍ତୁ ଆମେ ଏଠାରେ ଯାହା କଥା କହୁଛୁ, ସେ ହେଉଛି ବାରିପଦା ମୁର୍ଗାବାଡ଼ି ଅଞ୍ଚଳର ୬ ବର୍ଷର ଶିଶୁ କ୍ୱିଣ୍ଟାଲ୍ ଓଜନର ଏକ ଗେଟ୍ ପଡ଼ିଯିବା ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲା। ମେଡିକେୟାର (ସମମ୍)କୁ ଅଣାଯାଇଥିଲା। କିନ୍ତୁ ସମ୍ମ୍‌ରେ ଡାକ୍ତରମାନେ ତାଙ୍କର ବ୍ରେନ୍‌ଡେଡ୍ ସକାଶେ ନିଷ୍ପତ୍ତି ନେଇଥିଲେ। ତେଣୁ ଉକ୍ତ ଶିଶୁଟିର ଦୁଇ କିଡ଼ନୀ ଦୁଇ ଜଣ ରୋଗୀଙ୍କ କିଡ଼ନୀକୁ ଆନୁଷଙ୍ଗିକ ବ୍ୟବସ୍ଥା ଅନୁସାରେ ଭୁବନେଶ୍ୱର ଏମ୍ସ ଓ ରାଜଧାନୀର ଅନ୍ୟ ଏକ ମେଡିସିନ ବିଭାଗର ସିନିୟର କନସଲ୍‌ଟାଣ୍ଟ ଡାକ୍ତର ଆଲୋକ କୁମାର ପାଣିଗ୍ରାହୀ ସୂଚନା କନ୍‌ସଲ୍‌ଟାଣ୍ଟ ଡାକ୍ତର ସୋମନାଥ ଜେନା ଓ ଡାକ୍ତର ପାଣିଗ୍ରାହୀ କରୁଥିଲେ। ଶିଶୁଟିର ଦୁଇ କରାଯାଇଥିଲା। ତେବେ ପୁଅର ମୃତ୍ୟୁ ଖବର ଶୁଣି ପିତାମାତା ଭାଙ୍ଗିପଡ଼ିଥିଲେ। କିନ୍ତୁ ତାଙ୍କ ନିଷ୍ପତ୍ତି ନେଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସୂଚନାଯୋଗ୍ୟ ଯେ ସମ୍ମ୍‌ରେ ଅଙ୍ଗ ପ୍ରତିରୋପଣ ପାଇଁ ବିଭିନ୍ନ ହସ୍ପିଟାଲ୍‌କୁ ପଠାଯାଇଛି। ଆଗକୁ ମଧ ଏହି ➪ପୃଷ୍ଠା-୬




# ଆତଙ୍କୀଙ୍କୁ ନିଜସ୍ୱ ଉପାୟରେ ନିଃସର୍ତ୍ତ ଜବାବ

- ନ୍ୟାୟର ଅଖଣ୍ଡ ପ୍ରତିଜ୍ଞା
- ପାକିସ୍ତାନ ବିଶ୍ୱ ଆତଙ୍କବାଦର ବିଶ୍ୱବିଦ୍ୟାଳୟ
- ପରମାଣୁ ବ୍ଲାକମେଲ ସହିବୁ ନାହିଁ
- ରକ୍ତ ଓ ପାଣି ଏକାଠି ବହିବା ସମ୍ଭବ ନୁହେଁ
- କେବଳ ଆତଙ୍କବାଦ ଓ ପିଓକେ ନେଇ ଆଲୋଚନା
- ଆତଙ୍କୀଙ୍କୁ ନିଜସ୍ୱ ଉପାୟରେ, ନିଜ ସର୍ତ୍ତରେ ଜବାବ ଦେବୁ
- ଆତଙ୍କବାଦ ବିରୋଧରେ ପ୍ରତିଶୋଧ ବନ୍ଦ ହୋଇନି, ସ୍ଥଗିତ ରହିଛି

> ଆତଙ୍କ ଓ ଆଲୋଚନା ଏକାଠି ଚାଲିପାରିବ ନାହିଁ। ଆତଙ୍କ ଓ ବାଣିଜ୍ୟ ବି ଏକାଠି ଚାଲିପାରିବ ନାହିଁ। ସେହିପରି ରକ୍ତ ଓ ପାଣି ଏକାଠି ବହିବା ବି ଅସମ୍ଭବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଇ ୩ଟି ଧାଡ଼ିରେ ପାକିସ୍ତାନ ସହ ଯୁଦ୍ଧବିରତି ପରବର୍ତ୍ତୀ ଆଲୋଚନାର ଦିଗ ଦେଖାଇଛନ୍ତି। ଏଣିକି ପାକିସ୍ତାନ ସହ ଆଲୋଚନା କେବଳ ଆତଙ୍କବାଦ ଓ ପିଓକେ ସମ୍ପର୍କିତ ହେବ। 'ଅପରେସନ ସିନ୍ଦୂର' ପରେ ପ୍ରଥମ ଥର ପାଇଁ ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଭାରତ କୌଣସି ପରମାଣୁ ଶକ୍ତିକୁ ଡରୁନାହିଁ। ଏଣିକି ଆତଙ୍କବାଦ ବିରୋଧରେ ଭାରତର ନୀତି ହେଉଛି 'ଅପରେସନ ସିନ୍ଦୂର' ।



**ନୂଆଦିଲ୍ଲୀ,୧୨।୫:** 'ଅପରେସନ ସିନ୍ଦୂର'ର ସଫଳତା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ଆମେ ସମସ୍ତେ ଗତ ଦିନରେ ଦେଶର ଶକ୍ତି ଏବଂ ସଂଯମ ଉଭୟ ଦେଖିଛୁ। ସର୍ବପ୍ରଥମେ, ମୁଁ ପ୍ରତ୍ୟେକ ଭାରତୀୟଙ୍କ ତରଫରୁ ଭାରତର ଶକ୍ତିଶାଳୀ ବାହିନୀ, ସଶସ୍ତ୍ର ବାହିନୀ, ଆମର ଗୁଇନ୍ଦା ସଂସ୍ଥା, ଆମର ବୈଜ୍ଞାନିକମାନଙ୍କୁ ପ୍ରଣାମ କରୁଛି। 'ଅପରେସନ୍ ସିନ୍ଦୂର'ର ଲକ୍ଷ୍ୟ ହାସଲ କରିବା ପାଇଁ ଆମର ସାହସୀ ସୈନିକମାନେ ଅପାର ସାହସ ପ୍ରଦର୍ଶନ କରିଥିଲେ। ଆଜି ମୁଁ ସେମାନଙ୍କର ସାହସ, ବୀରତ୍ୱକୁ ସମର୍ପିତ କରୁଛି - ମୁଁ ଏହି ବୀରତ୍ୱକୁ ଆମ ଦେଶର ପ୍ରତ୍ୟେକ ମାଆଙ୍କୁ, ଦେଶର ପ୍ରତ୍ୟେକ ଭଉଣୀଙ୍କୁ ଏବଂ ଦେଶର ପ୍ରତ୍ୟେକ ଝିଅଙ୍କୁ ସମର୍ପିତ କରୁଛି ବୋଲି ମୋଦି କହିଛନ୍ତି।

୨୨ ଏପ୍ରିଲରେ ପହଲଗାମରେ ଆତଙ୍କବାଦୀମାନେ ଯେଉଁ ବର୍ବରତା ଦେଖାଇଥିଲେ ତାହା ଦେଶ ଏବଂ ବିଶ୍ୱକୁ ଚକିତ କରିଦେଇଥିଲା। ସେମାନଙ୍କ ଧର୍ମ ବିଷୟରେ ପଚାରିବା ଏବଂ ଛୁଟିଦିନ ପାଳନ କରୁଥିବା ନିରୀହ ନାଗରିକଙ୍କୁ ସେମାନଙ୍କ ପରିବାର ସମ୍ମୁଖରେ, ସେମାନଙ୍କ ପିଲାମାନଙ୍କ ସମ୍ମୁଖରେ ନିର୍ମମ ଭାବରେ ହତ୍ୟା କରିବା ଆତଙ୍କର ଏକ ଅତ୍ୟନ୍ତ ଭୟଙ୍କର ଚେହେରା ଥିଲା, ଏହା ନିଷ୍ଠୁରତା ଥିଲା। ଏହା ମଧ ଦେଶର ସଦଭାବନାକୁ ଭାଙ୍ଗିବା ପାଇଁ ଏକ ଘୃଣ୍ୟ ପ୍ରୟାସ ଥିଲା। ମୋ ପାଇଁ ବ୍ୟକ୍ତିଗତ ଭାବରେ, ଏହି ଯନ୍ତ୍ରଣା ବହୁତ ଥିଲା। ଏହି ଆତଙ୍କବାଦୀ ଆକ୍ରମଣ ପରେ ସମଗ୍ର ଦେଶ, ପ୍ରତ୍ୟେକ ନାଗରିକ, ପ୍ରତ୍ୟେକ ସମାଜ, ପ୍ରତ୍ୟେକ ➪ପୃଷ୍ଠା-୬

## ସେନା ପ୍ରତ୍ୟାହାର ପାଇଁ ସହମତି

**ନୂଆଦିଲ୍ଲୀ,୧୨।୫:** ଭାରତ ଓ ପାକିସ୍ତାନ ସୀମାରେ ଶାନ୍ତି ବଜାୟ ରଖିବାକୁ ଡିଜିଏମଓ ସ୍ତରୀୟ ଆଲୋଚନାରେ ସହମତି ପ୍ରକାଶ କରିଛନ୍ତି। ଅସ୍ତ୍ରବିରତି ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଆଜି ସନ୍ଧ୍ୟାରେ ହୋଇଥିବା ଡିଜିଏମଓ ସ୍ତରର ଆଲୋଚନା ଶେଷ ହୋଇଛି।ତେବେ ଦୁଇ ପକ୍ଷ କୌଣସି ଗୁଳିଗୋଳା ନ କରିବା ସହ ସୀମା ଲଙ୍ଘିବାକୁ ସାମାନ୍ୟତମ ଉଦ୍ୟମ କରିବେ ନାହିଁ। ଏପରିକି ଦୁଇ ଦେଶ ସୀମାର ଉଭୟ ପାର୍ଶ୍ୱରୁ ସେନା ପ୍ରତ୍ୟାହାର କରିବାକୁ ଡିଜିଏମଓସ୍ତରୀୟ ଆଲୋଚନାରେ ସହମତି ପ୍ରକାଶ ପାଇଛି। ଭାରତ ପକ୍ଷରୁ ଡିଜିଏମଓ ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ ପାକିସ୍ତାନ ଡିଜିଏମଓଙ୍କ ସହ ହଟଲାଇନରେ ଆଲୋଚନା କରିଥିଲେ। ପହଲଗାମ ହିଂସା ପରେ ଭାରତ ଆରମ୍ଭ କରିଥିବା 'ଅପରେସନ ➪ପୃଷ୍ଠା-୬

## ଟ୍ରମ୍ପଙ୍କ ବଡ଼ ଦାବି
### ପରମାଣୁ ଯୁଦ୍ଧକୁ ରୋକିଛୁ



**ୱାଶିଂଟନ୍,୧୨।୫:** ଭାରତ-ପାକିସ୍ତାନ ବିବାଦରେ ଆଜି ବଡ଼ ଦାବି କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ। ସେ କହିଛନ୍ତି ଯେ, ଆମେରିକାର ହସ୍ତକ୍ଷେପ ଫଳରେ ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ଭାବ୍ୟ ପରମାଣୁ ଯୁଦ୍ଧକୁ ରୋକା ଯାଇ ପାରିଛି। ଭାରତ-ପାକିସ୍ତାନ ବିବାଦରୁ ଟ୍ରମ୍ପ ବାହବାହ ନେବା ଲାଗି ଅହରହ ଉଦ୍ୟମ ଚଳାଇଛନ୍ତି। ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ହେବା ପରେ ତାହାର ଶ୍ରେୟ ନେବାକୁ ବାରମ୍ବାର ଚେଷ୍ଟା କରିଛନ୍ତି ଟ୍ରମ୍ପ। ବର୍ତ୍ତମାନ ଆଉ ଏକ ମନ୍ତବ୍ୟ ଦେଇ ଟ୍ରମ୍ପ ନିଜର ଲାଳସାକୁ ସର୍ବସମ୍ମୁଖରେ ପ୍ରଦର୍ଶନ କରିଛନ୍ତି। ଟ୍ରମ୍ପ କହିଛନ୍ତି, ଦୁଇ ଦେଶ ମଧ୍ୟରେ ଯେଉଁଭଳି ଭାବେ ଆକ୍ରମଣ ପ୍ରତିଆକ୍ରମଣ ଚାଲିଥିଲା, ତାହା ପରମାଣୁ ଯୁଦ୍ଧ ଆଡ଼କୁ ଅଗ୍ରସର ହୋଇଥାଆନ୍ତା। ଆମେରିକା ଅସ୍ତ୍ରବିରତି ଦିଗରେ ପଦକ୍ଷେପ ନେଇ ଦୁଇ ଦେଶକୁ ପରମାଣୁ ଯୁଦ୍ଧରୁ ରକ୍ଷା କରିଛି। ଶନିବାର ମୋ ପ୍ରଶାସନ ତୁରନ୍ତ ଅସ୍ତ୍ରବିରତି ଦିଗରେ ସାହାଯ୍ୟ କରିଥିଲା। ଏହା ସ୍ଥାୟୀ ବୋଲି ମୁଁ ଭାବୁଛି। ➪ପୃଷ୍ଠା-୬

## ଫୁସ୍‌କିଯାଇଛି ସବୁ ପାକ୍ ଅସ୍ତ୍ର
### ପାଉଁଶ ହୋଇଛି ଚୀନ୍ କ୍ଷେପଣାସ୍ତ୍ର ଓ ତୁର୍କୀ ଡ୍ରୋନ୍

**ନୂଆଦିଲ୍ଲୀ, ୧୨।୫:** ଭାରତର ଶକ୍ତି ଆଗରେ ତିଷ୍ଠି ପାରିଲାନି ପାକିସ୍ତାନ । ପାକିସ୍ତାନର ସବୁ ଶକ୍ତି ଫେଲ୍ ମାରିଲା, ସବୁ ଅସ୍ତ୍ର ଫୁସକି ଗଲା ଆଉ ଆକାଶରେ ହିଁ ପାଉଁଶ ହୋଇଗଲା। ମହାଭାରତ ଯୁଦ୍ଧର ଦୃଶ୍ୟ ଭଳି ଦୁଇ ଦିନ ତଳେ ସୀମାର ଦୃଶ୍ୟ ଥିଲା ଠିକ୍ ଏକାପରି। ଯେମିତି କୌରବ ସେନାଙ୍କ ବାଣକୁ ପାଣ୍ଡବମାନେ ମଝି ଆକାଶରେ ନିଷ୍କ୍ରିୟ କରି ଦେଉଥିଲା ଠିକ୍ ସେମିତି ଆତଙ୍କୀସ୍ତାନ ଭାବେ ପରିଚିତ ପାକିସ୍ତାନ ପଟୁ ଆସୁଥିବା ସବୁ ଅସ୍ତ୍ରକୁ ଧୂଆଁ କରିଦେଉଥିଲେ ଭାରତୀୟ ଯବାନ । ସେ ମିସାଇଲ୍ କୁହନ୍ତୁ କି ଗୁଳିମାଡ ଅବା ଡ୍ରୋନ ଆକ୍ରମଣ, ପାକିସ୍ତାନ ଲଗାତାର ତିନି ଦିନ ହେବ ଭାରତକୁ ଘାଇଲା କରିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ ବି ତାହା ସଫଳ ହୋଇନଥିଲା। ପର ପାଖରୁ ମାଗି ଆଣିଥିବା ଅସ୍ତ୍ରକୁ ବି ଭାରତୀୟ ସେନା ଆକାଶରେ ସ୍ୱାହା କରିଥିଲେ। ୨/୩ ଦିନ ତଳେ ଏହି ଦୃଶ୍ୟ ସାରା ଦୁନିଆ ଦେଖିଥିବା ବେଳେ ଆଜି ସାମ୍ବାଦିକ ସମ୍ମିଳନୀରେ ଏ ବାବଦରେ ବଖାଣିଛନ୍ତି ୩ ସେନା। ପାକିସ୍ତାନ ପ୍ରୟୋଗ କରିଥିବା ଚୀନ୍ ମିସାଇଲ ଓ ତୁର୍କୀ ଡ୍ରୋନକୁ ସୀମାରେ ଖସାଇଥିଲେ ଭାରତୀୟ ଯବାନ। ପାକିସ୍ତାନ ଚୀନଠାରୁ ଆଣିଥିବା ପିଏଲ-୧୫ ଏୟାର ଟୁ ଏୟାର ମିସାଇଲକୁ ବି ଭାରତ ଧ୍ୱଂସ କରିଛି। ସେହିପରି ତୁର୍କୀ ନିର୍ମିତ ଡ୍ରୋନକୁ ବି ନଷ୍ଟ ➪ପୃଷ୍ଠା-୬

## କେନ୍ଦ୍ରୀୟ ଡେପୁଟେସନ୍ ସୂଚୀରେ ୨ ଆଇପିଏସ୍

**ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ):** ୧୯୯୮ ବ୍ୟାଚ୍ ଆଇପିଏସ୍ ଅଧିକାରୀ ରାଜେଶ କୁମାର ଏବଂ ୨୦୦୬ ବ୍ୟାଚ୍ ଅଧିକାରୀ ଅନୁପ କୁମାର ସାହୁ କେନ୍ଦ୍ରୀୟ ଡେପୁଟେସନରେ ଯିବାକୁ ତାଲିକାଭୁକ୍ତ ହୋଇଛନ୍ତି। ଓଡ଼ିଶା କ୍ୟାଡରର ଏହି ଦୁଇ ଜଣ ବରିଷ୍ଠ ଆଇପିଏସ ଅଧିକାରୀଙ୍କୁ କେନ୍ଦ୍ରରେ ଇନ୍ସପେକ୍ଟର ଜେନେରାଲ କିମ୍ବା ସମକକ୍ଷ ପଦବୀ ପାଇଁ ଚୟନ କରାଯାଇଥିବା ସୂତ୍ରରୁ ଜଣାପଡ଼ିଛି। ଫଳରେ ଏହି ଦୁଇ ଅଧିକାରୀଙ୍କ ଅଭିଜ୍ଞତା ବଢ଼ିବା ସହ ଜାତୀୟ ଆଇନ ପ୍ରବର୍ତ୍ତନ ପ୍ରୟାସକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ସ୍ପେସିଆଲ ଆର୍ମଡ୍ ପୁଲିସ (ଏସଏପି)ର ଅତିରିକ୍ତ ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ରାଜେଶ କୁମାର ତାଙ୍କ କାର୍ଯ୍ୟ ଓ ଦକ୍ଷତା ବଳରେ ଏସଏପିକୁ ➪ପୃଷ୍ଠା-୬

## ୧୭ରୁ ପୁଣି ଆଇପିଏଲ୍



- ଗତ ସପ୍ତାହରେ ବାତିଲ୍ ହୋଇଥିଲା
- ଜୁନ୍ ୩ରେ ଖେଳାଯିବ ଫାଇନାଲ୍

**ମୁମ୍ବାଇ,୧୨।୫:** ଭାରତ-ପାକିସ୍ତାନ ଯୁଦ୍ଧ ପରିପ୍ରେକ୍ଷୀରେ ଗତ ସପ୍ତାହରେ ଆଇପିଏଲ୍‌କୁ ଅଧାରୁ ବନ୍ଦ କରିବା ସକାଶେ ନିଷ୍ପତ୍ତି ହୋଇଥିଲା। ଦୁଇ ଦେଶ ମଧ୍ୟରେ ଯୁଦ୍ଧର ଘନଘଟା ମଧ୍ୟରେ ଖେଳାଳି ଓ ଦର୍ଶକମାନଙ୍କ ଜୀବନ ପ୍ରତି ବିପଦ ରହିଥିବାରୁ ବିସିସିଆଇ ପକ୍ଷରୁ ଏପରି ନିଷ୍ପତ୍ତି ହୋଇଥିଲା। ତେବେ ଗତ ଶନିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପାଇଁ ସହମତି ହେବା ପରେ ପୁଣିଥରେ ଆଇପିଏଲ୍ ଆରମ୍ଭ ହେବା ନେଇ ଆଶା ବଢ଼ିଥିଲା। ଆଜି ବିସିସିଆଇ ପକ୍ଷରୁ ଘୋଷଣା ହେବା ପରେ ଦର୍ଶକଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ➪ପୃଷ୍ଠା-୬



### କାନ ଡେରିଥା

ବିପଦରେ ପଡି ପ୍ରଭୁଙ୍କୁ ଡାକିଲେ
ସିଏ ବା କାହୁଁ ଶୁଣିବେ
ବିଳାସ ଭାବରେ ପଚାରି ନଥିଲ
ମନ୍ଦିର ଦେଖିନ କେବେ
ଦୁଃଖ ଆସିଲେ ଡାକିବେ...
ଭକତଙ୍କ ପ୍ରତି ପ୍ରଭୁଙ୍କ ବିଚାର
ସେବେ ସବୁ ବୁଝିଯିବେ !

■ ଦେବାଶିଷ

### ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମବାର୍ଷିକୀରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା
## ବାସଭବନ ହେବ ସ୍ମାରକୀ ତୀର୍ଥସ୍ଥଳୀ



**ଭୁବନେଶ୍ୱର/ରାଇରଙ୍ଗପୁର, ୧୨।୫ (ସଂଚାର ବ୍ୟୁରୋ):** ସାନ୍ତାଳୀ ଭାଷାର ଅଲଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ଓ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ତମ ରାଜ୍ୟସ୍ତରୀୟ ଜନ୍ମବାର୍ଷିକୀ ଉତ୍ସବ ଆଜି ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଅନ୍ତର୍ଗତ ମହୁଲଡିହା ଅଞ୍ଚଳରେ ପାଳିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦାଣ୍ଡବୋଷ ଅଞ୍ଚଳରେ ଥିବା ପଣ୍ଡିତ ମୁର୍ମୁଙ୍କ ବାସଭବନକୁ ସ୍ମାରକୀ ତୀର୍ଥସ୍ଥଳୀ ଓ ତାଙ୍କ ସମାଧି ପୀଠକୁ ଐତିହ୍ୟ ସ୍ମୃତି ପୀଠରେ ପରିଣତ କରିବା ନେଇ ଘୋଷଣା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଅଲଚିକି ଲିପିର ୧୦୦ ବର୍ଷ ପୂରଣ ସମାରୋହ ବର୍ଷେ ବ୍ୟାପୀ ସାରା ରାଜ୍ୟରେ ହେବ ଓ ସାନ୍ତାଳୀ ଭାଷାର ପ୍ରଚାର ପ୍ରସାର ପାଇଁ ଅନ୍ତର୍ଜାତୀୟ ସେମିନାର ଆୟୋଜିତ ହେବ। ଏଥିସହ ପଣ୍ଡିତ ମୁର୍ମୁଙ୍କ ରଚିତ ପୁସ୍ତକଗୁଡ଼ିକୁ ଜନାଦୃତ କରିବା ସକାଶେ ବାରିପଦାରେ ଅଲଚିକି ଲାଇବ୍ରେରୀ ପ୍ରତିଷ୍ଠା, ପଣ୍ଡିତ ରଘୁନାଥ ମୁର୍ମୁ ଓପନ ଥିଏଟର ସଂଗ୍ରହାଳୟ ଓ ତାଙ୍କ କର୍ମଭୂମିରେ ଐତିହ୍ୟ ଭବନ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସହ ଏହିସବୁ କାର୍ଯ୍ୟ ପାଇଁ ସମୁଦାୟ ୫୦ କୋଟି ଟଙ୍କାର ➪ପୃଷ୍ଠା-୬

### ନିୟମଗିରି ବକ୍ସାଇଟ୍ ହାତେଇବାକୁ ପୁଣି ଉଦ୍ୟମ | ନଜର ରଖିଛନ୍ତି ଡଙ୍ଗରିଆ
# ବୁଦ୍ଧିଜୀବୀଙ୍କୁ ବୁଝାଇବା ପାଇଁ ବୁଦ୍ଧିମାନ ପ୍ରଚାର





**ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ):** ନିୟମଗିରିର ବକ୍ସାଇଟ୍‌କୁ ହାତେଇବାକୁ ପୁଣିଥରେ ଆରମ୍ଭ ହୋଇଛି ଅଭିନବ ଯୋଜନା। ନିୟମଗିରି ସୁରକ୍ଷା ପାଇଁ ପଣ କରିଥିବା ସ୍ଥାନୀୟ ଲୋକଙ୍କୁ ବୁଝାଇବା ପୂର୍ବରୁ ସହରୀ ବୁଦ୍ଧିଜୀବୀଙ୍କ ସହ ବକ୍ସାଇଟ୍ ଆବଶ୍ୟକତା ନାଁରେ ସରକାରଙ୍କ ଉପରେ ଚାପ ସୃଷ୍ଟି ଆରମ୍ଭ ହୋଇଛି। ଏଥିପାଇଁ ବିଭିନ୍ନ ଉପାୟରେ ଏହାକୁ ରୂପ ଦିଆଯାଉଥିବା ଦେଖିବାକୁ ମିଳୁଛି। ନିୟମଗିରିରେ ଗଚ୍ଛିତ ରହିଛି ବିପୁଳ ପରିମାଣର ବକ୍ସାଇଟ୍।ଏ ହାକୁ ନେଇ ନିଜ ନିଜ କାରଖାନା ଚଳାଇବା ପାଇଁ ଦୀର୍ଘଦିନରୁ ହୋଇଆସୁଛି ଉଦ୍ୟମ। ତେବେ ନିୟମଗିରିର ସୁରକ୍ଷା ପାଇଁ ଡଙ୍ଗରିଆ କନ୍ଧଙ୍କ ସମେତ ପରିବେଶବିତ୍, ସାମାଜିକ କର୍ମୀ ଓ ସାଧାରଣ ଜନତା ଅଣ୍ଟା ଭିଡ଼ିଥିବାରୁ କମ୍ପାନୀମାନେ ଏଥିରେ ସଫଳ ହୋଇପାରୁନାହାନ୍ତି। ଫଳରେ ନିୟମଗିରିର ସବୁଜିମା ଏବେ ବି ବଳବତ୍ତର ରହିଛି।

ହେଲେ ଏବେ କିଛି କମ୍ପାନୀ ପୁଣିଥରେ ନିୟମଗିରିର ବକ୍ସାଇଟ୍‌କୁ ହାତେଇବା ପାଇଁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଏଥିରେ ପ୍ରଥମେ ନିୟମଗିରି ଆଖପାଖରେ ଥିବା ଆଦିବାସୀଙ୍କୁ ମନାଇବା ପାଇଁ ନକ୍ସା ପ୍ରସ୍ତୁତ ହୋଇଛି। ଯେମିତି ହେଲେ ଆଦିବାସୀମାନଙ୍କୁ ବୁଝାଇବାକୁ ପଡିବ। ସେମାନଙ୍କ ପାଇଁ ନିୟମଗିରି ଅପେକ୍ଷା କାରଖାନାର ଲାଭ ଗୁରୁତ୍ୱପୂର୍ଣ୍ଣ ବୋଲି ବୁଝିପାରିଲେ ଓ ସୋମନଙ୍କ ଅଞ୍ଚଳରେ ବ୍ୟାପକ ବିକାଶ ହୋଇପାରିଲେ ଏହି ➪ପୃଷ୍ଠା-୬

SIKSHA 'O' ANUSANDHAN
SAAT-2025
Empowering students for a brighter future
M.Sc. PROGRAMMES OFFERED
■ M.Sc. (Physics)
■ M.Sc. (Chemistry)
■ M.Sc. (Mathematics)
APPROVAL & RECOGNITIONS
■ Approved by UGC
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
NIRF INDIA RANKINGS 2024
■ 14th Best in University Category
■ 50th Best in Research Category
INTERNATIONAL RANKINGS 2025
■ Ranked in QS World Rankings 2025
■ Ranked in Times World Rankings 2025
To apply for admission through SAAT, Please visit: www.soa.ac.in



## ଗଜ ଉଦ୍ଧାରଣ ବେଶରେ ଦର୍ଶନ ଦେଲେ ଶ୍ରୀବଳଦେବଜୀଉ

**କେନ୍ଦ୍ରାପଡ଼ା,୧୨।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କୁ ସୋମବାର ଗଜ ଉଦ୍ଧାରଣ ବେଶ କରାଯାଇଛି । ଆଜି ବୈଶାଖି ପୂର୍ଣ୍ଣିମୀରେ ତୁଳସୀ କ୍ଷେତ୍ରର କ୍ଷେତ୍ରାଧିପତି ପ୍ରଭୁ ଶ୍ରୀବଳଦେବଜୀଉଙ୍କ ଗଜ ଉଦ୍ଧାରଣ ବେଶ ଭକ୍ତମାନଙ୍କୁ ବେଶ ଆମୋଦିତ କରିଥିଲା । ଶ୍ରୀଜୀଉଙ୍କ ସନ୍ଧ୍ୟା ନୀତି ସମ୍ପନ୍ନ ପରେ ଏହି ବେଶ କରାଯାଇଥିଲା । ଶ୍ରୀଜଗନ୍ନାଥଙ୍କ ପାଖରେ ପକ୍ଷୀରାଜ ଗରୁଡ଼ ବିରାଜ ମାନ ଅଛନ୍ତି । ତାଙ୍କ କାନ୍ଧରେ ମହାଲକ୍ଷ୍ମୀ ଓ ନାରାୟଣ ବସିଛନ୍ତି । ନାରାୟଣଙ୍କ ହସ୍ତରେ ଶଙ୍ଖଚକ୍ର ଗଦାପଦ୍ମ ରହିଛି। ଏଭଳି ସଜ୍ଜିତ ବେଶରେ ହସ୍ତୀ କୁମ୍ଭୀରକୁ ସାମିଲ କରାଯାଇ ଗର୍ଭ ଗୃହ ଚଟାଣରେ କୃତ୍ରିମ ଜଳବନ୍ଦୀ ବଡ଼ ସାଇତି ସେବାୟତଙ୍କ ଦ୍ୱାରା କରାଯାଇଥିଲା। ଏହି ବେଶ ସଂପୂର୍ଣ୍ଣ ଗର୍ଭ ଗୃହରେ ସୀମିତ ଥିବାରୁ ଭକ୍ତମାନଙ୍କୁ ଗର୍ଭଗୃହ ମଧ୍ୟକୁ ପ୍ରବେଶ ଉପରେ କଟକଣା କରାଯାଇଥିଲା । ଫଳରେ ଭୋଗ ମଣ୍ଡପ ନିକଟରୁ ଭକ୍ତମାନେ ଶ୍ରୀଜୀଉଙ୍କ ଏହି ଦୁର୍ଲଭ ଗଜ ଉଦ୍ଧାରଣ ବେଶକୁ ଦର୍ଶନ କରିବାର ସୁଯୋଗ ପାଇଥିଲେ । ଏହାପରେ ଶ୍ରୀଜୀଉଙ୍କ ରାତ୍ର ଧୂପ ପଣା ପଖାଳ ଲାଗି ଶେଷହେବା ପରେ ବଡ଼ସିଂହାର ବେଶ କରାଯାଇଥିଲା । ଏହାପରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇ ରାତ୍ର ଏଗାରଟା ବେଳକୁ ପହୁଡ଼ ପଡ଼ିଥିଲା ।

## ପାଠାଗାରର ଉନ୍ନତି ପାଇଁ ଆମେରିକା ପ୍ରଫେସରଙ୍କ ଏକଲକ୍ଷ ଟଙ୍କା ପ୍ରଦାନ



**କେନ୍ଦ୍ରାପଡ଼ା,୧୨।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ସର୍ବପୁରାତନ ଡାଇମଣ୍ଡ ଜୁବଲି ପାଠାଗାରର ଉନ୍ନତି ପାଇଁ ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସ ଏକଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ଏହି ଅବସରରେ ଡ. ଦାସ କହିଛନ୍ତି ଡାଇମଣ୍ଡ ଜୁବଲି ପାଠାଗାରରେ ଅଧ୍ୟୟନ କରି ଜିଲ୍ଲାର ଅନେକ ଛାତ୍ରଛାତ୍ରୀ ଦେଶବିଦେଶରେ ପ୍ରତିଷ୍ଠାଲାଭ କରିଛନ୍ତି।ସେ ମଧ ତାଙ୍କ ଛାତ୍ର ଜୀବନରେ ଏହି ପାଠାଗାରରେ ଅଧ୍ୟୟନ କରିଥିଲେ । ତେଣୁ ପାଠାଗାର ହେଉଛି ମଣିଷ ତିଆରି କାରଖାନା। ପାଠାଗାରର ଉନ୍ନତି ପାଇଁ ପ୍ରତିବ୍ୟକ୍ତିଙ୍କ ଯୋଗଦାନ ରହିବା ଉଚିତ। ଏହି ଅର୍ଥରାଶିକୁ ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଡ. ଦାସଙ୍କ ଝିଆରୀ ମମତା ଦାସ ଓ ପୁତୁରା ଭୁବନମୋହନ ଦାସ ପାଠାଗାରର ସଭାପତି ଆଇନଜୀବୀ ସରୋଜରାଜ ସିଂ ଓ ସମ୍ପାଦକ ବୈଦ୍ୟନାଥ ଚାଟାର୍ଜୀଙ୍କୁ ପ୍ରଦାନ କରିଥିଲେ । ଅର୍ଥରାଶି ପ୍ରଦାନ ସମୟରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ବରିଷ୍ଠ ଆଇନଜୀବୀ ଧ୍ରୁବ ଚରଣ ଜେନା, ସ୍ୱାଧୀନ ଦାଶ, ସଚ୍ଚିଦାନନ୍ଦ ବେହେରା, ଧିରେନ ସାହୁ, ମୁକ୍ତାର ଖାଁ, ଆଶିଷ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

### ନିର୍ଦ୍ଧୂମ ଖରାରେ କୋମଳମତି ଛାତ୍ରଛାତ୍ରୀଙ୍କୁ ନେଇ ସମ୍ବର୍ଦ୍ଧନା ସଭା ଘଟଣା

# କ୍ଲଷ୍ଟର ସିଆରସିସିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କେବେ ?

**ନିଶ୍ଚିନ୍ତକୋଇଲି,୧୨।୫ (ସଂଚାର ବ୍ୟୁରୋ):** ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଯୋଗୁ ସରକାରଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ସ୍କୁଲ ଓ କଲେଜକୁ ଛୁଟି ଘୋଷଣା କରାଯାଇଛି। ଅତି ଆବଶ୍ୟକ ପଡିଲେ ବାହାରକୁ ଗଲେ ପାଣି ଛତା ଆଦି ଆବଶ୍ୟକ ସାମଗ୍ରୀ ନେଇ ସାବଧାନତାର ସହ ଯିବାକୁ ପରାମର୍ଶ ଦେଉଛନ୍ତି। କିନ୍ତୁ ନିଶ୍ଚିନ୍ତକୋଇଲି ବ୍ଲକ

**କଟକ ଜିଲ୍ଲା ଶିକ୍ଷା ବିଭାଗର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ?**



ଅଞ୍ଚଳରେ ଶିକ୍ଷକମାନେ ବେଧଡକ ଓ ବେପରୱା ଭାବେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଏପରିକି ଗତ ମାସରେ ଅବସର ନେଇଥିବା ଜଣେ ପ୍ରଧାନଶିକ୍ଷକଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ଆଳରେ ଗତ ୦୮/୦୫/୨୫ ତାରିଖ ଗୁରୁବାର ମଧାହ୍ନରେ ସମ୍ବର୍ଦ୍ଧନା ସଭା କରିବା ଓ ସେଥିରେ କୋମଳମତି ଛାତ୍ରଛାତ୍ରୀ ଯୋଗଦେବା ଘଟଣାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଥିଲା।

ନିଶ୍ଚିନ୍ତକୋଇଲି ବ୍ଲକ ବଡକ୍ଷୀର ପଞ୍ଚାୟତ ଗୋପପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ନାୟକ ଗତ ଏପ୍ରିଲ ମାସରେ ବିଦ୍ୟାଳୟରୁ ଅବସର ନେଇଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ସରକାର ସମସ୍ତ ସ୍କୁଲ କଲେଜ ଗୁଡିକୁ ଛୁଟି ଘୋଷଣା କରିଥିଲେ। କିନ୍ତୁ ଉକ୍ତ ବିଦ୍ୟାଳୟ ଅଧିନସ୍ଥ ଧଳପଡା କ୍ଲଷ୍ଟରର ସିଆରସିସି ନରେନ୍ଦ୍ର ନାଥ ସାହୁଙ୍କ ସଭାପତିତ୍ୱରେ ଗୁରୁବାର ମଧାହ୍ନରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଥିଲା। ଏଥିରେ ନିଶ୍ଚିନ୍ତକୋଇଲି ମଣ୍ଡଳର ଅତିରିକ୍ତ ଶିକ୍ଷାଧିକାରି ସୁଶିଲ କୁମାର ଚକ୍ରବର୍ତ୍ତୀ, ପ୍ରଭାତ କୁମାର ବେହେରାଙ୍କ ସମେତ ଆଖପାଖ ବିଦ୍ୟାଳୟ ମାନଙ୍କରେ କାର୍ଯ୍ୟରତ ପ୍ରାୟ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରି ଯୋଗ ଦେଇଥିବା ବେଳେ ପ୍ରଚଣ୍ଡ ରୌଦ୍ରତାପ ଦେଖି ସରକାରଙ୍କ କଡା ନୀୟମ ଛାତ୍ର ଛାତ୍ରୀ ବିଦ୍ୟାଳୟ ପରିସରକୁ ନଆସିବା ନିୟମ ଥିବା ସ୍ଥଳେ କୋମଳମତି ଛାତ୍ରଛାତ୍ରୀମାନେ ଧୁ ଧୁ ଖରାବେଳ ୧ଘଟିକା ସମୟରେ ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା।

ତେବେ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ବିଦ୍ୟାଳୟରେ ସଭା ସମିତି କରିବାକୁ ସରକାରଙ୍କ ସମ୍ପୂର୍ଣ୍ଣ ବାରଣ ଥିବାବେଳେ ସମ୍ବର୍ଦ୍ଧନା ସଭା କରିବା ପାଇଁ ସିଆରସିସି ମହୋଦୟ କାହାଠାରୁ ଅନୁମତି ଆଣିଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏ ବିଷୟରେ ମଣ୍ଡଳ ଶିକ୍ଷାଅଧିକାରିଣୀଙ୍କୁ ପଚାରିବାରୁ ସେ ଉକ୍ତ ଘଟଣାକୁ ହାଲୁକାରେ ନେଇଥିବା ବେଳେ ଶିକ୍ଷା ବିଭାଗରେ ସମସ୍ତ ପ୍ରକାର ଅନ୍ୟାୟ ଅନୀତି ଦୁର୍ନୀତିକୁ ଉଚ୍ଚ ପଦସ୍ତ ଅଧିକାରୀମାନେ ଘଷ୍ଟ ଘୋଡାଇବା ସିଦ୍ଧହସ୍ତ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଏହା ଉପରେ ଗତ ୯ ତାରିଖ ଶୁକ୍ରବାର ଖବର ପ୍ରକାଶିତ ପରେ ବି ଶିକ୍ଷା ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନେ ଏଯାଏଁ ଧଳପଡା କ୍ଲଷ୍ଟରର ସିଆରସିସି ନରେନ୍ଦ୍ର ସାହୁଙ୍କ ଉପରେ ଏଯାଏଁ କାହିଁକି ଓ କେଉଁ କାରଣରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହାନ୍ତି ତାକୁ ନେଇ ଏବେ ସାଧାରଣରେ କଟକ ଜିଲ୍ଲା ଶିକ୍ଷା ବିଭାଗର ପାରିଆ ପଣିଆ ଉପରେ ମଧ ପ୍ରଶ୍ନବାଚି ସୃଷ୍ଟି ହୋଇଛି।

### ତିଖିରି ପଞ୍ଚାୟତରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

# ଦୁଇଦିନ ଧରି ଘର ଭିତରେ ବନ୍ଦୀ ପରିବାରର ୪ ସଦସ୍ୟ

**ପଡୋଶୀ କରିଛନ୍ତି ନାକାବନ୍ଦି**

**ପୁଲିସ ଓ ପ୍ରଶାସନର ନିଘା ନାହିଁ**



**ମହାକାଳପଡ଼ା,୧୨।୫ (ସଂଚାର ବ୍ୟୁରୋ):** ପଡୋଶୀଙ୍କ ଆକ୍ରୋଶରେ ଗୋଟିଏ ପରିବାରର ୪ ଜଣ ସଦସ୍ୟ ୨ ଦିନ ହେବ ନାକାବନ୍ଦି ଅବସ୍ଥାରେ ଅଛନ୍ତି। ନା ଘରୁ ବାହାରି ପାରୁଛନ୍ତି ନା ନିଜର ବ୍ୟକ୍ତିଗତ କାମ କରିପାରୁଛନ୍ତି। ଜେଲ୍‌ରେ ରହିଲା ଭଳି ଘର ଭିତରେ ପଶି ରହିଛନ୍ତି। ଯାହାକୁ ଦେଖିଲେ ପଞ୍ଚାୟତରେ ଆଇନଶୃଙ୍ଖଳା କିପରି ବିପର୍ଯ୍ୟସ୍ତ ହୋଇପଡିଛି ତାହା ପ୍ରମାଣିତ ହେଉଛି। ଯେଉଁ ଘଟଣା ଏବେ କେନ୍ଦ୍ରାପଡ଼ା ଜିଲ୍ଲାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

ମହାକାଳପଡ଼ା ବ୍ଲକ ତିଖିରି ପଞ୍ଚାୟତର ତିଖିରି ଗ୍ରାମରୁ ଆସିଛି ଏମିତି ଲୋମଟାଙ୍କୁରା ଓ ସମ୍ବେଦନଶୀଳ ଘଟଣା। ଗ୍ରାମର ପିତାମ୍ବରୀ ବେହେରାଙ୍କ ଘରର ମୁଖ୍ୟ ଦ୍ୱାରକୁ ୭ ନମ୍ବର ୱାର୍ଡର ତରାଇ ସାହିର ବାସିନ୍ଦା ବାଉଁଶ ପୋତି ନାକାବନ୍ଦି କରିଛନ୍ତି। ଯାହା ଫଳରେ ପରିବାର ଲୋକେ ୨ ଦିନ ହେବ ଘରୁ ବାହାରି ପାରୁନାହାନ୍ତି। ପଞ୍ଚାୟତ କର୍ତ୍ତୃପକ୍ଷ, ସ୍ଥାନୀୟ ପୁଲିସ, ବ୍ଲକ୍ ପ୍ରଶାସନ ଏଥିପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ଫୋନ୍ ଯୋଗେ ସଂଚାରକୁ ତାଙ୍କର ଦୁଃଖ କହିଲା ବେଳକୁ କାନ୍ଦି କାନ୍ଦି ଅଧର୍ଯ୍ୟ ହୋଇ ପଡୁଥିଲେ ଯେଉଁଥିରୁ ସେ କେତେ ଅସୁରକ୍ଷିତ ଅଛନ୍ତି ତାହା ସ୍ପଷ୍ଟ ଅନୁମାନ କରି ହେଉଥିଲା।

ପିତାମ୍ବରୀଙ୍କର ଥିବା ଏକ ଚାଳ ଛପର ଘର ରହିଛି। ଯାହା ୩ ଅଂଶରେ ସାମିଲ୍। ପଞ୍ଚାୟତ ତରଫରୁ ହେବାକୁ ଥିବା ଏକ ରାସ୍ତା କାମ ପାଇଁ ଏହି ମାଟି ଘରକୁ ଭାଙ୍ଗିବା ପାଇଁ ଉଭୟ ପକ୍ଷଙ୍କ ମଧ୍ୟରେ ସମସ୍ୟା ଉପୁଜିଥିଲା। ମାର୍ଶାଘାଇ ଥାନାରେ ଏନେଇ ଏତଲା ପରେ ମାପଚୁପ କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବାକୁ ଆପୋଷରେ ସମାଧାନ ହୋଇଥିଲା। ମାପଚୁପରେ ଘର ଦେଇ ରାସ୍ତା ଜମି ନବାହାରିବାରୁ ପିତାମ୍ବରୀଙ୍କ ପରିବାର ଘର ଭାଙ୍ଗିବାକୁ ରାଜି ନହେବାରୁ ସାହି ଲୋକେ ସଙ୍ଗବଦ୍ଧ ଭାବରେ ତାଙ୍କ ଘର ସମ୍ମୁଖରେ ବାଉଁଶ ପୋତି ନାକାବନ୍ଦି କରିଛନ୍ତି। ଏମିତି ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିବା ପରେ ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି ଅଞ୍ଚଳବାସୀ। ପଞ୍ଚାୟତ କର୍ତ୍ତୃପକ୍ଷ, ସ୍ଥାନୀୟ ଲୋକପ୍ରତିନିଧି, ମାର୍ଶାଘାଇ ପୁଲିସ ଓ ପ୍ରଶାସନ ତରଫରୁ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି ପରିବାର ଲୋକେ କହିଛନ୍ତି।



## ନିହାରିକା ନାୟକ କେନ୍ଦ୍ରାପଡା ନଗର ବିଜେପି ସଭାପତି

**କେନ୍ଦ୍ରାପଡ଼ା,୧୨।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ନଗର ବିଜେପି ସଭାପତି ଭାବେ ନିହାରିକା ନାୟକଙ୍କୁ ଦଳ ପକ୍ଷରୁ ନିଯୁକ୍ତି ପ୍ରଦାନ କରାଯାଇଛି । ଏନେଇ ରାଜ୍ୟ ବିଜେପି ନିର୍ବାଚନ ଅଧିକାରୀ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀଙ୍କୁ ପତ୍ର ଲେଖି ଜଣାଇଛନ୍ତି । ଶ୍ରୀମତୀ ନାୟକ ଏହି ନିଯୁକ୍ତି ପଇଁ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା, ଜିଲ୍ଲା ବିଜେପି ସଭାପତି ଶ୍ରୀ ସେଠୀ, କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି । ନିଯୁକ୍ତି ପରେ ଶ୍ରୀମତୀ ନାୟକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆରମ୍ଭ ହେଲା 'ଶୀତଳ ବାଞ୍ଛ'

**କେନ୍ଦ୍ରାପଡ଼ା,୧୨।୫ (ସଂଚାର ବ୍ୟୁରୋ):** ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କୁ ଆଖି ଆଗରେ ରଖି କେନ୍ଦ୍ରାପଡାର ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ଆରମ୍ଭ କରିଛି "ଶୀତଳ ବାଞ୍ଛ" କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମ ଏ ବର୍ଷ ପ୍ରଥମ ଥର ପାଇଁ ଆରମ୍ଭ କରାଯାଇଛି। ଯାହାକି ଖରାରେ ଯିବା ଆସିବା ବାଟୋଇଙ୍କ ପାଇଁ ସଞ୍ଜିବନୀ ପାଲଟିଛି ।



ପ୍ରଥମେ ଓଦା କପଡା ରେ କର୍ପୁର, ଅଗରୁ ଓ ଚନ୍ଦନରେ ମିଶାଇ ବାଟୋଇ ମାନଙ୍କୁ ଶୀତଳ ବାଞ୍ଛ ଦେବା ପରେ ଥଣ୍ଡା ପାନୀୟ ପିଇବାକୁ ଦିଆଯାଏ । ତାପରେ ଥଣ୍ଡା ପାଉଡର ସିଞ୍ଚନ କରାଯାଇଥାଏ। ଯାହାଦ୍ୱାରା ବାଟୋଇମାନେ ଖରାରୁ ଆଶ୍ୱସ୍ତି ଲାଭ କରିଥାନ୍ତି । ଏହି କାର୍ଯ୍ୟକ୍ରମଟି ଆସନ୍ତା ରଜ ପର୍ଯ୍ୟନ୍ତ ଚାଲିବ ବୋଲି ଟ୍ରଷ୍ଟ ପକ୍ଷରୁ ଧାର୍ଯ୍ୟ କରାଯାଇଛି । ପ୍ରଥମ ଦିନରେ ୩୫ରୁ ଉର୍ଦ୍ଧ୍ୱ ବାଟୋଇ ଏହି ନିଃଶୁଳ୍କ ସେବାର ଆନନ୍ଦ ଉଠାଇ ଟ୍ରଷ୍ଟର କାର୍ଯ୍ୟକର୍ତ୍ତା ମାନଙ୍କୁ ସାଧୁବାଦ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରାୟତଃ ବୟସ୍କ ମାନଙ୍କର ସେବା କରାଯାଇଥାଏ। ବାଟୋଇ ଯାତ୍ରୀ ମାନଙ୍କୁ ଆମନ୍ତ୍ରଣ କରାଯାଇଥାଏ। ଏହି କାର୍ଯ୍ୟକ୍ରମ ପ୍ରଥମେ ପୁରୀ ଜିଲ୍ଲାରେ ହେଉଥିଲା। ଏବେ ଏହା ପରିବ୍ୟାପ୍ତ ହୋଇ ତୁଳସୀ କ୍ଷେତ୍ରରେ ଆରମ୍ଭ କରାଯାଇଛି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତିଙ୍କ ସମେତ ଉପସଭାପତି ରଶ୍ମି ରଞ୍ଜନ ବାରିକ, ମନୋଜ କୁମାର ରାଉତ, ନିଶିକାନ୍ତ ବେହେରା, ଅହୀନ୍ଦ୍ରାସୁ ବେହେରା, ଗୋବିନ୍ଦ କର, ଜଗୁ ଜେନା, ଜଗା ଦାସ ଓ ଗୁଡ଼ୁ ବାରିକ୍ ସହଯୋଗ କରୁଛନ୍ତି।

## ବିଦ୍ୟୁତ ଟ୍ରାନ୍ସଫର୍ମରକୁ ନେଇ ଲୋକେ ଭୟଭୀତ

**ଡେରାବିଶ,୧୨।୫ (ସଂଚାର ବ୍ୟୁରୋ):** ବିପଦଶଙ୍କୁଳ ଅବସ୍ଥାରେ ବିଦ୍ୟୁତ ଟ୍ରାନ୍ସଫର୍ମର। ବୁଲା ଗାଈଗୋରୁଙ୍କ ପାଖରୁ ଆରମ୍ଭ କରି ମଣିଷମାନେ ଖୋଲା ଟ୍ରାନ୍ସଫର୍ମର ଦେଖି ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏମିତି ଘଟଣା ଦେଖିବାକୁ ମିଳିଛି ଚାନ୍ଦୋଳ ଡେରାବିଶ ରୋଡ ଫାଣ୍ଡି ଛକ ଠାରେ । ଏହି ଟ୍ରାନ୍ସଫର୍ମର ଉପରେ ପ୍ରାୟ ୨୦୦ ରୁ ୩୦୦ ପରିବାର ନିର୍ଭରଶୀଳ । ବିନା ସୁରକ୍ଷା ବାଡ଼ ମଧ୍ୟରେ ବହୁତ ତଳେ ଫେଜ ପଏଣ୍ଟ ଲଗାଯାଇଛି। ଖରା ଦିନ ହେତୁ ବହୁତ ଗାଈଗୋରୁ ବୁଲା ବୁଲି କରୁଛନ୍ତି। ଏହି ରାସ୍ତା ଦେଇ ସ୍କୁଲ, କଲେଜ ପିଲା ସହ ସହ ଗାଡି ଯାତାୟାତ କରୁଛନ୍ତି। ମାତ୍ର ରାସ୍ତାରୁ ଦୁଇଫୁଟ ଟ୍ରାନ୍ସଫର୍ମର ଥିବାରୁ କେତେବେଳେ ବି କିଛି ଦୁର୍ଘଟଣା ଘଟିପାରେ। ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



## ଶ୍ରୀ ବଳଦେବଜୀଉଙ୍କ ରଥ ନିର୍ମାଣ ପାଇଁ ଆସିଲା କାଠ




**କେନ୍ଦ୍ରାପଡ଼ା,୧୨।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ସିଦ୍ଧ ବଳଦେବୀଉଙ୍କ ରଥ ନିର୍ମାଣ ନିମନ୍ତେ କାଠ ଆସି ପହଁଚିଛି । ରାଜ୍ୟ ପ୍ରସିଦ୍ଧ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ କାର୍ଯ୍ୟ ପବିତ୍ର ଜୈଷ୍ଠ୍ୟ ପୂର୍ଣ୍ଣିମା ଠାରୁ ଆରମ୍ଭ ହୁଏ । କିନ୍ତୁ ଚଳିତ ବର୍ଷ ରଥର ନୂଆ ଚକ ଓ ଅଖ ଲାଗିବାର କାର୍ଯ୍ୟକ୍ରମ ଥିବାରୁ ଏକ ସପ୍ତାହ ପୂର୍ବରୁ ରଥକାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜଣାପଡିଛି । ଏନେଇ ଦେବୋତର ବିଭାଗ ପକ୍ଷରୁ କେନ୍ଦୁଝର ଜିଲ୍ଲା (ଡିଏଫଓ) ବନଖଣ୍ଡଙ୍କ ନିର୍ଦ୍ଦେଶରେ ତେଲକୋଇ କଳିଆହଦା ଡିପୋରୁ ପ୍ରଥମ ଦଫା ୨୨ ମାର୍ଚ୍ଚରେ ୯ ଖଣ୍ଡ କାଠ ତଥା ୨୪୪ ସିଫ୍ଟ କାଠ ଆସିଥିଲା । ସୋମବାର ସେହି କେନ୍ଦୁଝରର କାଳିଆ ହଦା ଡିପୋରୁ ୨୨ ଖଣ୍ଡ ୫୧୬ ସିଫ୍ଟ ମୋଟ୍ ୩୧ ଖଣ୍ଡ କାଠ ଆସି ପହଁଚିଛି । ଏହି କାଠକୁ ଆଣିବା ପାଇଁ ଦେବୋତର ବିଭାଗର କର୍ମଚାରୀ ସୁବାସ ଚନ୍ଦ୍ର ପରିଡା ଓ ବଳରାମ ଦାସ ସେଠାକୁ ଯାଇଥିଲେ । ରାଜ୍ୟ ସରକାରଙ୍କୁ କାଠ ଆଣିବା ବାବଦରେ ୧୧ ହଜାର ୬୨୧ ଟଙ୍କା ମୂଲ୍ୟ ପ୍ରଦାନ କରାଯାଇଛି । ତେବେ ଚଳିତ ବର୍ଷ ବ୍ରହ୍ମ ତାଳଧ୍ୱଜ ରଥରେ ନୂଆ ଅଖ ଚକ ଲାଗିବା ସହିତ ଚକରେ ପୁଲି ଲାଗିବା ପାଇଁ ବ୍ୟବସ୍ଥା କରାଯାଇ ଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି ।

### ନକଲି ଡାକ୍ତରଙ୍କ ଭୁଲ ଇଞ୍ଜେକସନ ନେଇଥିଲା ଯୁବକଙ୍କ ଜୀବନ

# ଦଶ ଦିନ ପରେ ବି ପୁଲିସ ହାତ ଖାଲି

**ଆଳିରେ ମାଳ ମାଳ ନକଲି ଡାକ୍ତର**

**କୁମ୍ଭକର୍ଣ୍ଣ ନିଦ୍ରାରେ ସ୍ୱାସ୍ଥ୍ୟ ବିଭାଗ**



**ଆଳି,୧୨।୫ (ସଂଚାର ବ୍ୟୁରୋ):** ମେଡ଼ିସିନ ଷ୍ଟୋରରୁ ଭୁଲ ଇଞ୍ଜେକେସନ ଯୋଗୁଁ ଅକାଳରେ ଯାଇଥିଲା ଜଣେ ଭେଣ୍ଡିଆ ଯୁବକଙ୍କର ଜୀବନ। ଜୀବନ ଗଲାପରେ ଫେରାର ରହିଛନ୍ତି ନକଲି ଡାକ୍ତର। ମେଡ଼ିସିନ ଷ୍ଟୋର ମାଲିକ ସାଜିଥିଲେ ତଥା କଥିତ ଡକ୍ଟର। ଏଭଳି ଘଟଣା ଘଟିଥିଲା କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଧୀନ ଭରତପୁର ଗ୍ରାମରୁ । ଘଟଣାକୁ ଦଶଦିନ ବିତି ଥିଲେ ମଧ ପୁଲିସ ନକଲି ଡାକ୍ତରଙ୍କୁ ଧରିବାରେ ସକ୍ଷମ ହୋଇ ନାହିଁ। ଯାହାକି ପୁଲିସର ପ୍ରତିଶ୍ରୁତି ପ୍ରତାରଣା ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ଗ୍ରାମର କଳାକାର ସାହୁଙ୍କ ପୁଅ ପ୍ରଶାନ୍ତ ସାହୁଙ୍କ ଗୋଡ଼ ମଚକି ଯାଇ ଥିବାରୁ ସେ ସିଙ୍ଗିରି ବଜାରରେ ଥିବା ଏକ ମେଡ଼ିସିନ ଷ୍ଟୋରକୁ ଚିକିତ୍ସା ନିମନ୍ତେ ଯାଇଥିଲେ । ମେଡିସିନ ଷ୍ଟୋର ମାଲିକ ତାଙ୍କୁ ଚିକିତ୍ସା କରିବା ସହ ଦୁଇଟି ଇଞ୍ଜେକେସନ ଦେଇଥିଲେ । ଇଞ୍ଜେକେସନ ନେବା ପରେ ସଙ୍ଗେ ସଙ୍ଗେ ପ୍ରଶାନ୍ତ ବାନ୍ତି କରିବା ସହ ଗୁରୁତର ହୋଇ ପଡ଼ିଥିଲେ । ପରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲ । ସେଠାରେ ଡାକ୍ତର ପ୍ରଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ । ପରେ ଗ୍ରାମବାସୀ କଟକ-ଚାନ୍ଦବାଲି ରାସ୍ତାରେ ମୃତ ଦେହ ରଖି ଟାୟାର ଜାଳି ରାସ୍ତାରୋକ କରିଥିଲେ। ପରେ ପୁଲିସ ଘଟଣାସ୍ଥଳରେ ପହଂଚି ନକଲି ଡାକ୍ତରଙ୍କୁ ଖୁବ୍ ଶୀଘ୍ର ଧରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଉଠିଥିଲେ ପରିବାର ଲୋକେ ।

ଅନ୍ୟପଟେ ଆଳି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଙ୍କ ମରୁଡି ପରିସ୍ଥିତି ଦେଖିବାକୁ ମିଳିଥିବା ବେଳେ ଏହାର ସୁଯୋଗ ନେଇ ମାଳ ମାଳ ନକଲି ଡାକ୍ତର ସାଜି ରୋଗୀଙ୍କୁ ଚିକିତ୍ସା କରିବା ସହ ଜୀବନ ସହିତ ଖେଳ ଖେଳୁଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ହୋଇଛନ୍ତି ପ୍ରଶାନ୍ତ। ସେପଟେ ଅଞ୍ଚଳରେ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗରୁ କିଛି ଯୁବକ ଆସି ତଥା କଥିତ ଡାକ୍ତର ସାଜି ରୋଗୀଙ୍କ ଜୀବନ ସହ ଖେଳ ଖେଳୁଥିବା ଅଭିଯୋଗ ହେଉଥିବା ବେଳେ କମ୍ଭକର୍ଣ୍ଣ ନିଦ୍ରାରେ ସ୍ୱାସ୍ଥ୍ୟ ବିଭାଗ। ଯାହାକି ଆଳି ଏବେ ନକଲି ଡାକ୍ତରଙ୍କ ସାମ୍ରାଜ୍ୟ ପାଲଟିଛି। ଏହି ଭଳି ନକଲି ଡ଼ାକ୍ଟରଙ୍କ ପାଇଁ କେତେଯେ ପ୍ରଶାନ୍ତଙ୍କ ଭଳି ନିରୀହ ଜୀବନ ଯାଉଥିବା ତାହା କହିବା ଅସମ୍ଭବ ହେବ।

ଅନ୍ୟପଟେ ବୁଦ୍ଧିଜୀବୀମାନେ ଅନୁଭବ କରୁଛନ୍ତି ଏହି ନକଲି ସମ୍ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଓ କୁଜି ନେତାଙ୍କ ପୃଷ୍ଟ ପୋଷକତାରେ ଚାଲି ଥିବାର। ଏହି ନକଲି ସାମ୍ରାଜ୍ୟ ସ୍ୱାସ୍ଥ୍ୟ ସେବା ଗଢି ଉଠି ଥିବା ମାଳ ମାଳ ନକଲି ଡାକ୍ତର ଓ ତାଙ୍କ ବେଆଇନ ମେଡିସିନ ଷ୍ଟୋର ଉପରେ କେବେ ହେବ କାର୍ଯ୍ୟାନୁଷ୍ଠାନ। ଏ ମାନଙ୍କୁ କିଏ ଦେଲା ଅଧିକାର ରୋଗୀଙ୍କୁ ଚିକିତ୍ସା କରିବାକୁ। ବିନା ଡକ୍ଟର ଡିଗ୍ରୀରେ କିପରି କଳା ସାମ୍ରାଜ୍ୟ ସ୍ଥାପନ କରିଛନ୍ତି। ନା ପ୍ରଶାନ୍ତଙ୍କ ପରି ଯାଇ ନାହିଁ ତ ଆଉ କିଛି ନିରୀହ ଜୀବନ ? ନା ଆଉ କାହାର ଜୀବନ ଗଲା ପରେ ସ୍ୱାସ୍ଥ୍ୟ ବିଭାଗର ନିଦ୍ରା ଭଙ୍ଗ ହେବ। ସେ ପଟେ ଯଦି ପ୍ରଶାନ୍ତଙ୍କୁ ନ୍ୟାୟ ଓ ନକଲି ଡାକ୍ତର ଙ୍କ ପ୍ରତି କାର୍ଯ୍ଯ ଅନୁଷ୍ଠାନ ନହୁଏ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ।

## ଅତ୍ୟାଧୁନିକ ସୋରୁମ୍ 'ଭୂମିକା' କଲେକସନ୍ ଉଦ୍‌ଘାଟିତ

**ନିଶ୍ଚିନ୍ତକୋଇଲି,୧୨।୫ (ସଂଚାର ବ୍ୟୁରୋ):** କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବଉଳ ବଜାର ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ନୂଆ ରୂପ ଓ ରଙ୍ଗରେ ନିଶ୍ଚିନ୍ତକୋଇଲି ମାର୍କେଟରେ ପ୍ରଥମ ଥର ପାଇଁ ଅତ୍ୟାଧୁନିକ ସୋରୁମ୍ 'ଭୂମିକା' କଲେକସନ୍ ସୋମବାର ବୁଦ୍ଧ ପୁର୍ଣିମା ଅବସରରେ ଉଦଘାଟିତ ହୋଇଯାଇଛି।




'ଭୂମିକା'ର ସତ୍ୱାଧିକାରୀ ସମାଜସେବୀ ବିଶ୍ୱଜିତ ନାୟାକଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଓଡ଼ିଆ ଚଳଚିତ୍ର ଜଗତର ସୁନାମଧନ୍ୟ ଅଭିନେତ୍ରୀ ଭୂମିକା ଦାସ ଯୋଗଦେଇ ବର୍ତମାନ ସମାଜରେ ଜନସାଧାରଣ ଅତ୍ୟାଧୁନିକତା ସହ ମନ ପସନ୍ଦର ଦ୍ରବ୍ୟ ଚାହୁଁଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଭୂମିକା କଲେକସନ୍ ନିଶ୍ଚିନ୍ତକୋଇଲି ଅଞ୍ଚଳବାସୀଙ୍କ ପାଇଁ ଏକ ନିର୍ଭର ଯୋଗ୍ୟା ପ୍ରତିଷ୍ଠାନ ବୋଲି ମତ ପ୍ରକାଶ କରିଥିଲେ। ଉକ୍ତ ମଲ୍‌ରେ ଅତ୍ୟାଧୁନିକ ସମସ୍ତଙ୍କ ମନପସନ୍ଦର ଦ୍ରବ୍ୟ ଜନସାଧାରଙ୍କ ସେବାରେ ରିହାତି ମୂଲ୍ୟରେ ଯୋଗାଇଦେବେ ବୋଲି ଅନୁଷ୍ଠାନର ପ୍ରୋପାଇଟର ଶ୍ରୀ ନାୟକ ପ୍ରକାଶ କରିଥିବା ବେଳେ ପ୍ରଥମ ଦିବସରେ ଆଖପାଖ ଅଞ୍ଚଳର ଶତାଧିକ ଗ୍ରାହକଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା।



## ଯୁବ ସାମ୍ବାଦିକଙ୍କ ମାତୃ ବିୟୋଗ

**କେନ୍ଦ୍ରାପଡ଼ା,୧୨।୫ (ସଂଚାର ବ୍ୟୁରୋ):** ଯୁବ ସାମ୍ବାଦିକ ମୃତ୍ୟୁଞ୍ଜୟ ପରିଡ଼ାଙ୍କ ମାଆ ମୀନା ପରିଡ଼ାଙ୍କ ୭୫ ବର୍ଷ ବୟସରେ ଆଜି ବିୟୋଗ ଘଟିଛି । କେନ୍ଦ୍ରାପଡ଼ା ତିନିମୁହାଣି ନିକଟରେ ଥିବା ଏନଏଚ କଲୋନୀରେ ଥିବା ବାସଭବନରେ ରାତ୍ର ପ୍ରାୟ ୨ ଘଟିକା ସମୟରେ ତାଙ୍କ ର ହୃଦଘାତରେ ମୃତ୍ୟୁ ଘଟିଛି। ସକାଳେ ତିନି ମୁହାଣୀ ବଜାର କମିଟି ସଦସ୍ୟ, ଅନେକ ସାମ୍ବାଦିକ ଓ ବୁଦ୍ଧିଜୀବୀମାନେ ଯୁବ ସାମ୍ବାଦିକ ମାଆଙ୍କ ଶେଷକୃତ୍ୟରେ ସାମିଲ୍ ହୋଇଥିଲେ ।

# ବିଧାନସଭାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ



**ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ):** ଶହେ ବର୍ଷ ତଳେ ବିଲୁପ୍ତପ୍ରାୟ ସାନ୍ତାଳୀ ଭାଷା ଆଜି ବିଶ୍ୱ ଦରବାରରେ ଗୌରବର ସହ ଦଣ୍ଡାୟମାନ। ଏହି ଭାଷାକୁ ମୃତ୍ୟୁ ସଞ୍ଜିବନୀ ପ୍ରଦାନ କରିଛନ୍ତି ଗୁରୁ ଗୋମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁ। ଆଜି ତାଙ୍କର ୧୨୦ତମ ଜନ୍ମ ଜୟନ୍ତୀ ଉତ୍ସବ ବିଧାନସଭାରେ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ନିରାପତ୍ତା ଅଧିକାରୀ ଗୋପାଳ ବେହେରା, ଯୁଗ୍ମ ସଚିବ ବିଦ୍ୟାଧର ମାଝୀ, ଉପସଚିବ ଆଶିଷ ରଞ୍ଜନ ଖୁଣ୍ଟିଆଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ୪ଦିନିଆ ଓଡ଼ିଶା ଗସ୍ତରେ ଭାଗବତ

**ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ):** ଆଜି ୪ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ସରସଂଘଚାଳକ ମୋହନ ଭାଗବତ। ଆଜି ସନ୍ଧ୍ୟାରେ ସେ ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ କଟକର ଗତିରାଉତପାଟଣାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ଯୋଗଦେବା ଗସ୍ତ କରିଛନ୍ତି। ସେଠାରେ ଆଜିଠାରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମର ବିଭିନ୍ନ ଅଧିବେଶନରେ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉକ୍ତ କାର୍ଯ୍ୟକ୍ରମ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ତିରାଉତପାଟଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର କାର୍ଯ୍ୟକ୍ରମ ଶେଷ ହେବା ପରେ ଶ୍ରୀ ଭାଗବତ ଆସନ୍ତା ୧୬ରେ ନୂଆଦିଲ୍ଲୀ ଫେରିଯିବେ ବୋଲି ଜଣାପଡ଼ିଛି।

# ଶପଥ ନେଲେ ହାଇକୋର୍ଟ ବିଚାରପତି




**କଟକ,୧୨।୫:** ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଆଜି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ସୋମବାର ଶପଥ ଗ୍ରହଣ କରିଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଜଷ୍ଟିସ୍ ଶ୍ରୀପଦଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଜଷ୍ଟିସ ଶ୍ରୀପଦ କର୍ଣ୍ଣାଟକ ହାଇକୋର୍ଟରୁ ବଦଳି ହୋଇ ଓଡ଼ିଶା ଆସିଛନ୍ତି । ଜଷ୍ଟିସ୍ ଶ୍ରୀପଦ ବେଙ୍ଗାଲୁରୁ ଆଇନ ମହାବିଦ୍ୟାଳୟରେ ଆଇନ ଅଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ । କେନ୍ଦ୍ରୀୟ ନିର୍ବାଚନ ଆୟୁକ୍ତ ନିମନ୍ତେ ସେ ନିର୍ବାଚନୀ ମାମଲା ପରିଚାଳନା କରିଥିବା ବେଳେ କେନ୍ଦ୍ର ସରକାରଙ୍କ ଆଇନଜୀବୀ ଭାବେ ମଧ୍ୟ ମାମଲା ପରିଚାଳନା କରିଥିଲେ। କର୍ଣ୍ଣାଟକ ହାଇକୋର୍ଟରେ ଅତିରିକ୍ତ ବିଚାରପତି ରୂପେ ସେ ୧୪ ଫେବୃଆରୀ ୨୦୧୮ରେ ନିଯୁକ୍ତି ପାଇଥିଲେ। ୭ ଜାନୁଆରୀ ୨୦୨୦ରେ ଜଷ୍ଟିସ୍ ଶ୍ରୀପଦ କର୍ଣ୍ଣାଟକ ହାଇକୋର୍ଟର ସ୍ଥାୟୀ ବିଚାରପତି ହୋଇଥିଲେ। ଆଜିର ଶପଥ ଗ୍ରହଣ ଉତ୍ସବରେ ଓଡ଼ିଶା ହାଇକୋର୍ଟର ସମସ୍ତ ବିଚାରପତି, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପୁଲିସ କମିଶନର, କଟକ ଡିସିପିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଆଇନଜୀବୀ ଉପସ୍ଥିତ ଥିଲେ। ଜଷ୍ଟିସ ଶ୍ରୀପଦ କାର୍ଯ୍ୟରେ ଯୋଗ ଦେବା ପରେ ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୧୯ରେ ପହଞ୍ଚିଛି।

## ଦନ୍ତାକୁ ଘଉଡ଼ାଇବାକୁ ବନ ବିଭାଗ ନାକେଦମ୍



**ବୌଦ୍ଧ,୧୨।୫(ସଂଚାର ବ୍ୟୁରୋ):** ବୌଦ୍ଧ ଅଞ୍ଚଳରେ ମାତିଛି ଦନ୍ତା। ସ୍ଥାନୀୟ ପୁରୁଣାକଟକ ରେଞ୍ଜ ରାମଗଡ଼ରେ ଏକ ଦନ୍ତାହାତୀ ଉପଦ୍ରବ ଜାରି ରଖିଥିବା ବେଳେ ବ୍ୟାପକ ପନିପରିବା ସହ ତରଭୁଜ, ଆମ୍ବ ଆଦି ଫସଲ ନଷ୍ଟ କରିଚାଲିଛି। ଏହି ହାତୀକୁ ଘଉଡାଇବା ସକାଶେ ବନ ବିଭାଗ କର୍ମଚାରୀମାନେ ଉଦ୍ୟମ ଚଳାଇଥିଲେ ମଧ୍ୟ ଅଦ୍ୟାବଧି ଏଥିରେ ସେମାନଙ୍କୁ ସଫଳତା ମିଳିପାରିନାହିଁ। ମିଳିଥିବା ସୂଚନା ମୁତାବକ, ଗତକାଲି ରାତିରୁ ଏକ ଦନ୍ତା ଅନୁଗୁଳ ଜିଲ୍ଲା ମାଧପୁର ବନାଞ୍ଚଳରୁ ମହାନଦୀ ପାର ହୋଇ ବୌଦ୍ଧ ଜିଲ୍ଲାର ରାମଗଡ଼ ଅଞ୍ଚଳକୁ ଆସି ଉପଦ୍ରବ ଚଳାଇଛି। ରାମଗଡ଼ ମହାନଦୀ କୂଳରେ ଥିବା ବହୁ ଚାଷୀଙ୍କ ଜମିରୁ ପନିପରିବା ନଷ୍ଟ କରିବା ସହ ତରଭୁଜ ଓ ଆମ୍ବ ବଗିଚା ନଷ୍ଟ ମଧ୍ୟ ନଷ୍ଟ କରିଛି। ହାତୀକୁ ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ପହଞ୍ଚି ହାତୀ ଘଉଡ଼ାଇବା ପାଇଁ ପ୍ରୟାସ ଆରମ୍ଭ କରିଛି। ଅନ୍ୟପଟେ ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇଦେବା ସକାଶେ ସାଧାରଣରେ ଦାବି ହୋଇଛି।

## ବେଆଇନ ଗ୍ୟାସ୍ ଗୋଦାମରେ ଅଗ୍ନିକାଣ୍ଡ



**ସୋର,୧୨।୫(ସଂଚାର ବ୍ୟୁରୋ):** ବାଲେଶ୍ୱର ବଳରାମଗଡି ମେରାଇନ ଥାନା ନାଉପାଳଗଡିରେ ବେଆଇନ ଗ୍ୟାସ ଗୋଦାମରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ଗୋଟିଏ ପରେ ଗୋଟିଏ କରି ଫାଟିଲା ୮ରୁ ଅଧିକ ଗ୍ୟାସ ଟାଙ୍କି। ଭୟଙ୍କର ବିସ୍ଫୋରଣରେ ଥରିଲା ସମଗ୍ର ଅଞ୍ଚଳ। ଯିଏ ଯେଉଁଠି ପାରିଲେ ସୁରକ୍ଷିତ ସ୍ଥାନକୁ ଦୌଡ଼ିଲେ। ଖବର ପାଇ ଦୁଇଟି ଅଗ୍ନିଶମ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁଁ ଏଭଳି ଅଘଟଣ ଘଟିଥିବା ଅନୁମାନ କରାଯାଉଛି। ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଏତେ ଭୟଙ୍କର ଥିଲା ପ୍ରାୟ ୫ ଶହ ମିଟର ପର୍ଯ୍ୟନ୍ତ ସିଲିଣ୍ଡର ଟୁକୁଡା ଫାଟି ଅନେକଙ୍କ ଘରଦ୍ୱାର ଭାଙ୍ଗିଯାଇଥିବା ଦେଖାଯାଇଛି। ଅବଶ୍ୟ ଏହି ବିସ୍ଫୋରଣରେ କେହି ଆହତ ହୋଇନାହାନ୍ତି। ତେବେ ଏହି ବେଆଇନ ଗ୍ୟାସ୍ ସିଲିଣ୍ଡର ଗୋଦାମ କାହା ନିର୍ଦ୍ଦେଶରେ ଚାଲିଥିଲା ବୋଲି ପ୍ରଶ୍ନ ଉଠିଛି।

## ଦୂରଦର୍ଶନ ଭାଷ୍ୟକାରଙ୍କ ବିରୋଧରେ କଂଗ୍ରେସର ଏତଲା



**ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ):** ଗତ ୮ ତାରିଖରେ ଦୂରଦର୍ଶନର ଭାଷ୍ୟକାର ଅଶୋକ ଶ୍ରୀବାସ୍ତବ କଂଗ୍ରେସ ସଭାପତି ଶ୍ରୀ ମଲ୍ଲିକାର୍ଜ୍ଜୁନ ଖଡ଼ଗେଙ୍କୁ ଗଦ୍ଦାର ବୋଲି ଏକ ଟିଭି କାର୍ଯ୍ୟକ୍ରମରେ ଆକ୍ଷେପ କରି କହିଥିଲେ। ତାଙ୍କର ଏପରି ମିଥ୍ୟା ଆକ୍ଷେପ ଯୋଗୁଁ କଂଗ୍ରେସ ସଭାପତି ଶ୍ରୀ ଖଡ଼ଗେଙ୍କର ସମ୍ମାନହାନି ହୋଇଥିଲା ଓ କଂଗ୍ରେସ ଦଳର ମଧ୍ୟ ମାନହାନି ହୋଇଥିଲା। ଦେଶରେ ବର୍ତ୍ତମାନ ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଭାଷ୍ୟକାର ଶ୍ରୀ ଶ୍ରୀବାସ୍ତବ ଘୃଣାଭାବ ପ୍ରସାର କରିବା ପାଇଁ ଜାଣିଶୁଣି ଏପରି ଏକ ମନ୍ତବ୍ୟ ଦେଇଥିଲେ। ଏହାର ପ୍ରତିବାଦରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ସ୍ଥାନୀୟ କ୍ୟାପିଟାଲ ଥାନାରେ ବିଭାଗର ଅଧ୍ୟକ୍ଷ ବାଙ୍କନିଧି ବେହେରା ଓ ବିଭାଗର ଜାତୀୟ ଆବାହକ ମାନସ କୁମାର ମଲ୍ଲିକଙ୍କ ପକ୍ଷରୁ ଏକ ଏତଲ ଦିଆଯାଇଛି। କ୍ୟାପିଟାଲ ଥାନା ଅଧିକାରୀ ଉକ୍ତ ଏତଲାକୁ ଗ୍ରହଣ କରି ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି ଅନୁସୂଚୀତ ଜାତି ବିଭାଗର ପ୍ରତିନିଧିମଣ୍ଡଳୀକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ଲିଙ୍ଗରାଜ ସାହୁ, ରାଜକିଶୋର ନାୟକ, ବିକାଶ ଦାସ, ଆତ୍ମାରାମ ପତି ମଧ୍ୟ ସାମିଲ୍ ଥିଲେ।

## ହତ୍ୟାକାରୀ ମା'-ପୁଅଙ୍କୁ ଆଜୀବନ ଜେଲ୍

**ନବରଙ୍ଗପୁର,୧୨।୫ (ସଂଚାର ବ୍ୟୁରୋ) :** ନବରଙ୍ଗପୁର ଜିଲ୍ଲା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ବିଷ୍ଣୁ ପ୍ରସାଦ ମିଶ୍ର ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ମାଆ -ପୁଅଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଉଛନ୍ତି, ତେନ୍ତୁଳିଖୁଣ୍ଟି ଥାନା କୁର୍ମାକୋଟ ଗାଁର ଋଷି କର୍କରା ଓ ତାଙ୍କ ମାଆ ଚମ୍ପାମଣୀ କର୍କରା । ସେଭଳି ୧୦ହଜାର ଟଙ୍କା ଜରିମନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନାଦେୟ ହେଲେ ଆହୁରି ୬ ମାସ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ଓକିଲ ସନ୍ତୋଷ କୁମାର ମିଶ୍ରଙ୍କ ସୂଚନା ଅନୁଯାୟୀ, ତେନ୍ତୁଳିଖୁଣ୍ଟି ଥାନା କୁର୍ମାକୋଟ ଗାଁର ମରିଚମୋତି ଭତ୍ରା ତେନ୍ତୁଳିଖୁଣ୍ଟି ଥାନାରେ ଏତଲା ଦେଇଥିଲେ। ୨୦୨୧ ଅଗଷ୍ଟ ୭ ତାରିଖରେ କୁର୍ମାକୋଟ ଗାଁରେ ଏକ ଭୋଜି ଚାଲିଥିଲା। ଏହି ଭୋଜିରେ ଗାଁର କ୍ଷେତ୍ରବାସୀ କର୍କରା ଓ ସପନ କୁମାର ସାମଲଙ୍କ ମଧ୍ୟରେ କୌଣସି ଏକ ଘଟଣାକୁ ନେଇ ପାଟିତୁଣ୍ଡ ହୋଇଥିଲା। ସନ୍ଧ୍ୟା ୪ଟାରେ ଉଭୟଙ୍କୁ ବୁଝାସୁଝା କରି ଗାଁର ମଦନ ମହୋନ ଭତ୍ରା ସମାଧାନ କରିଥିଲେ। ପୁଣି ସନ୍ଧ୍ୟା ୭ଟାରେ କ୍ଷେତ୍ରବାସୀ କର୍କରାଙ୍କ ଗୋଷ୍ଠୀ ତୁମ୍ବନାଥ କର୍କରା ଓ ତାଙ୍କ ସ୍ତ୍ରୀ ଚମ୍ପାମଣୀ, ପୁଅ ଋଷି କର୍କରା ପ୍ରମୁଖ ମଦନଙ୍କ ଘରେ ନଥିବା ବେଳେ ପହଞ୍ଚି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ମଦନଙ୍କ ମାଆ ମରିଚମୋତୀ, ତାଙ୍କ ସ୍ୱାମୀ ଉର୍ଦବ ଭତ୍ରାଙ୍କୁ ଜୀବନରେ ମାରିଦେବାକୁ ଧମକ୍ ଦେଇଥିଲେ। ସେଭଳି ତାଙ୍କ ବୋହୁ ତଥା ମଦନଙ୍କ ସ୍ତ୍ରୀ ମଧୁସ୍ମିତା ନାୟକଙ୍କୁ ଟଣାଓଟରା କରି ତାଙ୍କ ବେକରୁ ସୁନାହାର ଟାଣିନେଇ ଚାଲିଯାଇଥିଲେ। ରାତି ୯ଟା ପୁଣି ତୁମ୍ବନାଥ କର୍କର, ଚମ୍ପାମଣୀ ଓ ପୁଅ ଋଷି କର୍କରା ପହଞ୍ଚି ମଦନଙ୍କୁ ଏକ ଖଣ୍ଡାରେ ଆକ୍ରମଣ କରିଥିଲେ। ଆକ୍ରମଣରେ ମଦନର ବାମ ହାତ ଓ ଛାତିର ଗଭୀରକ୍ଷତ ହୋଇଥିଲା। ପରେ କିଛି ଦିନ ପରେ ଗୁରୁତର ମଦନଙ୍କ ମୃତ୍ୟୁ ହୋଇଯାଇଥିଲା । ଏହି ଘଟଣାରେ ଋଷି କର୍କରା ଓ ତାଙ୍କ ମାଆ ଚମ୍ପାମଣୀଙ୍କ ବିରୋଧରେ ହତ୍ୟାମାମଲା ରୁଜୁ କରି ପୁଲିସ୍ ଗିରଫ କରି କୋର୍ଟଚାଲାଣ କରିଥିଲେ ।

# ୨ ଜିଲ୍ଲାରେ ବେଦାନ୍ତ ସ୍ଥାପନ କରିଛି ୩୨୧ ସୌରଚାଳିତ ଷ୍ଟ୍ରିଟ୍‌ଲାଇଟ୍

**ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାର ଝାରପାଲମ, ମୁଣ୍ଡେଲଖେତ, ଗରଞ୍ଜୋର, କୁରାଲୋଇ, ବଞ୍ଜାରୀ, ଲଖନପୁର, ବେଲପାହାଡ଼ି ଗ୍ରାମପଞ୍ଚାୟତରେ ୩୨୧ଟି ସୌରଶକ୍ତିଚାଳିତ ଷ୍ଟ୍ରିଟଲାଇଟ ସ୍ଥାପନ କରିଛି। ଏହି ସବୁଜ ପଦକ୍ଷେପ ୧୦ ହଜାରରୁ ଅଧିକ ବାସିନ୍ଦାଙ୍କୁ ପରିବେଶ ଅନୁକୂଳ ଆଲୋକ ପ୍ରଦାନ କରିବା ସହ ବାର୍ଷିକ ପ୍ରାୟ ୨୨ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସରେ ସହଯୋଗ କରିବ। ସ୍ଥାନୀୟ ବଜାର, ଗ୍ରାମର ପ୍ରବେଶ ପଥ, ବସ୍‌ଷ୍ଟାଣ୍ଡ, ଗୋଷ୍ଠୀ କେନ୍ଦ୍ର, ବିଦ୍ୟାଳୟ ଓ ମୁଖ୍ୟ



ରାସ୍ତା ଭଳି ସ୍ଥାନରେ ଲାଗିଥିବା ସୌରଶକ୍ତିଚାଳିତ ଷ୍ଟ୍ରିଟ୍ ଲାଇଟ୍ ସ୍ଥାନୀୟ ଲୋକଙ୍କ ସୁରକ୍ଷାକୁ ଉନ୍ନତ କରିଛି। ଏହି ପଦକ୍ଷେପ ବେଦାନ୍ତ ଆଲୁମିନିୟମର ସବୁଜ ଭିତ୍ତିଭୂମିକୁ ପ୍ରୋତ୍ସାହିତ କରିବ। ଏହି ପଦକ୍ଷେପ ସଂକ୍ରାନ୍ତରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି ଯେ ବେଦାନ୍ତରେ ଆମେ ଯେଉଁ ଅଞ୍ଚଳରେ କାର୍ଯ୍ୟ କରୁଛୁ ସେଠାରେ ସ୍ଥାୟୀ ବିକାଶ ଓ ସମାବେଶୀ ଅଭିବୃଦ୍ଧି ପାଇଁ ଆମେ ଦୃଢ଼ ପ୍ରତିଶ୍ରୁତିବଦ୍ଧ। ସୌର ଆଲୋକୀକରଣ ପ୍ରକଳ୍ପ ଭିତ୍ତିଭୂମି ସହାୟତା ମାଧ୍ୟମରେ ବଞ୍ଚିତ ଶ୍ରେଣୀର ଆବଶ୍ୟକତାକୁ ପୂରଣ କରିବା ଉପରେ ଆମର ଧ୍ୟାନକୁ ପ୍ରତିଫଳିତ କରେ। ଏହି ଆଲୋକଗୁଡ଼ିକ ସ୍ଥାନୀୟ ବ୍ୟବସାୟକୁ ସଶକ୍ତ କରିବା ସହ ଗମନାଗମନରେ ଉନ୍ନତି ଆଣି ଓ ଜନସାଧାରଣଙ୍କ ସୁରକ୍ଷାକୁ ବୃଦ୍ଧି କରି ସାମାଜିକ-ଅର୍ଥନୈତିକ ପ୍ରଗତି ପଥକୁ ଅଧିକ ଆଲୋକିତ କରୁଛି।

ବେଦାନ୍ତର ପ୍ରୟାସକୁ ପ୍ରଶଂସା କରି ସୁନ୍ଦରଗଡ ଜିଲ୍ଲା ହେମଗିରି ବ୍ଲକ ଅନ୍ତର୍ଗତ ମୁଣ୍ଡରଖେତ ପଞ୍ଚାୟତର ସରପଞ୍ଚ ସନ୍ନ୍ୟାସୀ ବାଗ କହିଛନ୍ତି ଯେ ଏଭଳି ପଦକ୍ଷେପ ଆମ ସମସ୍ତଙ୍କୁ ସୁରକ୍ଷିତ କରିପାରିଛି। ଆମ ଅଞ୍ଚଳର ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ପୂରଣ କରିବାରେ ବେଦାନ୍ତର ପ୍ରୟାସ ପ୍ରଶଂସନୀୟ। ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଭିତ୍ତିଭୂମି ଓ ତୃଣମୂଳ କ୍ରୀଡ଼ା ଓ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ସହ ସ୍ଥାନୀୟ ଗୋଷ୍ଠୀକୁ ସଶକ୍ତ କରିବା ସକାଶେ ଉତ୍ସର୍ଗୀକୃତ ବୋଲି ଶ୍ରୀବାଗ କହିଛନ୍ତି।

## ପଇଡ଼ ତୋଳିବାକୁ ଅଧିକ ଟଙ୍କା ମାଗିବାରୁ କଟୁରୀରେ ଆକ୍ରମଣ

**ଭୁବନେଶ୍ୱର, ୧୨।୫ (ସଂଚାର ବ୍ୟୁରୋ) :** ଭୁବନେଶ୍ୱର ଓଲ୍ଡ ଟାଉନ୍‌ରେ ଅଭାବନୀୟ ଘଟଣା। ସାମାନ୍ୟ ପଇଡ଼ ତୋଳାକୁ ନେଇ ୩୦୦ ଟଙ୍କା ମାଗିବାକୁ ତୋଳାଳିକୁ କଟୁରୀରେ ଆକ୍ରମଣ। ଗୁରୁତର ଅବସ୍ଥାରେ ପଇଡ ତୋଳାଳି ବନମାଳି ବେହେରା ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ଖବର ଅନୁଯାୟୀ, ଭୀଷ୍ମ ନାୟକ ନାମକ ଜଣେ ବ୍ୟକ୍ତିଙ୍କ ଘରକୁ ପଇଡ଼ ତୋଳିବାକୁ ଆସିଥିଲେ ତୋଳାଳି । ଟଙ୍କା ଅଧିକ କହିବାରୁ ଦୁଇ ଜଣଙ୍କ ମଧରେ ବଚସା ହୋଇଥିଲା । ଦେଖୁ ଦେଖୁ ଉଗ୍ରରୂପ ନେଇଥିଲା ବିବାଦ । ଏପିରିକି ଘର ମାଲିକ କଟୁରୀରେ ପଇଡ ତୋଳାଳିଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଯେଉଁଥିରେ ସେ ଅଚେତ ହୋଇପଡିଥିଲେ । ସେପଟେ ଏସଂପର୍କରେ ଖବର ପାଇ ପିସିଆର୍ ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରିଥିଲା । ତାଙ୍କ ଅବସ୍ଥା ଏବେ ସଙ୍କଟାପନ୍ନ ରହିଛି ।

# ମହାବୋଧି ଯୁବା ଅଭିଯାନ ପକ୍ଷରୁ ସାମୂହିକ ଦୀପଦାନ



**ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ)** ସମଗ୍ର ବିଶ୍ୱକୁ ପ୍ରଥମ ଅହିଂସାର ବାର୍ତ୍ତା ଦେଇଥିବା ବିଶ୍ୱବନ୍ଦନୀୟ ପରମ କାରୁଣିକ ଭଗବାନ ତଥାଗତ ବୁଦ୍ଧଙ୍କ ୨୫୬୯ତମ ଜୟନ୍ତୀ ଅବସରରେ ମହାବୋଦ୍ଧି ଯୁବା ଅଭିଯାନ ପକ୍ଷରୁ ପହଲଗାମର ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଓ ଅପରେସନ ସିନ୍ଦୁର ଯୁଦ୍ଧରେ ସହୀଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ବୁଦ୍ଧ ମନ୍ଦିର ଠାରେ ଥିବା ବୋଦ୍ଧି ବୃକ୍ଷତଳେ ଏକ ସାମୂହିକ ଦୀପଦାନ ଓ ମୌନବ୍ରତ କାର୍ଯ୍ୟକ୍ରମ ଅନୁଷ୍ଠାନର ଅଧ୍ୟକ୍ଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଦୈନିକ ନିତିଦିନର ସମ୍ପାଦକ ମନୋଜ କୁମାର ମହାପାତ୍ର କହିଲେ ଯେ ବିଶ୍ୱବାସୀ ଭଗବାନ ତଥାଗତ ବୁଦ୍ଧଙ୍କୁ ଯେଉଁ ଶ୍ରଦ୍ଧା ଓ ସମ୍ମାନ ଦେଇଛନ୍ତି, ବୁଦ୍ଧଙ୍କୁ ନେଇ ଗର୍ବ କରୁଥିବା ଆମେ ଭାରତବାସୀ ସେଭଳି ଶ୍ରଦ୍ଧା ସମ୍ମାନ ଦେଇପାରି ନାହୁଁ। ଆମେ ଭାରତବାସୀ ଭଗବାନ ବୁଦ୍ଧଙ୍କ ପାଖରେ ଋଣୀ। ସେହିପରି ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଶାସକ ସହଦେବ ଜୟସିଂହ ଯୋଗଦେଇ ବୁଦ୍ଧଙ୍କ ଜନ୍ମକୁ ନେଇ ଓଡ଼ିଶାର ଐତିହାସିକ ମାନେ ଉଠାଇଥିବା ଦ୍ୱନ୍ଦର ବହୁଳ ଭାବରେ ଆଲୋଚନା ହେବା ଉଚିତ ବୋଲି କହିଥିଲେ। ବିଶିଷ୍ଟ ଅତିଥି ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର ଭଗବାନ ବୁଦ୍ଧ ଧର୍ମକୁ ଅତ୍ୟନ୍ତ ସରଳ ଭାବେ ସାଧାରଣ ଲୋକ ପାଖରେ ପହଞ୍ଚାଇଥିବାରୁ ପୃଥିବୀର ସର୍ବଜନପ୍ରିୟ ହୋଇପାରିଥିଲେ ବୋଲି କହିଥିଲେ।

ଏହାଛଡ଼ା ମୁଖ୍ୟବକ୍ତା ସୁବାର୍ତ୍ତା ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ କହିଥିଲେ ଯେ ଭଗବାନ ବୁଦ୍ଧଙ୍କୁ ଚିହ୍ନିବାକୁ ଭାରତବାସୀଙ୍କୁ ଦୁଇ ହଜାର ବର୍ଷ ଲାଗିଗଲା। ବୁଦ୍ଧ ଧର୍ମର ଗ୍ରନ୍ଥ ଧର୍ମପଦର ପ୍ରତ୍ୟେକଟି ସୂତ୍ର ମାନବ କଲ୍ୟାଣ ପାଇଁ ଉର୍ଦ୍ଦିଷ୍ଟ। ଏହାଛଡ଼ା କାର୍ଯ୍ୟକ୍ରମରେ ବିଶିଷ୍ଟ ବକ୍ତା ଦୂରଦର୍ଶନର ପୂର୍ବତନ ବାର୍ତ୍ତା ନିର୍ଦ୍ଦେଶକ ଗୋପାଳ ଚନ୍ଦ୍ର ମହାପାତ୍ର, ବରିଷ୍ଠ ସାମ୍ବାଦିକ ରାଜେଶ ନାୟକ, ଧାରା ଶ୍ରୀ ରାଧା ଟ୍ରଷ୍ଟର ଅଧ୍ୟକ୍ଷ ଅମରେନ୍ଦ୍ର ମହାପାତ୍ର ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ। ମହାବୋଧି ଯୁବା ଅଭିଯାନର ଉ ପ ସ ଭ । ପ ତି ସୀତାବଲ୍ଲଭ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ବ୍ରଜବନ୍ଧୁ ପଣ୍ଡା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଏବଂ ବ୍ରଜବନ୍ଧୁ ପଣ୍ଡା ଓ ପୁଷ୍ପରାଜ ପ୍ରଧାନ ଧନ୍ୟବାଦ ଦେଇଥିଲେ। ସିମନ୍ତିନୀ ଜେନା, ବିପାସନା ଗୁରୁ ରମେଶ ଚନ୍ଦ୍ର ପାତାଳସିଂ, ସମାଜସେବୀ ମନୋରଞ୍ଜନ ମହାନ୍ତି, ବ୍ରଜବନ୍ଧୁ ପରିଡ଼ା ପ୍ରମୁଖ ଭଗବାନ ବୁଦ୍ଧଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଜଣାଇଥିଲେ। ଏହି ଅବସରରେ ବିଶିଷ୍ଟ ବୁଦ୍ଧିଜୀବୀ ମନୋଜ ମହାପାତ୍ରଙ୍କୁ ବିଶିଷ୍ଟ ଅତିଥି ଡ. ବୁଦ୍ଧଦେବ ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ସମାଜସେବୀ ବରୁଣ ରାଜ, ମହାବୋଧି ଯୁବା ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଓ ଆଡଭୋକେଟ ମନୋଜ ସାହୁ ପରିଚାଳନା କରିଥିଲେ। ଉଷାରାଣୀ ବେହେରା, ଜ୍ୟୋତିଷ କୁମାର ସାହୁ, ଛବି ମହାନ୍ତି, ସୁକାନ୍ତ ଛୋଟରାୟ, ଖଗେଶ୍ୱର ମଲ୍ଲିକ, ରଞ୍ଜନ ନାୟକ, ବସନ୍ତ ପଣ୍ଡା ଏଥିରେ ସହଯୋଗ କରିଥିଲେ।

# ଅନଲାଇନ୍ ଗେମ୍ ଖେଳି ହାରିଲେ ୯୧ ଲକ୍ଷ

## ଟେଲିଗ୍ରାମ୍ ଲିଙ୍କ୍‌ରେ ଫସି ହରାଇଲେ ସର୍ବସ୍ୱ



**ଯାଜପୁର,୧୨।୫(ସଂଚାର ବ୍ୟୁରୋ):** ଅନଲାଇନ୍ ଗେମ୍ ଖେଳି ସର୍ବସ୍ୱାନ୍ତ ହୋଇଛନ୍ତି ଜନୈକ ଯୁବକ। ଏପରିକି ଏହି ଅନଲାଇନ୍ ଗେମ୍ ମାଧ୍ୟମରେ ରାତାରାତି କୋଟିପତି ହେବା ନିଶାରେ ଯୁବକ ଜଣଙ୍କ ୧୦ ନୁହେଁ କି ୨୦ ଲକ୍ଷ ନୁହେଁ, ବରଂ ହରାଇଛନ୍ତି ୯୧ ଲକ୍ଷ ଟଙ୍କା। ଜୀବନ ସାରାର ଜମାପୁଞ୍ଜି ଲଗାଇ ଅନଲାଇନ୍ ଗେମରେ ଜିତିବା ସକାଶେ ଉଦ୍ୟମ କରିଥିଲେ ହେଁ ଶେଷରେ ହାତରେ ତାଙ୍କର ଲାଗିଛି କେବଳ ନୈରାଶ୍ୟ। ପରିସ୍ଥିତି ଏପରି ହୋଇଛି ଯେ ଯୁବକ ଯୁବକ ଜଣଙ୍କ ମାନସିକ ଭାରସାମ୍ୟ ବି ହରାଇ ବସିଛନ୍ତି। ଆମେ ଏଠାରେ ଯାହା କଥା କହୁଛୁ, ସେ ହେଉଛନ୍ତି ଯାଜପୁର ସଦର ବ୍ଲକ୍ ବିଦ୍ୟାଧରପୁର ଗ୍ରାମ ନିବାସୀ ଧୀରେନ୍ଦ୍ର କୁମାର ନାୟକ। ମିଳିଥିବା ସୂଚନାନୁସାରେ, ଅନଲାଇନରେ ଗେମ୍ ଖେଳୁଥିବା ସମୟରେ ଟେଲିଗ୍ରାମରେ ଆସିଲା ଲୋଭନୀୟ ଲିଙ୍କ। ଧୀରେନ୍ଦ୍ର ଉକ୍ତ ଲିଙ୍କ୍‌ରେ କ୍ଲିକ୍ କରିବା ମାତ୍ରେ ଏକ ଚକ୍ରବ୍ୟୁହରେ ଫଶିଯାଇଥିଲେ। ପରେ ତାଙ୍କ ପାଇଁ ସେଥିରୁ ବାହାରିବା ତାଙ୍କ ପକ୍ଷେ ଅସମ୍ଭବ ଥିଲା। ବରଂ କ୍ରମାଗତ ଭାବେ ସେ ସାଇବର୍ ଠକମାନେ ବିଛାଇଥିବା ଜାଲରେ ଫସିଚାଲିଥିଲେ। ପ୍ରଥମେ ପାଞ୍ଚ ଶହରୁ ହଜାରେ, ତା'ପରେ ହଜାରେରୁ ଲକ୍ଷେ, ପୁଣି ଲକ୍ଷ ଲକ୍ଷ କରି ମୋଟ ୯୧ ଲକ୍ଷ ଟଙ୍କା ହାରିଯାଇଥିଲେ। ଏକ ଘରୋଇ ସଂସ୍ଥାରେ ଅନଲାଇନ୍ ଗେମ୍‌ରେ ସେ ପ୍ରାୟ ୯୧ ଲକ୍ଷ ଟଙ୍କା ଲଗାଇଥିଲେ। ଏବେ କିନ୍ତୁ ତାଙ୍କ ଏକାଉଣ୍ଟକୁ ବ୍ଲକ୍ କରିଦିଆଯାଇଛି। ଏହାପରେ ସେ ଜାଣିବାକୁ ପାଇଥିଲେ ଯେ ତାଙ୍କଠାରୁ ସାଇବର୍ ଠକମାନେ ଟଙ୍କା ଠକିନେଇଛନ୍ତି। ଧୀରେନ୍ଦ୍ର ଏହି ଗେମ୍‌ରେ ଏତେ ମାତ୍ରାରେ ମଜିଯାଇଥିଲେ ଯେ ଏଥିରେ ୯ ଗୁଣ୍ଠ ପୈତୃକ ଜମି, ୪୦୦ ଗ୍ରାମର ସୁନା, ବ୍ୟକ୍ତିଗତ ଜମାରୁ ୧୦ ଲକ୍ଷ ଟଙ୍କା ଓ ହାତ ଉଧାରୀ ୧୦ ଲକ୍ଷ ଟଙ୍କା ଲଗାଇଦେଇଥିଲେ। କିନ୍ତୁ ଶେଷରେ ସେ କୋଟିପତି ହେବା ତ ଦୂରର କଥା, ବରଂ ପାଖାପାଖି କୋଟିଏ ଟଙ୍କା ହରାଇ ବସିଛନ୍ତି। ଏତେ ମୋଟା ଅଙ୍କର ଟଙ୍କା ହରାଇଥିବାରୁ ସେ ମାନସିକ ଭାରସାମ୍ୟ ହରାଇବସିଛନ୍ତି। ପରିବାରରେ ମଧ୍ୟ ଅଶାନ୍ତ ପରିବେଶ ସୃଷ୍ଟି ହୋଇଛି। ଧୀରେନ୍ଦ୍ର ଏନେଇ କ୍ରାଇମ୍ ବ୍ରାଞ୍ଚ ଡିଜି, ସାଇବର୍ କ୍ରାଇମ ଥାନା ଓ ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ଟଙ୍କା ଫେରସ୍ତ ପାଇଁ ତଦନ୍ତକାରୀ ଅଧିକାରୀଙ୍କୁ ନିବେଦନ କରିବା ସହ ସମ୍ପୃକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଭୁବନେଶ୍ୱର ନିଉ ଷ୍ଟେସନରୁ ୩ ଟ୍ରେନ ଚଳାଚଳ ଆରମ୍ଭ

**ଭୁବନେଶ୍ୱର, ୧୨।୫ (ସଂଚାର ବ୍ୟୁରୋ) :** ସୋମବାରଠାରୁ ଭୁବନେଶ୍ୱର ନିଉ ରେଳ ଷ୍ଟେସନରୁ ବାହାର ରାଜ୍ୟର ମୁଖ୍ୟ ମୁଖ୍ୟ ରେଳ ଷ୍ଟେସନକୁ ସିଧାସଳଖ ଭାବରେ ସେବା ଯୋଗାଇଛି ରେଳ ସେବା। ଭୁବନେଶ୍ୱର ନିଉ ରେଳ ଷ୍ଟେସନରୁ ତିନୋଟି ପ୍ରମୁଖ ଏକ୍ସପ୍ରେସ ଟ୍ରେନର ଯାତ୍ରା ଆରମ୍ଭ କରାଯାଇଛି । ଯାହା ଓଡ଼ିଶାର ରେଳ ଭିତ୍ତିଭୂମିରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିଛି। ଏନେଇ ପୂର୍ବତଟ ରେଳପଥ ନିଶ୍ଚିତ କରିଛି ଯେ, କୋଣାର୍କ ଏକ୍ସପ୍ରେସ (ମୁମ୍ବାଇ ରୁଟ୍), ବିଶାଖା ଏକ୍ସପ୍ରେସ (ସିକନ୍ଦରାବାଦ ରୁଟ୍) ଏବଂ ବିଶାଖାପାଟନମ୍ ଇଣ୍ଟରସିଟି ଏକ୍ସପ୍ରେସ୍ ଏବେ ଭୁବନେଶ୍ୱର ନ୍ୟୁ ଷ୍ଟେସନରୁ ସେବା ଆରମ୍ଭ ଏବଂ ଶେଷ କରିବ। ଭୁବନେଶ୍ୱର ରେଳ ଷ୍ଟେସନରେ ବିଶେଷ ଭାବରେ ଯାତ୍ରୀଙ୍କ ଭିଡ କମେଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି।

# ମାଟିରେ ମିଶିଲା ୧୪ ବେଆଇନ ଇଟାଭାଟି




**ଦିଗପହଣ୍ଡି,୧୨।୫(ସଂଚାର ବ୍ୟୁରୋ):** ବେଆଇନ ଇଟାଭାଟି ଭାଙ୍ଗିଲା ପ୍ରଶାସନ। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ଦିଗପହଣ୍ଡି ତହସିଲଦାର ତଥା ଏକଜକ୍ୟୁଟିଭ ମାଜିଷ୍ଟ୍ରେଟ ସନ୍ତୋଷ କୁମାର ସାହୁଙ୍କ ନେତୃତ୍ୱରେ ତହସିଲ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ସୋମବାର ପୂର୍ବାହ୍ନରୁ ସା ମଧ୍ୟରେ ଭୀଷ୍ମଗିରି, ବାଙ୍ଗରଡ଼ା, ଭ୍ରମରପୁର ରାଜସ୍ୱ ସର୍କଲର ବିଭିନ୍ନ ଗ୍ରାମ ନିକଟବର୍ତ୍ତୀ ଅଞ୍ଚଳରେ ବେଆଇନଭାବେ ଗଢ଼ି ଉଠିଥିବା ପ୍ରାୟ ୧୨ ଇଟାଭାଟିକୁ ହିଟାଚି ମେସିନ ସହାୟତାରେ ଭଙ୍ଗାଯାଇଛି। ସୋମବାର ପୂର୍ବାହ୍ନରେ ଭୀଷ୍ମଗିରି ରାଜସ୍ୱ ସର୍କଲର ବାବୁଲିବନ୍ଧ, ବାଲିପାଟ ମୌଜାର ୨ଟି ବେଆଇନ ଇଟାଭାଟି ଉପରେ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଚଢ଼ାଉ କରି ଭାଙ୍ଗିଥିବା ବେଳେ ଅପରାହ୍ନରେ ଭ୍ରମରପୁର ସର୍କଲର ସମାସିଙ୍ଗି ମୌଜାର ୭, ଚୌଧୁରୀ ଟିକରପଡ଼ା ମୌଜାର ୩ଟି ବେଆଇନ ଇଟାଭାଟି ଭଙ୍ଗାଯାଇଛି।

ସେହିପରି ଗତକାଲି ବାଙ୍ଗରଡ଼ା ରାଜସ୍ୱ ସର୍କଲର ଧେରେଣ୍ଡି, ଜଲମେରୀ ପଲ୍ଲୀ ମୌଜାର ନିରଞ୍ଜନ ପାଣିଗ୍ରାହୀ ଏବଂ ରମେଶ ବେହେରାଙ୍କ ୨ ଟି ବେଆଇନ ଇଟାଭାଟି ଭଙ୍ଗା ଯାଇଥିଲା। ଦିଗପହଣ୍ଡି ଅତିରିକ୍ତ ତହସିଲଦାର ଆଶିଷ କୁମାର ନାୟକ,ରାଜସ୍ୱ ସୁପରଭାଇଜର ବାବୁ ସେଠୀ,ରାଜସ୍ୱ ନୀରିକ୍ଷକ ସୁଶାନ୍ତ କୁମାର ବେହେରା,ମନୋଜ କୁମାର ବେହେରା,ସୁନୀଲ କୁମାର ବେହେରା,ସହକାରୀ ରାଜସ୍ୱ ନିରୀକ୍ଷକ କେଶବ ଶବର, ଶିବାଶିଷ ପଟ୍ଟନାୟକଙ୍କ ସମେତ ଅଗ୍ନିଶମ ଅଧିକାରୀ ବିକାଶ ଚନ୍ଦ୍ର ମୁଦୁଲି ଓ ପୁଲିସ ଟିମ୍ ଏହି ଚଢ଼ାଉ ଧରପଗଡରେ ସାମିଲ ଥିଲେ। ବେଆଇନ ଇଟାଭାଟି କରି ବ୍ୟବସାୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରାଯାଇ ରାଜସ୍ୱ ବିଭାଗ ପକ୍ଷରୁ ପୂର୍ବରୁ ସେମାନଙ୍କ ଠାରୁ ୧୯ ଲକ୍ଷ ୬୫ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଚଢାଉରେ ପ୍ରାୟ ୨୫ ଲକ୍ଷ ଇଟା ନଷ୍ଟ କରାଯାଇଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ ଏହି ଚଢାଉ ସହ ଧରପଗଡ ଜାରି ରହିଛି।

# ସଂଶୋଧନ ହେଉନି ସଂରକ୍ଷଣ ଆଇନ୍, ମାଳ ମାଳ ମାମଲା

**ଭୁବନେଶ୍ୱର,୧୨।୫:** ସରକାରୀ ଚାକିରି କ୍ଷେତ୍ରରେ ପଦବୀଭିତ୍ତିକ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ ସଠିକ ଭାବେ ଲାଗୁ କରିବାପାଇଁ ରାଜ୍ୟ ସରକାର ସଂରକ୍ଷଣ ଆଇନ୍‌ରେ ବିଧିବଦ୍ଧ ସଂଶୋଧନ ଆଣୁନଥିବାରୁ ନିଯୁକ୍ତି ଓ ପଦୋନ୍ନତିବେଳେ ବ୍ୟାପକ ବିଭ୍ରାଟ ଉପୁଜୁଛି। ଏଥିଯୋଗୁଁ ଆଇନ୍ ଅଦାଲତରେ ମାଳ ମାଳ ମାମଲା ରୁଜୁ ହେଉଥିବାବେଳେ ବିଭିନ୍ନ ଦପ୍ତରରେ ସଂରକ୍ଷିତ ଓ ଅଣସଂରକ୍ଷିତ କର୍ମଚାରୀଙ୍କ ଭିତରେ ଅଯଥାରେ ତିକ୍ତତା ବୃଦ୍ଧି ପାଉଛି। ସାମ୍ବିଧାନିକ ବ୍ୟବସ୍ଥାନୁଯାୟୀ ରାଜ୍ୟର ଜନସଂଖ୍ୟାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଅନୁପାତକୁ ନେଇ ଯଥାକ୍ରମେ ୧୬.୨୫ ଓ ୨୨.୫ ପ୍ରତିଶତ ଆସନ ସଂରକ୍ଷଣ ଚାକିରି କ୍ଷେତ୍ରରେ ରହିଛି। ଏହାଛଡା ପଛୁଆର୍ଗଙ୍କ ପାଇଁ ମଧ୍ୟ ୧୧.୨୫ ପ୍ରତିଶତ ଆସନ ସଂରକ୍ଷଣ ବ୍ୟବସ୍ଥା ଚାଲୁଛି। ପଛୁଆବର୍ଗଙ୍କ ଲାଗି ରାଜ୍ୟ ସରକାର ସ୍ୱତନ୍ତ୍ର ଆଇନ୍ ଆଣି ଚାକିରି କ୍ଷେତ୍ରରେ ସଂରକ୍ଷଣସୀମା ୨୭ ପ୍ରତିଶତକୁ ବୃଦ୍ଧି କରିଥିବାବେଳେ ଅମର ଛାଟୋଇ ମାମଲାରେ ଏହା ଧକ୍କା ପାଇବାରୁ ରାଜ୍ୟ ସରକାର ବାଧ୍ୟହୋଇ ଏହାକୁ ପୁଣି ୧୧.୨୫ ପ୍ରତିଶତକୁ କମାଇଛନ୍ତି।

ଇନ୍ଦ୍ରା ସାହାଣି ମାମଲା ଏବଂ ଓଡ଼ିଶା ସରକାର ବସାଇଥିବା ଜଷ୍ଟିସ ନବକୁମାର ଦାସ କମିଶନଙ୍କ ସୁପାରିଶ୍ ଆଧାରରେ ସଂରକ୍ଷଣର ସୀମା ଚାକିରି କ୍ଷେତ୍ରରେ ୫୦ ପ୍ରତିଶତ ରଖାଯାଇଛି। ଇତି ମଧ୍ୟରେ ସରକାରୀ ଚାକିରିରେ ଥିବା ୧୦୦ ପଏଣ୍ଟ ରୋଷ୍ଟର ବ୍ୟବସ୍ଥାର ଉଚ୍ଛେଦ କରାଯାଇ ୮୦ ପଏଣ୍ଟ ରୋଷ୍ଟର ବ୍ୟବସ୍ଥାକୁ ଲାଗୁ କରାଯାଇଛି। ଆର କେ ସଭରୱାଲ ମାମଲାରେ ସୁପ୍ରିମ୍‌କୋର୍ଟ ସ୍ପଷ୍ଟ କରିଦେଇଥିଲେ ଯେ ରୋଷ୍ଟର ପଏଣ୍ଟ ଆଧାରରେ ଏସସି ଓ ଏସଟି ବର୍ଗରେ ସମ୍ପୃକ୍ତ ବର୍ଗର କର୍ମଚାରୀଙ୍କୁ ପଦୋନ୍ନତି ଦିଆଯିବ ଏବଂ ଅଣସଂରକ୍ଷିତ ଆସନଗୁଡ଼ିକରେ ସମସ୍ତେ ଯୋଗ୍ୟତା, ଦକ୍ଷତା ଓ ବରିଷ୍ଠତା ଆଧାରରେ ପଦୋନ୍ନତି ପାଇପାରିବେ। ସୁପ୍ରିମକୋର୍ଟଙ୍କ ରାୟ ମୁତାବକ ଅଣସଂରକ୍ଷିତ ଆସନପାଇଁ ଏସ୍‌ସି ଓ ଏସ୍‌ଟିବର୍ଗର ପ୍ରାର୍ଥୀଙ୍କୁ ମଧ୍ୟ ବିଚାରକୁ ନିଆଯିବ। ନାଗରାଜ, ଅଜିତ ସିଂ, ଜର୍ଣ୍ଣାଲ ସିଂ ଆଦି ମାମଲାରେ ଏକଥା ସ୍ପଷ୍ଟ ଉଲ୍ଲେଖ ରହିଛି। ତେବେ କ୍ୱାଣ୍ଟିଫିଏବୁଲ୍ ଡାଟା ସଂଗ୍ରହ କରିବା, ସଂରକ୍ଷଣ ସୀମା ବଢ଼ାଇବା ଲାଗି ଏକାନ୍ତ ପ୍ରୟୋଜନ ବୋଲି ସୁପ୍ରିମକୋର୍ଟ ବାରମ୍ବାର କହି ଆସୁଛନ୍ତି। ଇତି ମଧ୍ୟରେ ସଂରକ୍ଷିତବର୍ଗର କ୍ରିମିଲେୟାରମାନଙ୍କୁ ଆଉ ସଂରକ୍ଷଣ ସୁବିଧା ନଦେବାପାଇଁ ମଧ୍ୟ ସୁପ୍ରିମକୋର୍ଟ ମତ ରଖିଛନ୍ତି। ତେବେ ଏସବୁ ରାୟର ଆଧାରରେ ରାଜ୍ୟ ସରକାର ୭୦ଦଶକରେ ପ୍ରଣୟନ କରିଥିବା ସଂରକ୍ଷଣ ଆଇନ୍‌ରେ ସଂଶୋଧନ ନଆଣି କେବଳ ବାରମ୍ବାର ମାର୍ଗଦର୍ଶିକା ଓ ସ୍ପଷ୍ଟିକରଣ ଜାରି କରିବା ଫଳରେ ନିଯୁକ୍ତି ଓ ପଦୋନ୍ନତିବେଳେ ବ୍ୟାପକ ବିଭ୍ରାଟ ଉପୁଜୁଛି।

ଇତି ମଧ୍ୟରେ ଅଣସଂରକ୍ଷିତବର୍ଗର କେତେକ କର୍ମଚାରୀ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ସରକାରୀ ସ୍ପଷ୍ଟିକରଣର ବିରୋଧ କରିବା ସହ ଅଣସଂରକ୍ଷଣ ଆସନରେ ସଂରକ୍ଷିତବର୍ଗଙ୍କୁ ପଦୋନ୍ନତି ଓ ନିଯୁକ୍ତି ଦେବା ପ୍ରସଙ୍ଗକୁ ବିରୋଧ କରିଛନ୍ତି। ଏହାର ପ୍ରତିବାଦ ଜଣାଇ ସଂରକ୍ଷିତବର୍ଗର ସଂଗଠନ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରାୟ ୫୦୦ ପୃଷ୍ଠାର ତଥ୍ୟ ସମ୍ବଳିତ ଏକ ବିସ୍ତୃତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ସେମାନେ ଯୁକ୍ତି ବାଢ଼ିଛନ୍ତି ଯେ ସାମ୍ବିଧାନିକ ବିଧିବ୍ୟବସ୍ଥା ଓ ସୁପ୍ରିମକୋର୍ଟଙ୍କ ରାୟ ଆଧାରରେ ଅଣସଂରକ୍ଷିତ ଆସନଗୁଡିକ ସମସ୍ତଙ୍କ ପାଇଁ ମୁକ୍ତ ଥିବାରୁ ଏଥିରେ ଯୋଗ୍ୟତା, ବରିଷ୍ଠତା ଓ ଦକ୍ଷତା ଆଧାରରେ ସଂରକ୍ଷିତବର୍ଗର ପ୍ରାର୍ଥୀମାନେ ବି ନିଯୁକ୍ତି ଓ ପଦୋନ୍ନତି ପାଇପାରିବେ। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆଉ ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଞ୍ଚାର




# ଲଢ଼େଇ ଶେଷ ହୋଇନି



ପାକିସ୍ତାନ ବିରୋଧରେ ଭାରତୀୟ ସେନାର ଅପରେସନ ସିନ୍ଦୂର ଶେଷ ହୋଇନି। ଆତଙ୍କବାଦର ସମ୍ପୂର୍ଣ୍ଣ ବିନାଶ ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ଭାରତୀୟ ସେନା ପକ୍ଷରୁ କୁହାଯାଇଛି। ଭାରତରେ ଯେ କୌଣସି ପ୍ରକାର ସୀମାପାର ଆତଙ୍କବାଦକୁ ଯୁଦ୍ଧ ଭାବେ ବିବେଚନା କରାଯିବ ବୋଲି ଭାରତ ସରକାର କହିଛନ୍ତି। ତେଣୁ ପାକିସ୍ତାନ ସହ ଯୁଦ୍ଧ ବନ୍ଦ ହୋଇଗଲା ଏବଂ ସୁଯୋଗ ହାତଛଡ଼ା ହୋଇଗଲା ବୋଲି ଯେଉଁମାନେ ଅନୁଶୋଚନା କରୁଛନ୍ତି, ସେମାନେ ଜାଣି ରଖିବା ଉଚିତ ଯେ, ଭାରତ ଆତଙ୍କବାଦ ବିରୋଧରେ ଅସ୍ତ୍ରତ୍ୟାଗ କରି ନାହିଁ। ପାକିସ୍ତାନର ସାଧାରଣ ଜନତାଙ୍କ ପ୍ରତି ଭାରତର କୋଣସି ବୈରଭାବ ନାହିଁ। କିଛି ଆତଙ୍କବାଦୀଙ୍କ ଭୁଲ ପାଇଁ ପାକିସ୍ତାନର ସାଧାରଣ ନାଗରିକ କାହିଁକି ଦଣ୍ଡ ସହିବେ? ତେବେ ଏକଥା ସତ୍ୟ ଯେ, ପାକିସ୍ତାନକୁ ବିଶ୍ୱାସ ନାହିଁ। ଯେ କୌଣସି ସମୟରେ ଏହା ବଳ ଗୋଟାଇ ପୁଣି ଭାରତ ବିରୋଧରେ ଛାୟାଯୁଦ୍ଧ ଆରମ୍ଭ କରିପାରେ ଯାହା ବିଗତ ୫୦ ବର୍ଷ ହେବ କରି ଆସୁଛି। ସମ୍ମୁଖ ଯୁଦ୍ଧରେ ଜିତିବା ସମ୍ଭାବନା ନାହିଁ। ତେଣୁ ଆତଙ୍କବାଦୀଙ୍କ ମାଧମରେ ପାକିସ୍ତାନ ଭାରତରେ ନିରୀହ ବ୍ୟକ୍ତିଙ୍କୁ ହତ୍ୟା କରିବାର ହୀନ ଷଡ଼ଯନ୍ତ୍ର କରୁଛି। ଅତୀତରେ ମୁମ୍ବାଇ ଉପରେ ଆକ୍ରମଣ କରିବା, ସଂସଦଭବନ ଉପରେ ଆକ୍ରମଣ ଏହାର ଉଦାହରଣ। ଗତ ମାସ ୨୨ ତାରିଖରେ ପହଲଗାମରେ ୨୬ଜଣ ନିରୀହ, ନିରସ୍ତ୍ର ନାଗରିକ ଯେଉଁମାନେ ପର୍ଯ୍ୟଟକ ଭାବେ ସେଠାକୁ ଯାଇଥିଲେ ସେମାନେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇବା ଘଟଣା ଏହାର ସଦ୍ୟତମ ଉଦାହରଣ। ଏହି ଘଟଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିଲେ ଯେ, ଏହାର କଡ଼ା ଜବାବ ଦିଆଯିବ। ପ୍ରଥମେ ଆରମ୍ଭ ହେଲା ପାକିସ୍ତାନ ବିରୋଧରେ କୂଟନୈତିକ ଯୁଦ୍ଧ। ଭାରତ ସରକାର ପାକିସ୍ତାନ ସହ ସିନ୍ଧୁ ନଦୀ ଜଳ ଚୁକ୍ତି ବାତିଲ କଲେ। ଏବେ ବି ଏହି ନିଷ୍ପତ୍ତି କାଏମ ରହିଛି। ୧୯୬୦ରେ ଏହି ଚୁକ୍ତି ହୋଇଥିଲା। ସିନ୍ଧୁ ନଦୀ ଜଳ ବଣ୍ଟନ ଚୁକ୍ତି ବାତିଲ ପାକିସ୍ତାନ ବିରୋଧରେ ଏକ ବଡ଼ ପଦକ୍ଷେପ। ଭାରତରେ ଥିବା ସମସ୍ତ ପାକିସ୍ତାନୀଙ୍କ ଭିସା ରଦ୍ଦ କରାଯିବା ସହ ସେମାନଙ୍କୁ ତୁରନ୍ତ ଦେଶ ଛାଡ଼ି ଚାଲିଯିବାକୁ ବାଧ କରାଗଲା। ଭାରତ ପ୍ରମୁଖ ବିଦେଶୀ ରାଷ୍ଟ୍ରଙ୍କୁ ସ୍ଥିତି ସମ୍ପର୍କରେ ଅବଗତ କରାଇଲା ଏବଂ ପହଲଗାମ ଆକ୍ରମଣ ପଛରେ ପାକିସ୍ତାନର ହାତ ଥିବାର ପ୍ରମାଣ ଉପସ୍ଥାପନ କଲା। ବିରୋଧୀ ଦଳମାନଙ୍କ ସହ ମଧ୍ୟ ସରକାର ବିଚାର ଆଲୋଚନା କରି ସେମାନଙ୍କ ସମର୍ଥନ ହାସଲ କରିଥିଲେ। ଯୁଦ୍ଧ ପାଇଁ ପ୍ରସ୍ତୁତି ବି ଚାଲିଥିଲା। ପହଲଗାମ ଘଟଣାର ଦୁଇ ସପ୍ତାହ ପରେ ଗତ ୬ ତାରିଖ ରାତିରେ ଭାରତ ପାକିସ୍ତାନରେ ଥିବା ଆତଙ୍କୀ ଆଡ୍ଡା ଉପରେ ଆକ୍ରମଣ କଲା। ପାକିସ୍ତାନ ଏବଂ ପିଓକେରେ ଥିବା ୯ଟି ସ୍ଥାନରେ ଏହି ଆକ୍ରମଣ ହୋଇଥିଲା। ଭାରତୀୟ ସେନାର ସୂଚନା ଅନୁଯାୟୀ ମାତ୍ର ୨୫ ମିନିଟରେ ୨୪ଟି ଆତଙ୍କୀ ଶିବୀର ଉପରେ ଭାରତ ଏୟାର ଷ୍ଟ୍ରାଇକ କରିଥିଲା। ଏଥିରେ ସେସବୁ ଆତଙ୍କୀ ଶିବୀର ସମ୍ପୂର୍ଣ୍ଣ ଧ୍ୱସ୍ତ ବିଧ୍ୱସ୍ତ ହୋଇଥିଲା। ଭାରତ ଚାହିଁଥିଲେ ପାକିସ୍ତାନର ସାମରିକ ଘାଟୀ ଏବଂ ସର୍ବସାଧରଣ ସ୍ଥାନରେ ଉପରେ ମଧ୍ୟ ଆକ୍ରମଣ କରିପାରିଥାଆନ୍ତା। ଯେପରି ଇସ୍ରାଏଲ କରିଛି। କିନ୍ତୁ ଭାରତ ଏକ ଗଣତାନ୍ତ୍ରିକ ସଭ୍ୟ ରାଷ୍ଟ୍ର ଏବଂ ଶାନ୍ତି ଏହାର ନୀତି ଏବଂ ଆଦର୍ଶ। ଭାରତର ଲକ୍ଷ୍ୟ ଥିଲା ପାକିସ୍ତାନରେ ଥିବା ଆତଙ୍କୀ ଶିବୀର ଏବଂ ତାଲିମକେନ୍ଦ୍ରକୁ ଧ୍ୱଂସ କରିବା। ଭାରତୀୟ ବାୟୁସେନା ପକ୍ଷରୁ ଏହାକୁ ଅପରେସନ ସିନ୍ଦୁର ଆଖ୍ୟା ଦିଆଯାଇଥିଲା। ଭାରତୀୟ ସେନାର ଏହି ଏୟାର ଷ୍ଟ୍ରାଇକ ଜବାବରେ ପାକିସ୍ତାନ ୭ ତାରିଖରୁ ଭାରତ ବିରୋଧରେ ଆକ୍ରମଣ ଆରମ୍ଭ କରିଥିଲା। ଦୁଇ ଦେଶ ମଧ୍ୟରେ ପୂର୍ଣ୍ଣ କାଳିନ ଯୁଦ୍ଧ ଆରମ୍ଭ ହୋଇଥିଲା। ଏଲଓସିରେ ପାକ ସେନା ପକ୍ଷରୁ ଗୁଳିଗୋଳା ବର୍ଷଣ କରିବା ସହ ଭାରତ ଉପରେ ମିସାଇଲ ଏବଂ ଡ୍ରୋନ ଆକ୍ରମଣ କରିଥିଲା ଯାହା ଭାରତୀୟ ସେନା ବିଫଳ କରି ଦେଇଥିଲା ଭାରତୀୟ ସେନା ପାକିସ୍ତାନର ୩ଟି ଲଢୁଆ ବିମାନକୁ ଖସାଇଦେବା ସହିତ ଅଧିକାଂଶ ଡ୍ରୋନକୁ ନଷ୍ଟ କରି ଦେଇଥିଲା। ଜଳ,ସ୍ଥଳ, ଆକାଶ ତିନି ଦିଗରୁ ଭାରତ ପ୍ରତିପକ୍ଷ ବିରୋଧରେ ଆକ୍ରମଣ କରିଥିଲା। ଆଇଏନଏସ ବିକ୍ରାନ୍ତ କରାଚୀ ବନ୍ଦର ନିକଟରେ ଆକ୍ରମଣ ଲାଗି ପ୍ରସ୍ତୁତ ହୋଇଥିଲା। ପାକିସ୍ତାନର ଅନେକ ପ୍ରମୁଖ ସହର ଉପରେ ଭାରତ ମିସାଇଲ ମାଡ଼ କରିଥିଲା। କିନ୍ତୁ ପାକିସ୍ତାନ ଭାରତର ସାଧାରଣ ଲୋକଙ୍କୁ ଟାର୍ଗେଟ କରିବା ସହ ଅନେକ ଧାର୍ମିକ ପୀଠକୁ ମଧ୍ୟ ଧ୍ୱଂସ କରିବାକୁ ପ୍ରୟାସ କରିଥିଲା। ଏଭଳି ଭାବେ ଉଭୟ ଦେଶ ମଧ୍ୟରେ ବଡ଼ ଯୁଦ୍ଧ ଆଶଙ୍କା ସୃଷ୍ଟି ହେଉଥିବା ବେଳେ ହଠାତ ୧୦ ତାରିଖ ସନ୍ଧ୍ୟାରେ ଯୁଦ୍ଧ ବିରତି ଘୋଷଣା କରାଯାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ଫଳରେ ଉଭୟ ଦେଶ ଯୁଦ୍ଧ ବିରତି ଲାଗି ସହମତ ହୋଇଥିଲେ। କିନ୍ତୁ ଭାରତୀୟ ମାନେ ଏଥିରେ ଖୁସି ନାହାଁନ୍ତି। ସେମାନେ ଚାହୁଁଥିଲେ ଏଥର ଲଢ଼େଇ ନିର୍ଣ୍ଣାୟକ ହେଉ। ପାକିସ୍ତାନ ବିରୋଧରେ ଭାରତ ଆକ୍ରମଣକୁ ଆହୁରି ଶାଣିତ କରୁ ଏବଂ ଏହି ସୁଯୋଗରେ ପିଓକେ ଦଖଲ କରୁ। ପାକିସ୍ତନାକୁ ସବକ ଶିଖାଇବାର ଏହି ସୁଯୋଗକୁ ହାତଛଡ଼ା କରାନଯାଉ। ଭାରତୀୟ ମାନେ ଏବେ ଭାବୁଛନ୍ତି ଯେ, ଏକ ଜିତିବା ଯୁଦ୍ଧକୁ ଭାରତ ହାତଛଡ଼ା କରିଦେଲା ଏବଂ ଆମେରିକାର ଚାପରେ ପଡ଼ି ଯୁଦ୍ଧ ବିରତି ଲାଗି ରାଜି ହୋଇଗଲା। ଏହା କେତେକାଂଶରେ ସତ୍ୟ। କାରଣ ପାକିସ୍ତାନକୁ ବିଶ୍ୱାସ ନାହିଁ। ଏବେ ବି ପାକିସ୍ତାନରେ ଆତଙ୍କବାଦର ମଞ୍ଜି ରହିଛି। ସୁଯୋଗ ଦେଖି ସେମାନେ ପୁଣି ଭାରତକୁ ଟାର୍ଗେଟ କରିବେ। ପୁଣି ପହଲଗାମ ଭଳି ଘଟଣା ହେବ। ନିରୀହ ବ୍ୟକ୍ତି ପ୍ରାଣ ହରାଇବେ। ଭାରତର ଆକ୍ରମଣ ବେଳେ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲଏ) ମଧ୍ୟ ଉତ୍ସାହିତ ହୋଇ ପାକିସ୍ତାନ ବିରୋଧରେ ଯୁଦ୍ଧ ଘୋଷଣା କଲା ଏବଂ ସ୍ୱାଧୀନ ବେଲୁଚିସ୍ତାନ ଘୋଷଣା କରାଗଲା। ପାକିସ୍ତାନରେ ଏକ ପ୍ରକାର ଗୃହଯୁଦ୍ଧ ପରିସ୍ଥିତି ସୃଷ୍ଟି ହେଲା। କିନ୍ତୁ ଭାରତ ଏଥିରୁ ଫାଇଦା ଉଠାଇବା ପରିବର୍ତ୍ତେ ଯୁଦ୍ଧ ବନ୍ଦ କରି ଦେଲା। ଏହାକୁ ଅନେକ ସମାଲୋଚନା କରୁଛନ୍ତି ଏବଂ ମୋଦିଙ୍କ ନିଷ୍ପତ୍ତିରେ ଅସନ୍ତୋଷ ଜାହିର କରୁଛନ୍ତି। ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ତିନି ବାହିନୀକୁ ପାକିସ୍ତାନ ବିରୋଧରେ ପଦକ୍ଷେପ ଲାଗି ସ୍ୱାଧୀନତା ପ୍ରଦାନ କରିଥିଲେ। କିନ୍ତୁ ଯୁଦ୍ଧ ବନ୍ଦ ଲାଗି ସରକାର ନିଷ୍ପତ୍ତି ନେଲେ। ବାସ୍ତବରେ ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଅଧୁରା ରହିଗଲା। ଯଦିଓ ଅପରେସନ ସିନ୍ଦୁରରେ ପାକିସ୍ତାନ ବିପୁଳ କ୍ଷତି ସହିଛି, କିନ୍ତୁ ଏହା ଯଥେଷ୍ଟ ନୁହେଁ। ଏହା ସହିତ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିର ସହାୟତାକୁ ମଧ୍ୟ ଭାରତ ବନ୍ଦ କରିବାରେ ବିଫଳ ହେଲା। ଏହା ଭାରତର ଏକ ନୈତିକ ପରାଜୟ ଥିଲା। ତେବେ ଯୁଦ୍ଧବିରତିର ଅସଲ କାରଣ କ'ଣ , ଭାରତ କାହିଁକି ଟ୍ରମ୍ପଙ୍କ ପ୍ରସ୍ତାବରେ ରାଜି ହୋଇଗଲା ସେ ସମ୍ପର୍କରେ କେନ୍ଦ୍ର ସରକାର ସ୍ପଷ୍ଟ କରିବା ଉଚିତ। ଉଭୟ ଭାରତ ଏବଂ ପାକିସ୍ତାନ ପରାମଣୁ ଶକ୍ତିର ଅଧିକାରୀ। ପାକିସ୍ତାନ ଯେପରି ଭୟଭୀତ ହୋଇପଡ଼ିଥିଲା, ସେଥିରେ ଆତ୍ମରକ୍ଷା ନିମନ୍ତେ ଭାରତ ବିରୋଧରେ ପରମାଣୁ ଅସ୍ତ୍ର ପ୍ରୟୋଗ କରିବାର ଯଥେଷ୍ଟ ଆଶଙ୍କା ଥିଲା। ଜବାବରେ ଭାରତ ମଧ୍ୟ ଅନୁରୂପ ପଦକ୍ଷେପ ନେଇଥାଆନ୍ତା। ଏହା ଫଳରେ ସମଗ୍ର ବିଶ୍ୱ କ୍ଷତିଗ୍ରସ୍ତ ଏବଂ ପ୍ରଭାବିତ ହେବାର ଆଶଙ୍କା ଥିଲା। ସମ୍ଭବତଃ ଏହାକୁ ଆଶଙ୍କା କରି ଟ୍ରମ୍ପ ଯୁଦ୍ଧ ବିରତି ଲାଗି ଉଦ୍ୟମ କଲେ। ପାକିସ୍ତାନ ଆମେରିକାର ଶରଣ ପଶିଥିଲା ଏବଂ ସମ୍ଭବତଃ ପରାମାଣୁ ଅସ୍ତ୍ର ପ୍ରୟୋଗ କରିବାର ଧମକ ମଧ୍ୟ ଦେଇଥିବ। ତେଣୁ ଟ୍ରମ୍ପ ଯୁଦ୍ଧ ବନ୍ଦ ଲାଗି ଉଭୟ ପକ୍ଷ ସହ ଆଲୋଚନା କରିଥିଲେ। ସେ ଦୃଷ୍ଟିରୁ ଯୁଦ୍ଧ ବନ୍ଦ ହେବା ସ୍ୱାଗତଯୋଗ୍ୟ। କିନ୍ତୁ ମନେ ରଖିବାକୁ ପଡ଼ିବ ଯେ, ପାକିସ୍ତାନର ଚରିତ୍ର କେବେ ବି ବଦଳିବ ନାହିଁ ଏବଂ ଏହାର ଭାରତ ବିରୋଧୀ ଆଭିମୁଖ୍ୟ ଅପରିବର୍ତ୍ତିତ ରହିବ। ଏଭଳି ପରିସ୍ଥିତିରେ ଭାରତ ପାକିସ୍ତାନ ସହ ଯୁଦ୍ଧ ନୁହେଁ, ଆତଙ୍କବାଦ ବିରୋଧରେ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବା ଉଚିତ। ଏହି ସ୍ୱଳ୍ପ କାଳୀନ ଲଢ଼େଇରୁ ଭାରତ ଅନେକ କିଛି ଶିଖିବାର ସୁଯୋଗ ମିଳିଛି। ଦେଶର ପ୍ରତିରକ୍ଷା ବ୍ୟବସ୍ଥାକୁ ଆହୁରି ସଶକ୍ତ କରିବାର ଆବଶ୍ୟକତା ରହିଛି। ଅତ୍ୟାଧୁନୀକ ଲଢୁଆ ବିମାନ, ଯୁଦ୍ଧ ଜାହାଜ ଏବଂ ଅସ୍ତ୍ରଶସ୍ତ୍ର ମହଜୁଦ ରଖିବା ଉଚିତ। ଦେଶର ସୁରକ୍ଷା ଏବଂ ସାର୍ବଭୌମତ୍ୱ ସହ ସାଲିସ କରାଯିବା ଅନୁଚିତ। ଏଥର ଲଢ଼େଇରେ ରାଫେଲ ଏବଂ ଏସ-୪୦୦ କିପରି ଉପଯୋଗୀ ହେଲା ତାହା ସମସ୍ତେ ଜାଣିଲେ। ଏହାଠାରୁ ବହୁ ଅଧିକ ଶକ୍ତିଶାଳି ବିମାନ ଏବଂ ଅସ୍ତ୍ରଶସ୍ତ୍ର ତଥା କ୍ଷେପଣାସ୍ତ୍ରର ଆବଶ୍ୟକତା ରହିଛି। ତେବେ ଏହାକୁ ବିଦେଶରୁ କିଣିବା ଅପେକ୍ଷା ନିଜସ୍ୱ ଉଦ୍ୟମରେ ପ୍ରସ୍ତୁତ କରାଗଲେ ତାହା ସ୍ୱାଗତ ଯୋଗ୍ୟ ହେବ।

# କୃତଜ୍ଞ ହୁଅ କିନ୍ତୁ କୃତଘ୍ନ ହୁଅ ନାହିଁ



**ଡ଼ ସୀତାକାନ୍ତ ତ୍ରିପାଠୀ**

ଅନ୍ଧାର ରାତି, ତା ସାଙ୍ଗକୁ ଝିପିଝିପି ବର୍ଷା। ରାସ୍ତା ପୁରା ସୁନ୍‌ସାନ। ଗୋଟିଏ ଜରୁରୀ କାମ ସାରି ମୁଁ ବାଇକରେ ଘରକୁ ଫେରୁଥିଲି। ହଠାତ୍ ମୋ ବାଇକର ଚକ ଦୋହଲିବାକୁ ଲାଗିଲା। କ'ଣ ହେଉଛି ବୋଲି ଭାବି ମୁଁ ବହୁତ ଡରିଗଲି। ଆଶଙ୍କା ଗ୍ରସ୍ତ ହୋଇ ୧୫-୨୦ ମିଟର ଆଗକୁ ଯାଇଛି କି ନାହିଁ ଜାଣିଲି ଯେ ପଛ ଚକଟି ଲିକ୍ ହୋଇ ଯାଇଛି। ଏତେ ରାତିରେ କ'ଣ କରିବି କାହାକୁ ଡାକିବି ବୋଲି ବହୁତ ଚିନ୍ତା କଲି। ତା'ଛଡ଼ା ଆଖପାଖରେ କେଉଁଠି ଗାଡ଼ି ମରାମତି ଦୋକାନ ଖୋଜିବି ବା କାହା ଫୋନ୍ ନମ୍ବର ମିଳିବ ବୋଲି ଭାବି ମନେମନେ ସେହି ଅଦୃଶ୍ୟ ଭଗବାନଙ୍କୁ ସ୍ମରଣ କରୁଥିଲି। କିଛି ବାଟ ବାଇକ ଗଡ଼ାଇଲା ପରେ ରାସ୍ତା କଡ଼ରେ ଏକ କ୍ଷୀଣ ଆଲୋକ ଦେଖିବାକୁ ପାଇଲି ଏବଂ ଭାଗ୍ୟକୁ ତାହା ମଟର ସାଇକେଲ ମରାମତି ଦୋକାନ ଥିଲା ଏବଂ ଭିତରୁ ତାହା ବନ୍ଦ ଥିଲା। ଶାହସ ସଞ୍ଚୟ କରି ଦୋକାନର କବାଟ ବାଡ଼ାଇଲି। ଯାହା ହେଉ ଦୟା ପରବଶ ହୋଇ ଜଣେ ମେକାନିକ୍ କବାଟ ଖୋଲିଲେ ଏବଂ ଆଖି ମଳମଳ କରି କ'ଣ ହୋଇଛି ବୋଲି ପଚାରିଲେ। ମୁଁ ମୋର ବାଇକର ଚକଟି ଲିକ୍ ହୋଇଥିବା କଥା କହିବାରୁ ସିଏ କହିଲେ ଆଜ୍ଞା! କ'ଣ କରିବି, ସନ୍ଧ୍ୟା ବେଳଠୁଁ ଲାଇନ ନାହିଁ। ଆମର ପମ୍ପ ଦିଆ ମେସିନରେ ଆଉ ପ୍ରାୟତଃ ପ୍ରେସର ନାହିଁ। ଅତି ଅନୁନୟ ବିନୟ ହେବାପରେ ସିଏ ଗୋଟିଏ ଚାର୍ଜ ଲାଇଟ୍ ଆଣି ଚକଟିରେ ହୋଇଥିବା ଲିକ୍ ମାରିଦେଇ ପାଖରେ ରଖିଥିବା ହାତଗୋଡ଼ ଚାଳିତ ପମ୍ପ ଦ୍ୱାରା ଚକରେ ପ୍ରେସର ଦେଲେ। ଏତେ ରାତିରେ ମୋତେ ଅକୁଣ୍ଠ ଚିତ୍ତରେ ସାହାଯ୍ୟ କରିଥିବାରୁ ମେକାନିକ୍ ଜଣକ ଯେତିକି ଟଙ୍କା ପ୍ରାପ୍ୟ କହିଲେ ମୁଁ କୃତଜ୍ଞତାର ସନ୍ତକ ସ୍ୱରୂପ ତା' ଠାରୁ ୧୦୦ ଟଙ୍କା ଅଧିକ ଦେଇ ତାଙ୍କୁ ଧନ୍ୟବାଦ ଜଣାଇ ଘରକୁ ଫେରିଲି। ବାଟସାରା ମନେମନେ ମୋର ଇଷ୍ଟ ଦେବଙ୍କୁ କୃତଜ୍ଞତା ଜଣାଇ କହୁଥିଲି ପ୍ରଭୁ! ଯଦି ପାଖରେ ଦୋକାନଟି ନଥାନ୍ତା ତାହେଲେ ମୁଁ ରାତି ସାରା କେଉଁଠି ରହି ଥାଆନ୍ତି, କ'ଣ କରିଥାନ୍ତି ଇତ୍ୟାଦି ଇତ୍ୟାଦି। ଯାହା ହେଉ ସାମାନ୍ୟ ହଇରାଣ ହେଲି ସିନା ଅନ୍ତତଃ ପୁରା ରାତିଟି ମୋର ସୁଖରେ ବିତିଲା। ତୁମକୁ କୋଟି କୋଟି ପ୍ରଣତି ଜଣାଉଛି।

ସାମାନ୍ୟ ବିଳମ୍ବରେ ଘରେ ଆସି ପହଞ୍ଚି ସବୁ କଥା କହିଲା ପରେ ମୋର ପରିବାରବର୍ଗ ଉଭୟ ମେକାନିକ୍ ଏବଂ ଆମ ଇଷ୍ଟ ଦେବଙ୍କୁ କୃତଜ୍ଞତା ଜଣାଇଲେ। ତେବେ ଘରେ ରହିଥିବା ଆମର ଜଣେ ସମ୍ପର୍କୀୟ ହଠାତ୍ ଗୋଟିଏ ମତ ଦେବା ପରେ ଆମ ଆଲୋଚନାର ବାତାବରଣ ବଦଳିଗଲା। ସିଏ କହିଲେ କିଛି କିଛି ଜାଗାରେ ଅସାଧୁ ମଟର ସାଇକେଲ ଦୋକାନୀମାନେ ତାଙ୍କ ଦୋକାନ ପାଖାପାଖି ଅଞ୍ଚଳରେ ଛୋଟ ମୋଟ କଣ୍ଟା ପକାଇ ଥାଆନ୍ତି ଯାହା ଫଳରେ ଗାଡ଼ି ଲିକ୍ ହେଲେ ସେହି ଦୋକାନକୁ ଆସି ତାର ମରାମତି କରିବେ। ଏ କଥାକୁ ପ୍ରମାଣ ସିଦ୍ଧ କରିବାକୁ ଯାଇ ସିଏ ନିଜ ଜୀବନର ବିଭିନ୍ନ ଉଦାହରଣ ଦେଲେ। ଏ କଥା ଶୁଣି ମୁଁ ମଧ୍ୟ ମୋ ଜୀବନରେ ଆଗରୁ ଘଟିଥିବା କିଛି ଘଟଣା ତଥା ଅନୁଭୂତିକୁ ଏହା ସାଙ୍ଗରେ ଯୋଡ଼ି ମନେ ମନେ ଭାବୁଥିଲି 'ଡାହାଣୀ ହୋଇ ଲାଗିବେ, ଆଉ ଗୁଣିଆଁ ହୋଇ ଝାଡ଼ିବେ' ଆପ୍ତ ବାକ୍ୟର ମର୍ମୋକ୍ତିକୁ। ଆଉ ଧିରେଧିରେ ଦୋକାନୀ ପ୍ରତି ମନ ମଧ୍ୟରେ ଥିବା ଅଜସ୍ର କୃତଜ୍ଞତାର ପରିଭାଷାକୁ। ଯଦିଓ ଆମର ଅନୁମାନ ଶତ ପ୍ରତିଶତ ଠିକ୍ ହୋଇ ନପାରେ କିନ୍ତୁ ଏହା ମଧ୍ୟ ଅସମ୍ଭବ ନଥିଲା। ତେଣୁ କୃତଜ୍ଞତାର ପରିମାପକ କ'ଣ ହେବା ଦରକାର ଏବଂ ତାର ସ୍ଥାନ, କାଳ ଓ ପାତ୍ରର ବିଚାର କରିବା କଷ୍ଟକର। ଏସବୁ କୃତଜ୍ଞତା ସମ୍ପର୍କରେ ଇତିହାସର ପୃଷ୍ଠା ଓଲଟାଇଲେ ଜଣାପଡ଼େ କୋଣାର୍କ ମନ୍ଦିର ମୁଣ୍ଡି ମାରିବାରେ ଅସମର୍ଥ ବାରଶ' କାରିଗରଙ୍କ ସହିତ ମୁଖ୍ୟ କାରିଗର ବିଶୁ ମହାରଣା ଯେତେବେଳେ ରାଜାଙ୍କର ଆଦେଶରେ ଭୟଭୀତ ହୋଇ ମୃତ୍ୟୁ ଦଣ୍ଡ ପାଇଁ ଦିନ ଗଣୁଥିଲେ ସେତେବେଳେ ସେମାନଙ୍କ ଆଗରେ ଦେବଦୂତ ଭାବେ ପହଞ୍ଚି ଧର୍ମପଦ ଦେଉଳର ମୁଣ୍ଡି ମାରି ସାରିବା ପରେ ତାଙ୍କ ପ୍ରତି କାରିଗରମାନେ କୃତଜ୍ଞ ରହିବା ଯାଗାରେ କାଳେ ରାଜା ସତ କଥା ଜାଣି ସେମାନଙ୍କର ମୁଣ୍ଡ କାଟ କରିବେ ତେଣୁ ସବୁଦିନ ପାଇଁ ଧର୍ମପଦଙ୍କୁ ସେମାନଙ୍କ ରାସ୍ତାରୁ ହଟାଇବା ପାଇଁ ବିଶୁ ମହାରଣାଙ୍କୁ କହିଥିଲେ ''ତୁମକୁ ବାରଶ' ବଢ଼େଇର ଦାୟ ନା ତୁମ ପୁଅର ଦାୟ'' ଯାହା ବିଶୁ ମହାରାଣାଙ୍କର କୃତଜ୍ଞତାକୁ ବହୁଧା ବିଭକ୍ତ କରି ଦେଇ ଥିଲା। ଶେଷରେ ଧର୍ମପଦଙ୍କୁ ଜୀବନ ହାରିବାକୁ ପଡ଼ିଥିଲା। କାରଣ ରାଜା, କାରିଗର ଏବଂ ପୁଅ ମାନଙ୍କ ପାଖରେ ଥିବା ତାଙ୍କ କୃତଜ୍ଞତାକୁ ବାଣ୍ଟିବା ପାଇଁ ହୁଏତ ସିଏ ଅବସର ପାଇ ନଥିଲେ।

ମହାଭାରତର ଆଖ୍ୟାୟିକା ଅନୁଯାୟୀ ଏକଲବ୍ୟ ନିଜ ଶସ୍ତ୍ରବିଦ୍ୟା ଶିକ୍ଷା ପାଇଁ ଗୁରୁ ଦ୍ରୋଣଙ୍କ ପାଖରେ କୃତଜ୍ଞତା ଜଣାଇବା ଅବସରରେ ଗୁରୁ ତାଙ୍କର ଡାହାଣ ହାତର ବୁଢ଼ା ଆଙ୍ଗୁଳି ମାଗି ଦେଇ ସବୁଦିନ ପାଇଁ ତାଙ୍କୁ ଯୁଦ୍ଧ ବିଦ୍ୟାରେ ପଙ୍ଗୁ କରି ଦେଇଥିଲେ। ତେଣୁ "କୃତଜ୍ଞ ହୁଅ କିନ୍ତୁ କୃତଘ୍ନ ହୁଅ ନାହିଁ" ଶିଖାଇଥିବା ଦିବ୍ୟ ବାଣୀକୁ ଆମେ ନିତି ଦିନିଆ ଜୀବନରେ ପାଳନ କରୁଥିବା ସମୟରେ ଆମେ କାହା ପାଇଁ, କେତେବେଳେ ଏବଂ କେଉଁଠି କୃତଜ୍ଞ ହେବା ତାହା ମଧ୍ୟ ଶିକ୍ଷା ଲାଭ କରିବା ଦରକାର ନହେଲେ କୃତଜ୍ଞତାର ପରିଭାଷା ବଦଳିଯାଇ ତାହା ନିଜ ପାଇଁ ବୁମେରାଂ ସାଜିବାର ସମ୍ଭାବନା ରହିଛି। କାରଣ କୃତଜ୍ଞତା ପ୍ରକାଶ କରୁଥିବା ଲୋକଟି ଯାହାକୁ କୃତଜ୍ଞତା ଜଣାଏ ସିଏ ତାର ଅପବ୍ୟବହାର କରିବାର ସମ୍ଭାବନା ରହିଛି। ତା'ଛଡ଼ା ଯାହାକୁ କୃତଜ୍ଞତା ଜଣାଇ ଥାଏ ସିଏ ସେଥିପାଇଁ ଯୋଗ୍ୟ କି ନୁହେଁ ତାହା ପରଖିବାର ଆବଶ୍ୟକତା ରହିଛି ନହେଲେ କୃତଜ୍ଞତା ଅପାତ୍ରରେ ଚାଲିଯିବ। ନତୁବା କୃତଜ୍ଞ ଲୋକଟି କେବଳ ନୀତି ବାଣୀକୁ ଆଧାର କରି ଜୀବନ ବିତାଇବା ଫଳରେ ସଂସାର ରଙ୍ଗ ମଞ୍ଚରେ ଜଣେ ଅସଫଳ ନାୟକ ରୂପେ ପରିଗଣିତ ହେବାର ସମ୍ଭାବନା ରହିଛି।


**ଭଦ୍ରକ, ମୋବାଇଲ: ୯୭୭୮୭୬୪୩୯୪**


# ପାକିସ୍ତାନର ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ ଆଞ୍ଚଳିକ ସ୍ଥିରତା ପାଇଁ ବିପଦ



**ସୌଭାଗ୍ୟ ରଂଜନ ମହାନ୍ତି (ରାଜା)**

ଜମ୍ମୁ ଏବଂ କାଶ୍ମୀରରେ ନିୟନ୍ତ୍ରଣ ରେଖା (ଖକ୍ଟଉ) ପାଖରେ ପାକିସ୍ତାନ ଦ୍ୱାରା ଚାଲିଥିବା ଅସ୍ତ୍ରବିରତି ଉଲ୍ଲଂଘନ ଆଂଚଳିକ ସ୍ଥିରତା ପାଇଁ ଏକ ଗମ୍ଭୀର ଚିନ୍ତାର ବିଷୟ। ୨୦୨୧ ଅସ୍ତ୍ରବିରତି ଚୁକ୍ତିନାମା ସତ୍ତ୍ୱେ, ପାକିସ୍ତାନ ଏହି ଚୁକ୍ତିନାମା ଉଲ୍ଲଂଘନ କରିଚାଲିଛି, ଯାହାର ଫଳସ୍ୱରୂପ ନିରୀହ ଲୋକଙ୍କ ଜୀବନ ଯାଇଛି ଏବଂ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତେଜନା ବୃଦ୍ଧି ପାଇଛି।

## ଅସ୍ତ୍ରବିରତି ଉଲ୍ଲଂଘନ ପଛରେ କାରଣ

ପାକିସ୍ତାନର ଅସ୍ତ୍ରବିରତି ଉଲ୍ଲଂଘନ ପ୍ରାୟତଃ କାଶ୍ମୀରରେ ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକୁ ସମର୍ଥନ କରିବା ଏବଂ ରାଜନୈତିକ ଅନିଶ୍ଚିତତା ଏବଂ ଆର୍ଥିକ ସଙ୍କଟ ଭଳି ଆଭ୍ୟନ୍ତରୀଣ ପ୍ରସଙ୍ଗରୁ ଧ୍ୟାନ ହଟାଇବା ପାଇଁ ଏହାର ପ୍ରୟାସ ସହିତ ଜଡିତ। ଅସ୍ତ୍ରବିରତି ଉଲ୍ଲଂଘନ କରି, ପାକିସ୍ତାନ ଭାରତର ସୁରକ୍ଷା ପଦକ୍ଷେପଗୁଡ଼ିକୁ ଦୁର୍ବଳ କରିବା ଏବଂ କାଶ୍ମୀରରୁ ଜମ୍ମୁକୁ ଭାରତୀୟ ସେନାକୁ ପୁନଃନିୟୋଜନ କରିବାକୁ ଲକ୍ଷ୍ୟ ରଖିଛି, ଯାହା ଦ୍ୱାରା ଆତଙ୍କବାଦୀମାନେ ଉପତ୍ୟକାରେ ପୁନର୍ବାର ପାଦ ଥାପନ କରିପାରିବେ।

## ନାଗରିକ ଏବଂ ସୁରକ୍ଷା ବାହିନୀ ଉପରେ ପ୍ରଭାବ

ଅସ୍ତ୍ରବିରତି ଉଲ୍ଲଂଘନ ଫଳରେ ସାଧାରଣ ନାଗରିକ ଏବଂ ସୁରକ୍ଷା ବାହିନୀର ଯଥେଷ୍ଟ କ୍ଷତି ହୋଇଛି। ସାମ୍ପ୍ରତିକ ଘଟଣାଗୁଡ଼ିକରେ, ଜମ୍ମୁ ଜିଲ୍ଲାର ଅଖନୁର ସେକ୍ଟରରେ ଏଲଓସି ନିକଟରେ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ଦ୍ୱାରା କରାଯାଇଥିବା ଏକ ଇମ୍‌ପ୍ରୋଭାଇଜ୍ଡ ଏକ୍ସପ୍ଲୋସିଭ୍ ଡିଭାଇସ୍ (ଆଇଇଡି) ବିସ୍ଫୋରଣରେ ଜଣେ କ୍ୟାପ୍‌ଟେନଙ୍କ ସମେତ ଦୁଇ ଜଣ ଭାରତୀୟ ସେନା କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଏହା ସହିତ, ସେହି ସେକ୍ଟରରେ ଏକ ଲ୍ୟାଣ୍ଡମାଇନ୍ ଉପରେ ଭୁଲବଶତଃ ପାଦ ଦେବାରୁ ଭାରତୀୟ ସେନାର ଜଣେ ଜୁନିଅର କମିଶନଡ୍ ଅଫିସର (ଜେସିଓ) ସାମାନ୍ୟ ଆହତ ହୋଇଛନ୍ତି।

## ଭାରତର ପ୍ରତିକ୍ରିୟା

ପାକିସ୍ତାନର ଅସ୍ତ୍ରବିରତି ଉଲ୍ଲଂଘନ ବିରୁଦ୍ଧରେ ଭାରତୀୟ ସେନା ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିଛି, ସଠିକତାର ସହିତ ଜବାବ ଦେଇଛି ଏବଂ ଶତ୍ରୁକୁ ପ୍ରବଳ କ୍ଷତି ପହଂଚାଇଛି। ଭାରତ ସରକାର ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ଏହା ଯେକୌଣସି ଅସ୍ତ୍ରବିରତି ଉଲ୍ଲଂଘନର ଉପଯୁକ୍ତ ଜବାବ ଦେବ।

## ଅନ୍ତର୍ଜାତୀୟ ସମ୍ପ୍ରଦାୟର ଭୂମିକା

ପାକିସ୍ତାନର ଅସ୍ତ୍ରବିରତି ଉଲ୍ଲଂଘନ ବିରୁଦ୍ଧରେ ଅନ୍ତର୍ଜାତୀୟ ସମ୍ପ୍ରଦାୟକୁ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିବା ଏବଂ ଆଂଚଳିକ ସ୍ଥିରତା ବଜାୟ ରଖିବା ପାଇଁ ଭାରତର ପ୍ରୟାସକୁ ସମର୍ଥନ କରିବା ଆବଶ୍ୟକ। ପାକିସ୍ତାନର କାର୍ଯ୍ୟ କେବଳ ଭାରତ ପାଇଁ ନୁହେଁ ବରଂ ସମଗ୍ର ଅଂଚଳ ପାଇଁ ବିପଦ, ଏବଂ ପାକିସ୍ତାନକୁ ତା'ର ଆଚରଣ ପରିବର୍ତନ କରିବା ପାଇଁ ଚାପ ପକାଇବା ଅନ୍ତର୍ଜାତୀୟ ସମ୍ପ୍ରଦାୟ ପାଇଁ ଜରୁରୀ।

## ନିଷ୍କର୍ଷ

ନିଷ୍କର୍ଷରେ, ପାକିସ୍ତାନର ଅସ୍ତ୍ରବିରତି ଉଲ୍ଲଂଘନ ଏକ ଗମ୍ଭୀର ଚିନ୍ତାର ବିଷୟ ଯାହା ସମାଧାନ କରାଯିବା ଆବଶ୍ୟକ। ଅନ୍ତର୍ଜାତୀୟ ସମୁଦାୟ ପାକିସ୍ତାନର କାର୍ଯ୍ୟ ବିରୁଦ୍ଧରେ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିବା ଉଚିତ ଏବଂ ଏହି ଅଂଚଳରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ପାଇଁ ଭାରତର ପ୍ରୟାସକୁ ସମର୍ଥନ କରିବା ଉଚିତ। ପାକିସ୍ତାନ ପାଇଁ ଏହା ଅନୁଭବ କରିବାର ସମୟ ଆସିଛି ଯେ ଏହାର କାର୍ଯ୍ୟର ପରିଣାମ ଅଛି, ଏବଂ ଦେଶ ପାଇଁ ଏହି ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ କାର୍ଯ୍ୟ କରିବା ଅତ୍ୟନ୍ତ ଜରୁରୀ।



## ମୁଖ୍ୟ ବିନ୍ଦୁ

- ସଂରକ୍ଷଣ ବିରତି ଉଲ୍ଲଂଘନ : ଜମ୍ମୁ ଏବଂ କାଶ୍ମୀରରେ ନିୟନ୍ତ୍ରଣ ରେଖାରେ ପାକିସ୍ତାନର ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ ଆଂଚଳିକ ସ୍ଥିରତା ପାଇଁ ଏକ ଗମ୍ଭୀର ଚିନ୍ତାର ବିଷୟ।
- ସଂରକ୍ଷଣକୁ ସମର୍ଥନ : ପାକିସ୍ତାନର ଅସ୍ତ୍ରବିରତି ଉଲ୍ଲଂଘନ କାଶ୍ମୀରରେ ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକୁ ସମର୍ଥନ ସହିତ ଜଡିତ।
- ଆଭ୍ୟନ୍ତରୀଣ ସମସ୍ୟା: ପାକିସ୍ତାନର ଆଭ୍ୟନ୍ତରୀଣ ସମସ୍ୟା, ଯେପରିକି ରାଜନୈତିକ ଅନିଶ୍ଚିତତା ଏବଂ ଆର୍ଥିକ ସଙ୍କଟ, ମଧ୍ୟ ଅସ୍ତ୍ରବିରତି ଉଲ୍ଲଂଘନର ଏକ କାରଣ।
- ନାଗରିକ ଏବଂ ସୁରକ୍ଷା ବାହିନୀ ଉପରେ ପ୍ରଭାବ : ଅସ୍ତ୍ରବିରତି ଉଲ୍ଲଂଘନ ଫଳରେ ସାଧାରଣ ନାଗରିକ ଏବଂ ସୁରକ୍ଷା ବାହିନୀକୁ ଯଥେଷ୍ଟ କ୍ଷତି ପହଂଚାଇଛି।
- ଭାରତର ପ୍ରତିକ୍ରିୟା: ଭାରତୀୟ ସେନା ପାକିସ୍ତାନର ଅସ୍ତ୍ରବିରତି ଉଲ୍ଲଂଘନ ବିରୁଦ୍ଧରେ ଏକ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିଛି, ସଠିକତାର ସହିତ ପ୍ରତିଶୋଧ ନେଉଛି ଏବଂ ଶତ୍ରୁକୁ ପ୍ରବଳ କ୍ଷତି ପହଂଚାଉଛି।

## ସୁପାରିଶ

- **ପାକିସ୍ତାନର କାର୍ଯ୍ୟକୁ ନିନ୍ଦା କରନ୍ତୁ:** ଅନ୍ତର୍ଜାତୀୟ ସମ୍ପ୍ରଦାୟ ପାକିସ୍ତାନର ଅସ୍ତ୍ରବିରତି ଉଲ୍ଲଂଘନର ଦୃଢ଼ ନିନ୍ଦା କରିବା ଏବଂ ଏହି ଅଂଚଳରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ପାଇଁ ଭାରତର ପ୍ରୟାସକୁ ସମର୍ଥନ କରିବା ଆବଶ୍ୟକ।
- **ପାକିସ୍ତାନ ଉପରେ ଚାପ:** ଆମେରିକା, ଚୀନ୍ ଏବଂ ସାଉଦି ଆରବ ଭଳି ଦେଶଗୁଡ଼ିକୁ ପାକିସ୍ତାନକୁ ଏହାର ଆଚରଣ ପରିବର୍ତନ କରିବା ଏବଂ ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକୁ ସମର୍ଥନ ବନ୍ଦ କରିବା ପାଇଁ ଚାପ ପକାଇବା ଆବଶ୍ୟକ।
- **ଭାରତକୁ ସମର୍ଥନ କରନ୍ତୁ:** ଏହି ଅଂଚଳରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ଏବଂ ଏହାର ନାଗରିକମାନଙ୍କୁ ପାକିସ୍ତାନର ଆକ୍ରମଣରୁ ସୁରକ୍ଷା ଦେବା ପାଇଁ ଭାରତର ପ୍ରୟାସକୁ ଅନ୍ତର୍ଜାତୀୟ ସମ୍ପ୍ରଦାୟ ସମର୍ଥନ ରହିବା ଦରକାର।

## ଭବିଷ୍ୟତ ଦିଗନିର୍ଦ୍ଦେଶ

ପାକିସ୍ତାନର ଆଚରଣ ପରିବର୍ତନ କରିବା ଏବଂ ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକୁ ସମର୍ଥନ ବନ୍ଦ କରିବା ପାଇଁ ଇଚ୍ଛୁକତା ଉପରେ ଏହି ଅଂଚଳର ଭବିଷ୍ୟତ ନିର୍ଭର କରେ। ଆଂଚଳିକ ସ୍ଥିରତାକୁ ପ୍ରୋତ୍ସାହିତ କରିବା ଏବଂ ଆହୁରି ସଂଘର୍ଷକୁ ରୋକିବା ପାଇଁ ଅନ୍ତର୍ଜାତୀୟ ସମ୍ପ୍ରଦାୟକୁ ଏକାଠି କାମ କରିବାକୁ ପଡିବ।


**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ୍: ୭୯୭୮୬୬୬୪୦୩**


# କେବେ ରାଣ ଖାଇଛ



**ଦୀପ୍ତିମୟୀ ନାୟକ**

ରାଣ ଭିତରେ ଥାଏ ଆତ୍ମୀୟତା। ଏହି ରାଣ ଯେତେବେଳେ ଯାହାକୁ ପକାଯାଏ ସେତେବେଳେ ସେହି ଲୋକଟି ହସିକି କହିଦେଇଥାଏ ତୋତେ କଣ ଏହି ରାଣ ଛଡା ଆଉ କିଛି ଆସେନାହିଁ। ଆଉ ତାକୁ ରାଣ ପକେଇଥିବା ଲୋକଟି କହିଦେଇଥାଏ ମୋତେ ସବୁ ଆସେ ବାସ ତୁମେ ମୋ ରାଣରେ କେତେ ଲୋଭ ରଖ ସେଟା ଜାଣିବାପାଇଁ ରାଣ ପକାଉଥିଲି। ତେବେ ଏହି ରାଣ ଶବ୍ଦଟି ଛୋଟବେଳୁ ଶୁଣି ଆସିଛି। ସ୍କୁଲରେ କେହି ଯଦି କାହା ସହ ଝଗଡା କରନ୍ତି କିମ୍ବା କେହି ଯଦି କାହା ସହ କଥା ହେବାକୁ ଚାହାଁନ୍ତି ନାହିଁ ସେତେବେଳେ କହିଦିଅନ୍ତି ତୋ ବାପା ବୋଉ ରାଣ ତୁ ମୋ ସହ କଥା ହେବୁନୁ। ପିଲା ଯଦି କୌଣସି ଖାଦ୍ୟ ଖାଇବାକୁ ଅନିଚ୍ଛା ପ୍ରକାଶ କରୁଛି ସେତେବେଳେ ମା' ମଧ୍ୟ କୁହନ୍ତି ତୋତେ ମୋ ରାଣ ତୋତେ ତୋ ବାପା ରାଣ ତୁ ଆସେ ଖାଇବୁ। ଭାଇ ଯଦି ଭଉଣୀ ସହ ରାଗିଛି ତାହେଲେ ଭଉଣୀ ମଧ୍ୟ ଅନେକ ଥର କହିଛି ତୋତେ ମୋ ରାଣ ତୁ ଆଉ ମୋ ଉପରେ ରାଗେନି। ଭଉଣୀ ଯଦି ଘରେ ରୁଷିକି କିଛି ଖାଉନି ଭାଇ ମଧ୍ୟ ଭଉଣୀର ହାତ ଧରି କହିଥାଏ ତୋତେ ମୋ ରାଣ ଚାଲ ଖାଇବୁ। ଠିକ ସେହିପରି ସ୍ୱାମୀ ସ୍ତ୍ରୀର ସମ୍ପର୍କ ମଧୁରତା ଭିତରେ ରାଣର ବିଶେଷ ଭୂମିକା ରହିଛି। କେବଳ ସ୍ୱାମୀ ସ୍ତ୍ରୀ କାହିଁକି ମଣିଷ ବଞ୍ଚିଥିବା ଯାଏଁ ଏ ରାଣ ଖାଇଛି। ସେଥିପାଇଁ କୁହାଯାଏ ସବୁ ଖାଇ ହେବ ଏ ରାଣ ଖାଇବା ବହୁତ କଷ୍ଟ ହୋଇଯିବ। ତେବେ ଏ ରାଣ ଶିଖେଇଛି ଦୁଷ୍ଟାମୀ ଛାଡ଼ିବା। ରାଣ ଶିଖେଇଛି ଅନ୍ୟଠୁ ଦୂରେଇ ରହିବା ଆଉ ଏହି ରାଣ ଶିଖେଇଛି ନିଜ ପସନ୍ଦର ଲୋକଙ୍କ ପାଖେ ପାଖେ ରହିବା। କାହିଁକି ନା ଯେତେବେଳେ ଆମ ରାଣ ଉପରେ କିଏ ଲୋଭ କରିବା ଆରମ୍ଭ କରିଦେଇଥାଏ ସେତେବେଳେ ସେମାନଙ୍କ ପ୍ରତି ଆମ ମାନଙ୍କ ଭଲପାଇବା କାହିଁକି କେଜାଣି ହଠାତ ବଢ଼ି ଯାଇଥାଏ। ଆଉ ଯେତେବେଳେ କୌଣସି ଆପଣାର ଲୋକ ଆମ ରାଣ ରଖେନି ସେତେବେଳେ ହୁଏତ ଭଲପାଇବା କମେନି କିନ୍ତୁ ଆମ ଆପଣାର ଲୋକଗୁଡ଼ା ଯେମିତି ଆମକୁ ନିଜର ଭାବନ୍ତିନି ବୋଲି ଅନୁଭବ ହୋଇଥାଏ। ଅନେକ ସମୟରେ ମନ କଷ୍ଟ ହୁଏ। ଏଥିପାଇଁ ଅନେକଙ୍କ ମଧ୍ୟରେ ଝଗଡା ମଧ୍ୟ ହୁଏ କେବଳ ଏଥିପାଇଁ ଯେ ତୁମେ କାହିଁକି ମୋ ରାଣ ରଖିଲନି। ସତ କହିବାକୁ ଗଲେ ଏ ରାଣ ସୁଖ-ଦୁଃଖ, ହସ-ଖୁସି, ରାଗ-ରୁଷା, ମାନଅଭିମାନ ଭିତରେ ଥାଏ। ରାଣ ହିଁ ଅନେକଙ୍କ ମନ ପରିବର୍ତ୍ତନ କରିବାରେ ସହାୟକ ହୋଇଥାଏ। ଯେମିତିକି ତୋତେ ତୋ ବାପା ବୋଉ ରାଣ ତୁ ସେଠିକି ଯିବୁନୁ। ତୋତେ ମୋ ରାଣ ତୁ ଭୁଲ ରାସ୍ତା କିଛି ବାଛିବୁନି। ତୋତେ ମୋ ରାଣ ତୁ ତା ସହ ମିଶିବୁନି। ତୋତେ ମୋ ରାଣ ତୁ ମୋ ଛଡା ଆଉ କାହାକୁ ଚାହିଁବୁନି।

ତେବେ ଆଜିକାଲି ଅନେକ ଲୋକ ମଧ୍ୟ ନିଜ କଥାକୁ ଅନ୍ୟକୁ ବିଶ୍ୱାସ ଦେବାପାଇଁ ରାଣ ପକେଇଥାନ୍ତି। ଯେମିତିକି ବିଦ୍ୟାରାଣ, ଠାକୁରଙ୍କ ରାଣ,ସବୁ ରାଣ, ବାପା ବୋଉଙ୍କ ରାଣ, ଆଖି ରାଣ, ଭାଇ ରାଣ, ଭଉଣୀ ରାଣ, ସ୍ୱାମୀ ରାଣ, ସ୍ତ୍ରୀ ରାଣ ଏମିତି ଅନେକ ରାଣ ରହିଛି ଯେଉଁ ରାଣ ଗୁଡିକ ସତକୁ ସତ ଆଉ ମିଛକୁ ମିଛ ବୋଲି କହିବାରେ ସାହାସ ଜୁଟେଇଛି କିନ୍ତୁ ବର୍ତ୍ତମାନ ସମୟରେ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ମିଛ କଥାରେ ମଧ୍ୟ ରାଣ ପକେଇ ଦେଇଥାଆନ୍ତି। ସେଥିପାଇଁ ଆଜିକାଲି ଦୁନିଆରେ ଯଦି କେହି କାହା ସାମ୍ନାରେ ସତ କହିବାକୁ ଯାଇ ରାଣ ଖାଇଦେଉଛି ଲୋକମାନେ ମଧ୍ୟ ତା ଉପରେ ହସିବା ଆରମ୍ଭ କରିଦେଉଛନ୍ତି ଶେଷରେ କହିଦେଉଛନ୍ତି ତୁ କେଉଁ ଯୁଗରେ ଅଛୁ। ଯଦି ତୁ ସତ କହୁଛୁ ତାହେଲେ କାହିଁକି ରାଣ ଖାଉଛୁ ଯଦି ତୋ କଥାକୁ କିଏ ବିଶ୍ୱାସ କରୁଛି ତ କରୁ ଆଉ ଯଦି କିଏ ତୋ କଥାକୁ ବିଶ୍ୱାସ କରୁନି ତ ବିଶ୍ୱାସ ନକରୁ କିନ୍ତୁ ଏମିତି ପୁରୁଣା କାଳିଆ ଲୋକଙ୍କ ଭଳି ରାଣ ପକାନି। ସତ କହିବାକୁ ଗଲେ ସେହି ପୁରୁଣା କାଳିଆ ଲୋକ ହିଁ ବହୁତ ଭଲ ଥିଲେ ଯେଉଁମାନେ ଅନ୍ୟାୟ ଦେଖିଲେ ମୁହଁ ଉପରେ ଜବାବ ଦେଉଥିଲେ। ନିଜ କଥାକୁ ଅନ୍ୟକୁ ବିଶ୍ୱାସ ଦେବାପାଇଁ ରାଣ ଖାଇଦେଉଥିଲେ। ରାଣ ଖାଇବା କୌଣସି ଖରାପ କଥା ନୁହେଁ ଛୋଟବେଳୁ ଯାହା ଶିଖିଛେ ତାହା ହିଁ ତ କହୁଛେ। କିଛି ଲୋକ ଅଭିମାନରେ ମଧ୍ୟ ଅନ୍ୟକୁ ରାଣ ପକେଇଥାନ୍ତି। ଅଭିମାନ କରିଥିବା ଲୋକକୁ ବୁଝେଇବା ପାଇଁ କହିଥାଆନ୍ତି ଏତେ ଅଭିମାନ କରନି ଜଲ୍ଦି ରାଣ ଫିଟା। ଆଉ ଏହି ରାଣ ଫିଟେଇବା ପାଇଁ ଅନେକ କୌତୁକିଆ କଥା ମଧ୍ୟ ଥିଲା ଯେମିତିକି ତମ ଘରେ କେଉଁ ଚଟୁ ସୁନା ଚଟୁ ତୋ ରାଣ ଫିଟୁ ତୁ ହ ପେଟୁ। ଠିକ ସେହିଭଳି ବାପା ମା'ଙ୍କ ରାଣ ଯଦି କେହି ପକେଇଥାଏ ସେହି ରାଣକୁ ଫିଟେଇବାପାଇଁ ଥିଲା ତୋ ବାପା ବୋଉ ରାଣ କଣାଆଟୁ ତୋ ବାପା ବୋଉ ରାଣ ଫିଟୁ ଏମିତି ଅନେକ ରାଣ ଫିଟେଇବାର କୌତୁକିଆ କଥା ଥିଲା କିନ୍ତୁ ଏବେ ସେହି କୌତୁକିଆ କଥା ନାହିଁ କିନ୍ତୁ କିଛି ଜଣକ ପାଟିରେ ରାଣ ରହିଯାଇଛି। କେହି କେହି ରାଣରେ ଲୋଭ ରଖନ୍ତି ତ ଆଉ କେହି ପିଲାଳିଆମୀ ବୋଲି ଭାବିଦେଇଥାନ୍ତି। ସତ କହିବାକୁ ଗଲେ ଆଜିବି ଅନେକ ନିରୀହ ଲୋକ ଅଛନ୍ତି ଯେଉଁମାନେ ଅନ୍ୟର ମିଛ କଥାକୁ ସହି ପାରନ୍ତିନି ଆଉ ଶେଷରେ ପୁଅ ରାଣ, ଝିଅ ରାଣ, ସ୍ୱାମୀ ରାଣ ପକେଇ ନିଜ କଥାକୁ ସତ ବୋଲି ପ୍ରଣାମ ଦେବାକୁ ଚାହିଁଥାଆନ୍ତି। ଏହି ଗାଉଁଲି ରାଣକୁ ଯେତେ ଯିଏ ମଜାକରେ ଉଡ଼େଇଲେ ମଧ୍ୟ ଏହି ଗାଉଁଲି ରାଣ ହିଁ ଶିଖେଇଛି ସଚୋଟ ଭାବରେ ଜୀବନ ଜିଇଁବା। ଅନ୍ୟର ବିଶ୍ୱାସକୁ ବଜାୟ ରଖିବା। ବେଳେବେଳେ କେହି ଯଦି କାହାକୁ ରାଣ ପକାଏ ସେ ଯଦି ରାଣ ନରଖେ ତେବେ ଅନ୍ୟ ଜଣକ ମନ ଦୁଃଖ ହୋଇଥାଏ। ସବୁବେଳେ ଗୋଟେ କଥା ମନେ ରଖିବା ଉଚିତ ରାଣ ପକାଉଥିବା ଲୋକଟି ବୋକା ନୁହଁନ୍ତି ସେ ସେତିକି ଅନ୍ୟକୁ ନିଜର ଭାବିଦେଇଥାନ୍ତି ବୋଲି ରାଣ ପକେଇଥାନ୍ତି।


**ଅନ୍ଧାରୁଆ, ଭୁବନେଶ୍ୱର, ମୋବାଇଲ୍: ୯୦୯୦୬୬୧୫୮୬**

## ନାଗରିକଙ୍କ ନିରାପତ୍ତା ଓ ସୁରକ୍ଷାକୁ ପ୍ରାଧାନ୍ୟ

# ୧୦ ସାଟେଲାଇଟ ଅହରହ କାମ କରୁଛି



**ଇମ୍ଫାଲ,୧୨।୫:** ଇସ୍ରୋର ଚେୟାରମ୍ୟାନ୍ ଡ. ଭି.ନାରାୟନ୍ କହିଛନ୍ତି ଯେ ୧୦ଟି ସାଟେଲାଇଟ ରଣନୈତିକ ଉଦ୍ଦେଶ୍ୟ ନେଇ କାମ କରୁଛନ୍ତି, ଯାହା ଦେଶର ନାଗରିକଙ୍କର ନିରପତ୍ତା ଓ ସୁରକ୍ଷା ନିଶ୍ଚିତ କରୁଛି। ମଣିପୁର ଇମ୍ଫାଲରେ ଅବସ୍ଥିତ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗ ଦେବା ଅବସରରେ କହିଛନ୍ତି ଯେ, ୨୦୪୦ ମସିହାରେ ପ୍ରତିଷ୍ଠା ହୋଇଥିବା ସ୍ପେସ ଷ୍ଟେସନ ଏବେ ଏକ 'ଉଦୟମାନ ସ୍ପେସ୍ ପାୱାର' ହେବାକୁ ଯାଉଛି । ଆଜି ୩୪ଟି ଦେଶର ୪୩୩ଟି ସାଟେଲାଇଟ୍ ଭାରତରୁ ଉତକ୍ଷେପଣ ସହ ଅରବିଟରେ ସ୍ଥାପିତ କରାଯାଇଛି। ମୁଁ ଖୁସିର ସହ ଜଣାଇବାକୁ ଚାହୁଛି ଯେ, ଆଜି ୧୦ଟି ସାଟେଲାଇଟ୍ ୨୪ ଘଣ୍ଟା ରଣନୈତିକ ଉଦ୍ଦେଶ୍ୟ ନେଇ ଦେଶର ନାଗରିକଙ୍କର ନିରପତ୍ତା ଓ ସୁରକ୍ଷା ନିଶ୍ଚିତ କରିବା ପାଇଁ କାର୍ଯ୍ୟ କରୁଛି ବୋଲି ଇସ୍ରୋ ମୁଖ୍ୟ ତାଙ୍କ ବକ୍ତବ୍ୟରେ କହିଛନ୍ତି।

ତାଙ୍କର ଏହି ବକ୍ତବ୍ୟ ଭାରତ ଓ ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନା ମଧ୍ୟରେ ଆସିଥିଲା। ଭାରତ ଗତ ୭ ତାରିଖରେ ଅପରେସନ୍ ସିନ୍ଦୂର ଆରମ୍ଭ କରିଥିଲା, ପାକିସ୍ତାନ ଏବଂ ପାକିସ୍ତାନ-ଅଧିକୃତ କଶ୍ମୀରରେ ଆତଙ୍କବାଦୀ ଶିବିର ଧ୍ୱଂସ କରିଥିଲା।

ଏହାଥିଲା ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ। ତେବେ ଶନିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ର ବିରତି ଘୋଷଣା କରାଯାଇଛି। ନାରାୟଣ କହିଛନ୍ତି ଯେ, ଯଦି ଆମେ ଆମର ଦେଶର ସୁରକ୍ଷା ପ୍ରତିଶ୍ରୁତି ପାଳନ କରିବାକୁ ଚାହୁଁ, ତାହା ଆମର ସାଟେଲାଇଟ ମାଧ୍ୟମରେ ହିଁ ଦେବାକୁ ପଡିବ। ଆମକୁ ଆମର ୭,୦୦୦ କିମି ଲମ୍ବା ସମୁଦ୍ରତଟକୁ ନିରୀକ୍ଷଣ କରିବାକୁ ହେବ, ଆମକୁ ଆମର ଉତ୍ତରାଞ୍ଚଳ ନିରନ୍ତର ନିରୀକ୍ଷଣ କରିବାକୁ ହେବ। ସାଟେଲାଇଟ୍ ଏବଂ ଡ୍ରୋନ୍ ପ୍ରଯୁକ୍ତି ବିନା, ଆମେ ଏହି ଲକ୍ଷ୍ୟ ପୂରଣ କରିପାରିବା ନାହିଁ। ସେ କହିଛନ୍ତି ଯେ ଭାରତୀୟ ଅନ୍ତରୀକ୍ଷ ଗବେଷଣା ସଂସ୍ଥା ଇସ୍ରୋ ଜି-୨୦ ଦେଶ ଏକ ସାଟେଲାଇଟ ପ୍ରସ୍ତୁତ କରିଛି। ଯାହାଦ୍ୱାରା ପାଣିପାଗ ପରିବର୍ତ୍ତନ, ବାୟୁ ପ୍ରଦୂଷଣ ଓ ପାଣିପାଗ ନିରୀକ୍ଷଣ ପାଇଁ ସହାୟକ ହୋଇପାରିବ। ୧୯୭୫ ମସିହା ପ୍ରଥମ ସାଟେଲାଇଟ ପରେ ଆଜି ଆମ ପାଇଁ ଗର୍ବର ବିଷୟ, ଆମେ ଏକ ପରବର୍ତ୍ତୀ ପିଢିର ଲଞ୍ଚ ଯାନ ଉନ୍ନତ କରିପାରିଛୁ। ସେବେଠାରୁ ଆମେ ଆଜି ପର୍ଯ୍ୟନ୍ତ ଆମେ ବିଭିନ୍ନ ପ୍ରକାରର କ୍ଷମତାସଂପନ୍ନ ୧୩୧ଟି ସାଟେଲାଇଟ ନିର୍ମାଣ କରିଛୁ। ଇସ୍ରୋ ମୁଖ୍ୟ କହିଛନ୍ତି ଯେ ସ୍ୱାଧୀନତା ପରଠାରୁ ଦେଶ ଯେଉଁ ଅଗ୍ରଗତି କରିଛି ତାହା ଅଭୂତପୂର୍ବ ଏବଂ ଉଲ୍ଲେଖନୀୟ। ସେ କହିଲେ ଯେ ଦେଶ ସବୁ କ୍ଷେତ୍ରରେ ଉନ୍ନତିଲାଭ କରିବାର ଆବଶ୍ୟକତା ଅଛି। ଦେଶର ବିକାଶରେ କୃଷି ମୁଖ୍ୟ ଭୂମିକା ନିର୍ବାହ କରିଥାଏ। ଆପଣ ଆଜି ଯେଉଁ ଡିଗ୍ରୀ ହାସଲ କରିଛନ୍ତି ତାହା ଜାତୀୟ ସ୍ୱାର୍ଥ ପାଇଁ ବଡ ଅର୍ଥ ରଖିଛି। ଆପଣ ୨୦୪୭ ରେ ବିକଶିତ ଭାରତର ଦୃଷ୍ଟିକୋଣକୁ ପ୍ରକାଶ ପାଇଁ ଏକ ମୁଖ୍ୟ ଭୂମିକା ନେବେ ବୋଲି ସେ ଛାତ୍ରମାନଙ୍କୁ କହିଥିଲେ।

## ବନ୍ଦ ହେଇଥିବା ୩୨ଟି ମୁଖ୍ୟ ବିମାନବନ୍ଦରରୁ ସେବା ସ୍ୱାଭାବିକ

**ନୂଆଦିଲ୍ଲୀ,୧୨।୫:** ଭାରତ ଓ ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନାକୁ ଦୃଷ୍ଟିରେ ରଖି ବାତିଲ ହୋଇଥିବା ବିମାନସେବା ଆଜିଠୁ କେତେକ ବିମାନବନ୍ଦରରୁ ଆରମ୍ଭ ହୋଇଛି। ଅସ୍ଥାୟୀ ଭାବରେ ବନ୍ଦ ହୋଇଥିବା ୩୨ଟି ବିମାନବନ୍ଦରରୁ ଆଜି ବିମାନ ଉଡାଣ ଭରିଥିବା ଭାରତୀୟ ବିମାନବନ୍ଦର ପ୍ରାଧିକରଣଙ୍କ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଯାତ୍ରୀମାନଙ୍କୁ ସେମାନଙ୍କର ବିମାନ ସମୟସରଣୀ ଯାଞ୍ଚ କରିବା ପାଇଁ କୁହାଯାଇଛି। ଗତ ୯ ତାରିଖରୁ କେତେକ ମୁଖ୍ୟ ବିମାନ ବନ୍ଦର ସେବା ବାତିଲ କରାଯାଇଥିଲା।

ଯାହାଦ୍ୱାରା ଶ୍ରୀନଗର ଓ ଅମୃତସର ସମେତ ଉତ୍ତର ଓ ପଶ୍ଚିମାଞ୍ଚଳର ମୁଖ୍ୟ ବିମାନବନ୍ଦରଗୁଡିକ କ୍ଷତିଗ୍ରସ୍ତ ହୋଇଥିଲା। ଏହି ବିମାନବନ୍ଦରଗୁଡ଼ିକରେ ଉଦାମପୁର, ଅମ୍ବାଲା, ଅମୃତସର, ଅବନ୍ତୀପୁର, ବଥିଣ୍ଡା, ଭୁଜ, ବିକାନେର, ଚଣ୍ଡିଗଡ଼, ହାଲୱାରା, ହିନ୍ଦନ, ଜମ୍ମୁ ଏବଂ ଜୈସଲମେର, ଜାମନଗର, ଯୋଧପୁର, କାନ୍ଦଲା, କାଙ୍ଗ୍ରା, କେଶୋଡ।

ଏହା ବ୍ୟତୀତ ଲୁଧିଆନା, ମୁନ୍ଦ୍ରା, ନାଲିଆ, ପଠାନକୋଟ, ପଟିଆଲା, ପୋରବନ୍ଦର, ରାଜକୋଟ, ଶିମଲା, ଶ୍ରୀନଗର ଏବଂ ଉତ୍ତରାଖଣ୍ଡରେ ମଧ୍ୟ ଆରମ୍ଭ ହୋଇଛି। ଏହି ବିମାନବିନ୍ଦର ଗୁଡିକ କାର୍ଯ୍ୟକ୍ଷମ ହେବା ଦ୍ୱାରା ହଜାର ହଜାର ଯାତ୍ରୀ, ଏୟାରଲାଇନ କର୍ମଚାରୀ, ଆୟ ହରାଇଥିବା ବ୍ୟକ୍ତିଙ୍କୁ ବଡ ରିଲିଫ ଦେଇଛି। ଯାତ୍ରୀ ଓ ଆମ କର୍ମଚାରୀଙ୍କ ନିରପତ୍ତା ସୁନିଶ୍ଚିତ କରିବା ଆମର ଦାୟିତ୍ୱ ବୋଲି ଅଧିକାରୀ କହିଛନ୍ତି। ଏଥି ମଧ୍ୟରେ ଲୋ କଷ୍ଟ କାରିଅର, ଇଣ୍ଡିଗୋ ଏୟାରଲାଇନ୍ସ ଏକ ଘୋଷଣାରେ କରିଛି, ସରକାରୀ ନିର୍ଦ୍ଦେଶ ଅନୁସାରେ ବିମାନବନ୍ଦରଗୁଡିକ କାର୍ଯ୍ୟ ପାଇଁ ଖୋଲା ରହିବ। ଆମେ ପୂର୍ବରୁ ବନ୍ଦ ହୋଇଥିବା ରାସ୍ତାରେ କାର୍ଯ୍ୟ କରାଯିବ। ବାତିଲ ଟିକଟଗୁଡିକର ରିଫଣ୍ଡ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଲାଗୁ ହେବ।

## ବିଜେପି କରିବ ତିରଙ୍ଗା ଯାତ୍ରା

● ଲୋକଙ୍କୁ ଜଣାଇବ 'ଅପରେସନ ସିନ୍ଦୂର'ର ଉପଲବ୍ଧି



**ନୂଆଦିଲ୍ଲୀ,୧୨।୫:** ପହଲଗାମ ଆତଙ୍କୀ ଆକ୍ରମଣରେ ୨୬ ନାଗରିକଙ୍କ ହତ୍ୟାର ଜବାବ ଦେବାକୁ ଭାରତ ଲଞ୍ଚ କରିଥିଲା ଅପରେସନ ସିନ୍ଦୂର। ଯେଉଁଥିରେ ପାକିସ୍ତାନରେ ୯ ଆତଙ୍କୀ ଠିକଣାକୁ ଧ୍ୱଂସ କରିଥିଲା ଭାରତୀୟ ସେନା। ଆଉ ଭାରତର ଏହି ଆକ୍ସନରେ ପ୍ରାୟ ୧୦୦ ଆତଙ୍କୀ ସଫା ହୋଇଛନ୍ତି। ହେଲେ ଆତଙ୍କୀଙ୍କ ନିପାତ ରେ ବିଚଳିତ ହୋଇପଡ଼ିଥିବା ପାକିସ୍ତାନ ଆକ୍ରମଣ କରିବାକୁ ପଛାଇନଥିଲା। ହେଲେ ପାକିସ୍ତାନରୁ ସବୁ ଆକ୍ରମଣର କଡ଼ା ଜବାବ ଦେଇଥିଲା ଭାରତ। ଅବଶ୍ୟ ଯୁଦ୍ଧବିରତି ପରେ ସଂଘର୍ଷ ଥମିଛି। ତେବେ ପାକିସ୍ତାନ ସହ ଯୁଦ୍ଧବିରତି ଏବଂ ଅପରେସନ ସିନ୍ଦୂରକୁ ନେଇ ସୋମବାର ବିଜେପିର ବଡ଼ ବୈଠକ ହୋଇଛି। ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା, ଦଳର ରାଷ୍ଟ୍ରୀୟ ମହାସଚିବଙ୍କ ସହ ବୈଠକ କରିଛନ୍ତି। ଆଉ ଏହି ବୈଠକରେ ବିଜେପି ପୂରା ଦେଶରେ ତିରଙ୍ଗା ଯାତ୍ରା କରିବା ନେଇ ନିଷ୍ପତ୍ତି ହୋଇଛି। ଏହି ତିରଙ୍ଗା ଯାତ୍ରା ମେ ୧୩ରୁ ୨୩ ପର୍ଯ୍ୟନ୍ତ ୧୦ ଦିନ ଧରି କରାଯିବ। ଏହି ସମୟରେ ଦଳ ସବୁ ନାଗରିକଙ୍କ ନିକଟରେ ପହଞ୍ଚି ତାଙ୍କୁ ଅପରେସନ ସିନ୍ଦୂରର ଉପଲବ୍ଧି ବିଷୟରେ କହିବ। ସମ୍ବିତ ପାତ୍ର, ବିନୋଦ ତାୱଡ଼େ, ତରୁଣ ଚୁଘ ଏବଂ ଅନ୍ୟ ବରିଷ୍ଠ ନେତା ଅଭିଯାନ ପାଇଁ ତତ୍ତ୍ୱାବଧାନ କରିବେ। ବରିଷ୍ଠ ବିଜେପି ନେତା ଏବଂ ମନ୍ତ୍ରୀ ମାନେଯାତ୍ରାର ନେତୃତ୍ୱ କରିବେ।

## ଯୁଦ୍ଧ ରୋମାଞ୍ଚକ କି ବଲିଉଡ ସିନେମା ନୁହେଁ: ନରୱାନେ



**ପୁଣେ, ୧୨।୫:** କିଛି ଦିନର ସାମରିକ ଉତ୍ତେଜନା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ର ବିରତି ଘୋଷଣା ହୋଇଛି। ତେବେ ଏହାକୁ ନେଇ ଲୋକମାନେ ପ୍ରଶ୍ନ ଉଠାଇଛନ୍ତି। ଯାହାକୁ କଡା ଭାଷାରେ ଭର୍ତ୍ସନା କରିଛନ୍ତି ପୂର୍ବତନ ସେନା ମୁଖ୍ୟ ଜେନେରାଲ ମନୋଜ ନରୱାନେ। ସେ କହିଛନ୍ତି ଯୁଦ୍ଧ ରୋମାଣ୍ଟିକ୍ ନୁହେଁ କିମ୍ବା ଏହା କୌଣସି ବଲିଉଡ୍ ସିନେମା ବି ନୁହେଁ। ରବିବାର ଦିନ ପୁଣେରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ନରୱାନେ କହିଛନ୍ତି ଯେ, ଯଦି ନିର୍ଦ୍ଦେଶ ମିଳେ ସେ ଯୁଦ୍ଧକୁ ଯିବେ, କିନ୍ତୁ କୂଟନୀତି ତାଙ୍କର ପ୍ରଥମ ପସନ୍ଦ ହେବ। ସେ ଆହୁରି କହିଛନ୍ତି ଯେ, ଏହି ସପ୍ତାହ ଅତ୍ୟନ୍ତ କଷ୍ଟକର ସଦୃଶ ଥିଲା, ଯାହା ସିନ୍ଦୂର ଅଭିଯାନ ଆରମ୍ଭ ହୋଇଥିଲା। ଭାରତୀୟ ସେନା ପାକିସ୍ତାନ ଓ ପିଓକେରେ ଆତଙ୍କବାଦୀ ଶିବିର ଉପରେ ଅଭିଯାନ ଆରମ୍ଭ କରିଥିଲେ। ଚାରି ଦିନ ଧରି ତୀବ୍ର ଆକାଶ ଓ ଭୂପୃଷ୍ଠରୁ ଆକ୍ରମଣ ହୋଇଥିଲା। ଏହା ଶେଷରେ ଶେଷ ହୋଇଥିଲା। ମୁଁ ପୁନରାବୃତ୍ତି କରିବାକୁ ଚାହେଁ ଯେ, ଏହା କେବଳ ସେନା କାର୍ଯ୍ୟକଳାପର ନିଷେଧ, ଏହା ଏକ ଯୁଦ୍ଧବିରତି ନୁହେଁ। ଆପଣମାନେ ଆଗାମୀ ଦିନ ଓ ସପ୍ତାହରେ ଏହି ଘଟଣାଗୁଡିକ ବିଷୟରେ ଜାଣି ପାରିବେ ବୋଲି ସେ କହିଛନ୍ତି। ଅନେକ ଲୋକେ ସେନାର ଅସ୍ତ୍ର ବିରତି ନେଇ ପ୍ରଶ୍ନ କରିଛନ୍ତି ଏବଂ ଏହା ଏକ ଭଲ କାର୍ଯ୍ୟ କି ନୁହେଁ। 'ଯଦି ଆପଣ ବିସ୍ତୃତ ତଥ୍ୟ ଓ ଅଙ୍କଗଣନାକୁ ଧ୍ୟାନ ଦେଇଥିବେ, ବିଶେଷକରି ଯୁଦ୍ଧର ମୂଲ୍ୟ, ତେବେ ଆପଣ ବୁଝିଯିବେ ଯେ, ଅସ୍ତ୍ର ବିରତି ମାନିନେବା ବିଜ୍ଞତାର ପରିଚୟ। ଲୋକଙ୍କ ଜୀବନ ହାନି ପୂର୍ବରୁ ଏପରି ପଦକ୍ଷେପ ନିତାନ୍ତ ଜରୁରୀ। ସେ କହିଲେ ଯେ ଏକ ତୃତୀୟ ପକ୍ଷ ଅଛି, ତାହା ହେଉଚି ସାମାଜିକ ଅଂଶ। ମୁଁ ଶକ୍ତି ଏବଂ ବିନାଶ ବିଷୟରେ କହିଲି, କିନ୍ତୁ ଏହି ସାମାଜିକ ଅଂଶରେ ସେହି ଅମୂଲ୍ୟ ଜୀବନ ସାମିଲ ଅଛି ଯାହାକୁ ଆମେ ହରାଇଛୁ। ସେହି ଶିଶୁ ଯେଉଁମାନେ ତାଙ୍କର ମାତୃପିତାଙ୍କୁ ହରାଇଛନ୍ତି କିମ୍ବା ଯେଉଁମାନେ ସୀମାରେ ଗୁଳିରେ ଜୀବନ ଦେଇଛନ୍ତି। ସେହି ପ୍ରକାରର ବିନାଶକୁ କେହି ଗଣନା କରେ ନାହିଁ ବୋଲି ସେ କହିଛନ୍ତି। ସେ କହିଥିଲେ ଯେ, ଯେଉଁମାନେ ସେମାନଙ୍କର ପ୍ରିୟଜନଙ୍କୁ ହରାଇଲେ ସେହି ଯନ୍ତ୍ରଣା ପିଢି ପିଢି ଧରି ରହିବ ବୋଲି ନରୱାନେ ଭାରତର କଷ୍ଟ ଆକାଉଣ୍ଟ ଇନଷ୍ଟିଚ୍ୟୁଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଏପରି କହିଛନ୍ତି।

## ୩୯ ବାଙ୍ଗଲାଦେଶୀଙ୍କୁ ଧରିଲା ହରିୟାଣା ପୁଲିସ



**ଚଣ୍ଡୀଗଡ଼,୧୨।୫:** ହରିୟାଣା ପୁଲିସ ଆଜି ୩୯ ଜଣ ବାଙ୍ଗଲାଦେଶୀ ନାଗରିକଙ୍କୁ ହିସାର ଜିଲ୍ଲାର ହାନ୍ସୀ ଅଞ୍ଚଳରୁ ଗିରଫ କରିଛି। ଯେଉଁମାନେ ଏଠାରେ ବେଆଇନ ଭାବେ ରହିବା ସହ ଇଟା ଭାଟିରେ କାର୍ଯ୍ୟ କରୁଥିଲେ। ସେମାନେ ଆବଶ୍ୟକ କାଗଜପତ୍ର ନକରି ବାଙ୍ଗଲାଦେଶ ସୀମା ଦେଇ ଭାରତକୁ ପ୍ରବେଶ କରିଥିବା ଜଣାପଡିଛି। ୩୯ ଜଣ ଗିରଫଙ୍କ ମଧ୍ୟରେ ୧୪ ଜଣ ପୁରୁଷ, ୧୧ ମହିଳା ଏବଂ ୧୪ ଜଣ ରହିଛନ୍ତି। ସେମାନେ ତୋଶମ ରୋଡରେ ଥିବା ଇଟା ଭାଟିରେ କାମ କରୁଥିଲେ। ବିଲ୍ଡିଂ କେନ୍ଦ୍ରରେ କାମ କରୁଥିଲେ। ସେମାନଙ୍କ ପାଖରେ ଭାରତରେ ରହିବା କିମ୍ବା କାମ କରିବା ପାଇଁ କୌଣସି ଆବଶ୍ୟକ କାଗଜପତ୍ର ନଥିଲା। ତେଣୁ ପୁଲିସ ସେମାନଙ୍କୁ ଧରିବା ସହ ତଦନ୍ତ ଆରମ୍ଭ କରିଛି। ଏମାନେ ବେଆଇନ ଭାବେ ଭାରତକୁ ପ୍ରବେଶ କରିଥିଲେ। ଜଣେ ପୁଲିସ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ ତଦନ୍ତ ଜାରି ରହିଛି ଏବଂ ସୁରକ୍ଷା ଏବଂ ଗୁଇନ୍ଦା ଏଜେନ୍ସି ମଧ୍ୟ ଏଥିରେ ସମ୍ପୃକ୍ତ ଅଛନ୍ତି । ଏହି ବ୍ୟକ୍ତିମାନଙ୍କ ସମ୍ପର୍କିତ ସମସ୍ତ ଉପଲବ୍ଧ କାଗଜପତ୍ର ସଂଗ୍ରହ କରିବା ପାଇଁ ପୁଲିସ ପ୍ରକ୍ରିୟା ଜାରି ରଖିଛି, ଯାହାକୁ ସମସ୍ତ ଆବଶ୍ୟକ ପ୍ରକ୍ରିୟା ଶେଷ ହେବା ପରେ ଦିଲ୍ଲୀର ଏକ ନିର୍ଦ୍ଦିଷ୍ଟ ଡିଟେନ୍ସନ୍ କ୍ୟାମ୍ପକୁ ପଠାଯିବ ବୋଲି ଅଧିକାରୀ ଜଣକ କହିଛନ୍ତି। ତଥ୍ୟ ଅନୁସାରେ ଏହି ବାଙ୍ଗଲାଦେଶୀ ନାଗରିକ ଏବେ ପୁଲିସ ହେପାଜତରେ ଅଛନ୍ତି। ଏମାନଙ୍କୁ ଇଟାଭାଟି ମାଲିକ କିଛି ମାସ ଆଗରୁ ରାଜସ୍ଥାନରୁ ଆଣିଥିଲେ। ଗତ କିଛି ଦିନ ଭିତରେ ଅନ୍ୟାନ୍ୟ କିଛି ପରିବାର ସେମାନଙ୍କ ସହ ଯୋଗ ଦେଇଛନ୍ତି। କିଛି ଲୋକଙ୍କ ପାଖରେ ପଶ୍ଚିମବଙ୍ଗ ଆଧାରକାର୍ଡ ଥିବା ଜଣାପଡିଛି। ହରିୟାଣା ପୁଲିସ ପକ୍ଷରୁ ବେଆଇନ ଭାବେ ରହୁଥିବା ପାକିସ୍ତାନୀ ଓ ବାଙ୍ଗଲାଦେଶୀଙ୍କୁ ଧରିବା ପାଇଁ ଅଭିଯାନ ଚାଲୁ ରହିଛି। ଏହିକ୍ରମରେ ପୂର୍ବରୁ ୧୪ ଜଣ ବାଙ୍ଗଲାଦେଶୀଙ୍କୁ ଗିରଫ କରାଯାଇଛି। ଯେଉଁମାନେ କି ଜାଲ ଆଧାରକାର୍ଡ ହାତେଇଛନ୍ତି। ସେହିପରି ୧୫ ଜଣ ପାକିସ୍ତାନୀ ନାଗରିକଙ୍କୁ ବି ଧରାଯାଇ ଗତ ମାସରେ ଦିଲ୍ଲୀ ଡିଟେନସନ ଶିବିରକୁ ପଠାଯାଇଥିବା ଜଣାପଡିଛି।

## ରାୟପୁରରେ ମର୍ମନ୍ତୁଦ ଦୁର୍ଘଟଣା ୧୩ ମୃତ, ୧୨ ଗୁରୁତର



**ରାୟପୁର,୧୨।୫:** ରାୟପୁରରେ ଘଟିଛି ମର୍ମନ୍ତୁଦ ସଡକ ଦୁର୍ଘଟଣା। ଏକ ଟ୍ରକ ୨୫ଜଣଙ୍କୁ ନେଇ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଏଥିରେ ୧୩ଜଣ ମୃତ୍ୟୁବରଣ କରିଥିବା ବେଳେ ୧୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୯ ଜଣ ମହିଳା ଏବଂ ୪ ଜଣ ଶିଶୁ ଅଛନ୍ତି। ରାୟପୁର ଜିଲ୍ଲା ରାୟପୁର-ବଲାଡବଜାର ରୋଡ ସାରାଗାଁ ନିକଟରେ ଟ୍ରକଟି ଏକ ଟ୍ରେଲରକୁ ଧକ୍କା ଦେଇଥିଲା। ରାୟପୁର ଏଏସପି କିରଣ ରାଥୋରଙ୍କ ଅନୁସାରେ, ଚାଟୋଡ ଗ୍ରାମର ଗୋଟିଏ ପରିବାର ବଂସାରୀ ଗ୍ରାମକୁ ଏକ ବିବାହ ଭୋଜିରେ ଯୋଗ ଦେବାକୁ ଯାଇଥିଲେ। ସେଠାରୁ ଏକ ଟ୍ରକରେ ଫେରିବା ସମୟରେ ଟ୍ରକଟି ଖାରୋରା ପୁଲିସ ଥାନା ଅଞ୍ଚଳ ସାରାଗାଁ ପାଖରେ ଏକ ଟ୍ରେଲର ସହିତ ଧକ୍କା ହୋଇଥିଲା। ସୂଚନା ମିଳିବା କ୍ଷଣି ରାୟପୁର ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଆହତମାନଙ୍କୁ ଖାରୋରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ରାୟପୁର ଭୀମରାଓ ଆମ୍ବେଦକର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରାୟପୁର ଜିଲ୍ଲାପାଳ ଗୌରବ ସିଂହ କହିଛନ୍ତି ଯେ ଜିଲ୍ଲା ପ୍ରଶାସନର କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ପୁଲିସ୍ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ପୁଣି ଥରି ଉଠିଲା ପାକିସ୍ତାନ

**ଇସ୍‌ଲାମାବାଦ,୧୨।୫:** ସୋମବାର ଅପରାହ୍ନରେ ପାକିସ୍ତାନରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି । ଜାତୀୟ ଭୂକମ୍ପ କେନ୍ଦ୍ରର ସୂଚନା ମୁତାବକ ଏହାର ତୀବ୍ରତା ରିକ୍ଟର ସ୍କେଲରେ ୪.୬ ରହିଥିଲା। ଭୂକମ୍ପରେ କୌଣସି ଧନ ଜୀବନ କ୍ଷୟକ୍ଷତି ହୋଇଥିବା ଖବର ଆସିପାରି ନାହିଁ। ଭୂକମ୍ପ ଝଟକା ଅନୁଭୂତ ହେବା ପରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଥିଲା। ଲୋକେ ଘରୁ ବାହାରକୁ ଦୌଡି ପଳାଇ ଆସିଥିଲେ। ପୂର୍ବରୁ ଗତ ମେ' ୫ ତାରିଖରେ ପାକିସ୍ତାନରେ ଭୂମିକମ୍ପ ହୋଇଥିଲା । ଏହାର ତୀବ୍ରତା ୪.୨ ରହିଥିଲା। ଏଥିରେ ମଧ୍ୟ କୌଣସି କ୍ଷୟକ୍ଷତି ହୋଇ ନ ଥିଲା। ପାକିସ୍ତାନ ସମେତ ଆଫଗାନିସ୍ତାନର କିଛି ସ୍ଥାନରେ ଏହି ଝଟକା ଅନୁଭୂତ ହୋଇଥିଲା ।

## ଚଳନ୍ତା ଟ୍ରେନରେ ୪୦ ମିନିଟ୍ ଝୁଲି ଯାତ୍ରା କଲେ ମହିଳା



**ମୁମ୍ବାଇ,୧୨।୫:** ମୁମ୍ବାଇର ଲୋକାଲ ଟ୍ରେନଗୁଡ଼ିକ ଏହି ସହରର ଜୀବନଧାରା, ଯାହା ପ୍ରତିଦିନ ଲକ୍ଷ ଲକ୍ଷ ଯାତ୍ରୀଙ୍କୁ ଏହି ଜନଗହଳିପୂର୍ଣ୍ଣ ମହାନଗରୀରେ ବହନ କରିଥାଏ। ଏହି ଟ୍ରେନଗୁଡ଼ିକ ସହରର ବିଭିନ୍ନ ଉପାନ୍ତ ଅଞ୍ଚଳକୁ ସଂଯୋଗ କରିବା ଏବଂ ଅଗଣିତ ବାସିନ୍ଦାଙ୍କ ଦୈନନ୍ଦିନ ଯାତାୟତକୁ ସହଜ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ନିକଟରେ, ସୋସିଆଲ ମିଡିଆରେ ଏକ ଆଶ୍ଚର୍ଯ୍ୟଜନକ ଭିଡିଓ ଭାଇରାଲ ହୋଇଛି, ଯେଉଁଥିରେ ମୁମ୍ବାଇରେ ଏକ ଜନଗହଳିପୂର୍ଣ୍ଣ ଲୋକାଲ ଟ୍ରେନର ବାହାରେ ମହିଳାମାନେ ଝୁଲି ରହିଥିବା ଦେଖାଯାଇଛି। ଭିଡିଓରେ ଦେଖାଯାଇଛି ଯେ ମହିଳାମାନେ କଲ୍ୟାଣ ଓ ମୁମ୍ବାଇ ସିଏସ୍‌ଟି ମଧ୍ୟରେ ଯାତ୍ରା କରୁଥିବା ବେଳେ ଫୁଟବୋର୍ଡରେ ଝୁଲି ଜୀବନ ବାଜି ଲଗାଇଛନ୍ତି। ଜଣେ ମହିଳା ଚିତ୍କାର କରୁଥିବା ଶୁଣାଯାଇଛି। ଉଲ୍ଲେଖନୀୟ ଭାବେ, କଲ୍ୟାଣ ଲେଡିସ୍ ସ୍ପେସାଲ ଟ୍ରେନ ୪୦ ମିନିଟ୍ ବିଳମ୍ବ ହୋଇଥିଲା, ଯେଉଁ କାରଣରୁ ଏହି ଯାତ୍ରୀମାନେ ଏପରି ବିପଦପୂର୍ଣ୍ଣ ଯାତ୍ରା କରିବାକୁ ବାଧ୍ୟ ହୋଇଥିଲେ। ଏହି କ୍ଲିପଟି ମୁମ୍ବାଇ ରେଲୱେ ୟୁଜର୍ସ ଆକାଉଣ୍ଟ ଦ୍ୱାରା ସେୟାର କରାଯାଇଥିଲା, ଯାହା ବିଳମ୍ବ ଯୋଗୁଁ ସୃଷ୍ଟ ଭୟଙ୍କର ପରିସ୍ଥିତି, ଜନଗହଳିପୂର୍ଣ୍ଣ ପ୍ଲାଟଫର୍ମ ଏବଂ ଟ୍ରେନ କମ୍ପାର୍ଟମେଣ୍ଟକୁ ହାଇଲାଇଟ କରିଥିଲା।

## ପ୍ରଧାନମନ୍ତ୍ରୀଙ୍କୁ କଡ଼ା ପ୍ରଶ୍ନ କଲେ ଭୂପେଶ ବାଘେଲ



**ନୂଆଦିଲ୍ଲୀ,୧୨।୫:** ସୋମବାର କଂଗ୍ରେସ ସରକାରଙ୍କଠାରୁ ପହଲଗାମ ଆତଙ୍କବାଦୀ ଆକ୍ରମଣର ଅପରାଧୀମାନଙ୍କୁ ଗିରଫ କରାଯାଇଛି କିମ୍ବା ହତ୍ୟା କରାଯାଇଛି କି ନାହିଁ ଏବଂ ଏହି ଘଟଣାକୁ ନେଇ ସୁରକ୍ଷା ତ୍ରୁଟି ପାଇଁ କିଏ ଦାୟୀ ଥିଲେ ତାହାର ଉତ୍ତର ଦାବି କରିଛି, ଯେଉଁଥିରେ ୨୬ ଜଣଙ୍କର ଜୀବନ ହାନି ହୋଇଥିଲା। ଏଆଇସିସି ମୁଖ୍ୟାଳୟରେ ଆୟୋଜିତ ଏକ ପ୍ରେସ କନଫରେନ୍ସରେ କଂଗ୍ରେସ ସାଧାରଣ ସମ୍ପାଦକ ଭୂପେଶ ବାଘେଲ ପଚାରିଛନ୍ତି ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଥିବା ବିଷୟଗୁଡ଼ିକରେ ତୃତୀୟ ପକ୍ଷର ହସ୍ତକ୍ଷେପକୁ ଅନୁମତି ଦେବା ପାଇଁ ଦେଶର ବୈଦେଶିକ ନୀତିରେ କୌଣସି ପରିବର୍ତ୍ତନ ହୋଇଛି କି? ସେ ଶାସକ ଭାରତୀୟ ଜନତା ପାର୍ଟି (ଭାଜପା) ଉପରେ ଏପ୍ରିଲ ୨୨ ପହଲଗାମ ଆକ୍ରମଣକୁ ସୋସିଆଲ ମିଡିଆରେ ରାଜନୀତିକରଣ କରିବାର ଅଭିଯୋଗ ଲଗାଇଛନ୍ତି ଏବଂ ପଚାରିଛନ୍ତି ଯେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଗୁଳିଚାଳନା ବନ୍ଦ କରିବା ଘୋଷଣା କ'ଣ ଏକ କୂଟନୈତିକ ବିଫଳତା ଥିଲା କି?

## ସୁଧୁରୁଛି ସୀମା ସ୍ଥିତି

## ଘରକୁ ଫେରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିବେଦନ

### ସ୍ୱଜନ ହରାଇଥିବା ପରିବାରକୁ ଭେଟିଲେ



**ଶ୍ରୀନଗର,୧୨।୫:** ଭାରତ-ପାକିସ୍ତାନ ମଧ୍ୟରେ ହୋଇଛି ଅସ୍ତ୍ରବିରତି। ସୀମାରେ ବନ୍ଦ ହୋଇଛି ଉତ୍ତେଜନାମୂଳକ ପରିସ୍ଥିତି। ବନ୍ଦ ହୋଇଛି ଗୁଳିମାଡ଼, ବନ୍ଦ ହୋଇଛି ଡ୍ରୋନ୍ ଆକ୍ରମଣ। ଆଉ ଇତିମଧ୍ୟରେ ସୀମାରେ ଟିକେ ଶାନ୍ତି ଫେରିଥିବା ବେଳେ ପାକିସ୍ତାନର ଗୁଳିମାଡରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ଭେଟିଛନ୍ତି ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା। ପାକ୍ ସେନା ଆକ୍ରମଣରେ ପ୍ରାଣ ହରାଇଥିବା ୨ କୁନି କୁନି ଶିଶୁଙ୍କ ଘରକୁ ଯାଇ ସେମାନଙ୍କ ପରିବାକୁ ମଧ୍ୟ ଭେଟିଛନ୍ତି ମୁଖ୍ୟମନ୍ତ୍ରୀ । ଏହା ପୂର୍ବରୁ ଗୁଳିମାଡ଼ରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ପାଇଁ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଥିବା ମୁଖ୍ୟମନ୍ତ୍ରୀ ଆଜି ପୁଞ୍ଛ ଓ ସ୍ୱର୍ଣ୍ଣକୋଟର କ୍ଷତିଗ୍ରସ୍ତ ପରିବାର ନିକଟରେ ପହଞ୍ଚି ସ୍ଥିତି ପରଖିଛନ୍ତି। ଗତ ୩ ଦିନ ତଳର ସ୍ଥିତିକୁ ମନେ ପକାଇ ସେ କହିଛନ୍ତି ଯେ ୩-୪ ଦିନ ଜମ୍ମୁ-କାଶ୍ମୀର ଓ ପୁଞ୍ଛରେ ଯୁଦ୍ଧ ଭଳି ପରିସ୍ଥିତି ଥିଲା। ପାକିସ୍ତାନ ସେନାର ଗୁଳିମାଡ଼ରେ ୧୩ ଜଣଙ୍କ ଜୀବନ ଯାଇଛି । ଆଜି ମୁଁ ସେମାନଙ୍କ ଘରକୁ ଆସିଛି, ପୁଞ୍ଛ ଓ ସ୍ୱର୍ଣ୍ଣକୋଟର ଜନସାଧାଣଙ୍କୁ ଧନ୍ୟବାଦ ଦେଉଛି, ସେମାନେ ସେଭଳି ଏକ ବିଷମ ସ୍ଥିତିରେ ଭାଇଚାରା ବଜାୟ ରଖିବା ସହ ପରସ୍ପରକୁ ସାହାଯ୍ୟ କରିଥିଲେ। ଏଥିସହ ଯେଉଁମାନେ ଘର ଛାଡ଼ି ଚାଲିଯାଇଛନ୍ତି, ସେମାନେ ମଧ୍ୟ ତୁରନ୍ତ ନିଜ ନିଜ ଘରକୁ ଫେରିଆସିବା ସକାଶେ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ତେବେ ପାକିସ୍ତାନ ଉପରେ ବର୍ଷିଛନ୍ତି ଓମାର ଅବଦୁଲ୍ଲା । ପାକିସ୍ଥାନ କେବଳ ଗୋଟିଏ ଧର୍ମକୁ ଟାର୍ଗେଟ୍ କରିନି ବରଂ ସେ ସୀମାର ମନ୍ଦିର, ଗୁରୁଦ୍ୱାର, ଦରଘା ଆଦି ସବୁ ଧର୍ମାନୁଷ୍ଠାନକୁ ଟାର୍ଗଟ୍ କରିଥିଲା। ଭାରତୀୟ ଯବାନ ପାକିସ୍ତାନର କୌଣସି ମସଜିଦକୁ ଟାର୍ଗେଟ୍ କରିନାହାନ୍ତି । ଏହା ପାକିସ୍ତାନର ଅପପ୍ରଚାର। କ୍ଷତିଗ୍ରସ୍ତ ପୁଞ୍ଛ, ରାଜୋରୀ, ଜମ୍ମୁ, ବାରାମୁଲା, କୁପୱାରା ଏବଂ ବନ୍ଦିପୋରା ଆଦି ଅଞ୍ଚଳର କ୍ଷୟକ୍ଷତି ନେଇ ରିପୋର୍ଟ ମିଳିବା ପରେ ତୁରନ୍ତ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଚା' ପାହାଡ଼ରୁ ଘାଟିରେ ଖସିପଡ଼ିଲା ବସ୍, ୨୧ ଯାତ୍ରୀଙ୍କ ମୃତ୍ୟୁ

**କୋଲମ୍ବୋ,୧୨।୫:** ରବିବାର ଦିନ ଶ୍ରୀଲଙ୍କାର ଚା ପାହାଡ଼ ଅଞ୍ଚଳରେ ଏକ ଯାତ୍ରୀବାହୀ ବସ୍ ପାହାଡ଼ରୁ ଖସି ଏକ ଘାଟିକୁ ଖସି ପଡ଼ିବାରୁ ୨୧ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୫ ଜଣ ଆହତ ହୋଇଛନ୍ତି। ଏହି ଦୁଃଖଦ ଦୁର୍ଘଟଣା ବିଷୟରେ ଶ୍ରୀଲଙ୍କା ପୋଲିସର ଜଣେ ପ୍ରବକ୍ତା ସୂଚନା ଦେଇଛନ୍ତି । ପୋଲିସ କହିଛି ଯେ ରବିବାର ପ୍ରତ୍ୟୁଷରେ କଲମ୍ବୋରୁ ପ୍ରାୟ ୧୪୦ କିଲୋମିଟର ପୂର୍ବରେ କୋଟମାଲେ ସହର ନିକଟରେ ମଧ୍ୟ ଶ୍ରୀଲଙ୍କାର ଏକ ପାହାଡ଼ି ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଥିଲା । ପୋଲିସ ପ୍ରବକ୍ତା ବୁଦ୍ଧିକା ମାନାଥୁଙ୍ଗା କହିଛନ୍ତି ଯେ ଚା ଉତ୍ପାଦନକାରୀ ପାହାଡିଆ ଅଞ୍ଚଳରେ ଘଟିଥିବା ଏହି ଦୁର୍ଘଟଣାରେ ଅତି କମରେ ୨୧ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୩୫ ଜଣ ଆହତ ହୋଇଛନ୍ତି, ସେମାନଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି । ଏକ ସ୍ଥାନୀୟ ଟେଲିଭିଜନରେ ବସ୍ଟି ଖାଇ ତଳେ ଓଲଟି ପଡ଼ିଥିବାର ଦେଖାଯାଇଥିଲା, ଯେତେବେଳେ ଶ୍ରମିକ ଏବଂ ଅନ୍ୟମାନେ ଆହତମାନଙ୍କୁ ଭଗ୍ନାବଶେଷରୁ ବାହାର କରିବାରେ ସାହାଯ୍ୟ କରୁଥିଲେ। ଡ୍ରାଇଭର ଆହତ ହୋଇଛନ୍ତି ଏବଂ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣା ସମୟରେ ବସରେ ପ୍ରାୟ ୫୦ ଜଣ ଲୋକ ଥିଲେ । ମାନ୍ଥୁଙ୍ଗା କହିଛନ୍ତି ଯେ ଦୁର୍ଘଟଣାଟି ଡ୍ରାଇଭରଙ୍କ ଅବହେଳା ଯୋଗୁଁ ନା ବସ୍ର କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଘଟିଛି ତାହା ଜାଣିବା ପାଇଁ ପୋଲିସ ତଦନ୍ତ ଆରମ୍ଭ କରିଛି । ପୋଲିସ କହିଛି ଯେ ବସ୍ ଟି ଏକ ସରକାରୀ ବସ୍ କମ୍ପାନୀ ଦ୍ୱାରା ପରିଚାଳିତ ହେଉଥିଲା ।



# ଟେଷ୍ଟ କ୍ରିକେଟରୁ ବିରାଟଙ୍କ ସନ୍ନ୍ୟାସ

## ଭାବବିହ୍ୱଳ କଲା ଭଳି ପୋଷ୍ଟ କରି ନେଲେ ବିଦାୟ



ନୂଆଦିଲ୍ଲୀ, ୧୨।୫: ଟେଷ୍ଟ କ୍ରିକେଟରୁ ବିଦାୟ ନେଲେ ବିରାଟ। ଭାରତୀୟ କ୍ରିକେଟ ଜଗତକୁ ଏକ ବଡ଼ ଝଟକା। ରୋହିତଙ୍କ ପରେ ଟେଷ୍ଟରୁ ସନ୍ନ୍ୟାସ ନେଲେ କିଙ୍ଗ କୋହଲି। ବିରାଟ ନିଜ ଇନଷ୍ଟାଗ୍ରାମ ପୋଷ୍ଟରେ ଏ ନେଇ ସୂଚନା ଦେଇଛନ୍ତି।

ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ବିରାଟ ଲେଖିଛନ୍ତି, "ଟେଷ୍ଟ କ୍ରିକେଟରେ ପ୍ରଥମ ଥର ପାଇଁ 'ବ୍ୟାଗି ବ୍ଲୁ' ଜର୍ସି ପିନ୍ଧିବାର ୧୪ ବର୍ଷ ବିତିଗଲାଣି। ଏହି ଫର୍ମାଟ୍ ମୋତେ କେତେ ଦୂର ନେଇଯିବ ତାହା ମୁଁ କେବେ କଳ୍ପନା କରି ନଥିଲି। ଟେଷ୍ଟ କ୍ରିକେଟ ମୋର ଅନେକ ପରୀକ୍ଷା ନେଇଥିଲା, ମୋତେ ତିଆରି କରିଥିଲା ଏବଂ ମୋତେ ଏପରି ଶିକ୍ଷା ଦେଇଥିଲା ଯାହାକୁ ମୁଁ ଜୀବନ ସାରା ମୋ ସହିତ ରଖି ଆଗକୁ ବଢ଼ିବି।" ଗତ କିଛିଦିନ ହେଲାଣି ବିରାଟଙ୍କ ଅବସର ନେଇ ଅନେକ ପ୍ରଶ୍ନ ସୃଷ୍ଟି ହୋଇଥିଲା। ବିରାଟ ବିସିସିଆଇ ନିକଟରେ ଟେଷ୍ଟ କ୍ୟାରିଅର ଶେଷ କରିବା ନେଇ ସୂଚନା ମଧ ଦେଇଥିଲେ। କିନ୍ତୁ ବିସିସିଆଇ ଆଗାମୀ ଇଂଲଣ୍ଡ ଟେଷ୍ଟ ସିରିଜକୁ ଆଖିରେ ରଖି ତାଙ୍କୁ ଅବସର ନିଷ୍ପତ୍ତି ଉପରେ ପୁନର୍ବିଚାର କରିବା ପାଇଁ କହିଥିଲା। ତେବେ ମାନସିକ ଭାବେ ନିଜକୁ ଅବସର ପାଇଁ ପ୍ରସ୍ତୁତ କରି ସାରିଥିବା ବିରାଟ ଆଉ ନିଷ୍ପତ୍ତିରୁ ଓହରିବାକୁ ରାଜି ନାହାନ୍ତି। ତେବେ ଗୋଟିଏ ସପ୍ତାହରେ ଭାରତୀୟ କ୍ରିକେଟ ଫ୍ୟାନ୍ସଙ୍କୁ ଡବଲ ଝଟକା ଲାଗିଛି। ରୋହିତ ଶର୍ମାଙ୍କ ପରେ ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ବିଦାୟ ନେଇଛନ୍ତି। ଭେଟେରାନ୍ ରୋହିତ ଶର୍ମାଙ୍କ ପରେ ବିରାଟ କୋହଲିଙ୍କ ଅବସର ଫ୍ୟାନ୍ସଙ୍କୁ ଖୁବ୍ ବାଧୁଛି। ଟିମ୍ ଇଣ୍ଡିଆ ଆସନ୍ତା ମାସରେ ଇଂଲଣ୍ଡ ଗସ୍ତ କରିବ। ଏହି ସମୟରେ ୫ଟି ଟେଷ୍ଟ ମ୍ୟାଚ ଖେଳିବ ଦଳ। ପୂର୍ବରୁ ବିରାଟ କୋହଲି ଟି୨୦ରୁ ସନ୍ନ୍ୟାସ ନେଇ ସାରିଛନ୍ତି। ଏହାପରେ ଟେଷ୍ଟରୁ ସନ୍ନ୍ୟାସ ନେବା ପରେ ଏବେ କେବଳ ଦିନିକିଆ ମ୍ୟାଚ୍ ଖେଳିବେ। କୋହଲି ବର୍ତ୍ତମାନ ପର୍ଯ୍ୟନ୍ତ ୧୨୩ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଯେଉଁଥିରେ ସେ ୪୬.୮୫ ହାରରେ ମୋଟ୍ ୯ ହଜାର ୨୩୦ ରନ୍ ସ୍କୋର କରିଛନ୍ତି। ଏଥିରେ ରହିଛି ୩୦ଟି ଶତକ ଏବଂ ୩୧ଟି ଅର୍ଦ୍ଧଶତକ। ଟେଷ୍ଟରେ ଅଧିନାୟକ ଭାବେ ସେ ୬୮ଟି ମ୍ୟାଚରେ ଭାରତର ନେତୃତ୍ୱ ନେଇଛନ୍ତି। ସେଥିମଧ୍ୟରୁ ୪୦ଟିରେ ବିଜୟୀ ହୋଇଛି ଭାରତୀୟ ଦଳ। ଏହି ୬୮ଟି ମ୍ୟାଚରେ ସେ ୫୪.୮୦ ହାରରେ ୫ ହଜାର ୮୬୪ରନ୍ କରିଛନ୍ତି। ଏହି ସମୟ ମଧ୍ୟରେ କୋହଲି ୨୦ଟି ଶତକ ଏବଂ ୧୮ଟି ଅର୍ଦ୍ଧଶତକ ହାସଲ କରିଥିଲେ। କୋହଲିଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର ହେଉଛି ୨୫୪ ରନ୍।



## କୋହଲିଙ୍କ ୫ 'ବିରାଟ' ରେକର୍ଡ

**ଭାରତୀୟ ଅଧିନାୟକ ଭାବରେ ସର୍ବାଧିକ ଟେଷ୍ଟ ଶତକ**
ବିରାଟ କୋହଲି ହେଉଛନ୍ତି ଟେଷ୍ଟ କ୍ରିକେଟରେ ଅଧିନାୟକ ଭାବରେ ସର୍ବାଧିକ ଶତକ ମାରିଥିବା ଖେଳାଳି। ବିରାଟ ୬୮ଟି ଟେଷ୍ଟ ମ୍ୟାଚରେ ଟିମ ଇଣ୍ଡିଆର ଅଧିନାୟକତ୍ୱ କରିଥିଲେ। ଏଥିରୁ ସେ ୨୦ଟି ଇନିଂସରେ ଗୋଟିଏ ଶତକ ମାରିଥିଲେ। ଭାରତୀୟ ଅଧିନାୟକ ଭାବରେ ସର୍ବାଧିକ ଟେଷ୍ଟ ଶତକ ହାସଲ କରିଥିବା ଖେଳାଳିଙ୍କ ତାଲିକାରେ ସୁନୀଲ ଗାଭାସ୍କର ଦ୍ୱିତୀୟ ସ୍ଥାନରେ ଅଛନ୍ତି, ଯିଏ ଅଧିନାୟକ ଭାବରେ ୧୧ଟି ଶତକ ହାସଲ କରିଥିଲେ।

**ଜଣେ ଭାରତୀୟଙ୍କ ଦ୍ୱାରା ସର୍ବାଧିକ ଦ୍ୱିଶତକ**
ବିରାଟ କୋହଲି ହେଉଛନ୍ତି ଜଣେ ଭାରତୀୟଙ୍କ ଦ୍ୱାରା ଟେଷ୍ଟ ଫର୍ମାଟରେ ସର୍ବାଧିକ ଦ୍ୱିଶତକ ହାସଲ କରିଥିବା ବ୍ୟାଟସମ୍ୟାନ। ସେ ତାଙ୍କର ୧୪ ବର୍ଷର ଲାଲ ବଲ କ୍ୟାରିୟରରେ ୭ଟି ଦ୍ୱିଶତକ ହାସଲ କରିଥିଲେ। ତାଙ୍କର ଶେଷ ଦ୍ୱିଶତକ ୨୦୧୯ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆସିଥିଲା। ସଚିନ ତେନ୍ଦୁଲକର ଏବଂ ବୀରେନ୍ଦ୍ର ସେହ୍ୱାଗ ଉଭୟ ଟେଷ୍ଟରେ ୬ଟି ଦ୍ୱିଶତକ ମାରିଛନ୍ତି।

**ଟେଷ୍ଟରେ ଭାରତର ସବୁଠାରୁ ସଫଳ ଅଧିନାୟକ**
ବିରାଟ କୋହଲି ତାଙ୍କ କ୍ୟାରିୟରରେ ସୌରଭ ଗାଙ୍ଗୁଲି, ମହମ୍ମଦ ଆଝାରୁଦ୍ଦିନ ଏବଂ ଏମଏସ ଧୋନୀଙ୍କ ପରି କିମ୍ବଦନ୍ତୀ ଅଧିନାୟକଙ୍କୁ ପଛରେ ପକାଇଛନ୍ତି। ବିରାଟ ଟେଷ୍ଟରେ ଭାରତର ସବୁଠାରୁ ସଫଳ ଅଧିନାୟକ ଥିଲେ। ତାଙ୍କ ନେତୃତ୍ୱରେ ଟିମ ଇଣ୍ଡିଆ ୬୮ଟି ଟେଷ୍ଟ ମ୍ୟାଚ ମଧ୍ୟରୁ ୪୦ଟି ଜିତିଥିଲା। ତାଙ୍କ ଅଧିନାୟକତ୍ୱରେ ଭାରତର ବିଜୟ ପ୍ରତିଶତ ୫୮.୮୨ ଥିଲା। ୧୦ରୁ ଅଧିକ ଟେଷ୍ଟ ମ୍ୟାଚ୍‌ରେ ଟିମ ଇଣ୍ଡିଆର ଅଧିନାୟକତ୍ୱ କରିଥିବା ଖେଳାଳିଙ୍କ ମଧ୍ୟରେ ବିରାଟଙ୍କ ବିଜୟ ପ୍ରତିଶତ ସର୍ବାଧିକ।

**ବିଦେଶୀ ଟେଷ୍ଟ ଗସ୍ତରେ ୪ଶତକ ମାରିଥିବା ପ୍ରଥମ ଭାରତୀୟ**
ବିରାଟ କୋହଲି ପ୍ରଥମ ଭାରତୀୟ ଖେଳାଳି ଭାବେ ବିଦେଶ ଗସ୍ତରେ ୪ଟି ଶତକ ମାରିଛନ୍ତି। ସେ ୨୦୧୪-୧୫ ଅଷ୍ଟ୍ରେଲିଆ ଗସ୍ତରେ ୪ଟି ଶତକ ମାରିଥିଲେ। ଏହା ବ୍ୟତୀତ ସେ ୨୦୧୬-୧୭ ଇଂଲଣ୍ଡ ସିରିଜରେ ମଧ୍ୟ ୪ଟି ଶତକୀୟ ଇନିଂସ ଖେଳିଥିଲେ।

**ଟେଷ୍ଟରେ ଚତୁର୍ଥ ସର୍ବାଧିକ ରନ ସ୍କୋରର**
ବିରାଟ କୋହଲି ଟେଷ୍ଟ କ୍ରିକେଟ ଇତିହାସରେ ଭାରତ ପାଇଁ ଚତୁର୍ଥ ସର୍ବାଧିକ ରନ ସ୍କୋରର। ସେ ତାଙ୍କର ୧୨୩ଟି ଟେଷ୍ଟ ମ୍ୟାଚ କ୍ୟାରିୟରରେ ୯,୨୩୦ ରନ କରିଥିଲେ। ଏହି ତାଲିକାରେ ତାଙ୍କ ଉପରେ କେବଳ ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ ଏବଂ ସୁନୀଲ ଗାଭାସ୍କର ଥିଲେ।

# ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ମୀନାଙ୍କୁ ରୌପ୍ୟ



ଭୁବନେଶ୍ୱର, ୧୨।୫: ରାଜଗିରଠାରେ ଚାଲିଥିବା ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ଓଡ଼ିଶା ଲିଫ୍ଟର୍ ମୀନା ସାନ୍ତା ରବିବାର ରୌପ୍ୟ ପଦକ ଜିତିଛନ୍ତି। ଶନିବାର ଜ୍ୟୋତ୍ସ୍ନା ଶବର ଓ ହର୍ଷବର୍ଦ୍ଧନ ସାହୁ ସ୍ୱର୍ଣ୍ଣ ପଦକ ଜିତିବା ପରେ ଏହା ଓଡ଼ିଶାକୁ ଭାରୋତ୍ତୋଳନରୁ ତୃତୀୟ ପଦକ ହୋଇଛି। ହର୍ଷବର୍ଦ୍ଧନ ଜାତୀୟ ଯୁବ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ରବିବାର ମୀନା ସାନ୍ତା (ଏ) ମହିଳା ଯୁବ ୫୫ କିଲୋଗ୍ରାମ ଓଜନ ବର୍ଗରେ ସ୍ନାଚ୍‌ରେ ୮୦ କିଲୋଗ୍ରାମ ଏବଂ କ୍ଲିନ୍ ଆଣ୍ଡ୍ ଜର୍କରେ ୯୭ କିଲୋଗ୍ରାମ ସହ ମୋଟ ଉପରେ ୧୭୭ କିଲୋଗ୍ରାମ ଉତ୍ତୋଳନ କରିଥିଲେ। କିନ୍ତୁ ଆସାମର ଐସଙ୍ଗଫା ଗୋଗୋଇ (୮୧ ଓ ୧୦୨) ମୋଟ ୧୮୩ କିଲୋଗ୍ରାମ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ଅବସରରେ ଐସଙ୍ଗଫା ମଧ ଏକ ଜାତୀୟ ଯୁବ ମହିଳା ରେକର୍ଡ ପ୍ରତିଷ୍ଠା କରିଥିଲେ। ମୋଟ ଉପରେ ସେ ଉଠାଇଥିବା ୧୮୩ କିଲୋଗ୍ରାମ ପଶ୍ଚିମବଙ୍ଗର କୋୟଲ ବାର (୧୮୨)ଙ୍କ ନାମରେ ଥିବା ପୂର୍ବ ରେକର୍ଡ ପଛରେ ପଡ଼ିଯାଇଥିଲା। ଅନ୍ୟତମ ଓଡ଼ିଆ ଝିଅ ତଥା ସମାନ ନାମଧାରୀ ମୀନା ସାନ୍ତା (ବି) ଚତୁର୍ଥରେ ରହି ପଦକରୁ ବଞ୍ଚିତ ହୋଇଥିଲେ। ସେ ସ୍ନାଚ୍‌ରେ ୭୧ ଓ କ୍ଲିନ୍ ଆଣ୍ଡ୍ ଜର୍କରେ ୯୧ ସହ ମୋଟ ୧୬୨ କିଲୋ ଉତ୍ତୋଳନ କରିଥିଲେ। ମାତ୍ର ୨ କିଲୋଗ୍ରାମ ଅଧିକ ଉତ୍ତୋଳନ କରି ଆନ୍ଧ୍ରପ୍ରଦେଶର ହେମାଶ୍ରୀ କରଙ୍ଗୀ (୧୬୪ କିଲୋଗ୍ରାମ) କାଂସ୍ୟ ପଦକ ଜିତିଥିଲେ। ମୀନାଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘର ସଭାପତି ଇଂ ଚିତ୍ତରଂଜନ ସ୍ୱାଇଁ ଅଭିନନ୍ଦନ ଜଣାଇଛନ୍ତି।

# ବାପୁଜୀ ସ୍ପୋର୍ଟିଂ ବିଜେତା

ପୁରୀ, ୧୨।୫: ଶ୍ରୀଜଗନ୍ନାଥ ଷ୍ଟାଡିୟମ୍‌ଠାରେ ଆୟୋଜିତ ନୀଳାଚଳ ଟ୍ରଫି ଟ୍ୱେଣ୍ଟି-୨୦ ପ୍ରତିଯୋଗିତାରେ ଭୁବନେଶ୍ୱରର ବାପୁଜୀ ସ୍ପୋର୍ଟିଂ ବିଜେତା ହୋଇଛି। ରବିବାର ଫାଇନାଲ୍‌ରେ ଏହି ଦଳ ୪ ୱିକେଟ୍‌ରେ କଟକର ରାଇଜିଂ ଷ୍ଟୁଡେଣ୍ଟ୍‌କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାଇଜିଂ ଷ୍ଟୁଡେଣ୍ଟ୍ ୬ ୱିକେଟ୍ ହରାଇ ୧୩୯ ରନ୍ କରିଥିଲା। ଗୁରୁଦୀପନ ଜେନା ୪୪ (୩୩ ବଲ୍) ଏବଂ ଅଙ୍କିତ ବେହେରା ୪୩ (୪୦ ବଲ୍) ରନ୍ କରିଥିଲେ। ବାପୁଜୀ ସ୍ପୋର୍ଟିଂର ଅତୁଲ ଓ ରାକେଶ ପଟ୍ଟନାୟକ ୩ ୱିକେଟ୍ ଲେଖାଏଁ ନେଇଥିଲେ। ଜବାବରେ ବାପୁଜୀ ସ୍ପୋର୍ଟିଂ ୧୫.୧ ଓଭରରେ ୪ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ଅଭିଷେକ ଯାଦବ ୪୯* (୨୮ ବଲ୍) ଏବଂ ରାକେଶ ପଟ୍ଟନାୟକ ୩୩ ରନ୍ କରିଥିଲେ। ଶୁଭମ୍ ନାୟକ ୪-୦-୨୯-୪ ବୋଲିଂ ସଫଳତା ପାଇଥିଲେ। ବିଜେତା ଓ ଉପବିଜେତା ଦଳକୁ ଯଥାକ୍ରମେ ୫୦ ଓ ୩୦ ହଜାର ଟଙ୍କାର ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାଚ୍ ଓ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ରାକେଶ ପଟ୍ଟନାୟକଙ୍କୁ ୬ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ସିଦ୍ଧାର୍ଥ ଜେନା (ବ୍ୟାଟର୍), ପ୍ରିୟାଂଶୁ ବିଶ୍ୱାଳ (ଫିଲ୍ଡର), ଅତୁଲ (ବୋଲର)ଙ୍କୁ ୩ ହଜାର ଟଙ୍କା ଲେଖାଏଁ ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦୁଇଜଣଙ୍କୁ...

ମହତ୍ କାର୍ଯ୍ୟ ହସ୍ପିଟାଲ ପକ୍ଷରୁ ଜାରି ରହିବ ବୋଲି ଏହାର ସିଇଓ ଡକ୍ଟର ଶ୍ୱେତପଦ୍ମା ଦାଶ କହିଥିବା ବେଳେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ କହିଛନ୍ତି ଯେ ସମ୍ମମ୍ ପକ୍ଷରୁ ଅଙ୍ଗଦାନ ଭଳି ମହତ କାର୍ଯ୍ୟକୁ ଅଧିକ ଲୋକାଦୃତ କରିବା ପାଇଁ ପ୍ରଚେଷ୍ଟା କରାଯାଉଥିବା କହିଛନ୍ତି।

## ୧୭ରୁ...

ଆସନ୍ତା ୧୭ରୁ ପୁଣିଥରେ ଆଇପିଏଲ୍ ଆରମ୍ଭ ହେବ। ଆସନ୍ତା ଶନିବାର ବେଙ୍ଗାଲୁରୁଠାରେ ଘରୋଇ ରୟାଲ୍ ଚାଲେଞ୍ଜର୍ସ ବାଙ୍ଗାଲୋର୍ ଓ କୋଲ୍‌କାତା ନାଇଟ୍ ରାଇଡର୍ସ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ମାଧ୍ୟମରେ ଏହା ପ୍ରତ୍ୟାବର୍ତ୍ତନ କରିବ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ଏଥିସହ ଆସନ୍ତା ୩ ତାରିଖରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ବୋଲି ମଧ୍ୟ କୁହାଯାଇଛି। ସେହିପରି ଗତ ସପ୍ତାହରେ ଅଧାରୁ ବାତିଲ୍ ହୋଇଥିବା ପଞ୍ଜାବ କିଙ୍ଗ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ୍‌ଟି ଆସନ୍ତା ୨୪ ତାରିଖରେ ଜୟପୁରଠାରେ ଖେଳାଯିବ। ଏହାଛଡ଼ା ସଂସ୍କରଣର କ୍ୱାଲିଫାୟର୍-୧ ଓ ଏଲିମିନେଟର୍ ଯଥାକ୍ରମେ ମେ' ୨୯ ଓ ୩୦ ତାରିଖରେ ଖେଳାଯିବାକୁ ଥିବା ବେଳେ କ୍ୱାଲିଫାୟର୍-୨ ଜୁନ୍ ୧ ତାରିଖରେ ଖେଳାଯିବାକୁ ନିଷ୍ପତ୍ତି ହୋଇଛି। ତେବେ ପ୍ଲେଅଫ୍ ପର୍ଯ୍ୟାୟର ମ୍ୟାଚ୍‌ଗୁଡ଼ିକ ସକାଶେ ଭେନ୍ୟୁ ଘୋଷଣା ପରବର୍ତ୍ତୀ ସମୟରେ ହେବ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି।

## ଆତଙ୍କୀଙ୍କୁ...

ବର୍ଗ, ପ୍ରତ୍ୟେକ ରାଜନୈତିକ ଦଳ ଆତଙ୍କବାଦ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଏକ ସ୍ୱରରେ ଛିଡ଼ା ହୋଇଥିଲେ। ଆମେ ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ଭାରତୀୟ ସେନାକୁ ସ୍ୱାଧୀନତା ଦେଇଥିଲୁ। ଆଜି ପ୍ରତ୍ୟେକ ଆତଙ୍କବାଦୀ ସଂଗଠନ ଅନୁଭବ କରିଛନ୍ତି ଯେ ଆମ ଭଉଣୀ ଏବଂ ଝିଅମାନଙ୍କ କପାଳରୁ ସିନ୍ଦୂର ହଟାଇବାର ପରିଣାମ କ'ଣ ହୋଇପାରେ।

'ଅପରେସନ୍ ସିନ୍ଦୂର' କେବଳ ଏକ ନାମ ନୁହେଁ, ଏହା ଦେଶର କୋଟି କୋଟି ଲୋକଙ୍କ ଭାବନାର ପ୍ରତିଫଳନ। 'ଅପରେସନ୍ ସିନ୍ଦୂର' ନ୍ୟାୟର ଏକ ଅଖଣ୍ଡ ପ୍ରତିଜ୍ଞା। ଗତ ୬ ବିଳମ୍ବିତ ରାତିରେ ଓ ୭ ସକାଳେ ସାରା ବିଶ୍ୱ ଏହି ପ୍ରତିଜ୍ଞାକୁ ଫଳାଫଳରେ ପରିଣତ ହୋଇଥିବା ଦେଖିଛି। ଭାରତୀୟ ସେନା ପାକିସ୍ତାନରେ ଥିବା ଆତଙ୍କବାଦୀ ଆଡ୍ଡା ଏବଂ ସେମାନଙ୍କ ତାଲିମ କେନ୍ଦ୍ର ଉପରେ ସଠିକ୍ ଆକ୍ରମଣ କରିଥିଲେ। ଆତଙ୍କବାଦୀମାନେ ସ୍ୱପ୍ନରେ ମଧ୍ୟ କଳ୍ପନା କରିନଥିଲେ ଯେ ଭାରତ ଏତେ ବଡ଼ ନିଷ୍ପତ୍ତି ନେଇପାରେ। କିନ୍ତୁ ଯେତେବେଳେ ଦେଶ ଏକତ୍ରିତ ହୁଏ, ରାଷ୍ଟ୍ର ପ୍ରଥମର ଭାବନାରେ ପରିପୂର୍ଣ୍ଣ ହୁଏ, ରାଷ୍ଟ୍ର ସର୍ବୋଚ୍ଚ ହୁଏ, ସେତେବେଳେ ଦୃଢ଼ ନିଷ୍ପତ୍ତି ନିଆଯାଏ ଏବଂ ଫଳାଫଳ ହାସଲ ହୁଏ। ଆତଙ୍କବାଦୀମାନେ ଆମ ଭଉଣୀମାନଙ୍କ ସିନ୍ଦୂର ନଷ୍ଟ କଲେ, ତେଣୁ ଭାରତ ଆତଙ୍କବାଦୀଙ୍କ ଏହି ମୁଖ୍ୟାଳୟଗୁଡ଼ିକୁ ଧ୍ୱଂସ କରିଦେଲା। ଆତଙ୍କବାଦ ବିରୋଧରେ ଭାରତର କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କରିବା ପରିବର୍ତ୍ତେ ପାକିସ୍ତାନ ଭାରତ ଉପରେ ହିଁ ଆକ୍ରମଣ କରିବା ଆରମ୍ଭ କରିଦେଲା। ପାକିସ୍ତାନ ଆମର ସ୍କୁଲ-କଲେଜ, ଗୁରୁଦ୍ୱାର, ମନ୍ଦିର, ସାଧାରଣ ନାଗରିକଙ୍କ ଘରକୁ ଟାର୍ଗେଟ କରିଥିଲା, ପାକିସ୍ତାନ ଆମର ସାମରିକ ଘାଟିକୁ ଟାର୍ଗେଟ କରିଥିଲା, କିନ୍ତୁ ଏଥିରେ ମଧ୍ୟ ପାକିସ୍ତାନ ନିଜେ ପର୍ଦ୍ଦାଫାସ ହୋଇଗଲା। ଭାରତର ଆକ୍ରମଣାତ୍ମକ କାର୍ଯ୍ୟାନୁଷ୍ଠାନ ପରେ ପାକିସ୍ତାନ ଖସିଯିବା ପାଇଁ ଉପାୟ ଖୋଜିବା ଆରମ୍ଭ କଲା। ପାକିସ୍ତାନ ସମଗ୍ର ବିଶ୍ୱକୁ ଉତ୍ତେଜନା ହ୍ରାସ କରିବାକୁ ନିବେଦନ କରୁଥିଲା। ଏହି ବାଧ୍ୟବାଧକତାରେ, ଭୀଷଣ ଭାବେ ମାଡ଼ ଖାଇବା ପରେ ମେ' ୧୦ ଅପରାହ୍ଣରେ ପାକିସ୍ତାନୀ ସେନା ଆମର ଡିଜିଏମଓଙ୍କ ସହ ଯୋଗାଯୋଗ କରିଥିଲା। ପାକିସ୍ତାନ ପକ୍ଷରୁ କୁହାଯାଇଥିଲା ଯେ ସେମାନଙ୍କ ପକ୍ଷରୁ ଆଉ କୌଣସି ଆତଙ୍କବାଦୀ କାର୍ଯ୍ୟକଳାପ ଓ ସାମରିକ ସାହସ ହେବ ନାହିଁ। ତେଣୁ ଭାରତ ମଧ୍ୟ ତାହା ବିଚାର କରିଥିଲା। ମୁଁ ପୁଣି କହୁଛି ଯେ ଆମେ କେବଳ ପାକିସ୍ତାନରେ ଆତଙ୍କବାଦୀ ଏବଂ ସାମରିକ ପ୍ରତିଷ୍ଠାନ ବିରୋଧରେ ଆମର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନକୁ ସ୍ଥଗିତ ରଖିଛୁ। ଆଗାମୀ ଦିନରେ ପାକିସ୍ତାନ ଆମର ପ୍ରତ୍ୟେକ ପଦକ୍ଷେପକୁ କିପରି ଭାବେ ଗ୍ରହଣ କରୁଛି, ତାହାକୁ ଆମେ ମାପିବୁ। ଭାରତର ତିନି ବାହିନୀ, ବାୟୁସେନା, ସ୍ଥଳସେନା ଓ ନୌସେନା ସହ ସୀମା ସୁରକ୍ଷା ବାହିନୀ, ଅର୍ଦ୍ଧସାମରିକ ବାହିନୀ ନିରନ୍ତର ସଜାଗ ଅଛନ୍ତି। ସର୍ଜିକାଲ୍ ଷ୍ଟ୍ରାଇକ୍ ଓ ଏୟାର ଷ୍ଟ୍ରାଇକ୍ ପରେ ଏବେ ଅପରେସନ୍ ସିନ୍ଦୂର ହେଉଛି ଆତଙ୍କବାଦ ବିରୋଧରେ ଭାରତର ନୀତି। ଆତଙ୍କବାଦ ବିରୋଧରେ ଲଢ଼େଇରେ ଅପରେସନ ସିନ୍ଦୁର ଏକ ନୂତନ ରେଖା ଟାଣିଛି, ଏକ ନୂତନ ମାନଦଣ୍ଡ, ଏକ ନୂତନ ସ୍ୱାଭାବିକତା ସ୍ଥାପନ କରିଛି। ଭବିଷ୍ୟତରେ ଯଦି ଭାରତ ଉପରେ ଆତଙ୍କବାଦୀ ଆକ୍ରମଣ ହୁଏ, ତେବେ ଉଚିତ ଜବାବ ଦିଆଯିବ। ଭାରତ କୌଣସି ପରମାଣୁ ବ୍ଲାକମେଲ୍ ସହ୍ୟ କରିବ ନାହିଁ। ଆମେ ଆତଙ୍କବାଦକୁ ପ୍ରଶ୍ରୟ ଦେଉଥିବା ସରକାର ଏବଂ ଆତଙ୍କବାଦର ମାଲିକମାନଙ୍କୁ ପୃଥକ ସଂସ୍ଥା ଭାବରେ ଦେଖିବୁ ନାହିଁ। ଅପରେସନ୍ ସିନ୍ଦୂର ସମୟରେ ବିଶ୍ୱ ପୁଣି ଥରେ ପାକିସ୍ତାନର କୁତ୍ସିତ ସତ୍ୟ ଦେଖିଛି, ଯେତେବେଳେ ପାକିସ୍ତାନୀ ସେନାର ଉଚ୍ଚ ଅଧିକାରୀମାନେ ନିହତ ଆତଙ୍କବାଦୀଙ୍କୁ ବିଦାୟ ଦେବାକୁ ଆସିଥିଲେ। ଏହା ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦର ଏକ ବଡ଼ ପ୍ରମାଣ। ଆମେ ଭାରତ ଏବଂ ଆମର ନାଗରିକମାନଙ୍କୁ ଯେକୌଣସି ବିପଦରୁ ସୁରକ୍ଷା ଦେବା ପାଇଁ ନିର୍ଣ୍ଣାୟକ ପଦକ୍ଷେପ ନେବା ଜାରି ରଖିବୁ। ସମସ୍ତ ପ୍ରକାରର ଆତଙ୍କବାଦ ବିରୁଦ୍ଧରେ ଆମର ଏକତା ହେଉଛି ଆମର ସବୁଠାରୁ ବଡ଼ ଶକ୍ତି। ନିଶ୍ଚିତ ଭାବରେ ଏହା ଯୁଦ୍ଧର ଯୁଗ ନୁହେଁ, କିନ୍ତୁ ଏହା ଆତଙ୍କବାଦର ଯୁଗ ମଧ୍ୟ ନୁହେଁ। ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ଏକ ଉନ୍ନତ ବିଶ୍ୱର ଗ୍ୟାରେଣ୍ଟି। ଯଦି ପାକିସ୍ତାନ ବଞ୍ଚିବାକୁ ଚାହୁଁଛି, ତେବେ ତାକୁ ଏହାର ଆତଙ୍କୀ ଭିତ୍ତିଭୂମିକୁ ନଷ୍ଟ କରିବାକୁ ପଡିବ। ଏହା ବ୍ୟତୀତ ଶାନ୍ତିର ଅନ୍ୟ କୌଣସି ଉପାୟ ନାହିଁ। ଭାରତର ଦୃଷ୍ଟିକୋଣ ବହୁତ ସ୍ପଷ୍ଟ, ଆତଙ୍କ ଏବଂ କଥାବାର୍ତ୍ତା ଏକାଠି ଚାଲିପାରିବ ନାହିଁ, ଆତଙ୍କ ଏବଂ ବାଣିଜ୍ୟ ଏକାଠି ଚାଲିପାରିବ ନାହିଁ ଏବଂ ପାଣି ଏବଂ ରକ୍ତ ମଧ୍ୟ ଏକାଠି ପ୍ରବାହିତ ହୋଇପାରିବେ ନାହିଁ। ମୋଦି ଆହୁରି କହିଛନ୍ତି, ବିଶ୍ୱ ସମୁଦାୟକୁ ଏହା ମଧ୍ୟ କହିବାକୁ ଚାହେଁ ଯେ ଏହା ଆମର ଘୋଷିତ ନୀତି ହୋଇଛି ଯେ ଯଦି ପାକିସ୍ତାନ ସହିତ ଆଲୋଚନା ହୁଏ, ତେବେ ତାହା କେବଳ ଆତଙ୍କବାଦ ଉପରେ ହେବ; ଯଦି ପାକିସ୍ତାନ ସହିତ ଆଲୋଚନା ହୁଏ, ତେବେ ତାହା କେବଳ ପାକ୍ ଅଧିକୃତ କାଶ୍ମୀର ଉପରେ ହେବ।

ଆଜି ବୁଦ୍ଧ ପୂର୍ଣ୍ଣିମା। ଭଗବାନ ବୁଦ୍ଧ ଆମକୁ ଶାନ୍ତିର ପଥ ଦେଖାଇଛନ୍ତି। ଶାନ୍ତିର ପଥ ମଧ୍ୟ ଶକ୍ତି ଦେଇ ଯାଏ। ମାନବଜାତିକୁ ଶାନ୍ତି ଏବଂ ସମୃଦ୍ଧି ଆଡ଼କୁ ଆଗେଇ ନେବା ପାଇଁ, ପ୍ରତ୍ୟେକ ଭାରତୀୟ ଶାନ୍ତିରେ ବଞ୍ଚିବା ପାଇଁ ଏବଂ ଏକ ବିକଶିତ ଭାରତର ସ୍ୱପ୍ନ ପୂରଣ କରିବା ପାଇଁ, ଭାରତ ଶକ୍ତିଶାଳୀ ହେବା ଅତ୍ୟନ୍ତ ଜରୁରୀ। ଆବଶ୍ୟକ ହେଲେ ଏହି ଶକ୍ତିର ବ୍ୟବହାର କରିବା ଅତ୍ୟନ୍ତ ଜରୁରୀ। ଗତ କିଛି ଦିନ ମଧ୍ୟରେ ଭାରତ ଠିକ୍ ଏହା କରିଛି ବୋଲି ମୋଦି ତାଙ୍କ ବକ୍ତବ୍ୟରେ କହିଛନ୍ତି।

## ସେନା...

ସିନ୍ଦୂର'ର ସଫଳତା ପାକିସ୍ତାନକୁ ଆଲୋଚନା ପାଇଁ ବାଧ୍ୟ କରିଥିଲା। ତେବେ ଏହି ଆଲୋଚନା କେତେ ସଫଳ ହୋଇଛି, ତାହା ଭବିଷ୍ୟତ କହିବ। କାରଣ ଡିଜିଏମଓସ୍ତରୀୟ ଆଲୋଚନା ଶେଷ ହେବାର କିଛି ସମୟ ମଧ୍ୟରେ ପୁଣି ଥରେ ସୀମାରେ ପାକିସ୍ତାନ ପ୍ରାୟୋଜିତ ଡ୍ରୋନ ଉଡୁଥିବା ଦେଖିବାକୁ ମିଳିଥିଲା। ଆଉ ଭାରତୀୟ ସେନା ପକ୍ଷରୁ ଏୟାର ଡିଫେନ୍ସ ସିଷ୍ଟମ ଦ୍ୱାରା ଏହାକୁ ଧ୍ୱଂସ କରିଦିଆଯାଇଛି।

## ଟ୍ରମ୍ପଙ୍କ...

ଭାରତ-ପାକିସ୍ତାନ ମଧ୍ୟରେ ଚାଲିଥିବା ଏହି ବିବାଦ ପରମାଣୁ ଯୁଦ୍ଧରେ ଶେଷ ହୋଇଥାଆନ୍ତା। ଆମେ ଏହାକୁ ରୋକିବାରେ ବହୁତ ବଡ଼ ପଦକ୍ଷେପ ନେଇଛୁ। ଏହାପୂର୍ବରୁ ଉଭୟ ଦେଶ ପକ୍ଷରୁ ଅସ୍ତ୍ର ବିରତି ଘୋଷଣା ନହେବା ପୂର୍ବରୁ ଟ୍ରମ୍ପ ଆଗୁଆ ଅସ୍ତ୍ର ବିରତି ନେଇ ତାଙ୍କ ସୋସିଆଲ ମିଡିଆରେ ଘୋଷଣା କରି ଚର୍ଚ୍ଚାକୁ ଆସିଛନ୍ତି।

ଟ୍ରମ୍ପ ସୋମବାରେ କହିଛନ୍ତି ଯେ, ଆମେ ପରମାଣୁ ଯୁଦ୍ଧକୁ ରୋକିଦେଲୁ। ମୁଁ ଭାବୁଛି ଏହି ପରମାଣୁ ଯୁଦ୍ଧ ଅତ୍ୟନ୍ତ ଭୟଙ୍କର ହୋଇଥାନ୍ତା। ଲକ୍ଷ ଲକ୍ଷ ଲୋକ ଏଥିରେ ପୋକମାଛି ପରି ମରିଥାନ୍ତେ। ତେଣୁ ଯୁଦ୍ଧ ରୋକି ମୁଁ ବହୁତ ଗର୍ବିତ ବୋଲି ସେ ହ୍ୱାଇଟହାଉସରେ ସାମ୍ବାଦିକମାନଙ୍କୁ କହିଛନ୍ତି। ତେଣୁ ଆମେରିକାର ସଠିକ ନିଷ୍ପତ୍ତି ଏହି ଯୁଦ୍ଧ ରୋକିବାରେ ବଡ ଭୂମିକା ଲିଭାଇଛି। ଆଗକୁ ଆମେ ପାକିସ୍ତାନ ସହ ଅନେକ ବ୍ୟବସାୟ କରିବାକୁ ଯାଉଛୁ। ଭାରତ ସହ ମଧ୍ୟ ଅନେକ ବ୍ୟବସାୟ କରିବାକୁ ଯାଉଛି ବୋଲି ଟ୍ରମ୍ପ କହିଛନ୍ତି। ଏନେଇ ଆମେ ବର୍ତ୍ତମାନ ଭାରତ ସହ ଆଲୋଚନା କରୁଛୁ। ଆମେ ଖୁବଶୀଘ୍ର ପାକିସ୍ତାନ ସହ ମଧ୍ୟ ଆଲୋଚନା କରିବୁ ବୋଲି ସେ କହିଥିଲେ। କିଛି ଦିନ ତଳେ ଟ୍ରମ୍ପ ପ୍ରଥମେ ନିଜ ଟ୍ରୁଥ୍ ସୋସିଆଲ୍ ପ୍ଲାଟଫର୍ମରେ ଏକ ପୋଷ୍ଟରେ ଅସ୍ତ୍ରବିରତିର ଶ୍ରେୟ ନେଇଥିଲେ ଟ୍ରମ୍ପ। ମୁଖ୍ୟ ସ୍ୱରରେ ସେ ଲେଖିଛନ୍ତି, 'ସାଧାରଣ ଜ୍ଞାନ ଏବଂ ଶ୍ରେଷ୍ଠ ବିଜ୍ଞତାର ବ୍ୟବହାର ପାଇଁ ଉଭୟ ଦେଶକୁ ଅଭିନନ୍ଦନ। ଏ ଦିଗରେ ଆପଣଙ୍କ ଧ୍ୟାନ ଦେଇଥିବାରୁ ଧନ୍ୟବାଦ।' ଆଶ୍ଚର୍ଯ୍ୟର କଥା ହେଉଛି, ଭାରତ କିମ୍ବା ପାକିସ୍ତାନର କୌଣସି ସରକାରୀ ବୟାନ ପୂର୍ବରୁ ଟ୍ରମ୍ପଙ୍କ ଏହି ଘୋଷଣା ପରେ ସମାଲୋଚନାର ଶିକାର ହୋଇଛି। ତୃତୀୟ ପକ୍ଷହସ୍ତକ୍ଷେପ ପ୍ରସ୍ତାବକୁ ଭାରତର ବିରୋଧୀ ଦଳଗୁଡ଼ିକ ତୀବ୍ର ବିରୋଧ କରିଛନ୍ତି। କଂଗ୍ରେସ ପୂର୍ବରୁ କେନ୍ଦ୍ରକୁ ଭାରତ ଏବଂ ପାକିସ୍ତାନ୍ ମଧ୍ୟରେ ତୃତୀୟ ପକ୍ଷର ହସ୍ତକ୍ଷେପକୁ ତୀବ୍ର ନିନ୍ଦା କରିଛି। ପହଲଗାମ ଆକ୍ରମଣକୁ ନେଇ ସାମାଜିମ ଗଣମାଧ୍ୟରେ ବିଜେପି ଯେପରି ରାଜନୈତିକକରଣ କରୁଛି ତାକୁ ନେଇ କଂଗ୍ରେସର ଭୁପେଶ ବାଘଲେ ଆପତ୍ତି ଉଠାଇଛନ୍ତି। ଟ୍ରମ୍ପଙ୍କ ଦ୍ୱାରା ଅସ୍ତ୍ର ବିରତି ଘୋଷଣା ହେବା ଆମ କୂଟନୈତିକ ବିଫଳ ବୋଲି ଦର୍ଶାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ସେହିପରି ସିପିଆଇଏମର ମହାସଚିବ ଏମଏ ବେବି ଓ ଆପ ମଧ୍ୟ ତୃତୀୟ ପକ୍ଷର ହସ୍ତକ୍ଷେପକୁ ଦୃଢ଼ ନିନ୍ଦା କରିଛନ୍ତି।

## ଫୁସ୍‌କିଯାଇଛି...

କରାଯାଇଥିବା କୁହାଯାଇଛି। ଭାରତର ଏୟାର ଡିଫେନ୍ସ ସିଷ୍ଟମକୁ ଭେଦିବା କଷ୍ଟକର ବ୍ୟାପାର। ଆମର ଚାରିଥାକିଆ ସୁରକ୍ଷା କବଚ ଥିବାରୁ ଏହାକୁ ଭେଦିବା କଷ୍ଟ, ଯାହା ପାକିସ୍ତାନ ପାଖରେ ନାହିଁ। ତେଣୁ ଆମର କ୍ଷୟକ୍ଷତି କମ୍ ହୋଇଥିବା ବେଳେ ପାକିସ୍ତାନକୁ ଅଧିକ କ୍ଷତି ପହଞ୍ଚିଛି। ପାକିସ୍ତାନର ଅନେକ ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରିଛନ୍ତି ଭାରତୀୟ ସେନା। ପ୍ରେସମିଟରେ ଭଗ୍ନାବଶେଷର ଚିତ୍ର ଦେଖାଇଛନ୍ତି ଡିଜିଏମ୍ଓ ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ। ପାକିସ୍ତାନର ଚୀନ କ୍ଷେପଣାସ୍ତ୍ର ବି ଫେଲ୍ ମାରିଥିବା କହିଛନ୍ତି ଭାରତର ଡିଜିଏମଓ। ଅପରେସନ୍ ସିନ୍ଦୂରରେ ବିଏସଏଫର ଯୋଗଦାନ ରହିଛି । ପହଲଗାମରେ ନିରୀହଙ୍କ ଉପରେ ଆକ୍ରମଣ କରାଯାଇଛି । ଏହାପରେ ଭାରତୀୟ ଯବାନ ଆତଙ୍କୀଙ୍କ ଉପରେ ସଠିକ୍ ଭାବେ ଆକ୍ରମଣ କରିଛନ୍ତି । ସୀମା ଅତିକ୍ରମ ନକରି ଆକ୍ରମଣ କରିଛୁ ବୋଲି ଡିଜିଏମଓ ସ୍ପଷ୍ଟ କରିଛନ୍ତି ।

## କେନ୍ଦ୍ରୀୟ...

ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଅପରପକ୍ଷରେ ଅନୁପ କୁମାର ସାହୁ ଏବେ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀରେ ଆଇଜିପି ଟ୍ରେନିଂ ଭାବେ କାର୍ଯ୍ୟ କରୁଛନ୍ତି। ତେବେ ଏହି ଦୁଇ ବରିଷ୍ଠ ପୁଲିସ ଅଧିକାରୀ ନିଜର ଦକ୍ଷତା ବଳରେ କେନ୍ଦ୍ରୀୟ ଭୂମିକାରେ ଯୋଗଦାନ ଦେଇ ଜାତୀୟ ପୁଲିସ ଢାଞ୍ଚାକୁ ଉନ୍ନତ କରି ଗଢ଼ିବାରେ ସାହାଯ୍ୟ କରିବେ ବୋଲି ଆଶା କରାଯାଉଛି।

## ବାସଭବନ...

ପ୍ୟାକେଜ ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ପଣ୍ଡିତ ମୁର୍ମୁଙ୍କ ଜୀବନ କେବଳ ଜଣେ ବ୍ୟକ୍ତି ଭାବେ ନୁହେଁ, ସେ ଏକ ଆନ୍ଦୋଳନ, ଏକ ଚେତନା, ଏକ ଶିଳ୍ପ ଓ ସଂସ୍କୃତିର ଅଭିଜ୍ଞାନ। ଅଲଚିକି ଲିପିର ୧୦୦ ବର୍ଷ ପୂର୍ତ୍ତି ପାଳନ କେବଳ ଜଣେ ଉଦ୍ଭାବକଙ୍କ ମାନସିକ ସୃଷ୍ଟିର ସମ୍ମାନ ନୁହେଁ, ବରଂ ଏହା ଏକ ଜନଜାତିର ଭାଷା, ସଂସ୍କୃତି ଓ ଅସ୍ମିତାର ଏକ ମୁକ୍ତ ଅଭିଯାନର ପରିଚୟ। ତାଙ୍କ ଲିପି ଉଦ୍ଭାବନ କେବଳ ଶାବ୍ଦିକ ପରିବର୍ତ୍ତନ ନୁହେଁ, ତା' ଏକ ସଂସ୍କୃତି ଉନ୍ନତିର ନୂଆ ଅଧ୍ୟାୟ ଥିଲା। ଭାଷା ହେଉଛି ଅସ୍ମିତା, ଅସ୍ତିତ୍ୱ ଓ ଅଭିମତର ପ୍ରତିନିଧି। ନିଜ ଭାଷାକୁ ନେଇ ଗର୍ବ କରୁଥିବା ସମାଜ ହିଁ ଆଗକୁ ବଢ଼େ। ଅଲଚିକି ଏହି ଗର୍ବର ପ୍ରତୀକ। ରାଜ୍ୟ ସରକାର ଏହି ଲିପି ଓ ସାନ୍ତାଳୀ ଭାଷା ପ୍ରତି ଗଭୀର ଦୃଷ୍ଟି ଦେଇଆସିଛନ୍ତି। ପ୍ରାଥମିକ ଶିକ୍ଷାରେ ସାନ୍ତାଳୀ ଭାଷାର ଅନୁଷ୍ଠାନ, ପାଠ୍ୟପୁସ୍ତକ ତିଆରି, ଶିକ୍ଷକ ପ୍ରଶିକ୍ଷଣ ଓ ଭାଷା ଶୋଧ କେନ୍ଦ୍ର ସୃଷ୍ଟି ଦ୍ୱାରା ସରକାର ଏହାକୁ ଆଗକୁ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ଗୁରୁ ଗୋମକେ ଏମିତି ଏକ ଫୁଲ ଥିଲେ, ଯିଏ ମଉଳିବା ପରେ ମଧ୍ୟ ନିଜ ସୁଗନ୍ଧ ବିତରି ଚାଲିଛନ୍ତି। ସେହିପରି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ,ଡ. କୃଷ୍ଣଚନ୍ଦ୍ର ମହାପାତ୍ର ପଣ୍ଡିତ ମୁର୍ମୁଙ୍କୁ ଜଣେ ଅଲୌକିକ ଶକ୍ତିର ଅଧିକାରୀ ବୋଲି କହିଥିବା ବେଳେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ଏହି ଉତ୍ସବ ଯୋଗୁଁ ଆଜି ଇତିହାସ ପୁନର୍ଜୀବିତ ହୋଇଉଠିଛି ବୋଲି କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରସିଦ୍ଧ ସାନ୍ତାଳୀ ଭାଷା ଗବେଷକ ଚୂନଦା ସୋରେନଙ୍କୁ ଗୁରୁ ଗୋମକେ ଅନ୍ତର୍ଜାତୀୟ ସମ୍ମାନ ସହ ଏକ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରିଛନ୍ତି। ଏଥିସହ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନୀ ଉପରେ ଆଧାରିତ ଏକ ସ୍ମରଣିକା ଉନ୍ମୋଚିତ ହୋଇଛି। ପଣ୍ଡିତ ମୁର୍ମୁଙ୍କ ବଂଶଜ ଚୁନିୟାନ ମୁର୍ମୁଙ୍କୁ ଓ ପ୍ରସିଦ୍ଧ ସାନ୍ତାଳୀ ଲେଖିକା ତଥା ପଦ୍ମଶ୍ରୀ ଡଃ ଦମୟନ୍ତୀ ବେଶରାଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ମୟୂରଭଞ୍ଜ ସାଂସଦ ମମତା ମହାନ୍ତ, ସାଂସଦ ନବଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ସାରସକଣା ବିଧାୟକ ଭାଦବ ହାଁସଦା, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷି ବିଧାୟିକା ସଞ୍ଜୀଳି ମୁର୍ମୁ, ପଣ୍ଡିତ ରଘୁନାଥ ମୁର୍ମୁ ଟ୍ରଷ୍ଟ ସମ୍ପାଦକ ଇଂ ବିଶ୍ୱେଶ୍ୱର ଟୁଡୁ ମଧ୍ୟ ମଞ୍ଚାସୀନ ଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ଧନ୍ୟବାଦ ଦେଇଥିଲେ।

## ବୁଦ୍ଧିଜୀବୀଙ୍କୁ ...

ଆଦିବାସୀମାନେ ସେମାନଙ୍କର ଭିଟାମାଟି ନିୟମଗିରି ପାଇଁ ଆଉ ଲଢ଼ିବେ ନାହିଁ ବୋଲି ଯୋଜନା ପ୍ରସ୍ତୁତକାରୀମାନେ ବିଚାରୁଛନ୍ତି।

ତେବେ ଏହି ନକ୍ସାରେ ସରକାରଙ୍କୁ ମଧ୍ୟ ସାମିଲ କରାଯାଇଛି। ରାଜ୍ୟ ସରକାରଙ୍କ ଗୁଣଗାନ ସହ ବିଭିନ୍ନ ଯୋଜନାର ଭୂରି ଭୂରି ପ୍ରଶଂସା କରାଯାଉଛି। ଏହିସବୁ ଯୋଜନା ଦ୍ୱାରା ଓଡ଼ିଶାବାସୀ ବିଶେଷକରି ଆଦିବାସୀମାନେ କିଭଳି ଉପକୃତ ହେଉଛନ୍ତି, ତା'ର ବ୍ୟାପକ ପ୍ରସାର ପ୍ରଚାର ଆରମ୍ଭ ହୋଇଛି। ନିୟମଗିରିରୁ ବକ୍ସାଇଟ୍ ଉତ୍ତୋଳନ ହୋଇ କମ୍ପାନୀ ଚାଲିଲେ ସେମାନଙ୍କର କିଭଳି ବିକାଶ ହୋଇପାରିବ ସେଥିପାଇଁ ପ୍ରସ୍ତୁତ ଲେଖା ଏବେ ପ୍ରକାଶ ପାଇବାରେ ଲାଗିଛି।

ତେବେ ଏହି ସୁପରିକଳ୍ପିତ ଯୋଜନାର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ସହରାଞ୍ଚଳରେ ରହୁଥିବା ବୁଦ୍ଧିଜୀବୀ ଓ ଆଦିବାସୀ ପ୍ରତିନିଧିମାନଙ୍କୁ ବୁଝାଇବା ପ୍ରକ୍ରିୟା ଆରମ୍ଭ ହୋଇଛି। ଯଦି ସେମାନେ ବୁଝିଯିବେ ତେବେ ପରବର୍ତ୍ତୀ ସ୍ଥିତିରେ ନିୟମଗିରିବାସୀଙ୍କୁ ବୁଝାଇବା ସହଜ ହେବ। ଏଥିପାଇଁ ସୁଚିନ୍ତିତ ଯୋଜନା ସହିତ ଉଦ୍ୟମ ଆରମ୍ଭ ହୋଇଛି। ତେଣୁ ସହରାଞ୍ଚଳରେ ଆରମ୍ଭ ହୋଇଥିବା ଅଭିଯାନରେ ସରକାରଙ୍କ ବିଭିନ୍ନ ଯୋଜନାର ଭୂରି ଭୂରି ପ୍ରଶଂସା ସହ ଏଥିପାଇଁ କାରଖାନା ଚାଲିବା ଓ ସେଥିରୁ ଆସୁଥିବା ଅର୍ଥ କେତେ ଆବଶ୍ୟକ ବୋଲି ଦର୍ଶାଯାଇଛି। ବିଶେଷକରି ବକ୍ସାଇଟ୍‌ର ଆବଶ୍ୟକତାକୁ ବୁଲେଇବଙ୍କେଇ ଉଠାଯାଇଛି।

ଯଦି ସରକାର ଏଥିରେ ପ୍ରଭାବିତ ହୁଅନ୍ତି, ତେବେ ନିୟମଗିରି ବକ୍ସାଇଟ୍ ହାତେଇବା ସହଜ ହେବ ବୋଲି ଯୋଜନା ପ୍ରସ୍ତୁତକାରୀମାନେ ନିଶ୍ଚିତ ଅଛନ୍ତି। ତେବେ ଏ ସଂକ୍ରାନ୍ତ ଲେଖାମାନ ପ୍ରକାଶିତ ହେବାରେ ଲାଗିଛି। ଏଥିରେ ଅତି ଚତୁରତାର ସହ କେଉଁ କାରଖାନା ପାଇଁ ଓକିଲାତି ହେଉଛି ଓ କେତେ ବକ୍ସାଇଟ୍ ଆବଶ୍ୟକ ଏବଂ ବର୍ତ୍ତମାନ ସେହିସବୁ କମ୍ପାନୀ କିଭଳି ଚାଲିଛି, ସେ ସଂକ୍ରାନ୍ତରେ କିଛି ଉଲ୍ଲେଖ ନାହିଁ। ଯଦି ପ୍ରଥମ ପ୍ରଚାରରେ ସଫଳତା ମିଳିଲା, ତେବେ ଦ୍ୱିତୀୟ ପର୍ଯ୍ୟାୟରେ ଏଭଳି ଲେଖା ପ୍ରକାଶ ପାଇଁ ଉଦ୍ୟମ କରାଯିବ। ଏଥିପାଇଁ ବ୍ୟାପକ ବଜେଟ୍ ପ୍ରସ୍ତୁତ ହୋଇଥିବା ବେଳେ ଅତି ସର୍ତ୍ତକତାର ସହ ଯୋଜନା ପ୍ରସ୍ତୁତକାରୀମାନେ ଆଗଉଛନ୍ତି। ତେବେ ନିୟମଗିରିର ସୁରକ୍ଷା ପାଇଁ ଦୀର୍ଘଦିନରୁ ପଣ କରିଥିବା ଡଙ୍ଗରିଆ କନ୍ଧମାନଙ୍କ ପ୍ରତିକ୍ରିୟା ଉପରେ ନଜର ରଖାଯାଇଛି। ସେମାନେ ଏଭଳି ଲେଖାରେ କିଭଳି ପ୍ରତିକ୍ରିୟା ପ୍ରକାଶ କରିବେ, ତାହାକୁ ଦେଖି ପରବର୍ତ୍ତୀ ରଣନୀତି ପ୍ରସ୍ତୁତ ହେବ। ହେଲେ ପ୍ରଥମେ ସହରୀ ବୁଦ୍ଧିଜୀବୀଙ୍କୁ ବୁଝାଇବା ପାଇଁ ହୋଇଥିବା ଉଦ୍ୟମରେ କେତେ ସଫଳତା ମିଳୁଛି, ତା' ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# ଭାଇଚାରା ଓ ଭ୍ରାତୃତ୍ୱ ଭାବ ସୃଷ୍ଟି କରେ ରାମଲୀଳା

**ଖୋର୍ଦ୍ଧା, ୧୨।୫ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତ ଅନ୍ତର୍ଗତ ପାଇକତିଗିରିଆ ଗ୍ରାମରେ ଦୀର୍ଘ ୧୪୦ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଛି ରାମଲୀଳା। ପ୍ରତିବର୍ଷ ଏହା ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇ ୨୧ ଦିନ ଧରି ଚାଲେ। ରାମ ଜନ୍ମ ଠାରୁ ଅଭିଷେକ ପର୍ଯ୍ୟନ୍ତ ରାମଲୀଳା ଅନୁଷ୍ଠିତ ହୁଏ। ଏହି ଗ୍ରାମରେ ହେଉଥିବା ରାମଲୀଳା ଆଧାତ୍ମିକ ବିଷୟ ବସ୍ତୁ ଓ ଶ୍ରୀରାମ ଲୀଳା ଦେଖିବାକୁ ଗ୍ରାମର ଛୋଟ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ଓ ଆଖ ପାଖ ଅଞ୍ଚଳରୁ ପ୍ରାୟ ପ୍ରତି ଦିନ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହେଉଥାନ୍ତି। ଗ୍ରାମର ଛୋଟ ବଡ଼ କଳାକାରମାନେ ନିଷ୍ଠାର ସହିତ ଏହାକୁ ସୁନ୍ଦର ଅଭିନୟ କରୁଥିବା ବେଳେ ଅନେକ ମାନସିକ ନେଇ ମଧ ଅଭିନୟ କରନ୍ତି।

ଗ୍ରାମର ରାମଲିଳା ପ୍ରଚାର ସମିତି ତରଫରୁ ଶାନ୍ତି ଶୃଙ୍ଖଳା ସହିତ ଏହି ପରମ୍ପରା ବଜାୟ ରହିଛି। ଏହି ପୁରୁଣା ପରମ୍ପରା ରାମଲୀଳା ଦ୍ୱାରା ଗ୍ରାମବାସୀଙ୍କ ମଧରେ ଭାଇଚାରା ଓ ଭାତ୍ତୃତ୍ୱ ଭାବ ସୃଷ୍ଟି କରୁଛି। ସେହିପରି ଭକ୍ତି ଭାବନା ଜାଗ୍ରତ କରିବା ସହିତ ବିଶ୍ୱାସ ଅଛି ଏହା ଦ୍ୱାରା ଗ୍ରାମର ମଙ୍ଗଳ ସାଧନ ହୋଇଥାଏ। ବର୍ଷ ଯାକ ପ୍ରଭୁ ଶ୍ରୀରାମ ଓ ହନୁମାନଙ୍କ ଆର୍ଶୀବାଦରୁ ଗ୍ରାମରେ କୌଣସି ଦୈବୀ ଦୁର୍ବିପାକ ହୋଇ ନ ଥାଏ। ଏହି ପରମ୍ପରା ଭକ୍ତି ଓ ବିଶ୍ୱାସକୁ ନେଇ ବାପ ଗୋସି ବାପ ସମୟରୁ ହୋଇଆସୁଛି ଓ ଆଗକୁ ମଧ ଚାଲି ରହିବ ବୋଲି ଗ୍ରାମବାସୀ କହିଛନ୍ତି। ତେବେ ଆଗକୁ ଆହୁରି ସୁନ୍ଦର ଭାବରେ କରିବା ପାଁଇ ଯୁବବର୍ଗ ଯୋଜନା କରିଥିବା ସମ୍ପାଦକ ସ୍ମୃତିରଞ୍ଜନ ସାହୁ କୁହନ୍ତି।

ଆଜି ସୁପର୍ଣ୍ଣଖା ନାଶା ଛେଦନ ସହିତ ଖର, ଧୂଷଣ, ତ୍ରିସିରାଙ୍କ ବଦ୍ଧ ବିଷୟ ବସ୍ତୁ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।



## ନାବାଳିକାକୁ ଉଦ୍ଧାର କଲା ପ୍ରଶାସନ

**ନାଉଗାଁ, ୧୨।୫ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ କୋରୁଅ ପଞ୍ଚାୟତର ସୁଆଁକଣ ଗ୍ରାମରୁ ନାବାଳିକାଙ୍କୁ ପ୍ରଶାସନ ପକ୍ଷରୁ ସୋମବାର ଉଦ୍ଧାର କରାଯାଇଛି। ଉକ୍ତ ନାବାଳିକାଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲା ଅଧିନ ପଟ୍ଟାମୁଣ୍ଡାଇ ଅଞ୍ଚଳର ବୋଲି ଜଣାଯାଇଛି। ଅନ୍ୟପଟରେ ନାବାଳିକାଙ୍କ ପରିବାର ପକ୍ଷରୁ ତାଙ୍କ ନାବାଳିକା ଝିଅକୁ କିଏ ଅପହରଣ କରି ନେଇଥିବା ନେଇ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ନାଉଗାଁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବାସନ୍ତୀ ମାଇନ, ଜିଲ୍ଲା ପ୍ରଶାସନ ପକ୍ଷରୁ ଏଚଇଡବ୍ଲୁ ବନଜା ପ୍ରିୟଦର୍ଶନୀ ସ୍ୱାଇଁ, ଗାରେଇ ଫାଣ୍ଡୀ ଅଧିକାରୀ ଏଏସଆଇ ଚନ୍ଦ୍ରମୋହନ ହାଁସଦା ବିଶେଷ ସୂତ୍ରରୁ ଖବର ପାଇ ମିଳିତ ଭାବେ ସୁଆଁକଣ ଗ୍ରାମର ଚନ୍ଦ୍ରକାନ୍ତ ଦାସଙ୍କ ଘର ଉପରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ସମୟରେ ଉକ୍ତ ନାବାଳିକା ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଥାନାକୁ ଅଣାଯାଇଛି। ନାବାଳିକାଙ୍କ ପରିବାରକୁ ଏସଂକ୍ରାନ୍ତରେ ଖବର ପ୍ରଦାନ କରାଯିବା ସହିତ ଜଗତସିଂହପୁରସ୍ଥିତ ଶିଶୁ କଲ୍ୟାଣ କମିଟି(ସିଡବ୍ଲୁସି)କୁ ହସ୍ତାନ୍ତର କରାଯିବ ବୋଲି ସିଡିପିଓ ଶ୍ରୀମତୀ ମାଇନ କହିଛନ୍ତି। ଏହି ଚଢ଼ାଉ ସମୟରେ ସିଡିପିଓ କାର୍ଯ୍ୟାଳୟର ସୁପରଭାଇଜର ସାବିତ୍ରୀ ମୁଦୁଲି, କାର୍ଯ୍ୟାଳୟ ବରିଷ୍ଠ ସହାୟକ ବିଶ୍ୱମ୍ଭର ମହାନ୍ତି ଓ ସ୍ଥାନୀୟ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ।

### ଚନ୍ଦ୍ରଭାଗା ସୌନ୍ଦର୍ଯ୍ୟକରଣ ସମୀକ୍ଷା ବୈଠକ

## ଅସ୍ଥାୟୀ ଭାବେ ଥଇଥାନ ହେବେ ବ୍ୟବସାୟୀ

**କୋଣାର୍କ, ୧୨।୫ (ସଂଚାର ବ୍ୟୁରୋ):** କୋଣାର୍କ ଡାକବଙ୍ଗଳା ପରିସରରେ ସୋମବାର ପୂର୍ବାହ୍ନରେ ଉପଜିଲ୍ଲାପାଳ ରାଜକିଶୋର ଜେନାଙ୍କ ଅଧକ୍ଷତାରେ ଚନ୍ଦ୍ରଭାଗା ସୌ୍ୟନ୍ଦର୍ଯ୍ୟକରଣକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଚନ୍ଦ୍ରଭାଗା ବଜାର କମିଟି କର୍ମକର୍ତ୍ତା ଯୋଗଦେଇଥିଲେ। ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀ ଓ ବ୍ୟବସାୟୀମାନଙ୍କ ସହିତ ଆଲୋଚନା ହୋଇଥିଲା। ଚନ୍ଦ୍ରଭାଗା ସମୁଦ୍ର କୂଳରୁ ଅସ୍ଥାୟୀ ହସ୍ତଶିଳ୍ପ ବ୍ୟବସାୟ ଦୋକାନ ଓ ସ୍ଥାୟୀ ଦୋକାନ ଗୁଡିକୁ ଉଚ୍ଛେଦ କରାଯିବ। ଉଚ୍ଛେଦ ବ୍ୟବସାୟୀଙ୍କୁ ମେଳାପଡିଆରେ ପ୍ରଥମେ ଅସ୍ଥାୟୀ ଭାବେ ଥଇଥାନ କରାଯିବ। ୨ବର୍ଷରେ ସୌନ୍ଦର୍ଯ୍ୟକରଣ ଶେଷ ହେଲେ ଜୟଦେବ ବାଟିକା ନିକଟରେ ବ୍ୟବସାୟଙ୍କୁ ସ୍ଥାୟୀ ଥଇଥାନ କରାଯିବ। ଚନ୍ଦ୍ରଭାଗା ସୌ୍ୟନ୍ଦର୍ଯ୍ୟକରଣ ନିମନ୍ତେ ସ୍ଥାନୀୟ ବ୍ୟବସାୟୀମାନଙ୍କ ସହିତ ଶାନ୍ତିପୂର୍ଣ୍ଣ ଆଲୋଚନା ହୋଇଛି। ମେଳା ପଡିଆରେ ବ୍ୟବସାୟୀମାନଙ୍କୁ ଥଇଥାନ କରାଯିବ। ସୌ୍ୟନ୍ଦର୍ଯ୍ୟକରଣ କାର୍ଯ୍ୟ ସରିଲେ ଜୟଦେବ ବାଟିକା ନିକଟରେ ବ୍ୟବସାୟୀଙ୍କୁ ସ୍ଥାୟୀ ଭାବେ ଥଇଥାନ କରାଯିବ ବୋଲି ଉପଜିଲ୍ଲାପାଳ ଶ୍ରୀଜେନା କହିଥିଲେ।

ପ୍ରଥମେ ପ୍ରଶାସନ ଆମ ସହିତ ଆଲୋଚନା ନକରି ମେଳା ପଡିଆରେ ଅସ୍ଥାୟୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରୁଛନ୍ତି। ଯାହା ବ୍ୟବସାୟ ଉପଯୋଗୀ ନୁହେଁ ତେଣୁ ଯଦି ସେ ଅସ୍ଥାୟୀ ଦୋକାନ ଗୁଡିକ ସଠିକ ଭାବରେ କରାଗଲେ ଆମେ ସଠାକୁପୂଯିବୁ ବିଲି ଚନ୍ଦ୍ରଭାଗା ବଜାର କମିଟିର ସଭାପତି ଅଜୟ ବେହେରା ପ୍ରକାଶ କରିଛନ୍ତି ପୁର୍ବ ନିଷ୍ପତ୍ତି ଅନୁଯାୟୀ ଜୟଦେବ ବାଟିକାରେ ଥଇଥାନ କରାଯାଉ ବୋଲି ବଜାର କମିଟି କହିଛି।

ଏହି ବୈଠକରେ ଅନ୍ୟମାନଙ୍କ ମଧରେ ତହସିଲଦାର ଅନିଲ କୁମାର ମହାନ୍ତି, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, କୋଣାର୍କ ଏନ ଏ ସି ନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ,କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ, କୋଣାର୍କ ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ,ମେରାଇନ ଥାନା ଆଇଆଇସି ପ୍ରତିମା ସାହୁ, ଚନ୍ଦ୍ରଭାଗା ବଜାର କମିଟି ସଭାପତି ଅଜୟ ବେହେରା,ସମ୍ପାଦକ ବାନାମ୍ବର ବେହେରା,ଭାଗିରଥି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ନିକଟରୁ ମେରାଇନ ଥାନା ସମ୍ମୁଖ ପର୍ଯ୍ୟନ୍ତ ବେଳାଭୂମି ସୌନ୍ଦର୍ଯ୍ୟକରଣ ହେବ। ବେଳାଭୂମିରେ ପର୍ଯ୍ୟଟକଙ୍କ ପାଇଁ ପାଦଚଲା ରାସ୍ତା, ସିଟିଙ୍ଗ ବେଞ୍ଚ, ଖେଳକୁଦ, ଲନ, ଛତା, ମୋଡୁଲାର ଶୌଚାଳୟ, ଲାଇଫ ଗାର୍ଡ, ଆଲୋକ ବ୍ୟବସ୍ଥା ଆଦି ସୁବିଧା ଉପଲବ୍ଧ ହେବ ବୋଲି ଜଣାପଡିଛି।

## 'ହା କୃଷ୍ଣ ବୋଲି ଯାଉ ଜୀବ' ନାଟକରେ ମୁଗ୍ଧ ହେଲେ ଦର୍ଶକ



**କାକଟପୁର/ଅସ୍ତରଙ୍ଗ, ୧୨।୫ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଈଗୁଆଁ ଗ୍ରାମର କ୍ଲବ ରାଇଜିଂ ଷ୍ଟାରର ୩୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରବିବାର ଦିନ କ୍ଲବ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା,ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ପୂର୍ବତନ ଜିଲ୍ଲାପରିଷଦ ଗଦାଧର ବିଶ୍ୱାଳ, ପ୍ରଶାସନିକ ଅଧିକାରୀ ଥିବା ହୃଷିକେଶ ତ୍ରିପାଠୀ, କ୍ଲବର ସଭାପତି ସୁଶାନ୍ତ କୁମାର ତ୍ରିପାଠୀ ଓ ସମ୍ପାଦକ ବିକାଶ ରଞ୍ଜନ ତ୍ରିପାଠୀ ଙ୍କ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଭାବେ ଗାଁର କଳାକାର ମାନଙ୍କ ଦ୍ୱାରା ପରିବେଷିତ ଯାତ୍ରା 'ହା କୃଷ୍ଣ ବୋଲି ଯାଉ ଯିବ' ଯାହାକୁ ଉପସ୍ଥିତ ଦର୍ଶକ ଙ୍କୁ ସମ୍ପୂର୍ଣ୍ଣ ମନମୁଗ୍ଧ କରିଥିଲା। ମୁଖ୍ୟ ଅଭିନୟ ରେ ଅନିରୁଦ୍ଧ ତ୍ରିପାଠୀ ଓ ଚୁମୁକି ଅଭିନୟ କରିଥିଲେ। କ୍ଲବ ରାଇଜିଂ ଷ୍ଟାର ସମସ୍ତ କର୍ମକର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗାନ୍ଧୀ ପଦଯାତ୍ରା ସ୍ମୃତି ଟ୍ରଷ୍ଟ ପକ୍ଷରୁ ଶୋଭାଯାତ୍ରା




**ବାଲିଅନ୍ତା, ୧୨।୫ (ସଂଚାର ବ୍ୟୁରୋ):** ଗାନ୍ଧୀ ପଦଯାତ୍ରା ସ୍ମୃତି ଟ୍ରଷ୍ଟ ଅଧକ୍ଷ ଆଇନଜୀବୀ ମନୋଜ କୁମାର ନାୟକଙ୍କ ତତ୍ୱାବଧାନ ରେ ଆଜି ସଂଧ୍ୟା ୫ଟା ସମୟରେ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ବାଳକାଟିରେ ରାତ୍ରୀଯାପନ ସ୍ମୃତିକୁ ଉଜ୍ଜୀବୀତ କରି ରଖିବା ଲାଗି ଏକ ସ୍ମୃତିଚାରଣ ଶୋଭାଯାତ୍ରା ଏବଂ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉତ୍ତରା ଛକ ଠାରୁ ବାଳକାଟି ବଜାର ରାସ୍ତାରେ ଶୋଭାଯାତ୍ରା ବାହାରି ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଗାନ୍ଧୀପୀଠରେ ପହଞ୍ଚିଥିଲା। ସେଠାରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ରେ ପ୍ରମୁଖ ସଦସ୍ୟ ମାଲ୍ୟାର୍ପଣ କରିଥିଲେ। ଏନେଇ ପୀଠ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଗାନ୍ଧୀ ପଦଯାତ୍ରା ସ୍ମୃତି ଟ୍ରଷ୍ଟର ଅଧକ୍ଷ ମନୋଜ ନାୟକ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧରେ ବେଣୁଧର ଭୋଇ, ସୁରେନ୍ଦ୍ର ନାଥ ଛୋଟରାୟ,ଫାଲଗୁନି ପ୍ରସାଦ ନାୟକ, ଲକ୍ଷ୍ମୀଧର ବେହେରା, ବସନ୍ତ ପଣ୍ଡା, ସୁବ୍ରତ ମହାନ୍ତି, ଇଂ ପ୍ରବାସ ବାରିକ, ବିଜୟ ସାହୁ, ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର,ପ୍ରକୃତିବନ୍ଧୁ ଦିନବନ୍ଧୁ ଭୋଇ, ଆଇନଜୀବୀ ଉପେନ୍ଦ୍ର ସାମନ୍ତରାୟ, ସଦାଶିବ ଦାଶ, କୀର୍ତ୍ତି ଚନ୍ଦ୍ର ବାରିକ, ସୁରେଶ କୁମାର ଦାସ ଅରବିନ୍ଦ ସାହୁ, ନାରାୟଣ ସାହୁ, ଅଶୋକ ସାହୁ ପ୍ରମୁଖଙ୍କ ସମେତ ବହୁ ଗାନ୍ଧୀପ୍ରେମୀ ସାମିଲ ହୋଇଥିଲେ।

## ଶର୍ଟ ସର୍କିଟରୁ ଦୁଇ ବଖରା ଭସ୍ମୀଭୂତ

**ବାଲିଅନ୍ତା, ୧୨।୫ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ପୁରଣପଧାନ ଗ୍ରାମ ପଞ୍ଚାୟତ ଅଧୀନ ଶିଶିଲୋ ଗ୍ରାମର ହରିଜନରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ସଂପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ପ୍ରାପ୍ତ ଖବରରୁ ଜଣାଯାଏ କି ଅପରାହ୍ନ ଚାରିଟା ସମୟରେ ହଠାତ ବାମନ ଭୋଇଙ୍କ ଚାଳ ଘରୁ ଧୂଆଁ ବାହାରିବା ଦେଖି ଗାଁ ଲୋକେ ସାହାଯ୍ୟ କରିବା ଲାଗି ଦୌଡ଼ି ଆସିଥିଲେ। ନିଆଁକୁ ଆୟତ୍ତ କରିବା ଲାଗି ଚାଳ ଛପର ଘରକୁ ଓଲାରି ପକାଇଥିଲେ। ବାଲିପାଟଣା ଅଗ୍ନି ଶ୍ରମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଲିଭାଇ ଥିଲେ। ଦୁଇ ବଖରା ଘର ସହ ଆସବାବପତ୍ର ପୋଡ଼ି ଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଏହି ଦୁର୍ଘଟଣା ଘଟିଥିବାର ଅନୁମାନ କରାଯାଏ। ସ୍ଥାନୀୟ ସରପଞ୍ଚ ଦୁର୍ଯ୍ୟୋଧନ ମଲ୍ଲିକ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଅସହାୟ ପରିବାରକୁ ସାହାଯ୍ୟର ପ୍ରତିଶ୍ରୁତି ଦେଇଛନ୍ତି। ଆଜି ଛୁଟି ଦିବସଥିବାରୁ କୌଣସି ସରକାରୀ କର୍ତ୍ତୃପକ୍ଷ କ୍ଷତିଗ୍ରସ୍ତଙ୍କ ପହଞ୍ଚି ପାରିନାହାଁନ୍ତି।

## ୧୯ରେ ଲୋକନାଥ ଚୌଧୁରୀ ପ୍ରତିମୂର୍ତ୍ତି ଶିଳାନ୍ୟାସ

**କୁଜଙ୍ଗ, ୧୨।୫ (ସଂଚାର ବ୍ୟୁରୋ) :** ଓଡିଶାର ବିଶିଷ୍ଟ ବାମ ନେତା ତଥା ଜଗତସିଂହପୁର ପୂର୍ବତନ ସାଂସଦ ଲୋକନାଥ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସରେ ସୋମବାର କୁଜଙ୍ଗ ଠାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ସଭାରେ ବାମନେତା ଦିବାକର ନାୟକଙ୍କ ଦେହାନ୍ତ ଓ ଯୁଦ୍ଧ ସହିଦଙ୍କ ସମ୍ମାନରେ ନିରବ ପ୍ରାର୍ଥନା କରାଯାଇଥିଲା। ଆସନ୍ତା ୧୯ ତାରିଖ ସୋମବାର ଲୋକନାଥ ଚୌଧୁରୀଙ୍କ ଜୟନ୍ତୀ ଅବସରରେ ଭବ୍ୟ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତି ହୋଇଛି। ଲୋକନାଥ ଚୌଧୁରୀ ଜନ୍ମ ଶତ ବାର୍ଷିକୀ ସ୍ମୃତି ସଂସଦ ପକ୍ଷରୁ ଶିକ୍ଷାବିତ ପ୍ରଭାକର ଭଟ୍ଟଙ୍କ ଅଧକ୍ଷତାରେ ସୋମବାର ସନ୍ଧ୍ୟାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଏଥିନେଇ ନିଷ୍ପତି ହେବା ସହ ଶିଳାନ୍ୟାସ ଉତ୍ସବରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ , ସ୍ଥାନୀୟ ସାଂସଦଙ୍କ ସମେତ ରାଜ୍ୟର ବହୁ ପ୍ରତିଷ୍ଠିତ ନେତୃତ୍ୱ ମାନେ ଯୋଗ ଦେବେ ବୋଲି ପ୍ରସ୍ତାବ ନିଆଯାଇଛି। କୁଜଙ୍ଗ ଲୋକନାଥ ଭବନ ସମୁଖରେ ଏକ ପୂର୍ଣ୍ଣ ପ୍ରତିମୂର୍ତ୍ତି ପାଇଁ ଶିଳାନ୍ୟାସ ହେବ ଓ କୁଜଙ୍ଗ ବ୍ଲକ ସୂଚନା ଭବନ ଠାରେ ସ୍ମୃତି ସଭା ଆୟୋଜନ ହୋଇଥିବା ଜଣା ପଡିଛି। ଏହି ସଭାରେ ଏକ ସର୍ବ ଦଳୀୟ କମିଟି ଗଠନ କରାଯାଇ ଲୋକନାଥ ବାବୁଙ୍କ ଜୀବନ ତମାମ ସାଧନା ଓ ତ୍ୟାଗ ସମ୍ପର୍କରେ ଉପସ୍ଥିତ ସଭାସଦ ଆଲୋଚନା କରିଥିଲା। ଲୋକନାଥଙ୍କ ଜୀବନାଦର୍ଶ ନେଇ ଏକ ସ୍ମରଣିକା ପ୍ରକାଶ ପାଇବ ବୋଲି ସଭାରେ ନିଷ୍ପତି ହୋଇଥିଲା।

## ରାସ୍ତା କଡ଼ରୁ ବୃଦ୍ଧା ଉଦ୍ଧାର

**ନୟାଗଡ଼, ୧୨।୫ (ସଂଚାର ବ୍ୟୁରୋ) :** ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡଙ୍କ ନିର୍ଦ୍ଦେଶରେ ଅଧିକାର ମିତ୍ର ପ୍ରଫୁଲ୍ଲ କୁମାର ବେହେରା ଓ ପ୍ରାଧିକରଣ କର୍ମଚାରୀ ପବନ କୁମାର ବେହେରା ନୟାଗଡ଼ ଖେଳପଡ଼ିଆର ମୁଖ୍ୟ ପ୍ରବେଶ ପଥର ପାଚେରୀ କଡ଼ରୁ ହରିପୁର ଗ୍ରାମର ବୟସ୍କା ମହିଳା ନୟନୀ ମହାରଣା(୬୨)ଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରି ତାଙ୍କୁ ତ୍ରିନାଥଛକ ସ୍ଥିତ ଆଶ୍ରୟସ୍ଥଳିରେ ଥଇଥାନ କରାଯାଇଛି। ବିଶେଷ ସୂତ୍ରରୁ ଖବରପାଇ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଧିକାର ମିତ୍ର ଏବଂ ପ୍ରାଧିକରଣ କର୍ମଚାରୀ ଦ୍ୱୟଙ୍କୁ ଦାୟିତ୍ୱ ଦେଇଥିଲେ। ଏହାପରେ ଥଇଥାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅଧିକାର ମିତ୍ର ଏବଂ ଜିଲ୍ଲା ଆଇନ୍ସେବା ପ୍ରାଧିକରଣର ଏପରି କାର୍ଯ୍ୟକୁ ଜନସାଧାରଣରେ ପ୍ରଶଂସା କରାଯାଉଛି।



## ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ରାଇଘର, ୧୨।୫ (ସଂଚାର ବ୍ୟୁରୋ) :** ନବରଙ୍ଗପୁର ଜିଲ୍ଲା ନାକଟିସିମୋଡା ବ୍ଲକ ରାଇଘର ପଞ୍ଚାୟତର ନେଏନପାରା ନିକଟରେ ଜଣେ ସାଇକେଲ ଆରୋହୀ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ନାକଟିସିମୋଡା ଗ୍ରାମର ରାଇସିଂ ଗଣ୍ଡ । ଚିକିତ୍ସା ଲାଗି ତାଙ୍କୁ ହାଟଭରଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ରାଇସିଂ ଗଣ୍ଡ ଆଜି ସକାଳେ ସାଇକେଲ ଯୋଗେ ଘରୁ ବାହାରି ହାତୀଗାଁ ଯାଉଥିଲେ। ତେବେ ନେଏନପାରା ନିକଟରେ ହଠାତ ୩ଟି ଭାଲୁ ତାଙ୍କୁ ଆକ୍ରମଣ କରିଥିଲେ। ରାଇସିଂଙ୍କ ଶରୀରର ବିଭିନ୍ନ ସ୍ଥାନରେ ଭାଲୁ କାମୁଡ଼ିବା ସହ ନଖରେ ବିଦାରି ଦେଇଥିଲେ। ରାଇସିଂ ଧୈର୍ଯ୍ୟ ନହରାଇ ୩ ଭାଲୁଙ୍କ ସହିତ କିଛି ସମୟ ଧରି ଲଢେଇ କରିବା ସହ ସେଠାରୁ ଖସି ଯିବାରେ ସକ୍ଷମ ହୋଇଥିଲେ। ନିକଟସ୍ଥ ଜନଗହଳିକୁ ଚାଲି ଯିବା ପରେ କିଛି ଲୋକ ରାଇସିଂଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହାଟଭରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପ୍ରାଥମିକ ଚିକତ୍ସା ପରେ ରାଇସିଂ ସୁସ୍ଥ ଥିବା ଜଣାପଡ଼ିଛି।

## କାକଟପୁରରେ ଅନ୍ତର୍ଜାତୀୟ ନର୍ସ ଦିବସ ପାଳିତ

**କାକଟପୁର/ଅସ୍ତରଙ୍ଗ, ୧୨।୫ (ସଂଚାର ବ୍ୟୁରୋ):** ପ୍ରତିବର୍ଷ ମେ ୧୨ ତାରିଖକୁ ଅନ୍ତର୍ଜାତୀୟ ନର୍ସ ଦିବସ ଭାବେ ପାଳନ କରାଯାଏ। ସମାଜରେ ଲୋକମାନଙ୍କୁ ନିରୋଗ ରଖିବା ଓ ସେମାନଙ୍କ ସେବା କରିବାରେ ନର୍ସମାନଙ୍କ ଭୂମିକା ଅତୁଳନୀୟ। ସେମାନଙ୍କ ଅବଦାନ ଓ ଉତ୍ସର୍ଗୀକୃତ ସେବାକୁ ମନେପକାଇବା ଲାଗି ପୁରୀ ଜିଲ୍ଲା କାକଟପୁର ସ୍ଥିତ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ବାଙ୍ଗୁରିଗାଁ ଓ କାକଟପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ଦିବସର ପାଳନ କରାଯାଇଛି।

ଫ୍ଲୋରେନ୍ସ ନାଇଟାଏଙ୍ଗେଲଙ୍କ ଜନ୍ମବାର୍ଷିକୀକୁ ଅନ୍ତର୍ଜାତୀୟ ନର୍ସ ଦିବସ ଭାବେ ପାଳନ କରାଯାଇଆସୁଛି। ଇଣ୍ଟରନ୍ୟାସନାଲ କାଉନ୍ସିଲ ଅଫ୍ ନର୍ସେସ୍ (ଆଇସିଏନ୍) ପକ୍ଷରୁ ପ୍ରତିବର୍ଷ ବିଭିନ୍ନ କାର୍ଯ୍ୟକ୍ରମ ସହ ପାଳନ କରାଯାଇଥାଏ। ପ୍ରାକୃତିକ ବିପତ୍ତିଠାରୁ ଆରମ୍ଭ କରି ଯୁଦ୍ଧ, ମହାମାରୀ କିମ୍ବା ଯେକୌଣସି ଜରୁରିକାଳୀନ ସମୟରେ ନର୍ସମାନଙ୍କର ସେବା ଓ ଉତ୍ସର୍ଗୀକୃତ ମନୋଭାବର ପଟାନ୍ତର ନାହିଁ। ବିଶ୍ୱରେ ଲୋକଙ୍କ ଯତ୍ନନେବା, ସେମାନଙ୍କ ସେବାକରି ସୁସ୍ଥ କରିବା କ୍ଷେତ୍ରରେ ନର୍ସଙ୍କ ଅବଦାନ ଅତୁଳନୀୟ। ୧୯୬୫ ମସିହାରୁ ଆଇସିଏନ୍ ପକ୍ଷରୁ ଏହି ଦିବସକୁ ଗୁରୁତ୍ୱ ଦିଆଯାଇ ବିଭିନ୍ନ କାର୍ଯ୍ୟକ୍ରମ ସହ ପାଳନ କରାଯାଇଆସୁଛି। ଏବେ ବିଶ୍ୱକୁ କରୋନା ମହାମାରୀ ଆତଙ୍କିତ କରି ରଖିଥିବା ବେଳେ ଲକ୍ଷ ଲକ୍ଷ ଲୋକ ମୃତାକ୍ରାନ୍ତ ହୋଇଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରର ଗୁରୁଦାୟିତ୍ୱ ବଢ଼ିଯାଇଥିବା ବେଳେ ନର୍ସମାନେ ସବୁବେଳେ କର୍ମକ୍ଷେତ୍ରରେ ରହୁଛନ୍ତି। ଏହି ଦିବସରେ ସେମାନଙ୍କୁ ଉତ୍ସାହିତ କରିବା ନିହାତି ଜରୁରୀ। ସେମାନଙ୍କୁ ଶୁଭକାମନା ଜଣାଇ ମନୋବଳ ଦୃଢ଼କରିବାର ଆବଶ୍ୟକତା ରହିଛି। ବିଶ୍ୱରେ ସ୍ୱାସ୍ଥ୍ୟକ୍ଷେତ୍ରରେ ଯେତିକି ଲୋକ କାମ କରୁଛନ୍ତି, ସେମାନଙ୍କ ମଧରେ ପ୍ରାୟ ୫୦ ଭାଗ ହେଉଛନ୍ତି ନର୍ସ। ବିଭିନ୍ନ ଜରୁରୀ କାର୍ଯ୍ୟ ଲାଗି ତଥାପି ଏମାନେ ଆଗେଇ ଆସିଥାନ୍ତି। ସେମାନଙ୍କ ନିଃସ୍ୱାର୍ଥପର ସେବାର ତୁଳନା ନାହିଁ।





### ସରକାର କା ମାଲ ଦରିଆ ମେ ଡାଲ

## ଗୋପବନ୍ଧୁ ଗ୍ରାମୀଣ ଉଦ୍ୟାନ କାହା ସ୍ୱାର୍ଥରେ

**ଡେରାବିଶ, ୧୨।୫ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଚାନ୍ଦୋଳ ଗ୍ରାମାଞ୍ଚଳ ଜନସାଧାରଣଙ୍କ କର୍ମମୟ ଜୀବନରେ କ୍ଲାନ୍ତ ଓ ଅବସାଦ ମେଣ୍ଟାଇବାକୁ ପ୍ରମୋଦ ଉଦ୍ୟାନର ପରିକଳ୍ପନା କରାଯାଇଥିଲା । ୨୦୧୯-୨୦ ଆର୍ଥିକ ବର୍ଷରେ ତତ୍କାଳୀନ ଜିଲାପାଳ ସମର୍ଥ ବର୍ମାଙ୍କ ଦ୍ୱାରା ଏହାର ପରିକଳ୍ପନା କରାଯାଇ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ପ୍ରମୋଦ ଉଦ୍ୟାନ ନିର୍ମାଣ ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସମେତ ଅନ୍ୟାନ୍ୟ ଯୋଜନାରୁ ଅର୍ଥ ବିନିଯୋଗରେ ଏହା ନିର୍ମାଣ କରାଯାଇଥିଲା । ମାତ୍ର ନିର୍ମାଣ, ପରଠୁ ଏହାର ରକ୍ଷଣାବେକ୍ଷଣ ନ ହେବାରୁ ପ୍ରମୋଦ ଉଦ୍ୟାନଗୁଡିକ ପ୍ରାୟତଃ ସତ୍ତା ହରାଇବାକୁ ବସିଲାଣି।

ଏହାର ଏକ ନମୁନା ଦେଖୁବାକୁ ମିଳିଛି ଡେରାବିଶ ବ୍ଲକ ଚାନ୍ଦୋଳ ପଂଚାୟତ ଅନ୍ତର୍ଗତ ବାଙ୍କିମୁଣ୍ଡାଇ ବର ପଡ଼ିଆରେ। ଏଠାରେ ୨୦୨୧ରେ ପ୍ରମୋଦ ଉଦ୍ୟାନ ନିର୍ମିତ ହୋଇଥିଲା। ନିର୍ମାଣ ସମୟରେ ଏହି ପ୍ରମୋଦ ପାଇଁ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଥିଲେ । ପ୍ରାୟ ୨୫ ଲକ୍ଷରୁ ଅଧିକ ଟଙ୍କା ବିନିଯୋଗରେ ସେ ସମୟରେ ଗୋପବନ୍ଧୁ ଗ୍ରାମୀଣ ପ୍ରମୋଦ ଉଦ୍ୟାନ ନାମରେ ଏହା କରାଯାଇ ୯ ମାର୍ଚ୍ଚ ୨୦୨୨ରେ ଉଦ୍‌ଘାଟିତ ହୋଇଥିଲା। ଏହି ଉଦ୍ୟାନରେ ଛୋଟ ପିଲାଙ୍କ ପାଇଁ ଲକ୍ଷାଧିକ ଟଙ୍କା ଖେଳନା ସାମଗ୍ରୀ ସହିତ ଯୁବକ ଯୁବତୀଙ୍କ ବ୍ୟାୟାମ ପାଇଁ ବିଭିନ୍ନ ସାମଗ୍ରୀ ରଖାଯାଇଥିଲା । ଏହି ପ୍ରମୋଦ ଉଦ୍ୟାନ ମଧରେ ସୁଦୃଶ୍ୟ ବୃକ୍ଷରାଜି ରହିଥିବା ବେଳେ ଜନସାଧାରଣଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା । ମାତ୍ର ଉଦ୍‌ଘାଟନର ଦୁଇମାସ ନ ପୂରୁଣୁ ଏହି ଉଦ୍ୟାନ ତାଲା ବନ୍ଦ ଅବସ୍ଥାରେ ରହିବା ଯୋଗୁଁ ସତ୍ତା ହରାଇବାକୁ ବସିଲାଣି। ଏହି ଉଦ୍ୟାନ ଭିତରେ ଥିବା ଲକ୍ଷାଧିକ ଟଙ୍କାର ଖେଳନା ଉଭାନ ହୋଇଯାଇଥିବା ବେଳେ ସୁଦୃଶ୍ୟ ବୃକ୍ଷରାଜିଗୁଡିକୁ ଆଉ ଦେଖିବାକୁ ମିଳୁନାହିଁ । ଏହି ପ୍ରମୋଦ ଉଦ୍ୟାନଟି ଏବେ ଖେଳ ପଡ଼ିଆ ପରି ଦୃଶ୍ୟମାନ ହେଉଛି। ଏହାର ସୁରକ୍ଷା ପ୍ରାଚୀରର କେତେକ ଅଂଶ ମଧ ଉଭାନ ହୋଇଗଲାଣି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସରକାକାରଙ୍କ ଯୋଜନା କାହା ସ୍ୱାର୍ଥରେ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

ଏନେଇ ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର କୁମାର ମଳିକଙ୍କୁ ପଚାରିବାରୁ ଶ୍ରୀହୀନ ହୋଇ ପଡିଥିବା ଏହି ପ୍ରମୋଦ ଉଦ୍ୟାନରେ ତାଙ୍କ ସମୟରେ ପ୍ରାୟ ଚାରି ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଖୁବ ନିକଟରେ ଏହି ପ୍ରମୋଦ ଉଦ୍ୟାନ ପୂର୍ବାବସ୍ଥା ଫେରି ପାଇବ ବୋଲି ଶ୍ରୀ ମଳିକ କହିଥିଲେ । ତେବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବା ଗ୍ରାମୀଣ ପାର୍କ କେବେ ପୁନରୁଦ୍ଧାର କରିବାକୁ ଦାବି ଉଠିଛି ।



## ନାଳରେ ବୁଡ଼ି ନାବାଳକ ମୃତ

**ରାଜକନିକା, ୧୨।୫ (ସଂଚାର ବ୍ୟୁରୋ):** ରାଜକନିକା ଥାନା ଅନ୍ତର୍ଗତ ବାରାହା ଦୋମଣ୍ଡା ପଞ୍ଚାୟତର ମାନପୁର ଗାଁର ନରୋତମ ମଲ୍ଲିକଙ୍କ ଏକମାତ୍ର ୧୪ବର୍ଷର ପୁଅ ଆଦିତ୍ୟ ମଲ୍ଲିକ ଆଜି ସୋମବାର ଦିନ ଅପରାହ୍ନରେ ତାଙ୍କ ଗାଁ ନାଳକୁ ଶୌଚ ହେବାକୁ ଯାଇଥିଲା ବେଳେ ଗୋଡ ଖାଇଯିବାରୁ ପାଣିରେ ବୁଡି ମୃତ୍ୟୁ ଘଟିଛି। ସୂଚନା ଅନୁଯାଇ ନରୋତମଙ୍କର ଏକମାତ୍ର ପୁଅ ଥିଲେ ଆଜି ସେ ନାଳକୁ ଶୌଚ ହେବାକୁ ଯାଇଥିଲେ କିନ୍ତୁ ଘରକୁ ଫେରିବା ବିଳମ୍ବ ହେବାରୁ ଘରଲୋକେ ଖୋଜା ଖୋଜି କରିବା ପରେ ତାଙ୍କୁ ନାଳ କୂଳରୁ ସଂଜ୍ଞାହୀନ ଅବସ୍ଥାରେ ପାଇବା ପରେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ଡାକ୍ତର ଦେଖିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ରାଜକନିକା ପୋଲିସ ପହଁଚି ମୃତ ଦେହକୁ ଜବତକରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଆଳି ପଠାଇଥିବା ସୂଚନା ମିଳିଛି। ତେବେ ଏହି ଦୁଃଖଦ ଖବର ପ୍ରଘଟ ପରେ ମାନପୁର ଗାଁରେ ଦୁଃଖର ଛାୟା ଖେଳିଯାଇଛି।

### ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ କ୍ୟାମ୍ପସ-୨ରେ ବିଶ୍ୱ ନର୍ସ ଦିବସ ପାଳିତ

## ସେବିକାଙ୍କ ନିଷ୍ଠାପର ସେବା ଅତୁଳନୀୟ: ସୋଆ ଉପସଭାପତି

**ଭୁବନେଶ୍ୱର, ୧୨।୫ (ସଂଚାର ବ୍ୟୁରୋ) :** ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତିରେ ମଧ ସେବିକାମାନଙ୍କ ନିଷ୍ଠାପର ସେବା ସମାଜ ନିମନ୍ତେ ଆଶାର ଆଲୋକ ବର୍ତିକା ସାଜିପାରିଛି। ମାନବ ସେବା ହିଁ ମାଧବ ସେବା ଏଭଳି ଚିନ୍ତାଧାରାରେ ଯେଉଁମାନେ ଅତି କଠିନ ଓ ପ୍ରତିକୂଳ ପରିସ୍ଥିତିରେ ନିରବଚ୍ଛିନ୍ନ ଭାବେ ସେବା ଦେଇ ଆସୁଛନ୍ତି ସେମାନଙ୍କୁ ମନେ ପକାଇବା ପାଇଁ ବିଶ୍ୱ ନର୍ସେସ ଦିବସ ପାଳନ କରାଯାଉଛି ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶାଶ୍ୱତି ଦାସ କହିଛନ୍ତି।

ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୨, ଫୁଲନଖରା ପକ୍ଷରୁ ଆନ୍ତର୍ଜାତିକ ନର୍ସେସ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ ନର୍ସମାନଙ୍କର ସେବା ପରାୟଣତା ପ୍ରଶଂସନୀୟ ବୋଲି କହିବା ସହ ଫ୍ଲୋରେନ୍ସ ନାଇଟିଙ୍ଗେଲ୍‌ଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଏହି ଦିବସ ପାଳନ କରାଯାଉଥିବା ଅବସରରେ ଏହା ବିଶ୍ୱ ଯୁଦ୍ଧର ବିଭୀଷିକା ମନେ ପକାଇଦିଏ ବୋଲି କହିଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କର ଅଦମ୍ୟ ସାହସ ଓ ସେବା ଯୋଗୁଁ ଅନେକ ଜୀବନ ରକ୍ଷା ପାଇଥିଲା। ତେଣୁ ସେବିକାମାନଙ୍କର ନିଷ୍ଠାପର କର୍ମ ଅତୁଳନୀୟ ବୋଲି ସେ କହିଛନ୍ତି।



ଏହି ଅବସରରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସୋଆର ଉପକୁଳପତି ପ୍ରଫେସର (ଡାକ୍ତର) ପ୍ରସନ୍‌ଜୀତ ମହାନ୍ତି କହିଥିଲେ ଯେ ନର୍ସିଂ ହେଉଛି ଏକମାତ୍ର ବୃତ୍ତି ଯେଉଁଥିରେ ସମାଜକୁ ଶତ ପ୍ରତିଶତ ସେବା ପ୍ରଦାନ କରାଯାଇଥାଏ। ସମ ହସ୍ପିଟାଲ୍‌ର ଡିନ ପ୍ରଫେସର (ଡାକ୍ତର) ଅରକ୍ଷିତ ସ୍ୱାଇଁ, ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା ଏବଂ ଆଡିସ୍‌ନାଲ୍ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ତାପସୀ ପତି ନର୍ସମାନଙ୍କୁ ସ୍ୱାସ୍ଥ୍ୟ ସେବାର ମେରୁଦଣ୍ଡ ବୋଲି କହିବା ସହ ସେମାନଙ୍କ ବିନା ସହଯୋଗରେ ଡାକ୍ତରମାନେ କାର୍ଯ୍ୟ କରିବା କଷ୍ଟକର ହେବ ବୋଲି କହିଛନ୍ତି।ହସ୍ପିଟାଲ୍‌ର ନର୍ସିଂ ସୁପରଟେଣ୍ଡେଣ୍ଟ କମଳିନୀ ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡେପୁଟି ନର୍ସିଂ ସୁପରିଟେଣ୍ଡେଂ ସୁଚିସ୍ମିତା ଜେନା ବାର୍ଷିକ ରିପୋର୍ଟ ପ୍ରଦାନ କରିଥିଲେ। ପ୍ରଣତି ରାଣୀ ବେହେରା ଫ୍ଲୋରେନ୍ସ ନାଇଟିଙ୍ଗେଲ ଶପଥ ପାଠ କରାଇଥିଲେ।

# ଆଜି ଆଣ୍ଡାମାନ ଛୁଇଁବ ମୌସୁମୀ



ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ): ଚଳିତ ବର୍ଷ ଅପେକ୍ଷାକୃତ ସଅଳ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଗମନ କରିବ ବୋଲି ପୂର୍ବରୁ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସୂଚନା ଦେଇସାରିଛି। ଏହି ସୂଚନାନୁସାରେ, ଆସନ୍ତା ୨୭ ତାରିଖରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁବ ବୋଲି ପୂର୍ବାନୁମାନ କରାଯାଇଛି। ଏହି କ୍ରମରେ ଆସନ୍ତାକାଲି ମୌସୁମୀ ଆଣ୍ଡାମାନ ଛୁଇଁବ ବୋଲି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏନେଇ ଆଜି ସୋସିଆଲ୍ ମିଡିଆ 'ଏକ୍ସ'ରେ ସୂଚନା ଦିଆଯାଇଛି। ଏହି ସୂଚନାନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆଣ୍ଡାମାନ ସାଗର, ଦକ୍ଷିଣ ବଙ୍ଗୋପସାଗର ଓ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର କିଛି ଅଞ୍ଚଳରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହେବା ସକାଶେ ପାଣିପାଗ ସ୍ଥିତି ସମ୍ପୂର୍ଣ୍ଣ ଅନୁକୂଳ ରହିଛି।

ଅନ୍ୟପକ୍ଷରେ ସମ୍ପ୍ରତି ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ସହ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ବାହାରକୁ ବାହାରିବା କ୍ଷଣି ଦେହ ଝାଇଁଝାଇଁ ହୋଇଯାଉଥିବା ବେଳେ ଏହି ସ୍ଥିତି ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଅର୍ଥାତ୍ ଆହୁରି ୪ ଦିନ ଧରି ତାତିରେ ସନ୍ତୁଳି ହେବାକୁ ପଡ଼ିବ। ସେହିପରି ଆଗାମୀ ଦିନରେ ତାପମାତ୍ରା ୩ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବାର ସମ୍ଭାବନା ମଧ୍ୟ ପ୍ରକଟ କରାଯାଇଛି। ତେଣୁ ରାଜ୍ୟରେ ଖୁବ୍‌ଶୀଘ୍ର ପୁଣି ଥରେ ତାପମାତ୍ରା ୪୪ ଡିଗ୍ରୀରେ ପହଞ୍ଚିଯିବ। ଅନ୍ୟପକ୍ଷରେ ଆସନ୍ତା ୨୪ ଘଣ୍ଟା ପାଇଁ ଉପକୂଳ ଓଡ଼ିଶା ଓ ଏହାର ପାର୍ଶ୍ୱବର୍ତ୍ତୀ ୧୩ ଜିଲ୍ଲା ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତିକୁ ଉଷ୍ମ ଓ ଆର୍ଦ୍ର ସ୍ଥିତି ପାଇଁ ଯେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଆସନ୍ତାକାଲି ଉପକୂଳ ଓଡ଼ିଶା ଓ ତାର ପାଖବର୍ତ୍ତୀ ୧୧ ଜିଲ୍ଲା ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତିକୁ ଉଷ୍ମ ଓ ଆର୍ଦ୍ର ସ୍ଥିତି ପାଇଁ ଯେଲୋ ୱାର୍ଣ୍ଣିଂ ମଧ୍ୟ ଜାରି କରାଯାଇଛି।

ଏହାଛଡ଼ା ଆସନ୍ତା ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ପ୍ରବଳ ଗରମ ସହ ଗୁଳୁଗୁଳି ଅନୁଭୂତ ହେବାକୁ ଥିବା ବେଳେ ଏଥିପାଇଁ ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼, ପୁରୀ, କଟକ, ଜଗତସିଂହପୁର, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଆଦି ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ଜଣାପଡ଼ିଛି। ସେପଟେ ରାଜ୍ୟର କାଁଭାଁ ସ୍ଥାନରେ କାଳବୈଶାଖୀ ବର୍ଷା ନେଇ ମଧ୍ୟ ବିଭାଗ ପକ୍ଷରୁ ସମ୍ଭାବନା ପ୍ରକଟ କରାଯାଇଛି। ଏହି ଅନୁସାରେ, ଆସନ୍ତା ୨୪ ଘଣ୍ଟାରେ ମୟୂରଭଞ୍ଜ, କୋରାପୁଟ, ରାୟଗଡା, ଗଜପତି, ଗଞ୍ଜାମ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡା ଓ ମାଲକାନଗିରିର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଓ ଘଣ୍ଟା ପ୍ରତି ବେଗ ୩୦ରୁ ୫୦ କିମି ବେଗରେ ପବନ ବହିବ ବୋଲି ପୂର୍ବାନୁମାନ କରାଯାଇଛି। ଏଥିସକାଶେ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଭଦ୍ରକ ଗ୍ରାମାଞ୍ଚଳ ପୁଲିସକୁ ସଫଳତା
# ନକଲି ନୋଟ୍ କାରବାରର ମୁଖ୍ୟ ଅଭିଯୁକ୍ତ ଗିରଫ



ଭଦ୍ରକ,୧୨।୫(ସଂଚାର ବ୍ୟୁରୋ): ଭଦ୍ରକ ଗ୍ରାମାଞ୍ଚଳ ପୁଲିସକୁ ସଫଳତା ମିଳିଛି। ନକଲି ନୋଟ୍ ଦେଇ ଜିନିଷ କିଣିବା ଘଟଣାରେ ମୁଖ୍ୟ ଅଭିଯୁକ୍ତକୁ ପୁଲିସ୍ ଗିରଫ କରିଛି। ଏଥିସହ ମୁଖ୍ୟ ଅଭିଯୁକ୍ତର ଘରେ ଚଢ଼ାଉ କରି ୨ ଲକ୍ଷ ୭୨ ହଜାର ୮ଶହ ଟଙ୍କାର ନକଲି ନୋଟ୍ ଜବତ କରାଯାଇଛି। ଅଦ୍ୟାବଧି ନକଲି ନୋଟ କାରବାରରେ ମୋଟ ଗିରଫଦାରୀ ସଂଖ୍ୟା ୨ରେ ପହଞ୍ଚିଛି।

**୨.୭୨ ଲକ୍ଷ ଟଙ୍କାର ନକଲି ନୋଟ ଜବତ**

ଖବର ଅନୁଯାୟୀ, ଭଦ୍ରକ ଗ୍ରାମାଞ୍ଚଳ ଥାନା ଆନନ୍ଦ ବଜାରଠାରେ ଗତ ୧୦ ତାରିଖରେ ଜଣେ ବ୍ୟକ୍ତି କ୍ରିମ୍ କିଣିବା ନକଲି ନୋଟ୍ ଦେଇଥିଲେ। ପରେ ସେ ପୁଣି ୨ ଶହ ଟଙ୍କିଆ ନୋଟ୍ ବଦଳ ପାଇଁ ଦେଇଥିବା ବେଳେ ସ୍ଥାନୀୟ ଲୋକମାନେ ତାହା ନକଲି ନୋଟ ବୋଲି ଜାଣିବାକୁ ପାଇଥିଲେ। କିନ୍ତୁ ଉକ୍ତ ଯୁବକ ଜଣଙ୍କ ଘଟଣାସ୍ଥଳରୁ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ଗ୍ରାମବାସୀ ପିଛା କରି ତାଙ୍କୁ ବାନ୍ଧିବା ସହ ପୁଲିସ୍‌କୁ ହସ୍ତାନ୍ତର କରିଥିଲେ। ଉକ୍ତ ଯୁବକ ନିକଟରୁ ପୁଲିସ ୭୨୦୦ ଟଙ୍କାର ଜାଲ୍ ନୋଟ୍ ଜବତ କରିବା ସହ ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଗିରଫ ଯୁବକର ବୟାନ ଆଧାରରେ ପୁଲିସ ଯାଜପୁର ଜିଲ୍ଲା ଦଶରଥପୁର ଥାନା ଅଞ୍ଚଳରେ ଚଢ଼ାଉ କରି ୨ ଲକ୍ଷ ୭୨ ହଜାର ୮ ଶହ ଟଙ୍କାର ନକଲି ନୋଟ ପାଇଥିଲା। ଏଥିସହ ଏହି ଘଟଣାରେ ପୁଲିସ୍ ଚନ୍ଦ୍ରମଣି ବଳ ନାମକ ଜନୈକ ଯୁବକଙ୍କୁ ଗିରଫ କରିଥିଲା। ଚନ୍ଦ୍ରମଣି ନାଁରେ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ରାଜ୍ୟ ବାହାରେ ଜାଲ୍ ନୋଟ୍ କାରବାର ନେଇ ମାମଲା ଅଭିଯୋଗ ରହିଛି ବୋଲି ଏସଡିପିଓ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଚନ୍ଦ୍ରମଣିଙ୍କୁ ରିମାଣ୍ଡରେ ଆଣିବା ପରେ ଏହି ଜାଲ୍ ନୋଟ୍ କାରବାର ସହ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ତାହା ଜଣାପଡ଼ିବ ବୋଲି ଗ୍ରାମାଞ୍ଚଳ ଏସଡିପିଓ ବିଚିତ୍ରାନନ୍ଦ ସେଠୀ କହିଛନ୍ତି।

# ବୋମା ପ୍ରସ୍ତୁତି ବେଳେ ବିସ୍ଫୋରଣ: ଜଣେ ମୃତ
## ୨ ଗୁରୁତର, ବାଟରେ ଫାଟିଲା ଆମ୍ବୁଲାନ୍ସ ଚକା

କାମାକ୍ଷାନଗର,୧୨।୫(ସଂଚାର ବ୍ୟୁରୋ): ଶିକାର ପାଇଁ ବୋମା ଭିଡୁଥିବା ସମୟରେ ଘଟିଛି ଅଘଟଣ। ବୋମା ବିସ୍ଫୋରଣ ଘଟିବା ଫଳରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଦୁଇ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଏପରି ଏକ ଅଭାବନୀୟ ଘଟଣା କଙ୍କଡାହାଡ଼ ଥାନା ଝାଟକିପଶି ଗାଁରେ ଘଟିଛି। ମିଳିଥିବା ସୂଚନାନୁସାରେ, ଗାଁରେ କିଛି ଲୋକ ଆଜି ଅପରାହ୍ନରେ ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ବୋମା ଭିଡୁଥିବା ସମୟରେ ତାହା ହଠାତ ପ୍ରଚଣ୍ଡ ଶବ୍ଦ କରି ଫାଟିଯାଇଥିଲା। ଫଳରେ ସେଠାରେ ବୋମା ପ୍ରସ୍ତୁତ କରୁଥିବା ୩ ଜଣ ଲୋକ ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କାମାକ୍ଷାନଗର ମେଡିକାଲକୁ ଆଣୁଥିଲେ। ମାତ୍ର ମେଡିକାଲଠାରୁ ପ୍ରାୟ ୨ କିମି ଦୂରରେ ଉକ୍ତ ଆମ୍ବୁଲାନ୍ସର ଚକା ଫାଟିଯାଇଥିଲା। ଫଳରେ ଗୁରୁତରମାନଙ୍କୁ ମେଡିକାଲରେ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ସେଠାରୁ ସେମାନଙ୍କୁ ଅନ୍ୟ ଏକ ଆମ୍ବୁଲାନ୍ସ ଯୋଗେ ମେଡିକାଲ ନିଆଯାଇଥିବାବେଳେ ସେଠାରେ ପହଞ୍ଚିବା ବେଳକୁ ଦେବେନ୍ଦ୍ର ଟିଉଙ୍କର ମୃତ୍ୟୁ ହୋଇଯାଇଥିଲା। କିନ୍ତୁ ଅନ୍ୟ ଦୁଇ ଗୁରୁତର ଭଞ୍ଜ ନାୟକ ଓ ବୁଲୁ ନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅନୁସନ୍ଧାନ ଚଳାଇଥିବା ଜଣାପଡ଼ିଛି।

# ଭୁବନେଶ୍ୱର ସହରାଞ୍ଚଳର ପ୍ରମୁଖ ପ୍ରକଳ୍ପର ସମୀକ୍ଷା

ଭୁବନେଶ୍ୱର,୧୧।୫(ସଂଚାର ବ୍ୟୁରୋ): ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଆଜି ନିକୋ ପାର୍କ ପରିଦର୍ଶନ କରିବା ସହ ଏହାର ସ୍ଥିତି ସମୀକ୍ଷା କରିଛନ୍ତି। ଏଥିସହ ଆଗାମୀ ଦିନରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ବିକାଶ ଯୋଜନା ବିଷୟରେ ମଧ୍ୟ ସେ ଆଲୋଚନା କରିଛନ୍ତି। ଶ୍ରୀମତୀ ପାଢ଼ୀ ବାଣୀବିହାର ନିକଟସ୍ଥ ଡ୍ରେନ୍ ନମ୍ବର ୪ରେ ବ୍ଲୁ ୱେଭ୍ସ ପୁନରୁଦ୍ଧାର ପ୍ରଗତି କାର୍ଯ୍ୟର ମଧ୍ୟ ସମୀକ୍ଷା କରିଛନ୍ତି। ଏଥିସହ ସେ ଚନ୍ଦ୍ରଶେଖରପୁରର ବୁଦ୍ଧ ବିହାରରେ ଥିବା ଏଏଚପି ମଧ୍ୟ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଅଧିକାରୀମାନେ ନିକୋ ପାର୍କର ଭିତ୍ତିଭୂମି ଯାଞ୍ଚ କରିଥିଲେ। ସେହିଭଳି ଏହି ଅଞ୍ଚଳ ଦେଇ ବାହାରିଥିବା ଡ୍ରେନ୍ ନମ୍ବର ୧୦ ଉପୁଜୁଥିବା ସମସ୍ୟା ଓ ଡ୍ରେନ୍ ପୁନରୁଦ୍ଧାର ପାଇଁ ଚାଲିଥିବା ବିଭିନ୍ନ କାର୍ଯ୍ୟର ମଧ୍ୟ ସମୀକ୍ଷା କରିଥିଲେ। ଏହି ଆଲୋଚନାରେ ଏକ ସ୍ଥାୟୀ ଓ ଆୟକାରୀ ବିକାଶ ମଡେଲ ତିଆରି ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ଦୀର୍ଘକାଳୀନ ସଫଳତା ସୁନିଶ୍ଚିତ କରିବ ଓ ପରିବେଶଗତ ଲକ୍ଷ୍ୟ ସହ ସମନ୍ୱୟ ରକ୍ଷା କରିବ। ଏହି ପରିଦର୍ଶନ ପାର୍କର ପୁନଃବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା, ଯାହାର ଲକ୍ଷ୍ୟ ପରିବେଶଗତ ସଂରକ୍ଷଣ ଓ ଆର୍ଥିକ ଅଭିବୃଦ୍ଧି ମଧ୍ୟରେ ସନ୍ତୁଳନ ସ୍ଥାପନ କରିବ।

ପ୍ରମୁଖ ସଚିବ ଶ୍ରୀମତୀ ପାଢ଼ୀ ବାଣୀବିହାର ନିକଟରେ ଥିବା ଡ୍ରେନ୍ ନମ୍ବର ୪ ପୁନରୁଦ୍ଧାର କାର୍ଯ୍ୟ ଯାଞ୍ଚ କରିବା ଅବସରରେ ଅଧିକାରୀମାନେ ତାଙ୍କୁ ମାଷ୍ଟର ପ୍ଲାନ୍ ଓ ବର୍ତ୍ତମାନର ପ୍ରଗତି ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି। ପ୍ରକଳ୍ପ ସମୟରେ ଆଖପାଖ ଅଞ୍ଚଳର ସମସ୍ତ ଗଛ ଓ ଭୂତଳ ଜଳର ସଂରକ୍ଷଣ, ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା ବଜାୟ ରଖିବା ଉପରେ ଶ୍ରୀମତୀ ପାଢ଼ୀ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ଶ୍ରୀମତୀ ପାଢ଼ୀ ଚନ୍ଦ୍ରଶେଖରପୁରର ବୁଦ୍ଧବିହାରସ୍ଥିତ ଏଏଚପି ପରିଦର୍ଶନ କରି ସେଠାରେ କଲୋନୀର ଭିତ୍ତିଭୂମି ସମୀକ୍ଷା କରିବା ସହ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ। ଏହି ଗସ୍ତ ପରିମଳ ଓ ଜୀବନଯାପନ ସ୍ଥିତିରେ ଉନ୍ନତି ଆଣିବା ଉପରେ ଧ୍ୟାନ ଦିଆଯାଇଥିଲା। ଏହି ଗସ୍ତରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଉପାଧ୍ୟକ୍ଷ ଡା. ଏନ୍. ତିରୁମାଲା ନାଏକ, ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମସି) କମିଶନର ରାଜେଶ ପ୍ରଭାକର ପାଟିଲ୍ ଓ ବିଡିଏର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ୧୪କୁ ଘୁଞ୍ଚିଲା କଂଗ୍ରେସର ଓବିସି ବୈଠକ

ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ପଛୁଆ ବର୍ଗ (ଓବିସି) ନେତୃବୃନ୍ଦଙ୍କ ବୈଠକ ଅନୁଷ୍ଠିତ ହେବାର ଥିଲା। କିନ୍ତୁ ଏହାକୁ ଆସନ୍ତା ୧୪ ତାରିଖ ପୂର୍ବାହ୍ନ ୧୧ଟା ବେଳେ ଆୟୋଜନ କରିବା ସକାଶେ ନିଷ୍ପତ୍ତି ହୋଇଛି। ପ୍ରଦେଶ କଂଗ୍ରେସ ଭବନଠାରେ ଏହା ଆୟୋଜିତ ହେବ ଏବଂ ଏଥିରେ ପିସିସି ସଭାପତି ଭକ୍ତ ଚରଣ ଦାସ ଅଧ୍ୟକ୍ଷତା କରିବେ ବୋଲି ଆଜି ଦଳ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି। ଏହି ବୈଠକରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ ଓ ଅନ୍ୟ ବରିଷ୍ଠ ନେତୃବୃନ୍ଦ ଯୋଗଦେବେ।

# ପ୍ରସୂତିୱାର୍ଡ ଡଷ୍ଟବିନରେ ମୃତ ନବଜାତ ଶିଶୁପୁତ୍ର

ଭଞ୍ଜନଗର,୧୨।୫(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟ ପ୍ରସୂତି ୱାର୍ଡ ଡଷ୍ଟବିନରେ ଏକ ମୃତ ନବଜାତ ଶିଶୁପୁତ୍ର ପଡ଼ିଥିବାସୋମବାର ଦେଖିବାକୁ ମିଳିଛି। ତେବେ ମୃତ ନବଜାତ ଶିଶୁପୁତ୍ରଟି କାହାର ତାହା ସଠିକ୍ ଭାବେ ଜଣାପଡ଼ିନାହିଁ। ଅପରପକ୍ଷେ ମେଡିକାଲ ରେକର୍ଡରେ ମଧ୍ୟ ସଂପୃକ୍ତ ଗର୍ଭବତୀ ମହିଳାଙ୍କ କୌଣସି ସଠିକ୍ ଠିକଣା ନାହିଁ। ତେଣୁ ମୃତ ନବଜାତ ଶିଶୁପୁତ୍ର ଟି ବୈଧ ନା ଅବୈଧ ସନ୍ତାନ ତାହା ସଠିକ୍ କିଛି ଜଣାପଡିନାହିଁ। ଏ ନେଇ ମେଡିକାଲ ଅଧିକ୍ଷକ ଡାକ୍ତର ସିତାଂଶୁ ଶେଖର ଶତପଥୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ। ସୂଚନାଯୋଗ୍ୟ, ରବିବାର ରାତିରେ ପ୍ରସୂତି ୱାର୍ଡ ପାଇଖାନାଘରେ ମୃତ ଶିଶୁପୁତ୍ରଟି ପଡ଼ିଥିବା କିଛି କର୍ମଚାରୀ ଦେଖିଥିଲେ। ପରେ ସେଠାରୁ ମୃତ ଶିଶୁ ପୁତ୍ରକୁଉଠାଇ ଆଣି ପ୍ରସୂତି ୱାର୍ଡ ଡଷ୍ଟବିନରେ ରଖାଯାଇଥିଲା। ପରେ ତାକୁ ଅନ୍ୟତ୍ର ନେଇ ପୋତିବା ପୂର୍ବରୁ ଡଷ୍ଟବିନରେ ମୃତ ଶିଶୁ ପୁତ୍ରଟି ପଡ଼ିଥିବା ଫୋଟ ଭାଇରାଲ ହୋଇଯାଇଥିଲା । ଯାହାକୁ ନେଇ ନାନା ଆଲୋଚନା ହେଉଛି। ଅପରପକ୍ଷେ ଏ ନେଇ କିଛି ତଳିଆ କର୍ମଚାରୀଙ୍କୁ ପଚାରିବାରୁ ସେମାନେ ଏନେଇ କିଛି ଜାଣିନାହାନ୍ତି କହି ଏଡାଇ ଯାଉଛନ୍ତି।

# ବଜ୍ରାଘାତରେ ଅଜା-ନାତିଙ୍କ ମୃତ୍ୟୁ



ବ୍ରହ୍ମପୁର,୧୨।୫(ସଂଚାର ବ୍ୟୁରୋ): ଖରାବେଳେ ବିଲରେ ମଇଁଷି ଚରାଉଥିଲେ ଅଜା-ନାତି। ତେବେ ଏହି ସମୟରେ ହଠାତ୍ କୁଆଡୁ ମାଡ଼ିଆସିଲା କଳାହାଣ୍ଡିଆ ମେଘ ପବନ। ଆକାଶରୁ ଖସିଲା ମୃତ୍ୟୁ। ଏକାସାଙ୍ଗେ ଚାଲିଗଲା ଅଜା ଓ ନାତିଙ୍କ ଜୀବନ। ଆଜି ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ୍ ଅନ୍ତର୍ଗତ ନାରାୟଣପୁର ଗାଁରେ ଏଭଳି ଦୁଃଖଦ ଘଟଣା ଘଟିଛି। ମୃତକମାନେ ହେଲେ ଏମ ସାକିଲି କନିଆରି ଓ ଏମ ଭୁବେସ୍ସୁ କନିଆରି। ମିଳିଥିବା ସୂଚନା ମୁତାବକ, ଆଜି ସକାଳେ ନାରାୟଣପୁର ଗାଁର ସମ୍ପର୍କୀୟ ଅଜା ସାକିଲି କନିଆରି ଏବଂ ନାତି ଭୁବେସ୍ସୁ କନିଆରି ଗାଁ ନିକଟରେ ମଇଁଷି ଚରାଉଥିଲେ। ତେବେ ଅପରାହ୍ନରେ ହଠାତ୍ ମେଘ ପବନ ସହ ବିଜୁଳି ଓ ଘଡଘଡି ଆରମ୍ଭ ହୋଇଥିଲା। ଏଥିସହ ଭୀଷଣ ବର୍ଷା ହେବା ଫଳରେ ଏଥିରୁ ରକ୍ଷା ପାଇବା ସକାଶେ ଉଭୟ ନିକଟରେ ଥିବା ଏକ ଗଛମୂଳରେ ଆଶ୍ରୟ ନେଇଥିଲେ। ତେବେ ଏହି ସମୟରେ ବଜ୍ରପାତ ହୋଇଥିଲା ଏବଂ ଏଥିରେ ଅଜା ଓ ନାତି ଦୁହେଁ ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ସଙ୍ଗେ ସଙ୍ଗେ ପାତ୍ରପୁର ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ଏକ ଅଭାବନୀୟ ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି। ତେବେ ମୃତକଦ୍ୱୟ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

# ଶ୍ରୀମନ୍ଦିର ସୁରକ୍ଷାର ତଦାରଖ କଲେ ଡିଜିପି



## ମୁତୟନ ହେଲା ଆର୍ମଡ୍ ଭେଇକିଲ୍

ପୁରୀ,୧୨।୫(ସଂଚାର ବ୍ୟୁରୋ): ଶ୍ରୀମନ୍ଦିର ସୁରକ୍ଷାରେ ମୁତୟନ ହେଲା ଆର୍ମଡ ଭେହିକିଲ। ଡିଜିପି ୱାଇବି ଖୁରାନିଆଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର ସମ୍ମୁଖରେ ସୁରକ୍ଷା ପାଇଁ ଆର୍ମଡ ଭେହିକିଲ ମୁତୟନ ହୋଇଛି। ସମସ୍ତ ସୁରକ୍ଷା ଦିଗକୁ ନେଇ ଅନୁଧ୍ୟାନ କରିଛନ୍ତି ଡିଜିପି। ବିଶେଷକରି ଯଦି କୌଣସି ଆତଙ୍କବାଦୀ ଆକ୍ରମଣ ଘଟିବ, ତା'ହେଲେ ତାକୁ କିଭଳି ପ୍ରତିହତ କରାଯିବ, ସେନେଇ ଡିଜିପି ଶ୍ରୀ ଖୁରାନିଆ ଗୁରୁତ୍ୱ ଦେଇଛନ୍ତି। ଏଥିସହ ସ୍ନାନଯାତ୍ରା ଓ ରଥଯାତ୍ରା ବ୍ୟବସ୍ଥାକୁ ନେଇ ମଧ୍ୟ ଅନୁଧ୍ୟାନ କରିଛନ୍ତି ଡିଜିପି। ସୁରକ୍ଷା, ଶୃଙ୍ଖଳିତ ଦର୍ଶନ ଓ ଟ୍ରାଫିକ ବ୍ୟବସ୍ଥା ସହ ଭିଡ ନିୟନ୍ତ୍ରଣ ତଥା ଆଇନଶୃଙ୍ଖଳା ବ୍ୟବସ୍ଥାକୁ ନେଇ ସମସ୍ତ ଅଧିକାରୀଙ୍କ ସହ ସେ ଆଲୋଚନା କରିଛନ୍ତି। ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ସମୀକ୍ଷା କରାଯାଇଥିବା ବେଳେ ଏଥିରେ ରାଜ୍ୟ ପୁଲିସ ବିଭାଗର ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଥିଲେ। ଆଡିସନାଲ ଡିଜି (ଆଇନ ଶୃଙ୍ଖଳା) ସଞ୍ଜୟ କୁମାର, ଅମିତାଭ ଠାକୁର, ଦୟାଲ ଗଙ୍ଗୱାର, ପ୍ରବୀଣ କୁମାର, ଅନୁପ ସାହୁ, ପିନାକ ମିଶ୍ର, ଏସପି ଭିନିତ ଅଗ୍ରୱାଲ ଉପସ୍ଥିତ ଥିଲେ।

# ବୁଦ୍ଧ ପୂର୍ଣ୍ଣିମାରେ ଭାଙ୍ଗିଦେଲେ ବୁଦ୍ଧଙ୍କ ପ୍ରତିମୂର୍ତ୍ତି



ରାୟଗଡ଼ା,୧୨।୫(ସଂଚାର ବ୍ୟୁରୋ): ଆଜି ପବିତ୍ର ବୁଦ୍ଧ ପୂର୍ଣ୍ଣିମାରେ ବୁଦ୍ଧଙ୍କ ପ୍ରତିମୂର୍ତ୍ତିକୁ ସମ୍ମାନ ଦେବା ତ ଦୂରର କଥା, ବରଂ କେତେକ ଦୁର୍ବୃତ୍ତ ଏହାକୁ ଭାଙ୍ଗିଦେଇଥିବା ନଜରକୁ ଆସିଛି। ଏପରି ଏକ ଅଘଟଣକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ଟାମ୍ପରଗୁଡା ଗ୍ରାମ ନିକଟସ୍ଥ ବୁଦ୍ଧ ପାହାଡ଼ରେ ଦୁର୍ବୃତ୍ତମାନେ ଏପରି ଅଘଟଣ ଘଟାଇଥିବା ବେଳେ ଏନେଇ ଭଗତ ସିଂହ ଆସୋସିଏସନ ପକ୍ଷରୁ ଚାନ୍ଦିଲି ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି।

ମିଳିଥିବା ସୂଚନାନୁସାରେ, ଆଜି ପବିତ୍ର ବୁଦ୍ଧ ପୂର୍ଣ୍ଣିମାରେ ଶାନ୍ତିର ଭଗବାନଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ଘଟଣାକୁ ଭଗତ ସିଂହ ଆସୋସିଏସନ କଡ଼ା ସମାଲୋଚନା କରିଛି। ଆସୋସିଏସନ ପକ୍ଷରୁ କୁହାଯାଇଛି ଯେ ବୁଦ୍ଧ ପୂର୍ଣ୍ଣିମା ଉପଲକ୍ଷେ ବୁଦ୍ଧ ପାହାଡ଼ରେ ବୁଦ୍ଧଙ୍କ ପ୍ରତିମୂର୍ତ୍ତିକୁ ଉଦଘାଟନ ସହ ବୁଦ୍ଧ ପୂର୍ଣ୍ଣିମା କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ହେଲେ ରବିବାର ରାତିରେ କିଛି ଦୁର୍ବୃତ୍ତ ବୁଦ୍ଧ ପ୍ରତିମୂର୍ତ୍ତିକୁ ଭାଙ୍ଗିବା ସହ ସେଠାରେ ଥିବା ସାଉଣ୍ଡ ସିଷ୍ଟମ ଓ ଛୋଟିଆ ପିତ୍ତଳର ବୁଦ୍ଧ ମୂର୍ତ୍ତିକୁ ଚୋରାଇ ନେଇଯାଇଛନ୍ତି। ବୁଦ୍ଧଙ୍କ ପ୍ରତି ଥିବା ଆସ୍ଥା ଓ ବିଶ୍ୱାସରେ ଆଞ୍ଚ ଆଣିବା ପାଇଁ ସେମାନେ ପ୍ରୟାସ କରିଛନ୍ତି ବୋଲି ଥାନାରେ ଅଭିଯୋଗ ହୋଇଛି। ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେଲେ ଆଗାମୀ ଦିନରେ ଭଗତ ସିଂହ ଆସୋସିଏସନ ଓ ଆମ୍ବେଦକର ଆସୋସିଏସନ ପକ୍ଷରୁ ଏକ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# କଂଗ୍ରେସ ନେତାଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି,୧୨।୫(ସଂଚାର ବ୍ୟୁରୋ): ଗତକାଲି ରାତିରେ ଛତିଶଗଡ଼ ଓ ଓଡ଼ିଶା ସୀମାନ୍ତ ଅଞ୍ଚଳରେ ଏକ ମାଓବାଦୀ ଗୋଷ୍ଠୀ ଜନୈକ କଂଗ୍ରେସ ନେତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ଛତିଶଗଡ଼ର ବିଜାପୁର ଜିଲାର ଉସୁର ଥାନା ଅଧୀନରେ ଥିବା ଲିଙ୍ଗାପୁର ଗ୍ରାମରେ ଘଟିଛି। ସଶସ୍ତ୍ର ମାଓବାଦୀମାନେ ସ୍ଥାନୀୟ ବାସିନ୍ଦା ନାଗା ଭାଣ୍ଡାରୀଙ୍କୁ ଟାର୍ଗେଟ କରିଥିଲେ। ନାଗା ଏକ ସାମୁଦାୟିକ ସମାବେଶରେ ଉପସ୍ଥିତ ଥିବା ସମୟରେ ତାଙ୍କୁ ମାଓବାଦୀମାନେ ସେଠାରୁ ଜବରଦସ୍ତି ଉଠାଇ ନିକଟସ୍ଥ ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ସେମାନେ ତାଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ଗତବର୍ଷ ଅକ୍ଟୋବରରେ ନାଗାଙ୍କ ଭାଇ ତିରୁପତି ଭାଣ୍ଡାରୀଙ୍କୁ ମଧ୍ୟ ମାଓବାଦୀମାନେ ହତ୍ୟା କରିଥିଲେ। ନାଗାଙ୍କୁ ହତ୍ୟା କରାଯାଇଥିବା ନେଇ ଖବର ପାଇବା ପରେ ଉସୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଧିକାରୀମାନେ ପ୍ରମାଣ ସଂଗ୍ରହ କରିବା ସହ ଅଧିକ ସୂଚନା ହାସଲ କରିବା ସକାଶେ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରୁଥିବା ଜଣାପଡ଼ିଛି। ଚଳିତ ବର୍ଷ ଜାନୁଆରୀ ୨୭ରେ ମାଓବାଦୀମାନେ ଓଡ଼ିଶାର ମାଲକାନଗିରି ସୀମା ନିକଟ ବିଜାପୁର ଜିଲାର କେସାମୁଣ୍ଡି ଗ୍ରାମରେ ଗ୍ରାମବାସୀ ହିଡମା ସୋଢ଼ିଙ୍କୁ ହତ୍ୟା କରିଥିଲେ। ଆକ୍ରମଣକାରୀମାନେ ତୀକ୍ଷ୍ଣ ଅସ୍ତ୍ର ବ୍ୟବହାର କରିଥିଲେ ଏବଂ ସୁରକ୍ଷା ବାହିନୀକୁ ସହଯୋଗ ନ କରିବା ପାଇଁ ଚେତାବନୀ ଦେଉଥିବା ପୋଷ୍ଟର ଛାଡ଼ିଥିଲେ। ଏହା ପୋଲିସ ଏନକାଉଣ୍ଟର ପରେ ମାଓବାଦୀଙ୍କ ପ୍ରତିଶୋଧମୂଳକ କାର୍ଯ୍ୟକଳାପ ସମୟରେ ଘଟିଥିଲା।

## ବନ ବିଭାଗକୁ ସଫଳତା
# ଗ୍ରାହକ ସାଜି ଜବତ କଲେ ୨ ହାତୀ ଦାନ୍ତ, ୩ ଗିରଫ



ବଣେଇ,୧୨।୫(ସଂଚାର ବ୍ୟୁରୋ): ସୁନ୍ଦରଗଡ ଜିଲ୍ଲା ବଣାଇ ବନଖଣ୍ଡର ସୋଲ ରେଞ୍ଜ ଅଞ୍ଚଳରୁ ହାତୀ ଦାନ୍ତ ବିକ୍ରି ପାଇଁ ଉଦ୍ୟମ କରୁଥିବା ବେଳେ ଗ୍ରାହକ ସାଜି ୩ ଜଣଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଦୁଇ ଗୋଟି ହାତୀ ଦାନ୍ତ ଜବତ ହୋଇଥିବା ବଣାଇ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ମିଳିଥିବା ସୂଚନାନୁଯାୟୀ, ବଣାଇ ବନଖଣ୍ଡ ଅଞ୍ଚଳରେ ଗତ ଦୁଇ ମାସ ମଧ୍ୟରେ ୪ଟି ବନ୍ୟପ୍ରାଣୀ ମକଦ୍ଦମାରେ ୧୭ ଜଣ ଆସାମୀଙ୍କୁ ବନ୍ୟପ୍ରାଣୀ ଅଂଶବିଶେଷ ଓ ମାରଣାସ୍ତ୍ର ସହ ଗିରଫ କରାଯିବା ସହ କୋର୍ଟ ଚାଲାଣ କରାଯାଇଛି। କ୍ରମାଗତ ଭାବେ ବଢୁଥିବା ଅପରାଧିକ ଗତିବିଧି ଓ ପଶୁପକ୍ଷୀ ଶିକାର ସହ ତାଙ୍କର ଅଂଶବିଶେଷ ଚାଲାଣକୁ ଆଖି ଆଗରେ ରଖି ୨ଟି ହାତୀ ଦାନ୍ତ ଉପସ୍ଥିତି ନେଇ ଖବର ପାଇବା ପରେ ବଣାଇ ବନଖଣ୍ଡ ଅଧିକାରୀ ଶ୍ରୀ ପାତ୍ରଙ୍କ ନିର୍ଦ୍ଦେଶାନୁସାରେ ସହକାରୀ ବନ ସଂରକ୍ଷକ ଜଗନ୍ନାଥ ବିଶୋଇ ଓ ନଳିନୀକାନ୍ତ ବେହେରାଙ୍କ ନେତୃତ୍ୱରେ ବନ ବିଭାଗ ପକ୍ଷରୁ ୨ଟି ଟିମ୍ ୪ ମାସ ହେବ ଶିକାରୀଙ୍କ ଗତିବିଧି ଉପରେ ନଜର ରଖିଆସୁଥିଲେ। ଶିକାରୀମାନଙ୍କୁ ଧରିବା ପାଇଁ ବନ ବିଭାଗର ଅଧିକାରୀ ଗ୍ରାହକ ସାଜି ଶିକାରୀମାନଙ୍କୁ କାବୁ କରିବାରେ ସକ୍ଷମ ହୋଇଛନ୍ତି। ଏହି ଘଟଣାରେ ଗୁରୁଣ୍ଡିଆ ଥାନା ଅନ୍ତର୍ଗତ କୁଞ୍ଜାର ଗ୍ରାମର ଆସାମୀ ଥୋମାସ ଟେଟେ ଏବଂ ସୋଲଗୁଡ଼ାର କୁଅଁର ବିଲୁଙ୍ଗ ଓ ଶତ୍ରୁଘ୍ନ ନାୟକଙ୍କୁ ଗିରଫ କରିବା ସହ ୧୨୦୦ ଗ୍ରାମ ଓଜନର ୨ଟି ହାତୀଦାନ୍ତ ଓ ସେଥିରେ ବ୍ୟବହୃତ ଓଡି ୧୫ଏମ ୧୩୮୮ ନମ୍ବରବିଶିଷ୍ଟ ଦୁଇଚକିଆ ଗାଡ଼ି ଜବତ କରାଯାଇଛି। ଉପଯୁକ୍ତ ତଦନ୍ତ ପରେ ଆସାମୀମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯିବ ବୋଲି ଶ୍ରୀ ପାତ୍ର ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ଜର୍ଡା ଓ ଏହାର ସୋଲ ବନାଞ୍ଚଳ ଅଧିକାରୀ କୈଳାସ କିସାନ, ରଶ୍ମି ରଞ୍ଜନ ରାଉଳ, ବନପାଳ ପ୍ରତାପ ସାହୁ, ମନେଶ ସାହୁ, ପ୍ରକାଶ ଜେନା ଓ ଅନ୍ୟ ବନ କର୍ମଚାରୀ ସାମିଲ ଥିଲେ।

# ରାସ୍ତାରେ ଗୋଡ଼େଇ ଗୋଡ଼େଇ ହାଣିଲେ

ଭୁବନେଶ୍ୱର,୧୨।୫(ସଂଚାର ବ୍ୟୁରୋ): ପୁଣି ରକ୍ତରଞ୍ଜିତ ହେଲା ରାଜଧାନୀ। ସୋମବାର ବିଳମ୍ବିତ ସନ୍ଧ୍ୟାରେ ଦୁଇଟି ଭିନ୍ନ ଭିନ୍ନ ଘଟଣାରେ ତିନି ଜଣ ଯୁବକଙ୍କୁ କିଛି ଦୁର୍ବୃତ୍ତ ଗୋଡେଇ ଗୋଡେଇ ହାଣିଛନ୍ତି। ଶିଶୁଭବନ ଟ୍ରାଫିକ ଛକରେ ଜଣେ ଯୁବକଙ୍କୁ ଗୋଡେଇ ଗୋଡେଇ ହାଣିଥିଲେ କିଛି ଯୁବକ। ଟ୍ୟାକ୍ସି ଗାଡ଼ି ନଂବର ଥିବା ଏକ ସ୍ୱିଫ୍ଟ କାରରେ ଆସି ଆତଙ୍କ ଖେଳାଇଲେ ଆକ୍ରମଣକାରୀ ଯୁବକ।

୭ରୁ ୮ଜଣ ଯୁବକ ରାସ୍ତା ଉପରେ ବାଇକକୁ ଧକ୍କା ଦେବା ପରେ, ହାତରେ ମାରଣାସ୍ତ୍ର ଧରି ଆତଙ୍କ ଖେଳାଇଲେ' ଭାଇ ହେବୁ ବୋଲି କହୁଥିଲୁ ପରା, ହଣା ଖା' କହି ଗୋଡେଇଥିଲେ । ଦୁଇଜଣ ଜୀବନ ବିକଳରେ ଖସି ଯାଇଥିବା ବେଳେ ଜଣକର ଡାହାଣ ହାତକୁ ହାଣିଦେଇଥିଲେ ଦୁର୍ବୃତ୍ତ । ଭିକି ନାୟକ ନାମକ ଯୁବକ ଗୁରୁତର ଭାବେ ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

ସେହିପରି ୟୁନିଟ ୮ ରାଜଭବନ ଛକ ଅଂଚଳରେ ଆଉ ଏକ ଘଟଣା ଘଟିଛି। ଖଣ୍ଡା ଚୋଟରେ ଗୁରୁତର ଆହତ ହୋଇଛନ୍ତି ଜଣେ ୨୨ ବର୍ଷୀୟ ଯୁବକ ସତ୍ୟବ୍ରତ ପ୍ରଧାନ। ରାତି ପ୍ରାୟ ୯ଟାରେ ଘଟିଛି ଏହି ଘଟଣା। ୧୫ ଜଣ ଯୁବକ ଏକା ସାଙ୍ଗରେ ଖଣ୍ଡା, କାଠ ବେଷ୍ଟ ସହ ଆସି ଆକ୍ରମାଣ କରିଥିଲେ। ୟୁନିଟ ୩ ଅଂଚଳର ବରୁଣ, ୮ ନମ୍ବରର ନାଣ୍ଡୁ ଓ ଚୋର ରାଜା ଏହି ଆକ୍ରମାଣ କରିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ବର୍ତ୍ତମାନ ଗୁରୁତର ଅବସ୍ଥାରେ ସେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧିନ।

# ଆଜି ସିବିଏସଇ ରେଜଲ୍ଟ

ନୂଆଦିଲ୍ଲୀ,୧୨।୫: ଆସନ୍ତାକାଲି ପ୍ରକାଶ ପାଇବ ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ। ପୂର୍ବାହ୍ନ ୧୦ଟାରେ ସିବିଏସଇ ଦ୍ୱାଦଶ ଓ ତା ପରେ ଦଶମ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ଜଣାପଡିଛି। ସିବିଏସଇ ଅଧୀନରେ ଥିବା ଦେଶର ସବୁ ସ୍କୁଲର ପ୍ରାୟ ୪୨ ଲକ୍ଷ ଛାତ୍ରଛାତ୍ରୀ ଦଶମ ଓ ଦ୍ୱାଦଶ ପରୀକ୍ଷା ଦେଇଛନ୍ତି। ସେଥିମଧ୍ୟରୁ ଓଡ଼ିଶାରୁ ୧ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ରହିଛନ୍ତି। ଗତ ଫେବୃଆରୀ ଓ ମାର୍ଚ୍ଚ ମାସରେ ଦେଶର ୭୮୪୨ଟି ପରୀକ୍ଷା କେନ୍ଦ୍ରରେ ଦଶମ ବୋର୍ଡ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସିବିଏସଇ ୱେବସାଇଟ ଓ ଅନଲାଇନରେ ପରୀକ୍ଷା ଫଳ ଜାଣିପାରିବେ ଛାତ୍ରଚାତ୍ରୀ। ଆସନ୍ତାକାଲି ପାଇଁ ବିଭିନ୍ନ ପ୍ରତିଷ୍ଠିତ ସ୍କୁଲଗୁଡ଼ିକରେ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି।

# ପୁତୁରା ପରିବାରକୁ ଜାଳିଦେବାକୁ ଦାଦାର ଉଦ୍ୟମ



ମୟୂରଭଞ୍ଜ,୧୨।୫(ସଂଚାର ବ୍ୟୁରୋ): ପୁତୁରାକୁ ହତ୍ୟା କରିବା ସକାଶେ ଦାଦା ଘଟାଇଛି ନାରକୀୟ କାଣ୍ଡ। ପୁତୁରା ଘର କବାଟ ବାହାରୁ ବନ୍ଦ କରି ଉକ୍ତ ଘରେ ନିଆଁ ଲଗାଇ ପୋଡ଼ି ମାରିବାକୁ ଉଦ୍ୟମ କରିଛି ଏହି ପିଶାଚ ଦାଦା। ମୟୂରଭଞ୍ଜ କପ୍ତିପଦା ଥାନା ଗେଣ୍ଡାଗଡ଼ିଆ ଗାଁରେ ଘଟିଛି ଏଭଳି ଏକ ଲୋମଟାଙ୍କୁରା ଘଟଣା। ଗେଣ୍ଡାଗଡ଼ିଆର ଟିମା ମହୁରିଆ ଓ ତାଙ୍କ ଭାଇ ଟୁନା ମହୁରିଆଙ୍କ ପରିବାର ମଧ୍ୟରେ ପାରିବାରିକ ବିବାଦ ରହିଥିବା ବେଳେ ଏହାକୁ କେନ୍ଦ୍ର କରି ଦାଦା ଏପରି କାଣ୍ଡ ଭିଆଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଗତକାଲି ରାତିରେ ଟୁନା ମହୁରୀଆ ଘରେ ନ ଥିବା ସମୟରେ ତାଙ୍କ ପୁଅ ମାନସ ଓ ମାନସଙ୍କ ସ୍ତ୍ରୀ, ଶିଶୁକନ୍ୟା, ଭଉଣୀ ଓ ୨ ମାସର ଭଣଜା ଚାଳ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ଟିମା ମାନସଙ୍କ ଘର କବାଟ ବାହାର ପଟୁ ବନ୍ଦ କରି ସମସ୍ତଙ୍କୁ ପୋଡ଼ି ମାରିବାକୁ ଘରେ ନିଆଁ ଲଗାଇ ଦେଇଥିଲେ। ନିଆଁ ଲାଗିବା ପରେ ସମସ୍ତେ ଘରୁ ବାହାରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ତେବେ ଘର ଭିତରେ ଥିବା ଲୋକମାନେ ଜୀବନ ବଞ୍ଚାଇବାକୁ ଚିତ୍କାର କରିବାରୁ ପଡ଼ୋଶୀ ଆସି କବାଟ ଭାଙ୍ଗି ସେମାନଙ୍କୁ ଉଦ୍ଧାର କରିଥିଲେ। ଫଳରେ ମାନସଙ୍କ ପରିବାର ଅଳ୍ପକେ ଏକ ବଡ଼ ଧରଣର ଅଘଟଣରୁ ବର୍ତ୍ତିଯାଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅନ୍ୟପକ୍ଷରେ ନିଆଁ ଲଗାଇବା ପରେ ଟିମା କୁଆଡ଼େ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏନେଇ ତାଙ୍କ ନାଁରେ କପ୍ତିପଦା ଥାନାରେ ମାନସଙ୍କ ପରିବାର ଫେରାଦ ହୋଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ହୋଣ୍ଡା ଲଞ୍ଚ କଲା ପ୍ରଥମ ଇ-କ୍ଲଚ୍ ଟେକ୍ନୋଲୋଜି ବାଇକ୍

**ନୂଆଦିଲ୍ଲୀ, ୧୨।୫:** ହୋଣ୍ଡା ମୋଟରସାଇକେଲ୍ ଏବଂ ସ୍କୁଟର ଇଣ୍ଡିଆ ଭାରତରେ ଏହାର ମୋଷ୍ଟ-ଆୱାଟେଡ୍ ୨୦୨୫ ସିବି୬୫୦ଆର୍ ଏବଂ ସିବିଆର୬୫୦ଆର ବାଇକ୍ ଲଞ୍ଚ କରିଛି, ଯାହା ଦେଶର ପ୍ରଥମ ମୋଟରସାଇକେଲ୍। ଏହା ସହିତ ଯାହା ଇ-କ୍ଲଚ୍ ଟେକ୍ନୋଲୋଜି ସହିତ ମଧ ଲେସ୍।

ଏଥି ସହ ଜାଣିରଖନ୍ତୁ ଯେ, ଏହି ବାଇକ୍ଗୁଡ଼ିକର ବୁକିଂ ହୋଣ୍ଡାର ବିଗୱିଙ୍ଗ ଡିଲରସିପ୍ ଏବଂ ଅନଲାଇନ୍ ପ୍ଲାଟଫର୍ମରେ ଆରମ୍ଭ ହୋଇଛି। ଯେତେବେଳେ ଡେଲିଭରି ୨୦୨୫ ମେ ଶେଷ ସୁଦ୍ଧା ଆରମ୍ଭ ହେବ। ତେବେ ବର୍ତ୍ତମାନ ଜାଣିବା ଏହାର ପ୍ରାଇସ୍ ବିଷୟରେ। ପ୍ରାଇସ୍ ବିଷୟରେ କହିବାକୁ ଗଲେ, ସିବି୬୫୦ଆର୍‌ର ଏକ୍ସ-ସୋରୁମ୍ ପ୍ରାଇସ୍ ୯.୬୦ ଲକ୍ଷ ଟଙ୍କା ଏବଂ ସିବିଆର୬୫୦ଆର୍‌ର ମୂଲ୍ୟ ୧୦.୪୦ ଲକ୍ଷ ଟଙ୍କା ରଖାଯାଇଛି। ଏହି ବାଇକ୍ଗୁଡ଼ିକ ୬୪୯CC ଇନଲାଇନ୍ ୪-ସିଲିଣ୍ଡର ଇଞ୍ଜିନ୍ ସହିତ ଲେସ୍, ଯାହା ୭୦ବିଏଚପି ପାୱାର ଏବଂ ୬୩ଏନଏମ ଟର୍କ ଜେନେରେଟ୍ କରେ। ଏଥି ସହ ଏହି ଇଞ୍ଜିନଟି ୬-ସ୍ପିଡ୍ ଗିଅରବକ୍ସ ସହିତ ଆଡ୍ ହୋଇଛି, ଯାହା ହୋଣ୍ଡାର ଇ-କ୍ଲଚ୍ ଟେକ୍ନୋଲୋଜି ସହିତ ପ୍ରଦାନ କରାଯାଇଛି। ଏହି ଟେକ୍ନୋଲୋଜି ମାନୁଆଲ୍ କ୍ଲଚ୍ର ଆବଶ୍ୟକତାକୁ ଦୂର କରି ଗିଅର୍ ଶିଫ୍ଟେସନ୍କୁ ଅତ୍ୟନ୍ତ ସହଜ କରିଥାଏ। ଏଥି ସହ ସହର ଟ୍ରାଫିକ୍ରେ ଆରାମଦାୟକ କରିଥାଏ ଏବଂ ସ୍ପୋର୍ଟି ରାଇଡର୍ସଙ୍କୁ ଗୁଡ୍ କଣ୍ଟ୍ରୋଲ୍ ଏବଂ ପରଫରମାନ୍ସ ପ୍ରଦାନ କରିଥାଏ।




ଡିଜାଇନ୍ ବିଷୟରେ କହିବାକୁ ଗଲେ, ସିବି୬୫୦ଆର୍ ନିଓ ସ୍ପୋର୍ଟସ୍ କାଫେ ଥିମ୍ ଉପରେ ଡିଜାଇନ୍ କରାଯାଇଛି, ଯେଉଁଥିରେ ଏକ ସ୍କଲ୍ପଡ୍ ଫୁଏଲ ଟ୍ୟାଙ୍କ, ରାଉଣ୍ଡ ଏଲଇଡି ହେଡଲ୍ୟାମ୍ପ ଏବଂ ଏକ୍ସପୋଜ୍ଡ ଷ୍ଟିଲ୍ ଫ୍ରେମ୍ ଅଛି। ନିକଟରେ ସିବିଆର୬୫୦ଆର୍‌କୁ ଫୁଲ୍-ଫେୟାର୍ଡ ଏବଂ ଏରୋଡାଇନାମିକ୍ ଷ୍ଟାଇଲ୍ ସହିତ ଏକ ରେସିଂ ଲୁକ୍ ଦିଆଯାଇଛି। ଉଭୟ ବାଇକ୍ରେ ୫.୦-ଇଞ୍ଚ ଟିଏଫଟି ଡିସ୍ପ୍ଲେ, ରେସ୍-ଇନସ୍ପାଏଡ୍ ବଡି ଷ୍ଟାଇଲିଂ, ଏଲଇଡି ହେଡଲାଇଟ୍ ଏବଂ ଇଣ୍ଡିକେଟର୍ସ ଭଳି ଦମଦାର୍ ଫିଚର୍ସ ରହିଛି। କଲର ଅପ୍ସନ ବିଷୟରେ କହିବାକୁ ଗଲେ, ସିବି୬୫୦ଆର୍ ଦୁଇଟି କଲରରେ ଉପଲବ୍ଧ ଯାହା ହେଉଛି- କ୍ୟାଣ୍ଡି କ୍ରୋମୋସ୍ଫିୟର ରେଡ୍ ଏବଂ ମ୍ୟାଟ୍ ଗମପାଉଡର ବ୍ଲାକ୍ ମେଟାଲିକ୍, ଯେତେବେଳେ ସିବିଆର୬୫୦ଆର୍ ଗ୍ରାଣ୍ଡ ପ୍ରିକ୍ସ ରେଡ୍ ଏବଂ ମ୍ୟାଟ୍ ଗନପାଉଡର ବ୍ଲାକ୍ ମେଟାଲିକ୍ ରଙ୍ଗରେ ପ୍ରଦାନ କରାଯାଇଛି।

ଏଥିସହ ଆପଣଙ୍କୁ କହିରଖୁଛୁ ଯେ, ଯଦି ଆପଣ ଏକ ପରଫରମାନ୍ସ ଏବଂ ଫିଚର୍ସ ଭରପୁର୍ ବାଇକ୍ ଖୋଜୁଛନ୍ତି, ତେବେ ଏହି ଉଭୟ ହୋଣ୍ଡା ମଡେଲ୍ ୨୦୨୫ ସିବି୬୫୦ଆର୍ ଏବଂ ସିବିଆର୬୫୦ଆର୍ ଆପଣଙ୍କ ପାଇଁ ଏକ ବେଷ୍ଟ ଅପ୍ସନ ପ୍ରମାଣିତ ହୋଇପାରେ।



## ଷ୍ଟକ୍ ବଜାରକୁ ଫେରିଲା ଉତ୍ସାହ

ନୂଆଦିଲ୍ଲୀ: ଷ୍ଟକ୍ ବଜାରକୁ ଫେରିଲା ଉତ୍ସାହ। ଶୁକ୍ରବାର ଷ୍ଟକ୍ କାରବାର ବନ୍ଦ ହେବା ବେଳକୁ ସେନସେକ୍ସ ହ୍ରାସ ପାଇଥିବା ବେଳେ ଆଜି ମାର୍କେଟ ଖୋଲିବା ପରେ ସେନସେକ୍ସ ଉପରମୁହାଁ ହୋଇଥିବା ଦେଖାଯାଇଛି। ଭାରତ-ପାକ୍ ଯୁଦ୍ଧବିରତିର ପ୍ରଭାବ ଭାରତୀୟ ସେୟାର ବଜାର ଉପରେ ଦେଖିବାକୁ ମିଳିଥିବା ବେଳେ ସେନସେକ୍ସ ଖୋଲିବା ମାତ୍ରେ ୮୧,୦୦୦ ଉପରେ କାରବାର କରୁଥିବା ଦେଖାଯାଇଥିଲା। ଶୁକ୍ରବାର ଦିନ ଏକ ବଡ଼ ହ୍ରାସ ଦେଖିଥିବା ସେନସେକ୍ସ ଏବଂ ନିଫ୍ଟିରେ ସୋମବାର ଏକ ବଡ଼ ବୃଦ୍ଧି ଘଟିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ୩୦-ସେୟାର ସୂଚକାଙ୍କ, ସେନସେକ୍ସ, ଖୋଲିବାର ଅଧ ଘଣ୍ଟା ପରେ ୨୨୮୭ପଏଣ୍ଟ ବୃଦ୍ଧି ସହିତ କାରବାର ଆରମ୍ଭ କରିଥିଲା। ଏହା ସହ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ମଧ ୬୯୧ପଏଣ୍ଟ ବୃଦ୍ଧି ପାଇଛି। ସୋମବାର ଦିନ ଷ୍ଟକ୍ ବଜାରରେ ଅଭିବୃଦ୍ଧି ଘଟିବ ବୋଲି ପୂର୍ବରୁ ଆଶା କରାଯାଉଥିଲା। ଏସୀୟ ବଜାରରେ ବୃଦ୍ଧି ପରେ, ବିଏସଇ ସେନସେକ୍ସ ୮୦,୮୦୩.୮୦ରେ କାରବାର ଆରମ୍ଭ କରିଥିଲା, ଯାହା ଶୁକ୍ରବାର ବନ୍ଦ ହୋଇଥିବା ପଏଣ୍ଟଠାରୁ ୧୫୦୦ପଏଣ୍ଟ ଅଧିକ ଥିଲା। କିଛି ମିନିଟ୍ ମଧ୍ୟରେ ଏହା ୧୯୨୬ ପଏଣ୍ଟ ବୃଦ୍ଧି ପାଇ ୮୧,୩୮୦ରେ ପହଞ୍ଚିଥିଲା। ସେନସେକ୍ସ ସହିତ, ଏନଏସଇ ନିଫ୍ଟି ମଧ ୨୪,୪୨୦ରେ ଖୋଲିଥିଲା, ଯାହା କିଛି ସମୟ ମଧ୍ୟରେ ୫୮୨.୭୫ ପଏଣ୍ଟ ବୃଦ୍ଧି ସହିତ ୨୪,୫୯୩.୭୫ରେ ପହଞ୍ଚିବା ସହ ଅଧ ଘଣ୍ଟା ମଧ୍ୟରେ ୬୯୧.୮୫ ପଏଣ୍ଟ କିମ୍ବା ୨.୮୮% ବୃଦ୍ଧି ପାଇ ୨୪,୬୯୯.୮୫ ପଏଣ୍ଟରେ ପହଞ୍ଚିଥିଲା।

## ଏଟିଏମ୍‌ରୁ ଟଙ୍କା ଉଠାଣ ବଢୁଛି
### ଓଡ଼ିଶାରେ ୧% ବୃଦ୍ଧି



**ଭୁବନେଶ୍ୱର୧୨।୫:** ଫୋନ୍‌ପେ, ଗୁଗୁଲ୍‌ପେ ଜରିଆରେ ଲୋକମାନେ ବ୍ୟାପକ ଡିଜିଟାଲ୍ କାରବାର କରୁଥିଲେ ମଧ ନଗଦ ରାଶିର ଚାହିଦା କମ୍ ହୋଇନାହିଁ। ଏବେବି ଲୋକମାନେ ବିଭିନ୍ନ ଜିନିଷ କିଣିବା ଲାଗି ନଗଦ ଟଙ୍କା ବ୍ୟବହାର କରୁଛନ୍ତି। ସିଏମ୍‌ଏସ୍ ପକ୍ଷରୁ ଜାରି କରାଯାଇଥିବା 'ଭାରତର ଖର୍ଚ୍ଚ କାହାଣୀ ୨୦୨୫' ରିପୋର୍ଟ ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ପ୍ରତି ମାସରେ ଏଟିଏମ୍‌ରୁ ଉଠାଯାଉଥିବା ଟଙ୍କା ପରିମାଣ ବୃଦ୍ଧି ପାଇଛି। ଓଡ଼ିଶାରେ ଏଟିଏମ୍‌ରୁ ଉଠାଣରେ ୧ ପ୍ରତିଶତର ବୃଦ୍ଧି ଘଟିଛି। ରିପୋର୍ଟ ଅନୁସାରେ ଏଟିଏମ୍‌ରୁ ଉଠାଣରେ ସର୍ବାଧିକ ବୃଦ୍ଧି ବିହାର (୮ ପ୍ରତିଶତ), ନୂଆଦିଲ୍ଲୀ (୪ ପ୍ରତିଶତ), ଉତ୍ତରପ୍ରଦେଶ (୪ ପ୍ରତିଶତ), ହିମାଚଳପ୍ରଦେଶ (୩ ପ୍ରତିଶତ) ଓ ଛତିଶଗଡ଼ (୨ ପ୍ରତିଶତ)ରେ ଦେଖିବାକୁ ମିଳିଛି। ସର୍ବଭାରତୀୟ ସ୍ତରରେ ୨୦୧୬-୧୭ରେ ଏଟିଏମ୍ ପିଛା ଟଙ୍କା ଉଠାଣ ପରିମାଣ ୧.୦୨ କୋଟି ଟଙ୍କା ଥିଲା। ୨୦୨୪-୨୫ରେ ତାହା ୧.୩୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ତାମିଲନାଡୁ, ହରିୟାଣା ଓ ଉତ୍ତରାଖଣ୍ଡରେ ଏଟିଏମ୍‌ରୁ ଉଠାଣରେ ଶୂନ ପ୍ରତିଶତ ବୃଦ୍ଧି ଘଟିଛି। କିନ୍ତୁ କେରଳରେ ଏଟିଏମ୍‌ରୁ ଉଠାଣ ୧୪ ପ୍ରତିଶତ କମିଥିବା ବେଳେ ତ୍ରୀପୁରାରେ ୨୩ ପ୍ରତିଶତ, ମିଜୋରାମରେ ୧୬ ପ୍ରତିଶତ, ଆସାମରେ ୮ ପ୍ରତିଶତ, କର୍ଣ୍ଣାଟକରେ ୨ ପ୍ରତିଶତ, ମଧ୍ୟପ୍ରଦେଶରେ ୨ ପ୍ରତିଶତ, ରାଜସ୍ଥାନରେ ୩ ପ୍ରତିଶତ, ପଞ୍ଜାବରେ ୨ ପ୍ରତିଶତ, ଜମ୍ମୁ ଓ କାଶ୍ମୀରରେ ୩ ପ୍ରତିଶତ ହ୍ରାସ ଘଟିଛି।

## ବିଦେଶୀ ନିବେଶକଙ୍କ ଭରସା ଅତୁଟ
## କିଣିଲେ ୧୪,୧୬୭ କୋଟିର ସେୟାର

**ମୁମ୍ବାଇ, ୧୨।୫:** ଭାରତ ଓ ପାକିସ୍ତାନ ମଧରେ ଦେଖାଦେଇଥିବା ଉତ୍ତେଜନା ଭଳି ଏକ ଗମ୍ଭୀର ମୁହୂର୍ତ୍ତରେ ବିଦେଶୀ ନିବେଶକମାନେ ଭାରତୀୟ ଷ୍ଟକ୍ ବଜାର ପ୍ରତି ନିଜର ଭରସା ବଜାୟ ରଖିଛନ୍ତି। ଚଳିତ ମାସରେ ବର୍ତ୍ତମାନ ସୁଦ୍ଧା ସେମାନେ ୧୪,୧୬୭ କୋଟି ଟଙ୍କାର ଭାରତୀୟ ସେୟାର କିଣିଛନ୍ତି। ଗତ ଏପ୍ରିଲ୍‌ରେ ସେମାନେ ୪,୨୨୩ କୋଟି ଟଙ୍କାର ସେୟାର କିଣିଥିଲେ। ଚଳିତ ବର୍ଷ ଆରମ୍ଭରୁ ଭାରତୀୟ ସେୟାରକୁ ବିଦେଶୀ ନିବେଶକମାନେ ଲଗାତାର ଭାବେ ବିକ୍ରି କରୁଥିଲେ। ସେମାନେ ଜାନୁଆରିରେ ୮୭,୦୨୭ କୋଟି ଟଙ୍କା ଓ ଫେବ୍ରୁଆରିରେ ୩୪,୫୭୪ କୋଟି ଟଙ୍କାର ସେୟାର ବିକିଥିଲେ। ମାର୍ଚ୍ଚରେ ବିକ୍ରି ୩୯୭୩ କୋଟି ଟଙ୍କା ରହିଥିଲା। ପ୍ରାରମ୍ଭିକ ମାସଗୁଡ଼ିକରେ ୧.୪ ଲକ୍ଷ କୋଟି ଟଙ୍କାର ପାଣ୍ଠି ପ୍ରତ୍ୟାହାର କରିବା ପରେ ଏପ୍ରିଲ୍‌ରୁ ସେମାନଙ୍କ ରଣନୀତି ବଦଳିଥିଲା। ସେମାନେ ଭାରତୀୟ ସେୟାର କିଣିବା ଆରମ୍ଭ କରିଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅନିଶ୍ଚିତ ବାଣିଜ୍ୟ ନୀତି, ବିଶ୍ୱ ବଜାରରେ ମାନ୍ଦାବସ୍ଥା, ଭାରତୀୟ ସେୟାରର ଉଚ୍ଚ ମୂଲ୍ୟ ଓ କର୍ପୋରେଟ୍ ସଂସ୍ଥାଗୁଡ଼ିକର ଅଭିବୃଦ୍ଧିକୁ ନେଇ ଚିନ୍ତା ଥିବାରୁ ବିଦେଶୀ ନିବେଶକମାନେ ଲଗାତାର ଭାବେ ପାଣ୍ଠି ପ୍ରତ୍ୟାହାର କରୁଥିଲେ। ତେବେ ଗତ ଶୁକ୍ରବାର ବିଦେଶୀ ନିବୋକମାନେ ୩,୭୯୮.୭୧ କୋଟି ଟଙ୍କାର ଭାରତୀୟ ସେୟାର ବିକ୍ରି କରିଛନ୍ତି। କିନ୍ତୁ ଘରୋଇ ନିବେଶକମାନେ ୭୨୭୭ କୋଟି ଟଙ୍କାର ସେୟାର କିଣିଥିଲେ।




# ଆଇଏମ୍‌ଏଫ୍ ସଂସ୍କାର ଦାବି ଜୋର ଧରିଲା

**ନୂଆଦିଲ୍ଲୀ, ୧୨।୫:** ଯୁଦ୍ଧ ଭଳି ଏକ ଉତ୍ତେଜନାପୂର୍ଣ୍ଣ ସ୍ଥିତିରେ ପାକିସ୍ତାନକୁ ଋଣ ମଞ୍ଜୁର କରି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ବିବାଦୀୟ ହୋଇପଡ଼ିଛି। ଏହାର କାର୍ଯ୍ୟଶୈଳୀ ଓ ନିଷ୍ପତ୍ତି ବ୍ୟବସ୍ଥାରେ ତୁରନ୍ତ ସଂସ୍କାର ଆଣିବାକୁ ବିଶେଷଜ୍ଞମାନେ ଦାବି କରିଛନ୍ତି। ପାକିସ୍ତାନକୁ ବାରମ୍ବାର ପୁନରୁଦ୍ଧାର ପ୍ୟାକେଜ୍ ମଞ୍ଜୁର କରିବାର କ'ଣ ଲାଭ ମିଳୁଛି ତାହା ଆଇଏମ୍‌ଏଫ୍ ଜାଣିବାକୁ ପ୍ରୟାସ କରିବା ଦରକାର। ଭାରତୀୟ ଅଧିକାରୀମାନେ ମଧ ଆଇଏମ୍‌ଏଫ୍ କର୍ମଚାରୀମାନଙ୍କ ସହିତ ସମ୍ପର୍କକୁ ଆହୁରି ମଜଭୁତ କରିବାର ଆବଶ୍ୟକତା ରହିଛି। ପାକିସ୍ତାନକୁ ଦିଆଯାଉଥିବା ପାଣ୍ଠିକୁ ତାହା ଆତଙ୍କବାଦୀ କାର୍ଯ୍ୟକଳାପରେ ବ୍ୟବହାର କରୁଥିବା ନେଇ ଭାରତ ଅଭିଯୋଗ କରୁଛି। ସେଥିରେ କ'ଣ ସତ୍ୟତା ରହିଛି ତାହା ଜାଣିବା ଲାଗି ଆଇଏମ୍‌ଏଫ୍ ଉଦ୍ୟମ କରିବା ଉଚିତ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଜାତୀୟ ପରିସଂଖ୍ୟାନ ଆୟୋଗର ପୂର୍ବତନ ଅଧକ୍ଷ ପ୍ରଣବ ସେନ୍ କହିଛନ୍ତି ଯେ ଯେତେବେଳେ କୌଣସି ଦେଶକୁ ଆଇଏମ୍‌ଏଫ୍ ପାଣ୍ଠି ମଞ୍ଜୁର କରେ, ତା ସହିତ କିଛି ସର୍ତ୍ତ ରହିଥାଏ। ସେହି ସର୍ତ୍ତ ପାଳନ କରିବା ପରେ ହିଁ ପରବର୍ତ୍ତୀ କିସ୍ତି ମିଳିଥାଏ। ପାକିସ୍ତାନକୁ ପାଣ୍ଠି ଦେବା ପ୍ରସ୍ତାବକୁ ଭାରତ ବିରୋଧ ଜାରି ରଖିବା ଉଚିତ ବୋଲି ସେ କହିଛନ୍ତି। ଆଇଏମ୍‌ଏଫ୍‌ରେ ଆମେରିକାରେ ବହୁତ ପ୍ରଭାବ ରହିଛି। ତେଣୁ ପାକିସ୍ତାନକୁ ଆମେରିକା କେଉଁ ଭଳି ଭାବେ ଦେଖୁଛି, ତାହା ଉପରେ ତାକୁ ପାଣ୍ଠି ମିଳିବା ନିର୍ଭର କରିବ। ମାଡ୍ରାସ୍ ସ୍କୁଲ୍ ଅଫ୍ ଇକୋନମିକ୍ସର ନିର୍ଦ୍ଦେଶକ ଏନ୍ ଆର୍ ଭାନୁମୂର୍ତ୍ତି କହିଛନ୍ତି ଯେ ଆଇଏମ୍‌ଏଫ୍‌ର ପାଣ୍ଠି ଦେବା ବ୍ୟବସ୍ଥାରେ ସଂସ୍କାର ଆଣିବାର ଏହା ହେଉଛି ସବୁଠୁ ଉପଯୁକ୍ତ ସମୟ। ପୁନରୁଦ୍ଧାର କାର୍ଯ୍ୟକ୍ରମ କେତେ ପ୍ରଭାବଶାଳୀ ତାହାର ପୂର୍ଣ୍ଣ ସମୀକ୍ଷାର ଆବଶ୍ୟକତା ରହିଛି। ୨୦୨୩ରେ ଭାରତ ଅଧକ୍ଷତାରେ ଅନୁଷ୍ଠିତ ଜି୨୦ ବୈଠକରେ ଏହା ଉପରେ ବ୍ୟାପକ ଆଲୋଚନା ହୋଇଥିଲା।




### ୩୫ ବର୍ଷରେ ପାକିସ୍ତାନକୁ ୨୮ ଥର ପାଣ୍ଠି

ଭାରତ ସରକାର ଆଇଏମ୍‌ଏଫ୍‌କୁ ଜଣାଇଛନ୍ତି ଯେ ୧୯୮୯ ପରଠାରୁ ଗତ ୩୫ ବର୍ଷ ମଧ୍ୟରେ ୨୮ ବର୍ଷ ଆଇଏମ୍‌ଏଫ୍ ପାକିସ୍ତାନକୁ ପାଣ୍ଠି ଦେଇଛି। କେବଳ ଗତ ପାଞ୍ଚ ବର୍ଷରେ ପାକିସ୍ତାନ ପାଇଁ ୪ ଥର ଆଇଏମ୍‌ଏଫ୍ କାର୍ଯ୍ୟକ୍ରମ ହୋଇଛି। ଗତ ଶୁକ୍ରବାର ଆମେରିକାର ୱାସିଂଟନ୍ ଡିସିରେ ଅନୁଷ୍ଠିତ ଆଇଏମ୍‌ଏଫ୍ ବୋର୍ଡ ବୈଠକରେ ପାକିସ୍ତାନକୁ ୧୦୦ କୋଟି ଡଲାର ପୁନରୁଦ୍ଧାର ପ୍ୟାକେଜ୍ ଓ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ୧୪୦ କୋଟି ଡଲାର ମଞ୍ଜୁର କରାଯାଇଥିଲା।

## ଜେନେଭାରେ ଆମେରିକା ଓ ଚୀନ ମଧ୍ୟରେ ବ୍ୟାପାର ବୁଝାମଣା
## ସିଧା ୧୧୫% ଟାରିଫ ହ୍ରାସ

**ଜେନେଭା ୧୨।୫:** ବିଶ୍ୱର ଦୁଇ ସବୁଠୁ ବଡ଼ ଅର୍ଥ ବ୍ୟବସ୍ଥା ଆମେରିକା ଓ ଚୀନ୍ ପାରସ୍ପାରିକ ବାଣିଜ୍ୟ ବିବାଦ ଦୂର କରିବା ଦିଗରେ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଉଭୟ ଦେଶ ଆଗାମୀ ୯୦ ଦିନ ପାଇଁ ଅଧିକତର ଟାରିଫ (ଆମଦାନୀ ଶୁଳ୍କ) ହ୍ରାସ କରିବା ପାଇଁ ସହମତ ହୋଇଛନ୍ତି। ଏପର୍ଯ୍ୟନ୍ତ ଉଭୟ ଦେଶ ପରସ୍ପର ଉପରେ ୧୨୫% ପର୍ଯ୍ୟନ୍ତ ଟାରିଫ ଲଗାଉଥିଲେ। ଯାହାକୁ ହ୍ରାସ କରି ୧୦% କରି ଦିଆଯାଇଛି ,ଅର୍ଥାତ ଟାରିଫରେ ସିଧା ୧୧୫% କାଟ୍ କରାଯାଇଛି। ତେବେ ଫେଣ୍ଟାନିଲ ସମ୍ପର୍କିତ ଚୀନ୍ ସାମଗ୍ରୀ ଉପରେ ଆମେରିକାର ୨୦% ଡ୍ୟୁଟି ପୂର୍ବବତ ଜାରି ରହିବ, ଏହା ଦ୍ୱାରା ଚୀନ୍ ଉପରେ ମୋଟ ଟାରିଫ ୩୦% ରହିବ। ଏହି ବୁଝାମଣା ସ୍ୱିଜରଲ୍ୟାଣ୍ଡର ଜେନେଭାରେ ଏକ ସପ୍ତାହନ୍ତ ବୈଠକ କାଳରେ ହୋଇଛି। ଏଥିରେ ଆମେରିକା ଟ୍ରେଜରୀ ସେକ୍ରେଟାରୀ ସ୍କଟ ବେସେଣ୍ଟ ଓ ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରେୟର ଅଂଶଗ୍ରହଣ କରିଥିଲେ। ସ୍କଟ କହିଛନ୍ତି ଯେ ଆମର ଆଲୋଚନା ବେଶ୍ ସଫଳ ରହିଛି। ସେ କହିଛନ୍ତି ଯେ ଜେନେଭାର ଶାନ୍ତ ଓ ସନ୍ତୁଳିତ ସ୍ଥାନ ଆଲୋଚନାକୁ ସକରାତ୍ମକ ଦିଗ ଦେଇଛି। ସ୍କଟ କହିଛନ୍ତି ଯେ ୯୦ ଦିନ ପର୍ଯ୍ୟନ୍ତ ଉଭୟ ପକ୍ଷ ଟାରିଫରେ ଭାରି ହ୍ରାସ କରିବେ ଓ ଏହି ସମୟରେ ଦୁଇ ଦେଶଙ୍କ ଆର୍ଥିକ ଓ ବ୍ୟାପାର ନୀତିଗୁଡିକ ଆଲୋଚନା ଜାରି ରହିବ। ଏହି ନିଷ୍ପତ୍ତି ଫଳରେ ବୈଶ୍ୱିକ ବଜାରରେ ଆଶ୍ୱସ୍ତିର ଆଶା କରାଯାଉଛି। ଏହା ସହିତ ଆମେରି-ଚୀନ ସମ୍ପର୍କରେ ଉପୁଜିଥିବା ଉତ୍ତେଜନା ମଧ୍ୟ ହ୍ରାସ ହେବ ବୋଲି ଅନୁମାନ କରାଯାଉଛି।



## ଚଳିତ ଆର୍ଥିକ ବର୍ଷରେ ଘରୋଇ ବଜାରର ଅଭିବୃଦ୍ଧି ୬.୫% ବଢ଼ିବ

ନୂଆଦିଲ୍ଲୀ, ୧୨।୫ଃ ଚଳିତ ଆର୍ଥିକ ବର୍ଷ ଘରୋଇ ବଜାରର ଅଭିବୃଦ୍ଧି ୬.୫% ଛୁଇଁବାର ସମ୍ଭାବନା ରହିଛି। ଯୁଦ୍ଧ ଯୋଗୁ ଦେଶର ଅର୍ଥନୀତି ଉପରେ ସ୍ୱଳ୍ପମିଆଦି ପ୍ରଭାବ ରହିବ ବୋଲି ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଅଧକ୍ଷ ସଞ୍ଜୀବ ପୁରୀ କହିଛନ୍ତି। ଶ୍ରୀ ପୁରୀ କହିଛନ୍ତି, ବ୍ୟବସାୟ କ୍ଷେତ୍ରରେ ରହିଥିବା ବିଭିନ୍ନ ପ୍ରତିବନ୍ଧକ ସତ୍ତ୍ୱେ ଦେଶର ରାଷ୍ଟ୍ରୀୟ ହିତକୁ ନଜରରେ ରଖି ବାଣିଜ୍ୟିକ ଅଂଶୀଦାରଙ୍କ ସହ ଚୁକ୍ତି କରିବା ଆବଶ୍ୟକତା ରହିଛି। ଶକ୍ତି, ପରିବହନ, ଧାତବ, ରସାୟନ ଏବଂ ହସ୍ପିଟାଲିଟି ଭଳି ବିଭିନ୍ନ କ୍ଷେତ୍ରରେ ଘରୋଇ ନିବେଶକୁ ଧାନ ରଖିବାକୁ ହେବ। ଯୁଦ୍ଧ ଯୋଗୁ ଅନିଶ୍ଚିତତା ଲାଗି ରହିଥିବାରୁ ନିବେଶ କ୍ଷେତ୍ରରେ କିଛି ସମସ୍ୟା ଆସିପାରେ। ଦେଶ ୬.୫% ଜିଡିପି ଲକ୍ଷ୍ୟ ହାସଲ କରିବାର ଢ଼େର ସମ୍ଭାବନା ରହିଛି। କାରଣ ଭାରତ ଆର୍ଥିକ ଢ଼ାଞ୍ଚା ବେଶ ଦୃଢ଼ ରହିଛି। ଶ୍ରୀ ପୁରୀ କହିଛନ୍ତି, ନିକଟରେ ଆର୍‌ବିଆଇ ସୁଧହାର ହ୍ରାସ କରିଛି। ମୁଦ୍ରାସ୍ଫୀତି ଏତେଟା ଚିନ୍ତାଜନକ ନୁହେଁ। ଏଥିରେ ସମୟ ସହ ହ୍ରାସ ହୋଇଛି। ଏପ୍ରିଲ ପହିଲାରୁ ଲୋକଙ୍କୁ ବ୍ୟକ୍ତିଗତ ଆୟକର କ୍ଷେତ୍ରରେ ରିହାତି ମିଳିଛି। ଗତ ବର୍ଷକୁ ଦେଖିଲେ ଉଭୟ ରାଷ୍ଟ୍ରାୟତ୍ତ ଏବଂ ଘରୋଇ କ୍ଷେତ୍ରରେ ନିବେଶ ବୃଦ୍ଧି ହେଉଛି। ଟ୍ରମ୍ପଙ୍କ ଟାରିଫ ଏବଂ ବିଶ୍ୱ ସ୍ତରର ବାଣିଜ୍ୟିକ କଟକଣା ଯୋଗୁ ବ୍ୟବସାୟ ପାଇଁ ବିଭିନ୍ନ ବାଧା ରହୁଛି। ଏଭଳି ସ୍ଥିତିରେ ଦେଶର ସ୍ୱାର୍ଥକୁ ନଜରରେ ରଖି ଦ୍ୱିପାକ୍ଷିକ କାରବାରକୁ ଦେଶ ଆହୁରି ଦୃଢ଼ କରିବାର ଆବଶ୍ୟକତା ରହିଛି। ଆମେରିକା ଏବଂ ୟୁରୋପୀୟ ସଂଘ ଭଳି ଦେଶ ଗୁଡ଼ିକ ସହ କାରବାର ବେଶ ଗୁରୁତ୍ୱ ରଖେ। ଏ କ୍ଷେତ୍ରରେ ଦ୍ୱିପାକ୍ଷୀକ ବାଣିଜ୍ୟ ଚୁକ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିଭଳି ବିଭିନ୍ନ କ୍ଷେତ୍ରରେ ପ୍ରତିସ୍ପର୍ଦ୍ଧା ବଢ଼ାଇବା ଲାଗି ତ୍ରିସ୍ତରୀୟ ସଂରଚନା ନିର୍ମାଣ କରିବା ଲାଗି ଶ୍ରୀ ପୁରୀ ପରାମର୍ଶ ଦେଇଛନ୍ତି। କୃଷି,ଜଳବାୟୁ, ପରିବର୍ତ୍ତନ ଏବଂ ଶିଳ୍ପ ଅନୁକୂଳ ବାତାବରଣ ଉପରେ ଆହୁରି ଅନେକ କାମ କରିବାକୁ ହେବ। ସେହିଭଳି ଅଭିବୃଦ୍ଧି ଏବଂ ପ୍ରତିସ୍ପର୍ଦ୍ଧା ଘରୋଇ ବଜାର ଲାଗି ଅତ୍ୟନ୍ତ ଗୁରୁତ୍ୱ ବହନ କରୁଥିବାରୁ ଏହା ଉପରେ ଅଧିକ ପଦକ୍ଷେପ ଲୋଡ଼ା। ଆଗାମୀ ଦିନରେ ସୁଧହାର ଆହୁରି ହ୍ରାସ ହୋଇପାରେ। ଏବେ ଗ୍ରାମୀଣ ଚାହିଦା ବଢ଼ୁଛି। ସହରୀ ଚାହିଦା ସାମାନ୍ୟ ସ୍ଥିର ରହିଛି। ଆଗାମୀ କିଛି ମାସରରେ ଏଥିରେ ବୃଦ୍ଧି ପରିଲକ୍ଷିତ ହେବ। ଉଲ୍ଲେଖଯୋଗ୍ୟ, ଭାରତ ଏବେ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବେ ଉଭା ହୋଇଛି। ଏହି ଧାରାକୁ ଦେଶ ବଜାୟ ରଖିବ ବୋଲି ବିଶ୍ୱ ବ୍ୟାଙ୍କ ସହ ବିଶ୍ୱର ଅନ୍ୟ ପ୍ରମୁଖ ଏଜେନ୍ସି ଗୁଡ଼ିକ ଅନୁମାନ କରିଛନ୍ତି।

### ଆଜିର ସୁନା ଦର



ଅଳ୍ପ କମିଲା ସୁନା ଦର । କେଉଁଠି କେତେ ? ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୬୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ହଜାର ୪୪୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮, ୬୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୪୪୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮,୬୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦ ,୪୪୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦, ୫୯୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮, ୬୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦,୪୪୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮, ୬୭୦ ଓ ୯୦,୪୪୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୮, ୯୦୦ ଟଙ୍କା ହୋଇଛି।

### ଆଜିର ପେଟ୍ରୋଲ, ଡିଜେଲ ଦର



ପେଟ୍ରୋଲର ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦.୯୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୨ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଖଣି ଓ ପରିବହନ ବିଭାଗର ସମୀକ୍ଷା ବୈଠକ

# ବାଲି ଚୋରାଚାଲାଣ ବିରୋଧରେ କଡ଼ା ଅଭିଯାନ

**ସୁବର୍ଣ୍ଣପୁର,୧୨।୫(ସଞ୍ଚାର ବ୍ୟୁରୋ):** ମାନ୍ୟବର ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣି ବିଭାଗ, ଓଡିଶା ଶ୍ରୀ ବିଭୂତି ଭୂଷଣ ଜେନା ଆଜି ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସି ସର୍କିଟ୍ ହାଉସ୍‌ରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ଖଣି ଓ ପରିବହନ ବିଭାଗର କାର୍ଯ୍ୟ ପରିଚାଳନାର ସମୀକ୍ଷା କରିଥିଲେ। ମନ୍ତ୍ରୀ ମହୋଦୟ ବେଆଇନ ବାଲି ଚୋରାଚାଲାନ ବିରୋଧରେ କଡା ଅଭିଯାନ ଆରମ୍ଭ କରିବା ଓ ସମସ୍ତ ବାଲି ଘାଟ/ସୈରତରେ ସୂଚନା ଫଳକ ସ୍ଥାପନ କରିବାକୁ ସପ୍ତାହ ମଧ୍ୟରେ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଫଳକରେ ଘାଟର ନାମ, ମାଲିକ, ଲାଇସେନ୍ସ ସଂଖ୍ୟା, ଦୈନିକ ଉଠାଣ ଲକ୍ଷ୍ୟ, ମହଜୁଦ ପରିମାଣ ଓ ଅନ୍ୟାନ୍ୟ ତଥ୍ୟକୁ ଉପଲବ୍ଧ କରିବା ଉପରେ ପରାମର୍ଶ ଦେଇଥିଲେ। ସେ ଏହି ଅବସରରେ ଅନୁମୋଦିତ ରାସ୍ତା ମାଧ୍ୟମରେ କେବଳ ବାଲି ବୋଝାଇ ଗାଡ଼ି ଚଳାଚଳ କରିବାକୁ ଅନୁମତି ଦେବା ଓ ଘାଟ ଉପରେ ସିସିଟିଭି କ୍ୟାମେରା,



ଗାଡ଼ିରେ ଜିପିଏସ ଲଗାଇ ଟ୍ରାକିଂ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦ୍ଦ୍ୱାରା ବେଆଇନ କାର୍ଯ୍ୟକଳାପ ଉପରେ ନିୟନ୍ତ୍ରଣ ଏବଂ ସରକାରୀ ରାଜସ୍ୱ ବୃଦ୍ଧି ସୁନିଶ୍ଚିତ କରାଯାଇପାରିବ ବୋଲି ସୂଚିତ କରିଛନ୍ତି। ଏହି ବୈଠକରେ ସେ ପରିବହନ ବିଭାଗର ଗତ ବର୍ଷର ରାଜସ୍ୱ ଆଦାୟ, ଏନ୍ଫୋରସମେଣ୍ଟ କାର୍ଯ୍ୟକଳାପ, ଅମାନିଆ ଚାଳନା, ମଦୁଆ ଚାଳକ, ଓଭରଲୋଡିଂ ଓ ଶୋ-ରୁମ ଷ୍ଟକ ଯାଞ୍ଚ ଇତ୍ୟାଦି ବିଷୟରେ ଅଧିକାରୀଙ୍କ ନିକଟରୁ ବିସ୍ତୃତ ତଥ୍ୟ ଅନୁଧ୍ୟାନ କରିଥିଲେ। ସେ ଦୁର୍ଘଟଣା ପ୍ରବଣ ସ୍ଥାନ, ସ୍ୱାସ୍ଥ୍ୟ ଯୋଜନା (ଏଫଟିଟିଏଫ) ରେ ଆହତଙ୍କ ସହାୟତା, ଓ ଅନ୍ୟାନ୍ୟ ଆବଶ୍ୟକ ବ୍ୟବସ୍ଥା ବିଷୟରେ ମଧ୍ୟ ବୈଠକରେ ସମୀକ୍ଷା କରିଥିଲେ। ବୈଠକର ଆରମ୍ଭରେ ଜିଲ୍ଲାପାଳ ଅନ୍ୟା ଦାସ ସ୍ୱାଗତ ଭାଷଣ ଦେଇଥିଲେ, ଓ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଧନ୍ୟବାଦ ଜଣାଇଥିଲେ। ବୈଠକରେ ଉପସ୍ଥିତ ଥିବା ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ଉପଜିଲ୍ଲାପାଳ ସୁବର୍ଣ୍ଣପୁର ଡ଼ା. ସୌମ୍ୟ ରୂପା ରଥ, ବିରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପଲ୍ଲବୀ ରାଣୀ ରାଜ, ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା, ପରିବହନ ବ୍ୟବସ୍ଥାପକ ଏମ. ରାଜଲକ୍ଷ୍ମୀ, ଜିଲ୍ଲା ଖଣି ଅଧିକାରୀ, ସମସ୍ତ ବିଡିଓ, ତହସିଲଦାର ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମନ୍ତ୍ରୀ ମହୋଦୟ ଜିଲ୍ଲାରେ ଜନସେବା ଓ ବିକାଶକୁ ଅଧିକ ଲୋକାଭିମୁଖୀ ଭାବେ ଗଢ଼ିବା ପ୍ରୟାସ ଜାରି ରଖିବା ଉପରେ ଗୁରୁତ୍ୱ ଦେଇ ବିଭିନ୍ନ ବିଭାଗ ସମନ୍ୱୟ ପୂର୍ବକ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ।

## ଥଇଥାନ ନେଇ ପ୍ରଶାସନର ପ୍ରତିଶ୍ରୁତିରେ ଭରସା କରୁନାହାନ୍ତି ଗ୍ରାମବାସୀ

**ନୟାଗଡ଼/ଅନୁଗୁଳ,୧୨।୫(ସଞ୍ଚାର ବ୍ୟୁରୋ):** ଜିଲ୍ଲାର ଅଞ୍ଚଳକୁ ନେଇ ଘୋଷିତ ହୋଇଛି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ। ପ୍ରକଳ୍ପ ଅଧିନ ଅଞ୍ଚଳରେ ନୟାଗଡ଼ ଜିଲ୍ଲାର ୩ଟି ଗାଁ ରହିଥିବା ବେଳେ ଏବେ ଏ ଗୁଡିକୁ ବିସ୍ଥାପନ ପାଇଁ ଉଦ୍ୟମ କରୁଛି ବନ ବିଭାଗ। ଥଇଥାନ ପ୍ରତିଶ୍ରୁତି ଦେଇ ଗାଁ ଗାଁ ବୁଲି ସଭା କରୁଛି ବନ ବିଭାଗ। କିନ୍ତୁ ସଫାସଫା ମନା କରିଦେଉଛନ୍ତି ଗ୍ରାମବାସୀ। ନୟାଗଡ଼ ଜିଲ୍ଲା ସାତକୋଶିଆ ଅଭୟାରଣ୍ୟ। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଞ୍ଚଳରେ ରହିଛି ୩ଟି ଗାଁ। କୁଡୁରି, ମୁସୁଗୁଡ଼ା ଆଉ ସଲପଗଡ଼ା। କୋର ଏରିଆରୁ ଏହି ଗାଁ ଗୁଡ଼ିକୁ ବିସ୍ଥାପନ କରିବା ପାଇଁ ଉଦ୍ୟମ କରୁଛି ବନ ବିଭାଗ। କେମିତି ଚାଲିଛି ପ୍ରକ୍ରିୟା ? ଜଙ୍ଗଲ ଅଧିକାର ଆଇନ୍‌ର ପାଳନ ହେଉଛି କି ନାହିଁ ? ସେ ସମସ୍ତ ବିଷୟରେ ତଦାରଖ କରାଯାଇଛି। ଗାଁରେ ଅପହଞ୍ଚ ମୌଳିକ ସୁବିଧା। ନାନା ସମସ୍ୟାରେ ଘାଣ୍ଟି ହେଉଛନ୍ତି ଲୋକେ। ମୁଣ୍ଡପିଛା ୨୦ଲକ୍ଷ ଟଙ୍କାର କ୍ଷତିପୂରଣ ସହ ଥଇଥାନର ପ୍ରତିଶ୍ରୁତି ଦେଇ ବିସ୍ଥାପନ କରିବାକୁ ଗ୍ରାମସଭା କରୁଛି ପ୍ରଶାସନ। କିନ୍ତୁ ଲୋକମାନେ ଭିଟାମାଟି ଛାଡ଼ିବାକୁ ଅମଙ୍ଗ ହେଉଛନ୍ତି। କାରଣ ଆଗରୁ ଅନେକ ବିସ୍ଥାପିତଙ୍କୁ ପ୍ରତିଶ୍ରୁତି ଦେଇ ପ୍ରଶାସନ ପାଳନ କରୁନଥିବା ଅଭିଯୋଗ କରିଛନ୍ତି। ପ୍ରଶାସନ ପ୍ରତିଶ୍ରୁତିକୁ ବିଶ୍ୱାସକୁ ନେଇ ପାରୁନାହାନ୍ତି ୩ ଗାଁର ଅଧିବାସୀ। ଆଉ ପ୍ରଶ୍ନ କରିଛନ୍ତି ଏହି ଜଙ୍ଗଲକୁ କୋର ଏରିଆରେ ରୂପାନ୍ତରିତ କରିଛି କିଏ ? ସେପଟେ ବାଘଙ୍କ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ବନ ବିଭାଗ ନିଜେ ନଷ୍ଟ କରି, ମଣିଷଙ୍କୁ ତଡ଼ି ବାଘ ରଖିବାକୁ ଉଦ୍ୟମ କରୁଛି ବୋଲି ଅଭିଯୋଗ କରିଛନ୍ତି। ହୀରାକୁଦ ବିସ୍ଥାପିତ ହୁଅନ୍ତୁ କିମ୍ବା ଦଶପଲ୍ଲା କୁଆଁରିଆ ବିସ୍ଥାପିତ ହୁଅନ୍ତୁ। ବର୍ଷ ବର୍ଷ ପରେ ବି ନ୍ୟାୟ ପାଇଁ ଲଢ଼େଇ କରୁଛନ୍ତି। ଏଭଳି ସ୍ଥିତିରେ ବ୍ୟାଘ୍ର ପ୍ରକଳ୍ପ ପାଇଁ ପ୍ରଥମେ ଥଇଥାନ ଓ ପରେ ବିସ୍ଥାପନ ଜରୁରୀ ବୋଲି ଦାବି ହେଉଛି।

## ବୈଶାଖ ମେଳାରେ ଖୋଲିଲା ସୂଚନା କେନ୍ଦ୍ର




**ପାଇକମାଳ,୧୨।୫(ସଂଚାର ବ୍ୟୁରୋ):** ପଶ୍ଚିମ ଓଡ଼ିଶା ପ୍ରସିଦ୍ଧ ତିର୍ଥକ୍ଷେତ୍ର ନୃସିଂହନାଥ ପୀଠରେ ଚାଲିଥିବା ବୈଶାଖ ମେଳାରେ ସୂଚନା ଲୋକସମ୍ପର୍କ ବିଭାଗ ଓ ଜିଲ୍ଲା ପ୍ରଶାସନ ଓଡ଼ିଶା ସରକାରଙ୍କ ଆନୁକୁଲ୍ୟରେ ନୃସିଂହନାଥ ମନ୍ଦିରର ପରିସରରେ ଏକ ସୂଚନା କେନ୍ଦ୍ର ଖୋଲାଯାଇଛି। ମେଳାକୁ ଆସୁଥିବା ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକ ବିଭିନ୍ନ ସୂଚନା ଦିଆଯାଇଥିଲା। ଓଡ଼ିଶା ସରକାରଙ୍କ ମାସିକ ପତ୍ରିକା ଉତ୍କଳ ପ୍ରସଙ୍ଗ ବିକ୍ରୟ କରାଯାଇଥିଲା। ଯାତ୍ରୀମାନେ ବିଭିନ୍ନ ସୂଚନା ପାଇବା କୁ ସୂଚନା କେନ୍ଦ୍ରକୁ ଆସୁଥିଲେ। ଏଥିରେ ପଦ୍ମପୁର ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ମହେନ୍ଦ୍ର ସାହୁ, ରାୟ ସିଂ ମାଝୀ, ଦୀନକୃଷ୍ଣ ସ୍ୱାଇଁ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଉପଖଣ୍ଡର ସାମ୍ବାଦିକବନ୍ଧୁମାନେ ସୂଚନା ଆଦାନ ପ୍ରଦାନରେ ସହଯୋଗ କରିବା ସହିତ ଦୈନିକ ଖବର ପ୍ରସାରଣ କରୁଥିଲେ।

## ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ ଦ୍ୱାରା ଗୁରୁ ଶିଷ୍ୟଙ୍କ ମଧ୍ୟରେ ସମ୍ପର୍କ ଦୃଢ଼ୀଭୂତ ହୋଇଥାଏ




**ଦଶରଥପୁର,୧୨।୫(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ ଦୁବକଣ ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୯୦ ମେଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କର ଆଜି ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପୀତବାସ ବେହୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିକ୍ଷକ ଶଶଧର ନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ଚକ୍ରଧର ଓଝା, ଶିକ୍ଷକ ଜଗନ୍ନାଥ ଦାସ, ଶରତ ଚନ୍ଦ୍ର ନାୟକ, ନିରୋଦ କୁମାର ରାୟ, କ୍ଲର୍କ ସଚ୍ଚିଦାନନ୍ଦ ନାୟକ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ଗୋଲକ ଚନ୍ଦ୍ର ବାରିକ ପ୍ରମୁଖ ଯୋଗ ଦେଇଥିବାବେଳେ ବର୍ତ୍ତମାନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କାଣ୍ଡି, ମହାବିଦ୍ୟାଳୟର ଅଧକ୍ଷ ସୁରେନ୍ଦ୍ର ପୋଥାଳ ଯୋଗ ଦେଇଥିଲେ।ବିଦ୍ୟାଳୟକୁ ଆଜି ରଙ୍ଗୀନ କରି ସଜା ଯାଇଥିବାବେଳେ ଶିକ୍ଷକ ମାନଙ୍କୁ ଫାଟକ ନିକଟରୁ ବାଜା ରୋଷଣୀ ମାଧମରେ ଛାତ୍ର ଛାତ୍ରୀ ମାନେ ପାଛୋଟି ଆଣିଥିଲେ। ପ୍ରଥମେ ପହଲଗାମରେ ନିହତ ଭାରତୀୟ ମାନଙ୍କ ପାଇଁ ଓ ଦିବଙ୍ଗତ ଶିକ୍ଷକ, ଛାତ୍ର ଛାତ୍ରୀମାନଙ୍କ ଅମର ଆତ୍ମପାଇଁ ଗୋଟିଏ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ୧୯୯୦ ଛାତ୍ରୀମାନେ ଶିକ୍ଷକ ମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ। ୧୯୯୦ ମ୍ୟାଟ୍ରିକ ବ୍ୟାଚର ୮୦ ଛାତ୍ର ଛାତ୍ରୀଙ୍କ ମଧରୁ ଆଜି ୬୦ ଛତ୍ର ଛାତ୍ରୀ ଉପସ୍ଥିତ ରହି ଦୀର୍ଘ ୩୫ବର୍ଷ ପରେ ଆଜି ପରସ୍ପର ସହିତ ଭାବବିନିମୟ କରିଥିଲେ।

## ରାଷ୍ଟ୍ର କଲ୍ୟାଣ ପାଇଁ ଜଗତପୁର ଠାରେ ନୃସଂଙ୍ଗ ନିରାୟଣ ଅଭିଷେକ

**ବାଲିଆପାଳ,୧୨।୫(ସଂଚାର ବ୍ୟୁରୋ):** ଦେଶରେ ଯୁଦ୍ଧ କାଳୀନ ପରିସ୍ଥିତ ସମୟ ରେ ରାଷ୍ଟ୍ର ର ଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟ ରେ ବାଲିଆପାଳ ବ୍ଲକ ଜଗତିପୁର ଠାରେ ବେଦ ଚେତନା ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ଗୃହ ଦମ୍ପତି ହିମାଂଶୁ ଶେଖର ପାଢ଼ୀ, ତପସ୍ୱିନୀ ପାଢ଼ୀ ଙ୍କ ବାସଭବନ ରେ ରବିବାର ମଧ୍ୟାହ୍ନ ରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବରେଣ୍ୟ ବିଦ୍ୱାନ୍ ଅଭିଜ୍ଞ ବ୍ରହ୍ମାଣ ମାନଙ୍କ ଦ୍ୱାରା ବିଷ୍ଣୁଙ୍କ ସହ୍ରସ ନାମ, ହୋମଯଜ୍ଞ, ନୃସିଂହ ନାରାୟଣଙ୍କ ଅଭିଷେକ, ହବନ, ଏକ ହଜାର ଆଠ ସମିନ୍ଧ ଆହୁତି ପ୍ରଭୃତି କରାଯାଇଛି। ପରିଷଦ ପକ୍ଷରୁ ପ୍ରତ୍ୟେକ ବର୍ଷ ପରି ଜଣେ ଅସମର୍ଥ ବ୍ରାହ୍ମଣ ପିଲାର ବ୍ରତୋପୋୟନ ସଂସ୍କାର କରାଯାଇଛି। ରାଷ୍ଟ୍ର ର ଶାନ୍ତି ପ୍ରତିଷ୍ଠା ଏବଂ ଆଧ୍ୟାତ୍ମିକ ବିଦ୍ୟାର ପ୍ରଚାର ପ୍ରସାର, ସମାଜର ସଂସ୍କାର ଆଣିବା ପାଇଁ ଏହି ପରିଷଦ ଲକ୍ଷ୍ୟ ବୋଲି ପରିଷଦର ସଭାପତି ପୂର୍ବତନ ଡ଼ିଆଇ ସୁବାଷ ଚୈଧୁରୀ କହିଛନ୍ତି। ସଦସ୍ୟ ଅଧ୍ୟାପକ ପ୍ରୀୟବ୍ରତ ପଣ୍ଡା, ନାରାୟଣ ପାଣିଗ୍ରାହୀ, ଦେବେନ୍ଦ୍ର ପାଢ଼ୀ, ନିଳାମ୍ବର ପାଢ଼ୀ, ସୁଧାଂଶୁ ପାଢ଼ୀ, ହିମାଂଶୁ ପଣ୍ଡା, ଜଗଦୀଶ ମହାପାତ୍ର, ସଞ୍ଜୟ କୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।।

## କେନ୍ଦୁଝରରେ ୧୫ ଦିନିଆ ପ୍ରଶିକ୍ଷଣ ଶିବିର

● ୪୦ ତୀରନ୍ଦାଜୀ ଖେଳାଳିଙ୍କୁ ଦିଆଯିବ ଉଚ୍ଚସ୍ତରୀୟ ତାଲିମ

**କେନ୍ଦୁଝର ସଦର,୧୨।୫ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଝାରବେଲଦା ସନ୍ତୋଷି ମା ଆଞ୍ଚଳିକ ହାଇସ୍କୁଲ୍ ଖେଳ ପଡିଆ ଠାରେ ୧୫ ଦିନିଆ ତୀରନ୍ଦାଜ (ଧନୁତୀର) ପ୍ରଶିକ୍ଷଣ ଶିବିର ରବିବାର ଉଦଘାଟିତ ହୋଇଯାଇଛି । ଟାଟାଷ୍ଟିଲ ଏବଂ ଓଡିଶା ସରକାରଙ୍କ ମିଳିତ ଆନୁକୁଲ୍ୟରେ ଏହି ଶିବିର ଆୟୋଜିତ ହେଉଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଟାଟା ଷ୍ଟିଲ ଓଡ଼ିଶା ଶାଖାର ମୁଖ୍ୟ କ୍ରୀଡ଼ା ଅଧିକାରୀ ରାଜୀବ ସେଠ୍ ଯୋଗ ଦେଇ ପ୍ରଶିକ୍ଷଣ ଶିବିରକୁ ଉଦଘାଟନ କରିଛନ୍ତି। ଏଥିରେ ବିକାଶ ଉପାଧ୍ୟାୟ, ଆରୀୟନ ଶୋ, ଅବସର ପ୍ରାପ୍ତ ଭାରତୀୟ ସେନା ସୁମୁରାୟ କୁଦାଦା କୋଚ୍ ଭାବେ ତୀରନ୍ଦାଜର ପ୍ରଶିକ୍ଷଣ ଦେଉଛନ୍ତି । ଏହି ଶିବିରରେ ଓଡ଼ିଶାର ୩୦ ଜିଲ୍ଲାରୁ ଉତ୍ତୀର୍ଣ୍ଣ ହୋଇ ୪୦ ଜଣ ଖେଳାଳିଙ୍କୁ ଉଚ୍ଚ ସ୍ତରୀୟ ତାଲିମ ପ୍ରଦାନ କରାଯାଉଛି । ଏହି ପ୍ରଶିକ୍ଷଣ ଆସନ୍ତା ୨୫ ତାରିଖ ଦିନ ଉଦଯାପିତ ହେବାର କାର୍ଯ୍ୟକ୍ରମ ରହିଛି।

## ୩ ଜଜ୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବ୍ରହ୍ମପୁର,୧୨।୫(ସଂଚାର ବ୍ୟୁରୋ):** ଗଞ୍ଜାମ ଓକିଲ ସଂଘ ପକ୍ଷରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ମନୋଜ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତିନି ଜଣ ବିଚାରପତି ଙ୍କୁ ରାମ ଚରିତ ମାନସ ପୁସ୍ତକ ଓ ଉପଢୌକନ ସହ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୋଟର ଦୁର୍ଘଟଣା କ୍ଷତି ପୂରଣ ଅଦାଲତ ବିଚାରପତି ରାମ ଶଙ୍କର ହୋତାଙ୍କୁ କନ୍ଧମାଳ ଜିଲ୍ଲା ଦୌରା ଜଜ୍ ରୂପେ ବଦଳି, ସ୍ୱତନ୍ତ୍ର ଦୁର୍ନୀତି ନିବାରଣ ଜଜ୍ ଙ୍କୁ ଅତିରିକ୍ତ ଆଇନ୍ ସଚିବ(ଭୁବନେଶ୍ୱର) ଏବଂ ୧ମ ଅତିରିକ୍ତ ଜିଲ୍ଲା ଦୌରା ବିଚାରପତିଙ୍କୁ ନୟାଗଡ଼ ଜିଲ୍ଲା ପରିବାର ଜଜ୍ ଭାବେ ବଦଳି କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ ଟି. ଭେଙ୍କେଟ ରାଓ, ଉପ ସଭାପତି ତିରୁମଲା ରେଡ୍ଡୀ, ସହ ସମ୍ପାଦକ ଅସିତ୍ ସାବତଙ୍କ ସମେତ ସଂଘର ବହୁ ଆଇନଜୀବି ଉପସ୍ଥିତ ଥିଲେ।



## ଶହୀଦଙ୍କ ଉଦ୍ଦେଶ୍ୟରେ ଶୋଭାଯାତ୍ରା

**ବିଂଝାରପୁର,୧୨।୫(ସଞ୍ଚାର ବ୍ୟୁରୋ):** ଜମ୍ମୁ କଶ୍ମୀରର ପହଲଗାମରେ ଆତଙ୍କବାଦ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଅପରେଶନ ସିନ୍ଦୂରରେ ଶହୀଦ ହୋଇଥିବା ବୀର ଯବାନ ମାନଙ୍କ ପାଇଁ ଦୀପ ଦାନ ଏବଂ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶାମେଶ୍ୱର ପୀଠ ଠାରେ ଅବସ୍ଥାପିତ ଭାରତମାତା ପ୍ରତିମୂର୍ତ୍ତି ସମ୍ମୁଖରେ ପ୍ରଣାମ ଭାରତ, ଜୟଜବାନ କାର୍ଯ୍ୟକ୍ରମ ଅଖିଳଚକ୍ର ଓଡ଼ିଶା, ଓ ଶାମେଶ୍ୱର ଆଞ୍ଚଳିକ ଉନ୍ନୟନ ପରିଷଦ ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ପୂର୍ବତନ ସରପଞ୍ଚ ଅଟଳବିହାରୀ ନାୟକ, ଅଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା, ଶାମେଶ୍ୱର କମିଟିର ସମ୍ପାଦକ ଗୋପୀନାଥ ଦାଶ, ଓ ଗୋବିନ୍ଦ ସାମଲ। ଏଥିରେ ଗାଁ ମହିଳା ମାନେ ୧୦୮ ଦୀପଦାନ କରିଥିଲେ। ଏଥି ସହିତ ପହେଲଗାମ ଗୁଳିକାଣ୍ଡରେ ନିହତ ହୋଇଥିବା ପର୍ଯ୍ୟଟକଙ୍କ ଅମରଆତ୍ମାର ସଦଗତି କରାଯାଇଥିଲା। ପାକିସ୍ଥାନରେ ଆତଙ୍କବାଦୀ ଦମନ ପାଇଁ ଭାରତୀୟ ସେନା କରିଥିବା ଅପରେସନ ସିନ୍ଦୂତକୁ ପ୍ରଶଂସା କରାଯାଇଥିଲା। ଏହି ଅପରେସନ ଦ୍ୱାରା ଭାରତ ଆତଙ୍କବାଦ ଦମନରେ ଯେଉଁ ପରାକାଷ୍ଠା ଓ ସାହାସ ପ୍ରଦର୍ଶନ କରିଛି ତାହା ସାରା ବିଶ୍ୱରେ ନିଜର ଶକ୍ତି ପ୍ରଦର୍ଶନ ପୂର୍ବକ ମର୍ଯ୍ୟଦା ପାଇଥିବା ବକ୍ତାମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଗଣେଷ ପ୍ରସାଦ ସାମଲ, ରବୀନ୍ଦ୍ର କୁମାର ନାୟକ, ଦିଲ୍ଲୀପ କୁମାର ସାମଲ, ଅଜିତ କୁମାର ସାମଲ, ଅରୁଣକୁମାର ସାମଲ, ଫକୀର ଚରଣ ସାମଲ, ପ୍ରସନ୍ନ କୁମାର ରଥ ଏବଂ ବହୁ ମହିଳା ଭାଗ ନେଇଥିଲେ। ମନ୍ଦିର ସମ୍ମୁଖ ରାସ୍ତାରେ ଏକ ଶୋଭାଯାତ୍ରରେ ଭାରତ ମାତାକି ଜୟ, ଜୟ ଜବାନ ସ୍ଲୋଗାନ ଦିଆଯାଇଥିଲା।




## ଗୋଷ୍ଠୀ ସଂଘର୍ଷ ମାମଲାରେ: ୧୮ ମହିଳା,୪ ପୁରୁଷ ଗିରଫ

**ବ୍ରହ୍ମପୁର,୧୨।୫(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ପାତିସୋନପୁରରେ ଗୋଷ୍ଠୀ ସଂଘର୍ଷ ଘଟଣାରେ ୨୨ ଜଣଙ୍କୁ ଗିରଫ କରିବାରେ ପୋଲିସ୍ ସଫଳ ହୋଇଛି। ଏଥିରେ ୧୮ ଜଣ ମହିଳା ଓ ୪ ଜଣ ପୁରୁଷ ରହିଛନ୍ତି। ଗଣ୍ଡଗୋଳରେ ବ୍ୟବହୃତ ମାରଣାସ୍ତ୍ର ମଧ୍ୟ ଜବତ୍ କରାଯାଇଥିବା ପୋଲିସ୍ ସୂଚନା ଦେଇଛି। ଗାଁର ଠାକୁରାଣୀ ଯାତ୍ରାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦରୁ ମାର୍‌ପିଟ୍ ହୋଇଥିଲା । ଯେଉଁଥିରେ ଏକାଧିକ ବ୍ୟକ୍ତି ଆହତ ହୋଇଥିବା ଜଣାପଡିଥିଲା। ସମସ୍ତ ଆହତଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଶାନ୍ତି ବ୍ୟବସ୍ଥା ବଜାୟ ରଖିବା ଦୃଷ୍ଟିରୁ ଉକ୍ତ ଗାଁରେ ପୋଲିସ୍ ମୃତୟନ କରାଯାଇଥିଲା। ତେବେ ଶନିବାର ସନ୍ଧ୍ୟାରେ ୧୦୦ ରୁ ଉର୍ଦ୍ଧ ପୁରୁଷ ଓ ମହିଳା ଗ୍ରାମବାସୀ ବିଭିନ୍ନ ଅସ୍ତ୍ର ଶସ୍ତ୍ର(ଲାଠି, ପଥର,ପେଟ୍ରୋଲ ବୋମା, ହାତ ବୋମା) ଧରି ଯାତ୍ରା ବନ୍ଦ କରିବା ଉଦ୍ଦେଶ୍ୟରେ ରାସ୍ତା ଅବରୋଧ କରିଥିଲେ। ଉତ୍ତେଜନା ପରିସ୍ଥିତି ଶାନ୍ତ କରିବାକୁ ଘଟଣା ସ୍ଥଳରେ ମାଜିଷ୍ଟ୍ରେଟଙ୍କ ସମେତ ପୋଲିସ୍ ପହଂଚି ବୁଝାସୁଝା କରିବା ବେଳେ ଉତ୍ୟକ୍ତ ଲୋକେ ପାଲଟା ଆକ୍ରମଣ କରିଥିଲେ। ଏପରିକି ପୋଲିସ୍ ଗାଡି ଭାଙ୍ଗିବା ସହ ଆକ୍ରମଣରେ ୬ ଜଣ ପୋଲିସ୍ କର୍ମଚାରୀ ଆହତ ହୋଇଥିଲେ। ଏହି ଘଟଣାରେ ପୋଲିସ୍ ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।



## ୩୦ ପଞ୍ଚାୟତରେ ନାହିଁ ହାଇସ୍କୁଲ

● ଗରିବ, ମେଧାବୀ ଛାତ୍ରଛାତ୍ରୀ ପାଠ ପଢ଼ିବେ କିପରି

**କଳାହାଣ୍ଡି,୧୨।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲର ୩୦ ଟି ପଞ୍ଚାୟତରେ ହାଇସ୍କୁଲ ନାହିଁ। ଫଳରେ ଏହି ସବୁ ପଞ୍ଚାୟତର ଛାତ୍ରଛାତ୍ରୀ ଅନ୍ୟ ପଞ୍ଚାୟତକୁ ପାଠ ପଢ଼ିବାକୁ ଯାଉଛନ୍ତି। ଅନ୍ୟପକ୍ଷରେ ବହୁ ଗରିବ ମେଧାବୀ ଛାତ୍ରଛାତ୍ରୀ ପାଠ ପାଢାରୁ ବଞ୍ଚିତ ହେଉଥିବା ଲକ୍ଷ୍ୟ କରାଯାଇଛି। କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ବ୍ଲକ ଲକ୍ଷ୍ମୀପୁର, ଶିରୀପୁର, ସିକୁଆ, ମଦନପୁର ରାମପୁର ବ୍ଲକର ଦେଶୁଲି, ଡୁଡ଼କାରଞ୍ଜା, ସିଂପୁର, ଲାଞ୍ଜିଗଡ଼ ବ୍ଲକର କୁମଖାଲ, ବେଡ଼ା ଗାଁ, ବସନ୍ତପଡ଼ା, ଜଗନ୍ନାଥପୁର, କଦମଗୁଡ଼ା, ଥୁଆମୂଳ ରାମପୁର ବ୍ଲକ୍ ର ସିଲେଟ, ଗୋପୀନାଥପୁର, ଥୁଆମୂଳ, ବାଗଡ଼ିଆନି, ବିରିକୋଟ, ତଲଝାପି, ପୋଡ଼ାପଦର, ତଲଆମପଦର, ଜୁନାଗଡ଼ ବ୍ଲକର କେଲିଆ କୁଣ୍ଡଲ, ବୁଡିଦର, ଚିଙ୍ଗୁଡ଼ିସର, ଧର୍ମଗଡ଼ ବ୍ଲକର ବିଗାଡ଼, ଜୟପାଟଣା ବ୍ଲକର ବଡ଼ ଟେମରି, ଭେଜିଗୁଡ଼ା, ସିନ୍ଧିକାଗୁଡ଼ା, କଲମପୁର ବ୍ଲକ ର ନୂଆଗାଁ, ଗୋଲାମୁଣ୍ଡା ବ୍ଲକର ବୋର୍ଡି, ଗଣ୍ଡାମେର, କୋକସରା ବ୍ଲକର କନ୍ଦାବୁଟ୍ରା ଆଦି ୩୦ଟି ପଞ୍ଚାୟତରେ ସରକାରୀ ହାଇସ୍କୁଲ ନାହିଁ।ବିଧାନସଭାରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ପ୍ରଶ୍ନର ଉତ୍ତର ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଥିଲେ। ରାଜ୍ୟରେ ୪୨୭ଟି ପଞ୍ଚାୟତରେ ହାଇସ୍କୁଲ ନାହିଁ ବୋଲି ଲିଖିତ ଭାବେ ଜଣାଇଛନ୍ତି। ହାଇସ୍କୁଲ ନଥୁବା ପଞ୍ଚାୟତମାନଙ୍କରେ ୟୁପି ସ୍କୁଲ ଗୁଡ଼ିକୁ ଉନ୍ନୀତ କରି ନବମ ଓ ଦଶମ ଶ୍ରେଣୀ ଖୋଲିବା ନିମନ୍ତେ ପ୍ରସ୍ତାବ ସରକାରଙ୍କ ହସ୍ତଗତ ହେଲେ ସରକାର ଆଇନ ଅନୁଯାୟୀ ବିଚାର କରି ପାରନ୍ତି ବୋଲି ସୂଚନା ଦେଇଥିଲେ। ଜିଲ୍ଲାର ୩୦ଟି ପଞ୍ଚାୟତରେ ହାଇସ୍କୁଲ ନଥିବା ଯୋଗୁଁ ପଡ଼ୋଶୀ ପଞ୍ଚାୟତ କିମ୍ବା ବ୍ଲକ ର ସଦର ମହକୁମା ଉପରେ ଛାତ୍ରଛାତ୍ରୀମାନେ ନିର୍ଭର କରିଥାନ୍ତି ଓ ଧନୀ ଶ୍ରେଣୀର ଛାତ୍ରଛାତ୍ରୀମାନେ ବାହାରକୁ ଯାଇ ଘରୋଇ ସ୍କୁଲରେ ପାଠ ପଢୁଥିବା ବେଳେ ଗରିବ ଶ୍ରେଣୀର ଛାତ୍ରଛାତ୍ରୀ ବିଶେଷତଃ ଛାତ୍ରୀମାନେ ଅନ୍ୟତ୍ର ଯାଇ ଖର୍ଚ୍ଚାନ୍ତ ହୋଇ ପାଠ ପଢି ପାରୁ ନଥିବା ଯୋଗୁଁ ସେମାନଙ୍କ ପାଠ ପଢ଼ାରେ ଡୋରି ବନ୍ଧା ହେଉଛି। ଏନେଇ ଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ନେବାକୁ ଦାବି ହେଉଛି।

## ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ ;୨୧ କେଜି ଗଞ୍ଜେଇ ସହ ୧ ଗିରଫ, ଗାଡି ଜବତ



**ସୁବର୍ଣ୍ଣପୁର,୧୨।୫ (ସଂଚାର ବ୍ୟୁରୋ):** ଚୋରା ଗଞ୍ଜେଇ ଚାଲାଣ ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ ସହ ଏକ ଡସଟର କାର ଜବତ କରିଛି ସୁବର୍ଣ୍ଣପୁର ଅବକାରୀ ବିଭାଗ। ଅବକାରୀ ବିଭାଗ ମୋବାଇଲ ୟୁନିଟ୍ ପକ୍ଷରୁ ସୁବର୍ଣ୍ଣପୁର ସହରର ବୁଢ଼ାରଜା ଛକ ନିକଟରେ ପେଟ୍ରୋଲିଂ କରୁଥିବା ସମୟରେ ସକାଳ ପ୍ରାୟ ୪.୩୦ ବେଳେ ବୌଦ୍ଧ ଜିଲ୍ଲା ମନମୁଣ୍ଡା ପଟରୁ ଆସୁଥିବା ଧଳା ଡସଟର କାର ନଂ ଓଡି ୦୪ ଏଫ- ୪୫୪୫ କୁ ସନ୍ଦେହରେ ବୁଢ଼ାରଜା ଛକରେ ଅଟକ ରଖି ତନଖି ସମୟରେ ସେଥିରୁ ୨୧ କେଜି ଗଞ୍ଜେଇ ମିଳିଥିଲା। ଏବଂ କାରରେ ଥିବା ଆସାମ ରାଜ୍ୟର କରିମଗଞ୍ଜ ଜିଲ୍ଲାର ମେହେଫୁଜ ହୁସେନ (୨୪) ବର୍ଷଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଏହା ବୌଦ୍ଧ ଜିଲ୍ଲାରୁ ସମ୍ବଲପୁର ଜିଲ୍ଲା ଦେଇ ଆସାମ ରାଜ୍ୟକୁ ଚାଲାଣ କରୁଥିବା ସୂଚନା ଦେଇଛନ୍ତି। ଏ ନେଇ ସୁବର୍ଣ୍ଣପୁର ଅବକାରୀ ବିଭାଗର ପକ୍ଷରୁ ଏକ ମାମଲା ୪୪/୨୫ ରୁଜୁ ହୋଇଛି। ବିଭାଗ ପକ୍ଷରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ କାର ଓ ଗଞ୍ଜେଇ ଜବତ ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲଙ୍କ ନିର୍ଦ୍ଦେଶ କ୍ରମେ ମୋବାଇଲ ଇନ୍ସପେକ୍ଟର ହରପ୍ରସାଦ ରଣା, ଓଆଇସି ଶାନ୍ତନୁ ପଟ୍ଟନାୟକ, ଏସଆଇ ବିଶ୍ୱନାଥ ଭୋଇ, ଏଏସଆଇ ରେଣୁ ପ୍ରିୟା ପଧାନ, ପ୍ରଭାତ କୁମାର ସାହୁ,ନମିତା ବାଦୀ,ଗଣେଶ ଭୋଇଓ ସତ୍ୟରଞ୍ଜନ ସେଠୀ, ପ୍ରମୁଖ ସାମିଲ ହୋଇଥିଲେ।

## ବୁଦ୍ଧ ଜୟନ୍ତୀ ପାଳିତ



**ସୁବର୍ଣ୍ଣପୁର, ୧୨।୫(ସଂଚାର ବ୍ୟୁରୋ):** ବୁଦ୍ଧ ପୂର୍ଣ୍ଣିମା ତଥା ଜୟନ୍ତୀ ଅବସରରେ ସୋନପୁର ପୌର ପରିଷଦ ପକ୍ଷରୁ ସହର ର ସର୍କିଟ ହାଉସ ଛକ ଠାରେ ଥିବା ବୁଦ୍ଧ ଙ୍କ ପ୍ରତିମୂର୍ତ୍ତି ଠାରେ ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ ଭଗବାନ ବୁଦ୍ଧଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ପୌର ପରିଷଦ ଅଧ୍ୟକ୍ଷା ତାମସି ତାମସ୍ମିତା ନାଏକ, ପୌର ନିର୍ବାହୀ ଅଧିକାରୀ ଋଷି ମାଝୀ, ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷ ପ୍ରକାଶ ସାହୁ, କାଉନସିଲର ଗଙ୍ଗା ତରିଆ, ସମାଜସେବୀ ପବିତ୍ର ସାହୁ ଓ ରଶ୍ମିତା ମିଶ୍ର ପ୍ରମୁଖ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ରେ ଧୂପ ଦୀପ ପ୍ରଜ୍ୱଳନ ସହ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ପ୍ରକାଶ ଯୋଗ୍ୟ ଯେ ପ୍ରଭୁ ବିଷ୍ଣୁଙ୍କ ନବମ ଅବତାର ଭାବରେ ବୁଦ୍ଧ ଙ୍କୁ ଆରାଧନା କରାଯାଇଥାଏ।

## ସୁକିନ୍ଦା ମେଡିକାଲରୁ ଚୋରି ହୋଇଥିବା ବାଇକ କୋରେଇରୁ ଉଦ୍ଧାର

**ଯାଜପୁର ରୋଡ଼, ୧୨।୫(ସଂଚାର ବ୍ୟୁରୋ):** ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନର୍ସିଙ୍ଗ ଅଫିସର ଭାବେ କାର୍ଯ୍ୟକରୁଥିବା ତନ୍ମଇ ସାହୁଙ୍କ ସ୍ୱାମୀଙ୍କ ନାମରେ ଥିବା ସିବି ୟୁନିକନ ବାଇକ ଯାହାର ନମ୍ବର ଓ.ଡି.୦୫.ଏ.ଜେ.୪୯୫୯ ରହିଥିଲା। ଯାହାକି ଗତ ଜାନୁଆରୀ ମାସରେ ସୁକିନ୍ଦା ମେଡିକାଲ ଭିତରୁ ଚୋରି ହୋଇଯାଇଥିବା ବେଳେ ଏନେଇ ସୁକିନ୍ଦା ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିବା ବେଳେ ସୁକିନ୍ଦା ପୋଲିସ ତାହାର ତଦନ୍ତ ଜାରି ରଖିଥିଲା। ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା ଚୋରି ହୋଇଥିବା ବାଇକଟି କୋରେଇ ଅଞ୍ଚଳରେ ଅଛି। ସୁକିନ୍ଦା ପୋଲିସ ଓ କୋରେଇ ପୋଲିସ ମିଳିତ ସହଯୋଗରେ କୋରେଇ ପୂର୍ବକୋଟ ଅଚଳରୁ ବାଇକଟିକୁ ଉଦ୍ଧାର କରାଯାଇଥିବା କୋରେଇ ଥାନା ଅଧିକାରୀ ରାକେଶ ତ୍ରିପାଠୀ'ଙ୍କ ପକ୍ଷରୁ ସୂଚନା ଅବଗତ ହୋଇଛି ।



## ଅଜଣା ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର କଲା ପୁଲିସ

**ବୈଶିଙ୍ଗା,୧୨।୫ (ସଂଚାର ବ୍ୟୁରୋ)** ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ପଞ୍ଚାୟତର ଭାନପୁର ଗ୍ରାମର ଜନୈକ ବ୍ୟକ୍ତିଙ୍କ ଜମିରୁ ଏକ ଅଜଣା ମୃତଦେହ ଉଦ୍ଧାର କରିଛି ବୈଶିଙ୍ଗା ପୁଲିସ। ମିଳିଥିବା ଖବର ଅନୁସାରେ ସୋମବାର ଅପରାହ୍ନ ସମୟରେ ଭାନପୁର ଗ୍ରାମର ଜନୈକ ବ୍ୟକ୍ତିଙ୍କ ଜମିରେ ଏକ ଜିନ୍ସ ପ୍ୟାଣ୍ଟ ପିନ୍ଧିଥିବା ଖୋଲା ଦେହ ଯୁକ୍ତ ଯୁବକଙ୍କ ମୃତ ଶରୀର ଟି ପଡ଼ି ରହିଥିଲା। କିଛି ଲୋକ ଏହା ଦେଖି ବୈଶିଙ୍ଗା ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଏସଆଇ ଦେବାଶିଷ ମଣ୍ଡଳ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିଥିଲେ। ଖବର ଲେଖା ହେବା ସୁଦ୍ଧା ଏକ ମୃତକଙ୍କ ପରିଚୟ ମିଳି ପାରିନଥିବା ଜଣାଯାଇଛି। ଏନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରଖିଛି ବୈଶିଙ୍ଗା ପୁଲିସ। ଏହି ଅଜଣା ଯୁବକଙ୍କ ମୃତ ଦେହ ବ୍ୟବଚ୍ଛେଦ ହେବା ପରେ ଏହା ଆତ୍ମହତ୍ୟା ନା ହତ୍ୟା ଜଣାପଡ଼ିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।



# ନାରୀ



# ପାଲା ଗାୟନର ନୂଆ ଧାରା



ଆମ ଓଡ଼ିଶାର ବହୁ ପୁରାତନ ତଥା ସ୍ୱତନ୍ତ୍ର ଲୋକ ପରମ୍ପରା ହେଉଛି ପାଲା ଗାୟନ। ପାଲା ଗାଇବାର ପରମ୍ପରା ଯଦିଓ ବହୁ ପୁରୁଣା, ହେଲେ ଏବେବି ପାଲା ପ୍ରତି ଦୁର୍ବଳତା କମିନାହିଁ। କୁହାଯାଏ ପ୍ରାୟ ଅଷ୍ଟାଦଶ ଶତାବ୍ଦୀରେ ସଂସ୍କୃତ ତଥା ଓଡ଼ିଆ ସାହିତ୍ୟରୁ ଆରମ୍ଭ ହୋଇଥିଲା ପାଲା। ଆଜିବି ମଞ୍ଚରେ ପାଲା ଦେଖିବାକୁ ଲୋକେ ରୁଣ୍ଡ ହୁଅନ୍ତି ଗାଁ ପିଣ୍ଡିରେ। କାହିଁ କେତେ କାଳରୁ ପୁରୁଷମାନେ ପାଲା କରିବାର ଧାରା ରହି ଆସିଥିଲେ ବି ବର୍ତ୍ତମାନ ମହିଳାମାନେ ମଧ୍ୟ ପାଲାକୁ ନିଜର ନିଶା ଓ ପେସା ଭାବେ ବାଛୁଛନ୍ତି। ତେବେ ପାଲାରେ ମହିଳାମାନଙ୍କ ପ୍ରବେଶ ପ୍ରାୟ ୫୦/୬୦ ବର୍ଷ ତଳୁ ହୋଇସାରିଛି। ଆଗରୁ ଏହା କେବଳ ଗାଁ ଗହଳିରେ ଦେଖିବାକୁ ମିଳୁଥିଲା। ପିଲାଙ୍କ ଏକୋଇଶା ବା ସତ୍ୟନାରାୟଣ ପାଲା, ଷୋଳ ପୂଜା, ଠାକୁରସ୍ଥାନ ମାନଙ୍କରେ ପାଲା ଅନୁଷ୍ଠିତ ହେଉଥିଲା। ଶାରଳାଦାସ ମହାଭାରତରୁ ପାଲା ଉଦ୍ଧୃତ ବୋଲି କୁହାଯାଏ। ପାଲା ମୁଖ୍ୟତଃ ତିନି ପ୍ରକାରର। ଠିଆ ପାଲା, ବସା ପାଲା ଓ ବାଦ ପାଲା। ୬ ଜଣଙ୍କୁ ନେଇ ପାଲା ଦଳ ଗଠନ ହୁଏ। ଏଥିରେ ଗାୟକ ମୁଖ୍ୟ ଭୂମିକା ତୁଲାନ୍ତି। ତାଙ୍କ ସାଙ୍ଗକୁ ବାୟକ, ଶ୍ରୀପାଳି ଓ ତିନି ଜଣ ପାଳିଆ ରହନ୍ତି। ଶ୍ରୀପାଳି ପାଳିଆମାନଙ୍କ ମଧ୍ୟରେ ମୁଖ୍ୟ। ଗାୟକ ଗଳାରେ ରୁଦ୍ରାକ୍ଷମାଳା ପିନ୍ଧନ୍ତି ଏବଂ ହାତରେ



ଚାମର ଧରିଥାନ୍ତି। ଏହାଛଡ଼ା ପଦ ଓ ପାଲା ଆରମ୍ଭ କରିବାର ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ଥାଏ। ସତ୍ୟନାରାୟଣ ଓ ମାଆ ଶାରଳାଙ୍କୁ ସମର୍ପିତ ପାଲା ଗାୟନ। ଠିଆପାଲାରେ ଗାୟକ ଓ ତାଙ୍କ ଦଳ ଛିଡ଼ା ହୋଇ ପାଲା କରୁଥିବା ବେଳେ ବସା ପାଲାରେ ବସିକି ପାଲା ପରିବେଷଣ କରାଯାଏ। ବାଦପାଲା ଦୁଇ ପାଲା ଗୋଷ୍ଠୀଙ୍କୁ ନେଇ ହୋଇଥାଏ। ଏହା ଦେଖିବାକୁ ସବୁଠାରୁ ରୋଚକ ଓ ମଜାଦାର। ଗୋଟିଏ ବିଷୟବସ୍ତୁକୁ ଆଧାର କରି ବାଦପାଲା ହୁଏ। ଏଥିରେ ଦୁଇ ଗୋଷ୍ଠୀର କଳାକାରଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ପରିବେଷଣ ହୁଏ। ଏହି ପାଲାରେ ଗୋଟିଏ ଗୋଷ୍ଠୀ ଜିତୁଥିବା ବେଳେ ଅନ୍ୟଟି ହାରିଥାଏ। ଗାୟକ ଭାଗବତ, ମହାଭାରତ, ଛାନ୍ଦ, ଚମ୍ପୁକୁ ଗଦ୍ୟ ଓ ପଦ୍ୟ ଆକାରରେ ଅତି ସୁନ୍ଦର ଭାବେ ବର୍ଣ୍ଣନା କରନ୍ତି। ଗାୟକଙ୍କ ଧାଡ଼ି ସରନ୍ତେ ଏହାକୁ ଶ୍ରୀପାଳି ଓ ପାଳିଆମାନେ ପଦ ଶେଷ କରନ୍ତି। 'ଆଗଭଳି ଏବେ ମଧ୍ୟ ପାଲାର ଯଥେଷ୍ଟ ଆଦର ସମ୍ମାନ ରହିଛି। ତେବେ ତଥାକଥିତ ପୁରୁଷ ପ୍ରଧାନ ସମାଜରେ ଏକ ସାଂସ୍କୃତିକ ଓ ଆଧାତ୍ମିକ ପରିସରରେ ମହିଳାମାନଙ୍କ ପ୍ରବେଶ ବେଶ୍ କଠିନ। ଆଜି ବି ଅନେକ ଅନୁଷ୍ଠାନ ନାରୀମାନଙ୍କୁ ତାଙ୍କ ମଣ୍ଡପକୁ ନେବା ପାଇଁ ଇଚ୍ଛା କରନ୍ତି ନାହିଁ। ଅନେକ ଗାୟକ ମଧ୍ୟ ଭ୍ରୂକୁଞ୍ଚନ କରନ୍ତି ଯେ, ସେମାନଙ୍କର କେତେ ଜ୍ଞାନ, କ'ଣ ଜାଣନ୍ତି ? କିନ୍ତୁ ନାରୀମାନଙ୍କ ମଧ୍ୟରେ ବି ସେତିକି ଶାସ୍ତ୍ରୀୟ ଦକ୍ଷତା ଅଛି ଏବଂ ସେମାନେ ପୁରୁଷମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି। ଗାର୍ଗୀ, ଲୋପାମୁଦ୍ରା, ବିଶ୍ୱବାରା, ସୁଲଭା, ମୈତ୍ରେୟୀ ଏମାନେ ବୈଦିକ ଯୁଗରେ ସେମାନଙ୍କ ପ୍ରଜ୍ଞା ଦ୍ୱାରା ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି। ତେଣୁ ସେମାନେ ମଧ୍ୟ ଆମମାନଙ୍କ ପାଇଁ ପରୋକ୍ଷରେ ଏକ ପ୍ରେରଣା। ଆଜିର ସମୟରେ ବି ଜଣେ ମହିଳା ତା'ର ସମସ୍ତ ଆବଶ୍ୟକତାକୁ ପୂରଣ କରିବା ଭଳି ଆର୍ଥିକ ସାମର୍ଥ୍ୟ ପାଲାରୁ ପାଇପାରିବ। ତେବେ ପାଲା ଗାଇବା ବେଳେ ଛୋଟ ଛୋଟ ସମସ୍ୟା ତ ନିଶ୍ଚୟ ହୁଏ। କିନ୍ତୁ ସେମିତି କିଛି ବଡ଼ ସମସ୍ୟା ମାଆ ଶାରଳା ଠାକୁରାଣୀଙ୍କ ଦୟାରୁ ଏଯାଏଁ ସୃଷ୍ଟି ହୋଇନାହିଁ। ବର୍ତ୍ତମାନର ଯୁବପିଢ଼ି ଅତ୍ୟାଧୁନିକ ସମାଜରେ ଭାଷା ସାହିତ୍ୟକୁ ପ୍ରଚାର କରିବାକୁ ବାହାରି ଆସୁଛନ୍ତି ଯେତେବେଳେ ସେମାନେ ଧନ୍ୟବାଦର ପାତ୍ରୀ। ସେମାନେ ଅଧିକ ଅଧ୍ୟୟନ କରିବା ସହ ପାଲାର ମୌଳିକତା ଅକ୍ଷୁଣ୍ଣ ରଖନ୍ତୁ, ପାଲାର ପ୍ରାଚୀନ ସଙ୍ଗୀତ ଧାରାରେ ଗାଇବାକୁ ଅଭ୍ୟାସ କରନ୍ତୁ' ବୋଲି କହନ୍ତି ଜଗତସିଂହପୁରର ମହିଳା ପାଲାଗାୟିକା ଶାରଳା ପୁତ୍ରୀ ପ୍ରଜ୍ଞା ରାଉତ।

## ଅଭିନୟ ଓ ନୃତ୍ୟନିପୁଣା ଡାକ୍ତରାଣୀ

### ଚର୍ଚ୍ଚାରେ ନୌସେନା ସର୍ଜନ୍ କମାଣ୍ଡର୍ 'ଡାକ୍ତର







ଦିନ ଥିଲା ସେ ନାଟକର ଡାକ୍ତର ଚରିତ୍ରରେ ଅଭିନୟ କରି ପ୍ରଶଂସା ସାଉଁଟୁଥିଲେ। କିନ୍ତୁ ଆଜି ସତକୁ ସତ ମଝି ଦରିଆରେ ଅନେକ ନାବିକ ଓ କର୍ମଚାରୀଙ୍କ ଜୀବନ ବଞ୍ଚାଇଦେଲେ। ଦିନେ ସେ ଘାସଭର୍ତ୍ତି କ୍ରିକେଟ୍ ପଡ଼ିଆରେ ଚୌକାଛକ୍କା ମାରି ଦର୍ଶକଙ୍କ ମନୋରଂଜନ କରୁଥିଲେ। ହେଲେ ଆଜି ଅଥଳ ଜଳରାଶି ଭିତରେ ଅଭିଜ୍ଞତାର ଭରପୂର ଲାଭ ଉଠାଇ ଇତିହାସ ରଚିଲେ। ଏମିତି ଜଣେ ଅନନ୍ୟ ମହିଳା ହେଉଛନ୍ତି ଭାରତୀୟ ନୌସେନାର ସର୍ଜନ୍ କମାଣ୍ଡର୍ ଡାକ୍ତର ଅନନ୍ୟା ଦଳବେହେରା। ଗାଜା ଉପରେ ଇସ୍ରାଏଲ୍‌ର ଆକ୍ରମଣ ଥମିବାର ନାମ ନେଉନି। ଯେବେଠାରୁ ଏହି ଆକ୍ରମଣ ଜୋରଦାର ହୋଇଛି, ସେବେଠାରୁ ୟେମେନ୍‌ର ହାଉତି ବିଦ୍ରୋହୀମାନେ ରକ୍ତମୁଖା ହୋଇ ଉଠିଛନ୍ତି। ଗତ ବୁଧବାର ଦିନ ଅପରାହ୍ନରେ ହଠାତ୍ ୱେଷ୍ଟଇଣ୍ଡିଜ୍ ବାର୍ବାଡୋସ୍‌ର ପଣ୍ୟବାହୀ ଜାହାଜ 'ଏମ୍ଭି ଟ୍ରୁ କନ୍‌ଫିଡେନ୍ସ' ଉପରକୁ ସେମାନେ କ୍ଷେପଣାସ୍ତ୍ର ମାଡ଼ କରିଥିଲେ। ଭାରତୀୟ ଯୁଦ୍ଧ ଜାହାଜ ଆଇଏନ୍ଏସ୍ (କୋଲକାତା)ରେ ଲପଲବ୍ଧ ହେଲିକପ୍ଟର୍ ଓ ସ୍ୱତନ୍ତ୍ର ବୋଟ୍ ଯୋଗେ ନୌସେନା ୧୭ ଜଣ ବାର୍ବାଡୋସ୍ ନାବିକ ଓ ଜାହାଜ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ଆଇଏନ୍ଏସ୍‌ରେ କାର୍ଯ୍ୟରତ ଏକମାତ୍ର ଓଡ଼ିଆ ସର୍ଜନ୍ କମାଣ୍ଡର୍ ଡାକ୍ତର ଅନନ୍ୟା ଦଳବେହେରା ସହଯୋଗୀଙ୍କ ସହ ୩ ଗୁରୁତର ଏବଂ ଅନ୍ୟ ଆହତମାନଙ୍କର ରାତିତମାମ୍ ଚିକିତ୍ସା କରି ଜୀବନ ବଞ୍ଚାଇଛନ୍ତି। ଏନେଇ ଖବର ପ୍ରଚାରିତ ହେବାପରେ ଅନନ୍ୟା ପାଲଟିଯାଇଛନ୍ତି ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ଗଣମାଧ୍ୟମର ଶିରୋନାମା। ଦେଶବିଦେଶରୁ ତାଙ୍କ ପାଖକୁ ଛୁଟିଛି ପ୍ରଶଂସାର ସୁଅ। ମାତ୍ର ୪ ବର୍ଷ ବୟସରୁ ଅନନ୍ୟା ଆରମ୍ଭ କରିଥିଲେ ଅଭିନୟ। ୬ ବର୍ଷ ବୟସରେ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପାଇଥିଲେ ଜାତୀୟ ହେମାନନ୍ଦ ବିଶ୍ୱାଳ ସ୍ମାରକୀ ସମ୍ମାନ। କେବଳ ସେତିକି ନୁହେଁ, ଅନନ୍ୟାଙ୍କ ନାମରେ ରହିଛି ଅନେକ ରାଜ୍ୟ ଓ ଜାତୀୟସ୍ତରୀୟ ପୁରସ୍କାର। ସେହିପରି ଏକଦା ସେ ମୟୂରଭଞ୍ଜ ମହିଳା କ୍ରିକେଟ୍ ଦଳର ସଦସ୍ୟା ଥାଇ ଅନେକ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ପୁନେର 'ଆର୍ମଡ୍ ଫୋର୍ସ ମେଡିକାଲ୍ କଲେଜ'ରେ ଶିକ୍ଷା ଶେଷ କରିବା ପରେ ଜଣେ ଡାକ୍ତର ଭାବେ ଭାରତୀୟ ନୌସେନାରେ ଯୋଗଦେଇଛନ୍ତି। ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ବାରିପଦାବାସୀ ଜଣାଶୁଣା ସାହିତ୍ୟିକ ମନୋଜ ଦଳବେହେରା ଓ ସୁପ୍ରୀତି ଦଳବେହେରାଙ୍କ ଝିଅ ହେଉଛନ୍ତି ଅନନ୍ୟା। ତାଙ୍କ ସ୍ୱାମୀ ନୀତିନ ଦାସ ମଧ୍ୟ ଭାରତୀୟ ସ୍ଥଳସେନାରେ ଡାକ୍ତର ଅଛନ୍ତି।

ଅନନ୍ୟା ସତରେ ଅନନ୍ୟା। ତାଙ୍କ ପରି ଜଣେ ବହୁମୁଖୀ ପ୍ରତିଭାଧାରୀ ଡାକ୍ତର ହେବା ଏବଂ ନୌସେନାରେ ଯୋଗଦେଇ ଭାରତମାତାର ସେବା କରିବା ନାରୀଶକ୍ତିର ଏକ ବଡ଼ ଉଦାହରଣ। ଆଶା କରିବା ଅନନ୍ୟା ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟନ୍ତୁ। ଓଡ଼ିଆ ଅସ୍ମିତାର ନୂଆ ପରିଚୟ ତୋଳନ୍ତୁ।

## ପ୍ରକୃତି ସୁରକ୍ଷାର ମନ୍ତ୍ର ପରଜା ଓ ଗଦବାଙ୍କ ହାତବୁଣା ଲୁଗାରେ...



ଆଧୁନିକ ସଭ୍ୟତାର ପ୍ରସାର ମଧ୍ୟରେ ଆମ ସମାଜରୁ ଅନେକ ପ୍ରଥା, ପରମ୍ପରା, ହସ୍ତକଳା, ଖାଦ୍ୟବସ୍ତ୍ର ଓ ସଂସ୍କୃତି ଧୀରେଧୀରେ ଲୋପ ପାଇଯାଉଛି। ଏହି ପ୍ରକ୍ରିୟାରେ ଆଜିର ଦିନରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ଜନଜାତି ବର୍ଗ। ଏକଦା ଓଡ଼ିଶାର ଜନଜାତିମାନଙ୍କ ଭିତରେ ହସ୍ତତନ୍ତ ପାରମ୍ପରିକ କଳା ଥିଲା ଅତ୍ୟନ୍ତ ସମୃଦ୍ଧ ଓ ସୁନ୍ଦର। ନିୟମଗିରିରେ ଡଙ୍ଗରିଆ ଜନଜାତିଙ୍କ ହସ୍ତତନ୍ତ ଦ୍ୱାରା



ପ୍ରସ୍ତୁତ ଶାଲ୍ ସ୍ୱତନ୍ତ୍ର ପରିଚୟ ପାଇବା ପରେ ଏହି ଲୁପ୍ତ ହସ୍ତତନ୍ତ ଓ ପାରମ୍ପରିକ କଳା ସମସ୍ତଙ୍କୁ ଚକିତ କରିଦେଇଛି। ପ୍ରତ୍ୟେକ ଆଦିବାସୀଙ୍କ ଲୁଗାବୁଣିବା ଶୈଳୀ ବା ହସ୍ତତନ୍ତ କଳା ଅନ୍ୟ ଆଦିବାସୀ ସମ୍ପ୍ରଦାୟଠାରୁ ଭିନ୍ନ ଓ ସ୍ୱତନ୍ତ୍ର। କୋରାପୁଟର ପରଜା ଓ ଗଦବା ଜନଜାତିଙ୍କ ହସ୍ତତନ୍ତ ଆଜକୁ ୫୦ ବର୍ଷ ପୂର୍ବରୁ ଅତ୍ୟନ୍ତ ଉଚ୍ଚକୋଟୀର ରହିଥିଲା। ସେମାନଙ୍କ ହସ୍ତତନ୍ତ ଦ୍ୱାରା ପ୍ରସ୍ତୁତ ବସ୍ତ୍ର ପ୍ରାକୃତିକ ରଙ୍ଗରେ ଝଲସି ଉଠୁଥିଲା। ଏହିସବୁ ପ୍ରାକୃତିକ ରଙ୍ଗ ବିଭିନ୍ନ ଗଛର ଫୁଲ, ଫଳ, ପତ୍ର, ଚେର ଓ ବକଲରୁ ପ୍ରସ୍ତୁତ ହେଉଥିଲା। କୋରାପୁଟର ପରଜା ଓ ଗଦବା ଜନଜାତିମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତରେ ଅତ୍ୟନ୍ତ ସୂକ୍ଷ୍ମ ଓ ସୁନ୍ଦର ରଙ୍ଗବେରଙ୍ଗର ଚିତ୍ର ରହୁଥିଲା। ପ୍ରାକୃତିକ ରଙ୍ଗର କଞ୍ଚାମାଲ ସଂଗ୍ରହ ଓ ପ୍ରସ୍ତୁତ କଠିନ କାର୍ଯ୍ୟରୁ ଏହି ଜନଜାତି ଦୂରେଇ ଯାଇ ବଜାରରେ ସହଜରେ ମିଳୁଥିବା ମେସିନ ବୁଣା ବସ୍ତ୍ର ବ୍ୟବହାରକୁ ଗ୍ରହଣ କରିନେଲା। ପରବର୍ତ୍ତୀ ସମୟରେ ପରଜା ଓ ଗଦବା ଜନଜାତିଙ୍କ ଏହି ପରିବେଶ ଉପଯୋଗୀ ଲୋକାଦୃତ ହସ୍ତତନ୍ତ ସମ୍ପୂର୍ଣ୍ଣ ଲୋପ ପାଇବାକୁ ବସିଥିଲା।

ପରିବେଶବିତ୍ ତଥା ଆଦିବାସୀଙ୍କ ଜୀବନ ଜୀବିକାର ସୁରକ୍ଷା ଦିଗରେ କାମ କରୁଥିବା ଅନୁରାଧା ରାଓ ଲୋପ ପାଇଯିବାକୁ ବସିଥିବା ଏହି ଜନଜାତିଙ୍କ ହସ୍ତତନ୍ତର ପୁନରୁଦ୍ଧାର ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ସେମାନଙ୍କ ହସ୍ତତନ୍ତ ବସ୍ତ୍ରକୁ ଭାରତର ବିଭିନ୍ନ ରାଜ୍ୟରେ ଆଦୃତ କରିବାରେ ସଫଳ ହେବା ସହିତ ଆଜି ୬୫ ଜଣ ଆଦିବାସୀ ମହିଳାଙ୍କୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ କରିପାରିଛନ୍ତି। ରାସାୟନିକ ରଙ୍ଗ ପ୍ରଭାବରୁ ପରିବେଶ ଓ ପ୍ରକୃତିର ସୁରକ୍ଷାରେ ଅନୁରାଧାଙ୍କ ଏହି ପ୍ରୟାସ ସାଙ୍ଗକୁ ଆଦିବାସୀ ମହିଳାଙ୍କୁ ସଶକ୍ତ କରିବାରେ ପ୍ରେରଣା ସୃଷ୍ଟି କରିପାରିଛି।

ଅନୁରାଧା ଏ ନେଇ କହନ୍ତି, ବିଭିନ୍ନ ଆଦିବାସୀମାନଙ୍କ ଜୀବନ ଜୀବିକା ଉପରେ ମୁଁ କାର୍ଯ୍ୟ କରୁଥିବାବେଳେ ସେମାନଙ୍କର ଅନେକ ଲୁପ୍ତ କଳା, ସଂସ୍କୃତି, ପ୍ରଥା, ଚଳଣି ଓ ଚାଷବାସ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥାଏ। ଏହି କାର୍ଯ୍ୟ କରିବା ସମୟରେ ମୁଁ ପରଜା ଓ ଗଦବା ଜନଜାତିଙ୍କର ପ୍ରାୟତଃ ହଜିଯାଇଥିବା ହସ୍ତତନ୍ତ କଳା ସମ୍ପର୍କରେ ଜାଣିବାକୁ ପାଇଲି। ଏହି ହସ୍ତତନ୍ତ କଳା ଉପରେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଲି। ପ୍ରଥମେ ୧୫ ଜଣ ମହିଳାଙ୍କୁ ନେଇ ୨୦୨୨ ମସିହା ଫେବ୍ରୁଆରି ମାସରେ ସେମାନଙ୍କ ହସ୍ତତନ୍ତ କଳାର ପୁନରୁଦ୍ଧାର କରି ପ୍ରଚାର ଓ ପ୍ରସାର କରିବାକୁ କାର୍ଯ୍ୟ ଆରମ୍ଭ କଲି। ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିବାରେ ସାମୟିକ ସମସ୍ୟା ସାଙ୍ଗକୁ ସମୟସାପେକ୍ଷ ଭିତରେ ଯଥା ସମ୍ଭବ ଆମେ ଚାହିଦା ପୂରଣ କରିବାକୁ ଚେଷ୍ଟା କରୁଛୁ। ଆମେ ଶାଲ୍, ସୋଫା କଭର୍, ବିଭିନ୍ନ ପ୍ରକାର ବ୍ୟାଗ ଓ ଚାଦର ସାଙ୍ଗକୁ ପ୍ରାୟ ୧୧୦ ପ୍ରକାରର ଦୈନନ୍ଦିନ ବ୍ୟବହାର ଉପଯୋଗୀ ସାମଗ୍ରୀ ପ୍ରସ୍ତୁତ କରିବାରେ ସଫଳ ହୋଇପାରିଛୁ। ଆମ ଦ୍ୱାରା ପ୍ରସ୍ତୁତ ହେଉଥିବା ସମସ୍ତ ସାମଗ୍ରୀରେ ପରଜା ଓ ଗଦବା ଜନଜାତିଙ୍କ ପାରମ୍ପରିକ କଳା ସଂସ୍କୃତିର ଛାପ ରହିଥାଏ। ଗେଣ୍ଡୁ ଫୁଲ, ସୂର୍ଯ୍ୟମୁଖୀ, ଡାଳିମ୍ବ, ଚା' ପତି, ପିଆଜ ଚୋପା, ପଳାସ, ଶାଗୁଆନ, ମଞ୍ଜୁଆତି, ସିଉନା, ବିଜା ଓ ଝପରା ତଥା ଖଇର ପ୍ରଭୃତିରୁ ହସ୍ତତନ୍ତ ପାଇଁ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ ହୋଇଥାଏ। ରାସାୟନିକ ରଙ୍ଗର କୁପ୍ରଭାବରୁ ପ୍ରାକୃତିକ ରଙ୍ଗ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ମାଟିକୁ ତଥା ମାଟିର କୀଟ ପତଙ୍ଗକୁ ସୁରକ୍ଷିତ ରଖିବାରେ ସକ୍ଷମ ହୁଏ ଏବଂ ଏହା ପରିବେଶ ଉପଯୋଗୀ। ମହେଞ୍ଜୋଦାର ସଭ୍ୟତାରୁ ମିଳିଥିବା ପ୍ରମାଣ କହେ, ପ୍ରାୟେ ୪୦ ଲକ୍ଷ ବର୍ଷ ପୂର୍ବରୁ ଏଭଳି ପ୍ରାକୃତିକ ରଙ୍ଗର ବ୍ୟବହାର ହସ୍ତତନ୍ତରେ ହେଉଥିଲା। ଆଜି ଆମେ ଯେତେବେଳେ ସମଗ୍ର ବିଶ୍ୱରେ ପ୍ରକୃତିର ସୁରକ୍ଷା ପାଇଁ ଅଙ୍ଗାରକ ପଦଚିହ୍ନ ହ୍ରାସ କରିବାକୁ ଆହ୍ୱାନ ଦେଉଛୁ ସେତେବେଳେ ଆଦିବାସୀ ଜନଜାତିଙ୍କ ଏଭଳି ଚେଷ୍ଟା ଏଦିଗରେ ଏକ ନୂଆ ମାର୍ଗ ଆମ ସମସ୍ତଙ୍କୁ ଦେଖାଇ ପାରିବ।



## ମାତୃତ୍ୱ ଦଣ୍ଡରୁ ମୁକ୍ତି ଦେଉଛି ସଙ୍କରୀଙ୍କ ଷ୍ଟାର୍ଟଅପ୍

ମାଆ ହେବା ପରେ ମହିଳାଙ୍କ କ୍ୟାରିଅର୍ ଉପରେ ସବୁଠାରୁ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ମାତୃତ୍ୱ ହାସଲ କରିବା ପରେ ସେମାନଙ୍କ ନିଯୁକ୍ତି ଯୋଗ୍ୟତା, ଦରମା ଓ କାର୍ଯ୍ୟଦକ୍ଷତା ହ୍ରାସ ପାଉଥିବାର ଦେଖାଯାଇଥାଏ। ଏହାକୁ ଅର୍ଥନୈତିକ ଭାଷାରେ 'ମଦର୍‌ହୁଡ୍ ପେନାଲ୍‌ଟି' ବା 'ମାତୃତ୍ୱ ଦଣ୍ଡ' ବୋଲି କୁହାଯାଉଛି। ଏହି ଦଣ୍ଡକୁ ଲାଘବ କରିବା ପାଇଁ



ଚେନ୍ନାଇ ଜଣେ ମହିଳା ଉଦ୍ୟୋଗୀ ୨୦୨୧ରୁ ଏକ ଅଭିନବ ପ୍ରୟାସ କରିଆସୁଛନ୍ତି। ସୂଚନା ପ୍ରଯୁକ୍ତି (ଆଇଟି) କ୍ଷେତ୍ରରେ ଆଠ ବର୍ଷ କାମ କରିବା ପରେ ସଙ୍କରୀ ସୁଧାର ନିଜ ନବଜାତ ଶିଶୁର ଯତ୍ନ ନେବା ଲାଗି କ୍ୟାରିଅର୍‌ରୁ ସାମୟିକ ବିରତି ନେଇଥିଲେ। ତେବେ ପ୍ରାୟ ଏକ ବର୍ଷ ପରେ ସେ ଯେତେବେଳେ ଚାକିରି କ୍ଷେତ୍ରକୁ ଫେରିବାକୁ ଚାହିଁଲେ ସେତେବେଳେ ତାଙ୍କୁ ଆଉ ସୁଯୋଗ ମିଳିଲା ନାହିଁ। କମ୍ପ୍ୟୁଟର୍ ସାଇନ୍ସ ଇଂଜିନିଅରିଂରେ ସ୍ନାତକ ଡିଗ୍ରି ହାସଲ କରିଥିଲେ ହେଁ ତାଙ୍କୁ କେବଳ ଡାଟା ଏଣ୍ଟ୍ରି ଚାକିରି ପାଇଁ ପ୍ରସ୍ତାବ ମିଳିଲା। ଏହା ତାଙ୍କୁ କ୍ରୋଧାନ୍ୱିତ କରିଥିଲା। ତେବେ ମାତୃତ୍ୱର ଦଣ୍ଡକୁ ସ୍ୱୀକାର କରିବା ଲାଗି ସେ ପ୍ରସ୍ତୁତ ନ ଥିଲେ। ତାଙ୍କ ପରି ଅନ୍ୟ ମହିଳାଙ୍କୁ ସାହାଯ୍ୟ କରିବା ପାଇଁ ସେ ୨୦୨୧ ଅଗଷ୍ଟରେ 'ଓଭରକ୍ୱାଲିଫାଏଡ୍ ହାଉସ୍‌ୱାଇଭ୍ସ' ନାମକ ଏକ ନିଯୁକ୍ତି ପୋର୍ଟାଲ୍ ଖୋଲିଲେ। ଇତିମଧ୍ୟରେ ସେ ନିଜ ଷ୍ଟାର୍ଟଅପ୍‌ରେ ପାଞ୍ଚଜଣଙ୍କୁ ସିଧାସଳଖ ନିଯୁକ୍ତି ଦେଇଛନ୍ତି ଏବଂ ୫୦୦ରୁ ଅଧିକ ମହିଳାଙ୍କୁ ଆଇଟି, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ କ୍ଷେତ୍ରରେ ନିଯୁକ୍ତି ପାଇବାରେ ସାହାଯ୍ୟ କରିଛନ୍ତି। ତାଙ୍କ ପୋର୍ଟାଲ୍ ଜରିଆରେ ନିଯୁକ୍ତ ଅଧିକାଂଶ ମହିଳା ମାସିକ ୧୮,୦୦୦ରୁ ୬୦,୦୦୦ ଟଙ୍କା ଆୟ କରୁଛନ୍ତି। ଉଚ୍ଚଶିକ୍ଷିତା ଗୃହିଣୀମାନେ ତାଙ୍କ ପୋର୍ଟାଲ୍‌ରେ ଆବେଦନ କରି ନିଜ ଶିକ୍ଷାଗତ ଯୋଗ୍ୟତା ଓ ଇଚ୍ଛା ଅନୁସାରେ ସାମୟିକ, ଫ୍ରିଲାନ୍ସ, ପୂର୍ଣ୍ଣକାଳୀନ ଚାକିରି ପାଇଁ ଆବେଦନ କରିପାରିବେ। ୩୦ ବର୍ଷୀୟା ସଙ୍କରୀ ଆଗକୁ ଅଧିକ ସଂଖ୍ୟକ ନିମ୍ନ ମଧ୍ୟବିତ୍ତ ବର୍ଗର ଗୃହିଣୀମାନଙ୍କୁ ନିଯୁକ୍ତି ଦେବାର ଲକ୍ଷ୍ୟ ରଖିଛନ୍ତି। ପରିସଂଖ୍ୟାନ ଅନୁସାରେ ଭାରତରେ ପୃଥିବୀର ସର୍ବାଧିକ ନିଯୁକ୍ତିଯୋଗ୍ୟ ଗୃହିଣୀ ଅଛନ୍ତି। ସେମାନେ କାର୍ଯ୍ୟକ୍ଷେତ୍ରକୁ ଫେରିବା ଦ୍ୱାରା ଦେଶର ଅର୍ଥନୀତି ମଧ୍ୟ ସୁଦୃଢ଼ ହେବ।

## ପର ଚର୍ଚ୍ଚା ଦିନକୁ ଘଣ୍ଟାଏ ଲାଭଦାୟକ!



ଦୁଇ ବା ଅଧିକ ଲୋକ ମିଶି ଅନ୍ୟ ଜଣେ ଅନୁପସ୍ଥିତ ଲୋକର ବ୍ୟକ୍ତିଗତ କଥା ଚର୍ଚ୍ଚା କରିବା ଖରାପ ବୋଲି ଅନେକ ଲୋକ ବିଶ୍ୱାସ କରନ୍ତି। ନିଜର କିଛି କାମ ନ ଥିଲେ ହିଁ ଲୋକେ ପର ଚର୍ଚ୍ଚା କରନ୍ତି ବୋଲି ଏକ ଧାରଣା ରହିଆସିଛି। ତଥାପି ବନ୍ଧୁବାନ୍ଧବଙ୍କ ସହ ଏଭଳି ଚର୍ଚ୍ଚା କରି ବେଳେ ବେଳେ ଆନନ୍ଦ ମିଳିଥାଏ। ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ପର ଚର୍ଚ୍ଚା ସେତେ ହାନିକାରକ ନୁହେଁ, ବରଂ ସାମାଜିକ ସମ୍ପର୍କ ସ୍ଥାପନରେ ଏହାର କେତେକ ସକାରାତ୍ମକ ଦିଗ ରହିଛି। ୨୦୧୯ର ଏକ ଅଧ୍ୟୟନରୁ ଜଣାପଡ଼ିଥିଲା ଯେ ଲୋକମାନେ ଅନ୍ୟମାନଙ୍କ ବିଷୟରେ ଚର୍ଚ୍ଚା କରିବାରେ ଦିନକୁ ହାରାହାରି ଏକ ଘଣ୍ଟା ବ୍ୟୟ କରନ୍ତି। ଏଭଳି ଏକ ସାମାଜିକ ଅଭ୍ୟାସ ବିଷୟରେ ଅଧିକ ଜାଣିବା ପାଇଁ ଷ୍ଟାନ୍‌ଫୋର୍ଡ ଓ ମାରିଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ନିକଟରେ ଏକ ଗବେଷଣା କରାଯାଇଥିଲା। ଏଥିରୁ ଜଣାପଡ଼ିଛି ଯେ ପର ଚର୍ଚ୍ଚା ଆମକୁ ପାରିପାର୍ଶ୍ୱିକ ପରିବେଶକୁ ବୁଝିବାରେ ସାହାଯ୍ୟ କରିଥାଏ। ଏହାଦ୍ୱାରା ଜଣେ ବ୍ୟକ୍ତିର ସାମାଜିକ ଖ୍ୟାତି ପ୍ରସାରିତ ହୋଇଥାଏ, ଏହା ଲୋକଙ୍କୁ ସାମାଜିକ ସମ୍ପର୍କ ସ୍ଥାପନ କରିବାରେ ସାହାଯ୍ୟ କରେ, ଘନିଷ୍ଠତା ବଢ଼ାଏ ଏବଂ ସମବୟସ୍କମାନଙ୍କ ମଧ୍ୟରେ ମତବିନିମୟକୁ ଉତ୍ସାହିତ କରେ। ଜଣେ ବିଶେଷଜ୍ଞଙ୍କ କହିବା ଅନୁସାରେ ଉଭୟ ସକାରାତ୍ମକ ଓ ନକାରାତ୍ମକ ଚର୍ଚ୍ଚା ଗୁରୁତ୍ୱପୂର୍ଣ୍ଣ, କାରଣ ଜଣେ ନୂଆ ବ୍ୟକ୍ତି ସହ ମିଶିବା ଏବଂ ତାଙ୍କୁ ନିଜ ଗୋଷ୍ଠୀରେ ସାମିଲ କରିବା ଉଚିତ କି ନୁହେଁ ସେ ନେଇ ଜରୁରୀ ସୂଚନା ଏଭଳି ଚର୍ଚ୍ଚାରୁ ମିଳିଥାଏ। ତେବେ ଏହି ସୂଚନା ଠିକ୍ ଓ ସତ୍ୟନିଷ୍ଠ ହେବା ଗୁରୁତ୍ୱପୂର୍ଣ୍ଣ; ତା'ହେଲେ ଯାଇ ଏହାର ସାମାଜିକ ଉଦ୍ଦେଶ୍ୟ ପୂରଣ ହୋଇଥାଏ। ତେଣୁ ପର ଚର୍ଚ୍ଚାକୁ ଏକ ଘଣ୍ଟା ମଧ୍ୟରେ ସୀମିତ ରଖିପାରିଲେ ଏହି ଅଭ୍ୟାସକୁ ମନ୍ଦ ବୋଲି ଆଉ କହିହେବ ନାହିଁ!

# ପହଲଗାମ୍‌ରେ ଫୁଲବାଣୀର ଯବାନ



**ଫୁଲବାଣୀ,୧୨।୫(ସଂଚାର ବ୍ୟୁରୋ):** ଜମ୍ମୁକାଶ୍ମୀରର ପହଲଗାମ୍ ଠାରେ ଗତ ମାସ ୨୨ ତାରିଖ ଦିନ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକ ମୃତ୍ୟୁ ପାକିସ୍ତାନର ହାତ ଥିବା ସ୍ପଷ୍ଟ ହେବା ପରେ ଭାରତ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଉଭୟ ଦେଶ ମଧ୍ୟରେ ଆରମ୍ଭ ହୋଇଛି ସାମରିକ ମୁକାବିଲା। ଦେଶର ବହୁ ଯବାନ ଏଥିରେ ର ସାମିଲ ହୋଇଛନ୍ତି। ଜାମ୍ମୁ କାଶ୍ମୀରରେ ମୁତୟନ ନ ଥିବା କନ୍ଧମାଳ ଜିଲ୍ଲାର ଅନେକ ଅ କ ଯବାନ ମଧ୍ୟ ଏହି ସାମରିକ କାର୍ଯ୍ୟକଳାପରେ ସାମିଲ ହୋଇ ହାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଫୁଲବାଣ ବାଣୀ ବ୍ଲକ ବଇତା ଗ୍ରାମର କୁଞ୍ଜବିହାରୀ କହଁର ପହଲଗାମ୍‌ରେ ସିଆରପିଏଫ ଜବାନ ଭାବେ କାର୍ଯ୍ୟ ଚାର୍ଯ୍ୟରତ ଅଛନ୍ତି। ପ୍ରାୟ ବର୍ଷ ହେବ ସେଠାରେ ନିୟୋଜିତ ଥିବା ପରିବାର ଲୋକ କହିଛତି ଆଗରୁ ସବୁଦିନ ଫୋନରେ କଥାବାର୍ତ୍ତା ହେଉଥିବା ବେଳ ଏବେ ଅତି ବେଶୀରେ ଦିନକୁ ୨ ମିନିଟ ମାତ୍ର କଥା ହେଉଥିବା କହିଛତି ସ୍ତ୍ରୀ କୁମୁଦିନୀ। ସେପଟରୁ କଥା ହେବା ପାଇଁ ସୁଯୋଗ ଦିଆଯାଉନାହିଁ କିମ୍ବା? ଏପଟୁ ଫୋନ କଲେ ଉତ୍ତର ମିଳୁନାହିଁ। କେତେବେଳେ କେମିତି ଫୋନ ଆସୁଛି। ଗତ ଶୁକ୍ରବାର ରାତିରେ ତାଙ୍କ କ୍ୟାମ୍ପ ଉପରେ ପାକିସ୍ତାନ ହମଲା କରିଥିବା ସୂଚନା ମିଳିଛି। ସୌଭାଗ୍ୟ ବଶତଃ ତାଙ୍କର କିଛି ହୋଇନାହିଁ ବୋଲି କହିଛନ୍ତି କୁମୁଦିନୀ। ନବମରେ ଏବଂ ଝିଅ ପ୍ରଥ ପ୍ରଥମ ଶ୍ରେଣୀରେ ପଢ଼ୁଛି। ସେମାନେ ସବୁବେଳେ ବାପାଙ୍କ କଥା ପଚାରୁ ଛନ୍ତି। ବା ବାପାଙ୍କ ସ୍ଥିତି ନେଇ ଚିନ୍ତାରେ ଅଛତି ପିଲାମାନେ। ଘରେ ରୋଷେଇ ହେଉଥିଲେ ବି କେହି ଠିକରେ ଖାଇ ପାରୁନାହାନ୍ତି। ଶୀଘ୍ର ଯୁଦ୍ଧ ବନ୍ଦ ହେଇ ଏବଂ ସ ଭଲରେ ଘରକୁ ଫେରି ଆସନ୍ତୁ ବୋଲି ଭଗବାନଙ୍କ ପାଖରେ କାମନା କରୁ ଛତି ପରିବାର।

## ରାଜନେତାଙ୍କ ଇଚ୍ଛା ଶକ୍ତିର ଅଭାବ ନା ଅନ୍ୟ କିଛି

# ବାଲିଆପାଳକୁ ଅବହେଳା କଣ ପାଇଁ ?

**ବାଲିଆପାଳ,୧୨।୫(ସଂଚାର ବ୍ୟୁରୋ):** ବାଲିଆପାଳ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିଲେ ବି ସବୁଥିରେ ଏହା ଏବେ ଅବହେଳାର ଶିକାର ହେବାର ଲକ୍ଷ୍ୟ କରାଯାଉଛି। ପ୍ରଥମତଃ କୌଣସି ଦୃଷ୍ଟିରୁ ଏହି ବ୍ଲକ କାହାଠାରୁ କିଛି କମ ନୁହେଁ। ଚିର ସବୁଜ ଶସ୍ୟ ଶ୍ୟାମଳା ଭରା ଅର୍ଥାତ ଧାନ, ପାନ, ମୀନ ର ଏହି ଅଞ୍ଚଳ ଅତି ଉର୍ଣ୍ଣତ। ଉତ୍ତର ଓ ପୂର୍ବରେ ସୁବର୍ଣ୍ଣରେଖା ନଦୀ ସହିତ ଦକ୍ଷିଣରେ ବଙ୍ଗୋପସାଗର ର ଢେଉ ସଦାବେଳେ ଲହଡି ଭାଙ୍ଗୁ ଥାଏ କ୍ଷବ୍ଲକ ର ଡଗରା, ଚଉମୁଖ, ଯମୁନାଶୂଳ ଚାନ୍ଦମଣି ର ବେଳାଭୂମି ବହୁ ପୂର୍ବରୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇ ସାରିଛିକ୍ଷ ପ୍ରାୟତଃ ଭାରତ ବର୍ଷ ରେ ଏତେ ବଡ଼ ବିସ୍ତିର୍ଣ ସମତଳ ବେଳାଭୂମି ସହିତ ନୀଳ ରକ୍ତ କଙ୍କଡା, ନାଲି କଙ୍କଡା ଓ ଝାଉଁ ଜଙ୍ଗଲ ଅନ୍ୟ କେଉଁଠି ନାହିଁ। ଯାହା ହେଲେ କଣ ହେବ ସରକାରଙ୍କ ଦୃଷ୍ଟି କିନ୍ତୁ ବାଲିଆପାଳ ଉପରେ ପଡୁନାହିଁ। ଏହି କିଛି ଦିନ ତଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବାଲେଶ୍ୱର ଗସ୍ତରେ ଆସି ଚାନ୍ଦିପୁର ଓ ଭୋଗରାଇ ଅଞ୍ଚଳ ପରିଦର୍ଶନ କରି ତାଳସାରି କୁ ପର୍ଯ୍ୟଟନ ର ହବ କରିବେ ବୋଲି ଘୋଷଣା କରିବା ସହିତ ଚାନ୍ଦିପୁର ପାଇଁ ଅର୍ଥ ମଞ୍ଜୁର




ପାଇଁ ଘୋଷଣା କଲେ। କିନ୍ତୁ ଏହି ଦୁଇ ବେଳାଭୂମିର ମଧ୍ୟଭାଗ ରେ ଥିବା ବାଲିଆପାଳ ପ୍ରତି ଏଭଳି ବୈମାତୃକ ମନୋଭାବ ପୋଷଣ କଣ ପାଇଁ କ୍ଷକଣ ବାଲିଆପାଳ ବିଷୟରେ ମନ୍ତ୍ରୀଙ୍କ ନିକଟରେ କୌଣସି ସୂଚନା ନାହିଁ ନାଁ ଏ ଅଞ୍ଚଳ କୁ ମନ୍ତ୍ରୀଙ୍କ ନଜର ଦୃଷ୍ଟିରୁ ହଟାଇ ଦିଆଯାଇଛି। ସେହିପରି ୨୦୨୪ ନିର୍ବାଚନ ପୂର୍ବରୁ ରାଜ୍ୟରେ ୩୪ ଟି ଏନଏସି ଘୋଷଣା ହୋଇଥିଲେ ମଧ୍ୟ୍ୟ ବାଲିଆପାଳ ଏଥିରୁ ବାଦ ପଡ଼ିଥିଲା କ୍ଷକିଛି ସାମାଜିକ ସଂଗଠନର ଦୃଢ଼ ପ୍ରତିବାଦ ପରେ ବାଲିଆପାଳ କୁ ପୁଣି ଥରେ ଏନଏସି ପାଇଁ ସେତେବେଳର ବିଜେଡି ସରକାର ଘୋଷଣା କରିଥିଲେ। କିନ୍ତୁ ନିର୍ବାଚନ ସରିଲା ପରେ ଏବେର ନୂଆ ସରକାରଙ୍କ ସଦ୍ୟ ତାଲିକାରୁ ବାଲିଆପାଳ ଆଜି ଏନଏସି ରୁ ବାଦ ପଡ଼ିଛି କ୍ଷଯାହାକି ଏ ଅଞ୍ଚଳରେ ଏବେ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ୧୯୯୫ ରୁ ବାଲିଆପାଳ ଓ ମଧୁପୁରା ଗ୍ରାମ ପଞ୍ଚାୟତର ୧୫ ଟି ଗ୍ରାମକୁ ସହରାଞ୍ଚଳ (ଅର୍ବାନ ଏରିଆ)ବୋଲି ଘୋଷଣା କରାଯାଇ ଅଧିକ ରାଜସ୍ୱ ଆଦାୟ କରାଯାଉଛି। ଏ ନେଇ ଜନ ସାଧାରଣ ଏନଏସି ତାଲିକାରୁ ବାଲିଆପାଳ ବାଦ ପଡ଼ିବାର କାରଣ କଣ ବୋଲି ସରକାରଙ୍କୁ ପ୍ରଶ୍ନ କରିଛନ୍ତି କ୍ଷଏହାଛଡା ବ୍ଲକ ରେ ଦୀର୍ଘ ଦିନ ଧରି ବିଡ଼ିଓ ନାହାଁନ୍ତି ତୋ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଏବଂ ବିଭିନ୍ନ ବିଭାଗରେ ବହୁ ପଦବୀ ଏବେବି ଖାଲି ଅଛି। ଏହା ଦ୍ୱାରା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସକାଳୁଆ ଅଫିସ ହୋଇଥିଲେ ବି ଦିନ ୯ ଟା ପର୍ଯ୍ୟନ୍ତ ବହୁ କାର୍ଯ୍ୟାଳୟ ଖୋଲାହେଉନାହିଁ। ତେବେ ଅନେକ ଦୃଷ୍ଟିରୁ ବାଲିଆପାଳ ଆଜି ଅବହେଳିତ କ୍ଷଏହା ପ୍ରଶାସନ ର ଦୁର୍ବଳତା ନା ରାଜନେତାଙ୍କ ଇଛା ଶକ୍ତିର ଅଭାବ ତାହା ଏବେ ପ୍ରଶ୍ନବାଚୀ।

ଆଗାମୀ ଦିନରେ ଏହି ସବୁ ସମସ୍ୟାର ଯଦି କିଛି ସମାଧାନ ନ ହୁଏ ତେବେ ଅଞ୍ଚଳବାସୀ ଏହାର ଦୃଢ଼ ପ୍ରତିବାଦ କରିବେ ବୋଲି ସ୍ପଷ୍ଟ ଭାବେ କହିଛନ୍ତି।

# ଶ୍ରମିକମାନଙ୍କ ନାମ ପଞ୍ଜିକରଣ ଓ ସଚେତନତା ଶିବିର ଉଦ୍ ଯାପିତ

**ପାଇକମାଳ ,୧୨।୫(ସଂଚାର ବ୍ୟୁରୋ):** ପ୍ରସିଦ୍ଧି ତିର୍ଥ କ୍ଷେତ୍ର ନୃସିହନାଥ ପିଠିରେ ପ୍ରଭୁ ଶ୍ରୀ ମାର୍ଜାର କେଶରୀ ଜନ୍ମୋତ୍ସବ ପାଳନ ଅବସର ରେ ଜିଲ୍ଲା ଶ୍ରମବିଭାଗ, ବରଗଡ଼ ଓଡିଶା ସରକାରଙ୍କ ଅନୁକୁଲ୍ୟାରେତା ୭ ରିଖଠାରୁତା ୧୨ ରିଖପର୍ଯ୍ୟନ୍ତ ବୈଶାଖ ମେଳା ଠାରେ ବରଗଡ଼ ଜିଲ୍ଲାଶ୍ରମିବିଭାଗ, ନିର୍ମାଣଶ୍ରମିକ ଅଣ ସଂଗଠିତ ଶ୍ରମିକ ତଥା ଦାଦନ ଶ୍ରମିକଙ୍କ ପାଇ ପଞ୍ଜିକରଣ ତଥା ସଚେତନତା ଶିବିର ଅନୁଷ୍ଠିତ ସୋଇଯାଇଛି। ଉକ୍ତ ଶିବିର ରେ ପଞ୍ଜିକରଣ ଶେଷ ଦିନ ଶିବିର ୧୬୦ଜଣ ନାମ ପଞ୍ଜିକରଣ କରିଥିବା ବେଳେ ୩୦ଜଣ ଙ୍କୁ ନିର୍ମାଣ ଶ୍ରମିକ ଙ୍କୁ ପଞ୍ଜିକରଣ କାର୍ଡ ପ୍ରଦାନ କରାଯାଇଥିଲା। ଏଥିରେ ଜିଲ୍ଲା ଶ୍ରମ ଅଧିକାରୀ ଯଶୋବନ୍ତ ଅମାତ ଶିବିର ପରିଚାଳନା କରିଥିବା ବେଳେ ଡାଟା ଏଣ୍ଟ୍ରି ଅପରେଟର ଶ୍ରୀ ଜଗନ୍ନାଥ ଷଡ଼ଙ୍ଗୀ, ନିତ୍ୟାନନ୍ଦ ସାହୁ, ଓଯତିଶ କୁମାର ସାହୁ ଶିବିର ପରିଚାଳନା କରିବାରେ ସହଯୋଗ କରିଥଲେ।

# ନୃସିଂହନାଥ ବୈଶାଖ ମେଳାରେ ଲକ୍ଷାଧିକ ଭକ୍ତଙ୍କ ଭିଡ



**ପାଇକମାଳ,୧୨।୫(ସଂଚାର ବ୍ୟୁରୋ):** ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ପୁଣ୍ୟ ପୀଠ ଗନ୍ଧମାର୍ଦ୍ଦନ ପାଦ ଦେଶରେ ରହିଛି ନୃସିଂହନାଥ ପୀଠରେ ପ୍ରସିଦ୍ଧ ବୈଶାଖ ମେଳାର ୫ମ ଦିନ ତଥା ପ୍ରଭୁ ନୃସିଂହନାଥ ଭଗବାନଙ୍କ ଜନ୍ମଦିନ ଥିବାରୁ ଲକ୍ଷାଧିକ ଶ୍ରଦ୍ଧାଳୁ, ଭକ୍ତ ତଥା ପର୍ଯ୍ୟଟକମାନଙ୍କ ସମାଗମ ହୋଇଥିବାର ପରିଲକ୍ଷିତ ହେଉଥିଲା। ରବିବାର ସକାଳେ ଚାଲଧାର ଝରଣାରେ ଲକ୍ଷାଧିକ ଭକ୍ତମାନେ ସ୍ନାନ କରି ଭଗବାନ ଦର୍ଶନ କରିଛନ୍ତି। କିଏ ନିଜ ପରିବାର, ପ୍ରିୟଜନ, ସାଙ୍ଗସାଥି ହୋଇ ବୈଶାଖ ମେଳାରେ ମଜା ନେଉଛନ୍ତି। ମୀନା ବଜାର ସାଙ୍ଗକୁ ଦୋକାନ ବଜାରଗୁଡ଼ିକରେ ଲୋକେ ଭିଡ଼ ଦେଖିବାକୁ ମିଳିଥିଲା। ବୈଶାଖ ମେଳା କମିଟିର ସଭ୍ୟମାନେ ନିଜ ନିଜର ଦାୟିତ୍ୱ ତୁଲାଉଥିବା ବେଳେ ପୋଲିସ ବିଭାଗ, ପାନୀୟ ଯୋଗାଣ ବିଭାଗ, ବିଦ୍ୟୁତ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଦମକଳ ବିଭାଗ କର୍ମଚାରୀମାନେ ନିଜ ନିଜର ଦାୟିତ୍ୱ ତୁଲାଉଛନ୍ତି। ରବିବାର ମହାପ୍ରଭୁଙ୍କ ଜନ୍ମୋତ୍ସବ ଦିନ ଥିବାରୁ ଆଖପାଖ ଜିଲ୍ଲା ତଥା ପଡୋଶୀ ରାଜ୍ୟରୁ ଲାକ୍ଷାଧିକ ଶ୍ରଦ୍ଧାଳୁମାନେ ଆଗମନ ହେତୁ ନୃସିଂହନାଥ ପୀଠ ଚଳଚଞ୍ଚଳ ହୋଇପଡୁଛି। ରବିବାର ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେତୁ ପୋଲିସ ବିଭାଗ ତରଫରୁ ବ୍ୟାପକ ପୋଲିସ ମୁତୟନ କରି ପଦ୍ମପୁର ଏସଡିପିଓ ପାଣ୍ଡବ ଶବର ନିଜେ ତଦାରଖ କରୁଛନ୍ତି।

# ନୃସିଂହଙ୍କ ଜନ୍ମୋତ୍ସବ ପାଳିତ



**ସୁବର୍ଣ୍ଣପୁର,୧୨।୫(ସଂଚାର ବ୍ୟୁରୋ):** ସୋନପୁର ସହର ର ବଡ଼ବଜାର ଠାରେ ଥିବା ନୃସିଂହ ମନ୍ଦିର ଠାରେ ପ୍ରଭୁ ନୃସିଂହଙ୍କ ଜନ୍ମୋତ୍ସବ ଧୂମଧାମ୍ ରେ ପାଳିତ ହୋଇଯାଇଛି। ଏହି ଅବସରରେ ଲକ୍ଷ୍ମୀ -ନୃସିଂହ (ଗୁଣ୍ଡିଚା) ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ନୃସିଂହ ନାମଯଜ୍ଞ କମିଟି ପକ୍ଷରୁ ଆୟୋଜିତ ନାମଯଜ୍ଞ ପାଇଁ ଗତକାଲି କଳସ ଯାତ୍ରାରେ ଶତାଧିକ ମହିଳା ମହାନଦୀ ତେନ୍ତୁଳି ଘାଟରୁ କଳସରେ ଜଳ ଆଣି ନାମଯଜ୍ଞ ମଣ୍ଡପରେ ସ୍ଥାପନ ପରେ ପୂଜାକାର୍ଯ୍ୟ, ଅଧିବାସ ସମ୍ପନ୍ନ ସହ ନୃସିଂହ ଚତୁର୍ଦ୍ଦଶୀରେ ଅଷ୍ଟ ପ୍ରହରୀ ନାମଯଜ୍ଞ ହୋଇଥିଲା। ନୃସିଂହ ମନ୍ଦିରର ମୂଖ୍ୟ ପୂଜକ ସରୋଜ କର ଓ ଆନନ୍ଦ ଦାଶଙ୍କ ତତ୍ତ୍ୱାବଧାନରେ ନାମଯଜ୍ଞ ସମ୍ପାଦିତ ହୋଇଥିବା ବେଳେ ଚଳିତ ବର୍ଷ ରାଜେସ୍ମା ନାଏକ ଓ ନାଗାର୍ଜୁନ ପାଣ୍ଡେ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଛନ୍ତି।ନାମ ଯଜ୍ଞରେ ସୁବର୍ଣ୍ଣପୁର ଜିଲ୍ଲା ସମେତ ପଡୋଶୀ ଜିଲ୍ଲାର ବହୁ ସଂକୀର୍ତ୍ତନ୍ୟ ଦଳ ସାମିଲ ହୋଇଛନ୍ତି। ଆଜି ଅପରାହ୍ନରେ ନାମଯଜ୍ଞ ମହୋତ୍ସବର ପୂର୍ଣ୍ଣାହୂତି ଏବଂ ସଂଧ୍ୟାରେ ସଂକୀର୍ତ୍ତନ୍ୟ ଦଳ ପକ୍ଷରୁ ବୈଠକି ଅନୁଷ୍ଠିତ ହୋଇଯାଇଛି। ନାମଯଜ୍ଞ କମିଟିର ସଭାପତି ଗୌରୀଶଙ୍କର ମହାପାତ୍ର, ସମ୍ପାଦକ ପବିତ୍ର ସାହୁ, ଉପସଭାପତି ବୃଷଭ ବୁଢ଼େକ, ସହ ସମ୍ପାଦକ ରାଜେନ୍ଦ୍ର ମିଶ୍ର, ସୀତାରାମ ମହାପାତ୍ର, ପ୍ରତାପ ମହାପାତ୍ର, କୋଷାଧ୍ୟକ୍ଷ ଯୋଗୀନ୍ଦ୍ର ମିଶ୍ର, ଆନନ୍ଦ ମିଶ୍ର, ଗିରିଧାରୀ ତରିଆ, ବୈଦ୍ୟନାଥ ସାହୁ, ସଦାନନ୍ଦ ମିଶ୍ର, ମୁନା ବାରିକ ପ୍ରମୁଖଙ୍କ ସହ ଭକ୍ତ ମାନେ ସହଯୋଗ କରିଥିଲେ। ଏହି ଅବସରରେ ଗତକାଲି ମନ୍ଦିର ପରିସରରେ ସାଧୁ ସନ୍ଥ ଙ୍କ ସହ ଆଜି ନାଗା ସାଧୁ ମାନେ ଆସିବା ସହ ହଜାର ହଜାର ଲୋକଙ୍କ ସମାଗମ ହୋଇଥିବା ଦେଖାଯାଇଛି।

## ନର୍ସ ମାନଙ୍କୁ ଉପଯୁକ୍ତ ସମ୍ମାନ, ପଦମର୍ଯ୍ୟାଦା ପ୍ରଦାନ କରିବା ସମସ୍ତଙ୍କ କର୍ତ୍ତବ୍ୟ: ସ୍ୱାସ୍ଥ୍ୟ ମନ୍ତ୍ରୀ

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ନର୍ସ ଦିବସ ପାଳିତ



**ବରଗଡ଼,୧୨।୫(ସଂଚାର ବ୍ୟୁରୋ):** ଜଣେ ରୋଗୀର ସ୍ୱାସ୍ଥ୍ୟ ପାଇଁ ଡାକ୍ତରଙ୍କ ଯେତିକି ଭୂମିକା ରହିଛି ଜଣେ ନର୍ସର ମଧ୍ୟ ସେମିତି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଧୁନିକ ନର୍ସିଂର ପ୍ରତିଷ୍ଠାତା ଫ୍ଲୋରେନ୍ସ ନାଇଟିଙ୍ଗେଲ୍‌ଙ୍କ ଜନ୍ମ ଦିନରେ ରୋଗୀ ସେବାରେ ନର୍ସମାନଙ୍କ ଅତୁଳନୀୟ ଅବଦାନକୁ ସମ୍ମାନ ଜଣାଇ ପ୍ରତିବର୍ଷ ମେ' ମାସ ୧୨ ତାରିଖରେ 'ଆନ୍ତର୍ଜାତୀୟ ନର୍ସ ଦିବସ' ପାଳନ କରାଯାଏ। ଏହି କ୍ରମରେ ଜିଲ୍ଲା ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଯଦୁମଣି ପ୍ରେକ୍ଷାଳୟ ଠାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ନର୍ସ ଦିବସ ପାଳିତ ହୋଇଛି। ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗୀୟ ମନ୍ତ୍ରୀ ଶ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିବାବେ ଯୋଗ ଦେଇ ସ୍ୱାସ୍ଥ୍ୟସେବାରେ ସେବିକାମାନ ଭୂମିକା ବିଷୟରେ ବୁଝାଇ କହିବା ସହ କହିଥିଲେ ଆଜିର ଯୁଗରେ ଲୋକମାନେ ନିଜ ପରିବାର ରୋଗୀ/ପୀଡ଼ିତମାନଙ୍କର ସେବାଯତ୍ନ ନେବାକୁ କଷ୍ଟ ମନେକରନ୍ତି, ସେବିକାମାନେ ନିଜର ଡାକ୍ତରୀ ସେବା, ଯତ୍ନ ଓ ଶୁଶ୍ରୂଷା ଦ୍ୱାରା ରୋଗୀକୁ ନୂଆ ଜୀବନ ପ୍ରଦାନ କରିଥାଆନ୍ତି। ଏବେ ଡାକ୍ତରୀ ଚିକିତ୍ସାରେ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଥିବା ଯନ୍ତ୍ରପାତି, ଉପକରଣ, ବିଶେଷ ଚିକିତ୍ସା ଗୃହ ଯଥା ଆଇସିୟୁ, ଏନ୍‌ଆଇସିୟୁ, ଭେଣ୍ଟିଲେଟର, ମନିଟର, ଅପରେଶନ ଥିଏଟର (ଓଟି), ସ୍ପେଶିଆଲାଇଜ୍ଡ ଏବଂ ସୁପର ସ୍ପେଶିଆଲାଇଜ୍ଡ ଓଟି ଓ ଆହୁରି ଅନେକ କ୍ଷେତ୍ରରେ ନର୍ସ ବା ସେବିକାମାନଙ୍କ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ, ଅପରିହାର୍ଯ୍ୟ ଓ ନିର୍ଣ୍ଣାୟକ ଅଟେ। ଯେଉଁ ସ୍ଥାନରେ ସାଧାରଣ ଲୋକଟିଏ କେଇ ମିନିଟ୍ ମାତ୍ର ରହିପାରିବ ନାହିଁ, ସେଠାରେ ନର୍ସମାନେ ଲଗାତାର ଘଣ୍ଟା ଘଣ୍ଟା ଧରି ନୀରବଚ୍ଛିନ୍ନ ଭାବେ କାର୍ଯ୍ୟରତ ଥାଆନ୍ତି।

# ଅଲଚିକି ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମଜୟନ୍ତୀ ପାଳିତ

**ନୀଳଗିରି,୧୨।୫(ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ତେଲିପାଳ ପଞ୍ଚାୟତ ପଣ୍ଡିତ ରଘୁନାଥ ମୁର୍ମୁ ସ୍ମୃତିକମିଟି ଆନୁକୂଲ୍ୟରେ ଅଲଚିକି ଭାଷାର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୧ତମ ଜନ୍ମଜୟନ୍ତୀ ବେଶ ଧୂମଧାମରେ ପାଳିତ ହୋଇଯାଇଛି।ତେଲିପାଳ ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସମ୍ମୁଖସ୍ଥ ପ୍ରାଙ୍ଗଣରେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ଓ ପୂର୍ବତନ ଏସଡିସିର ଅଧ୍ୟକ୍ଷ ମଦନ ମୋହନ ମାଝୀ ଏହି ଜନ୍ମଜୟନ୍ତୀ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ପ୍ରଥମେ ଗ୍ରାମ ମହାଦେବ ପୋଖରୀରୁ ପାଣି ଉତ୍ତୋଳନ କରାଯାଇ ପଣ୍ଡିତ ମୁର୍ମୁଙ୍କ ପ୍ରତିମୂର୍ତ୍ତୀକୁ ତେଲ, ହଳଦୀ ଓ ବିଭିନ୍ନ ସୁବାସିତ ପଦାର୍ଥରେ ଗାଧୋଇ ଦେବାସହ ପାରମ୍ପରିକ ଭାବେ ପୂଜାର୍ଚ୍ଚନା କରିଥିଲେ। ଆଦିବାସୀ ଜନଜାତି ମାନଙ୍କ ପାଇଁ ସ୍ୱତନ୍ତ୍ର ଅଲଚିକି ଭାଷାର ସ୍ରଷ୍ଟା ପଣ୍ଡିତ ମୁର୍ମୁଙ୍କୁ ପ୍ରତିମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇଥିଲା।ଆଦିବାସୀ ପାରମ୍ପରିକ ବାଦ୍ୟଯନ୍ତ୍ରର ତାଳେତାଳେ ଅତିଥିମାନଙ୍କୁ ସ୍ୱାଗତ କରାଯିବା ସହିତ ଆଦିବାସୀ ସମ୍ପ୍ରଦାୟର ବହୁ ମହିଳା ଓ ପୁରୁଷମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।ଏହି ଅବସରରେ ଅନୁଷ୍ଠିତ ଏକ ବୈଠକରେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପଣ୍ଡିତ ମୁର୍ମୁଙ୍କ ଜୀବନୀ ବାବଦରେ ଉପସ୍ଥିତ ଲୋକଙ୍କୁ ଅବଗତ କରିଥିଲେ।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବ ସମାଜସେବୀ ଉପେନ୍ଦ୍ର ଦାସ, ବରିଷ୍ଠସମାଜସେବୀ ଗଙ୍ଗାଧର ମିଶ୍ର, ସୁନାରାମ ସୋରେନ, ଫକୀର ମୁର୍ମୁ, ବାଦଲ ମାଝୀ, ଚୈତନ୍ୟ ମାଝୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜନନୀ ପରିବାର ପକ୍ଷରୁ ବିଶ୍ୱ ମାତୃତ୍ୱ ଦିବସ ପାଳିତ

● ବର୍ଷରେ ୩୬୫ ଦିନ ମାତୃତ୍ୱ ଦିବସ ହେବା ଦରକାର



**ବାଲିଆପାଳ,୧୨।୫(ସଂଚାର ବ୍ୟୁରୋ):** ପ୍ରତିବର୍ଷ ମେ ୧୧ ତାରିଖ କୁ ବିଶ୍ୱ ମାତୃତ୍ୱ ଦିବସ ଭାବରେ ଗାଁ ରୁ ସହର ସବୁଠି ପାଳନ ହୁଏ।ମାଆ ପରି ବଡ଼ କେହି ନାହିଁ ଜଗତେ ମାଆ ପ୍ରତି ଭକ୍ତି ଓ ଶ୍ରଦ୍ଧା କମି କମି ଯାଉଛି ଫଳରେ ଆଜି ର ସମାଜ ଅଧପତନ ଆଡ଼କୁ ଚାଲିଯାଉଛି।ମାଆ ଙ୍କ ପ୍ରତି ସମାଜ ରେ ହେଉଥିବା ଅନ୍ୟାୟ କୁ ରୋକିବା ପାଇଁ ମାତୃତ୍ୱ ଦିବସ ପାଳନ କରାଯାଏ। ବାଲିଆପାଳ ବ୍ଲକ କାଳିପଦା ବଜାର ଠାରେ ଜନନୀ ପରିବାର ପକ୍ଷରୁ ରବିବାର ସନ୍ଧ୍ୟା ରେ ସଂଧ୍ୟାରେ ବିଶ୍ୱ ମାତୃତ୍ୱ ଦିବସ ପାଳନ କରାଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଜନନୀ ପରିବାର ମୁଖ୍ୟ ଆଇନ ଜିବୀ ଜ୍ୟୋସ୍ନା ରାଣୀ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ମାଆ ଙ୍କ ସ୍ନେହ ଓ ମମତା କୁ କୌଣସି ମାପକାଠି ରେ ମପା ଯାଇପାରେ ନାହିଁ। ବର୍ଷ ରେ ଗୋଟିଏ ଦିନ କାହିଁକି ୩୬୫ ଦିନ ମାତୃତ୍ୱ ଦିବସ ପାଳନ କରାଯାଇପାରିବ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ସିଂଲା ଥାନା ଅଧିକାରୀ କମୋଳିନୀ ତାଣ୍ଡି ଯୋଗଦେଇ ଯୁବପିଢ଼ୀଙ୍କ ଉଦ୍ଦେଶ୍ୟରେ କହିଥିଲେ ମା'ଙ୍କୁ ସ୍ନେହ ଓ ସମ୍ମାନ ଦେଲେ ପିଲା ମାନେ ସଂସ୍କାରୀ ହେବେ ଓ ସଫଳତା ର ଶିର୍ଷ ସ୍ଥାନ ରେ ପହଞ୍ଚି ପାରିବେ। ସମ୍ମାନିତ ଅତିଥି ଭାବରେ ମୁନି ମତୀ ଆରତୀ ଦେବୀ, ସମାଜସେବୀ ସାବିତ୍ରୀ ରାଉତ, ଆରତୀ ପାତ୍ର ଯୋଗଦେଇ ମାତୃତ୍ୱ ଦିବସ ପାଳନ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ୧୦ ଜଣ ମହିଅସି ମହିଳା ଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସ୍ନେହଲତା ବେହେରା ଅତିଥି ପରିଚୟ ଓ ସାମ୍ବାଦିକତା ରାଜଶ୍ରୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ସୁଭଦ୍ରା ରାଉତ, ଲକ୍ଷ୍ମୀ ମୁଖି, ଙ୍କ ସମେତ ଜନନୀ ପରିବାର କର୍ମକର୍ତ୍ତା ପରିଚାଳନା କରିଥିଲେ।

# ବିପଦ ସଙ୍କୁଳ ଅବସ୍ଥାରେ ନଦୀ ପୋଲ

**କଣାସ,୧୨।୫(ସଂଚାର ବ୍ୟୁରୋ):** ବିପଦ ସଙ୍କୁଳ ଅବସ୍ଥାରେ ପଡ଼ିରହିଛି କଣାସ ରାଜୁଆ ନଦୀ ଉପରେ ଥିବା ବ୍ରିଜ୍। ବାଉଁଶ ଓ ନଡ଼ିଆ କତା ଭରସାରେ ବ୍ରିଜର ବାଡ଼ ତିଆରି କରାଯାଇଛି। ଏ ଘଟଣାକୁ ୩ ମାସ ପୂରିଗଲେ ବି କୌଣସି ସରକାରୀ ବାବୁଙ୍କ ଏଠି ପାଦ ପଡ଼ିନାହିଁ। ଏପରିକି ବିଧାୟକଙ୍କ ନିର୍ଦ୍ଦେଶକୁ ବି ପୂର୍ତ୍ତ ବିଭାଗ ଖାତିର କରୁନଥିବା ଭଳି ସଙ୍ଗୀନ ଅଭିଯୋଗ ଆସିଛି । କଣାସ ରାଜୁଆ ନଦୀ ଉପରେ ଥିବା ପୋଲଟି ଏବେ ସ୍ଥାନୀୟ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ବ୍ରିଜର ସୁରକ୍ଷା ବାଡ଼ ଭାଙ୍ଗି ଯାଇଛି। ୩ ମାସ ବିତିଲାଣି, ହେଲେ ଏଯାଏଁ ମରାମତି କରାଯାଇନାହିଁ। ସ୍ଥାନୀୟ ସରପଞ୍ଚ ବାଉଁଶ ଓ ନଡ଼ିଆ କତା ବାନ୍ଧି ନିଜ ଦାୟିତ୍ୱ ସାରିଦେଇଛନ୍ତି। ବର୍ତ୍ତମାନର ସ୍ଥିତିକୁ ଦେଖିଲେ, ମନରେ ଭୟ ସଞ୍ଚାର ହେଉଛି । ବ୍ରିଜ୍‌ଟି ଭୁଷୁଡ଼ି ପଡ଼ିବା ଭଳି ଆଶଙ୍କା ଉପୁଜିଛି । ପୋଲର ମରାମତି ପାଇଁ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ ପୂର୍ତ୍ତ ବିଭାଗ ଏଥିପ୍ରତି ଧ୍ୟାନ ଦେଉନାହିଁ। ବିଭାଗୀୟ ବାବୁମାନେ ତ ସବୁଦିନ ଅଫିସ ଆସୁନାହାନ୍ତି । ତେଣୁ କଣାସ ଆରଡିସି ଅଫିସରେ ଅଧାଦିନ ତାଲା ଝୁଲୁଥିବା ଅଭିଯୋଗ ହୋଇଛି। କଣାସ ବ୍ଲକର ପ୍ରାୟ ୫୦ ହଜାରରୁ ଅଧିକ ଲୋକ ରାଜୁଆ ପୋଲ ଉପରେ ନିର୍ଭର କରିଥାନ୍ତି। ତେଣୁ ବ୍ରିଜଟିର ତୁରନ୍ତ ମରାମତି ପାଇଁ ଦାବି କରାଯାଇଛି ।

# ୨୬ରୁ ଗାନ୍ଧୀ ପଡ଼ିଆରେ ସୋନପୁର ପ୍ରିମିୟର ଲିଗ୍ ଟି-ଟ୍ୱେଣ୍ଟି କ୍ରିକେଟ



**ସୁବର୍ଣ୍ଣପୁର,୧୨।୫(ସଂଚାର ବ୍ୟୁରୋ):** ସୋନପୁର ପ୍ରୀମିୟର ଲିଗ୍ ଟି ଟ୍ୱେଣ୍ଟି କ୍ରିକେଟ୍ ର ୩ ୟ ସଂସ୍କରଣ ଚଳିତ ମାସ ମେ ୨୬ ତାରିଖ ରୁ ଜୁନ ୧ ତାରିଖ ପର୍ଯ୍ୟନ୍ତ ସୋନପୁର ଗାନ୍ଧୀ ପଡ଼ିଆ ଠାରେ ଅନୁଷ୍ଠିତ ହେବ। ଜିଲ୍ଲା କ୍ରିକେଟ ସଂଘ ପକ୍ଷରୁ ଆୟୋଜିତ ଏହି ଲିଗ୍ ପାଇଁ ଆଜି କ୍ରିକେଟ ସଂଘ ଅଫିସ୍ ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା କ୍ରିକେଟ ସଂଘ ର ସଭାପତି ରାମ ଶଙ୍କର ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂପାଦକ ପ୍ରଦୀପ ସେଠୀ, ସୋନପୁର ପ୍ରୀମୀୟର ଲିଗ୍ କମିଟି ର ଅଧ୍ୟକ୍ଷ ବି. ସତ୍ୟ ନାରାୟଣ ରାଓ, ସଂପାଦକ ନବ ପ୍ରକାଶ ମିଶ୍ର, କୋଷାଧ୍ୟକ୍ଷ ବି. ପୁରୁଷୋତ୍ତମ ପାତ୍ର ଙ୍କ ସହିତ ଜିଲ୍ଲା କ୍ରିକେଟ ସଂଘ ର ସମସ୍ତ ସଭ୍ୟ ଓ ସମସ୍ତ ଟିମ୍ ର ପ୍ରାୟୋଜକ ମାନେ ଏଠାରେ ଉପସ୍ଥିତ ରହି ଟର୍ଣ୍ଣାମେଣ୍ଟ ର ସଫଳତା ଲାଗି ବିଭିନ୍ନ ମତାମତ ରଖିଥିଲେ। ସକାଳ ୮ ରୁ ୧୧ ଓ ଅପରାହ୍ନ ୪ ଟା ରୁ ୬ ଦୁଇଟି ଲେଖାଏଁ ମ୍ୟାଚ୍ ଖେଳାଯିବ ଓ ଜୁନ୍ ୧ ତାରିଖ ରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି କମିଟି ପକ୍ଷରୁ ସୁଚନା ମିଳିଛି ।

# ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

**ସୁବର୍ଣ୍ଣପୁର,୧୨।୫(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା କୋର୍ଟ ପରିସର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ- ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଅଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଜଜ ରଶ୍ମି ମୋହନ ଅଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହିଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲା ଜଜ ଦିଲୀପ କୁମାର ବିଶ୍ୱାଳ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବିଶ୍ୱବିଶ୍ରୁତ କର, ସିଭିଲ କୋର୍ଟ ରେଜିଷ୍ଟ୍ରାର ପ୍ରଜ୍ଞା ପରମିତା ପ୍ରତିହାରୀ, ବରିଷ୍ଠ ସିଭିଲ ଜଜ୍ ଅମିତାଭ ପଣ୍ଡା, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ କୁମୁଦିନୀ ମୁଦୁଲି, ସୋନପୁର ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଦେସ୍ନା ପଟ୍ଟନାୟକ, ଜେଏମ୍‌ଏଫସି ପ୍ରଣତି ରଥ, ସରକାରୀ ଓକିଲ ବୋମ୍ୟକେଶ ଦାଶ, ଆଇନଜୀବୀ ମଧୁସୂଦନ ପଧାନ, ପ୍ରତାପ କୁମାର ପୁରୋହିତ, ଦେବ କିଶୋର ମିଶ୍ର, ଶ୍ରୀକାନ୍ତ ଦାଶ, ଶିବନାରାୟଣ ମହାପାତ୍ର, ସ୍ୱାଧୀନ ମେହେର , ଓଁକାର ପ୍ରସାଦ ପଧାନ ଓ ଚିନ୍ମୟ ମିଶ୍ର ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଗୁଡ଼ିକ ବ୍ୟାଙ୍କ ରିକୋଭରି, ଜଳ ବିବାଦ, ବିଦ୍ୟୁତ ଜନିତ ମାମଲା ଓ ମୋଟର ଯାନ ଦୁର୍ଘଟଣା ଭଳି୨୩୧୮ଟି ପ୍ରିଲିଟିଗେସନ ମାମଲା ଚିହ୍ନଟ ହୋଇଥିବା ବେଳେ ୧୬୪ଟିର ଫଇସଲା କରାଯାଇ ମୋଟ ୧୮ଲକ୍ଷ ୪୮ହଜାର ୨୭ଟଙ୍କା ଜରିମାନା ଆଦାୟ ହୋଇଥିଲା। ସେହିଭଳି ଜମିଜମା, ରାଜସ୍ୱ, ଖାଉଟି, ବୈବାହିକ, ଅପରାଧ ଯୋଗ୍ୟ ଓ ଚେକ୍ ବାଉନ୍ସ ଭଳି ୫୫୫ଟି ମାମଲା ଚିହ୍ନଟ ହୋଇଥିଲା ବେଳେ ୩୨୯ଟିମାମଲାର ଫଇସଲା କରାଯାଇ ୩୨ଲକ୍ଷ ୩୪ହଜାର ୬୭୭ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଲୋକଅଦାଲତରେ ସର୍ବମୋଟ ୨୮୭୩ଟି ମାମଲା ଚିହ୍ନଟ ହୋଇଥିଲା ବେଳେ ୪୯୩ଟିମାମଲାର ଫଇସଲା କରାଯାଇ ୫୦ଲକ୍ଷ ୮୨ହଜାର ୭୦୪ଟଙ୍କା ଜରିମାନା ଆଦାୟ କରାଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅର୍ଜୁନ ବେହେରା, ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ଗୌରିଶଙ୍କର ପାଣିଗ୍ରାହୀ, କମଳ ଲୋଚନ ବେହେରା, ସିଦ୍ଧାନ୍ତ କୁମାର ବାଘ, କାହ୍ନୁ ଚରଣ ରଥ, ଅନାମ ସାହୁ, ବେଣୁଧର ମଲ୍ଲିକ ଓ ରଞ୍ଜନ କୁମାର ଭୋଇ ପ୍ରମୁଖ ସହଯୋଗ କରିଥିଲେ।




# ସେମିଳିଗୁଡ଼ାରେ ପୋଲ ନିର୍ମାଣ ଦାବି ତେଜିଲା

**କୋରାପୁଟ,୧୨।୫(ସଂଚାର ବ୍ୟୁରୋ):** ପୋଲ ନିର୍ମାଣ ଦାବିରେ ମେଳି । ଏକାଠି ହେଲେ ଶାସକ, ବିରୋଧୀ ନେତା ଓ ପଞ୍ଚାୟତବାସୀ । କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକର ୨ଟି ପଞ୍ଚାୟତରେ ସ୍ଥାୟୀ ପୋଲଟିଏ ନଥିବାରୁ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୋଲ ପାଇଁ ବୈଠକ ବସିଥିଲା । କୋରାପୁଟ ବିଧାୟକ ରଘୁରାମ ମାଛ ଓ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମଙ୍କ ସମେତ ପଞ୍ଚାୟତର ବିଭିନ୍ନ ଜନ ପ୍ରତିନିଧି, ବିଜେଡି ଓ କଂଗ୍ରେସ ନେତା ଏହି ବୈଠକରେ ଯୋଗ ଦେଇଥିଲେ। ଶହଶହ ସଂଖ୍ୟାରେ ପୁରୁଷ ମହିଳା ଯୋଗଦେଇ ସ୍ଥାୟୀ ପୋଲ ନିର୍ମାଣ ନେଇ ଦାବି ଉପସ୍ଥାପନ କରିଥିଲେ ।

